ଧରିତ୍ରୀ
DHARITRI
ଭୁବନେଶ୍ୱର, ବୁଧବାର, ଡିସେମ୍ବର ୬/୨୦୨୩ (୧୬ ପୃଷ୍ଠା) Bhubaneswar, Wednesday, December 6/2023 Page 16 ₹ 7.00
୫୦ଶ ଭାଗ ୧୩ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 50 ISSUE 13 ମୂଲ୍ୟ₹୭/-

# ସ୍କ୍ରାପିଂ କଲେ ଟିକସ, ଜରିମାନା ଛାଡ଼

ଭୁବନେଶ୍ୱର,୫।୧୨(ଅନିଲ ଦାସ)

ପୁରୁଣା ଗାଡ଼ି ଉପରେ ଥିବା ସମସ୍ତ ବକେୟା ଟିକସ ଓ ଜରିମାନା ଛାଡ଼ କରାଯିବ। ଯେଉଁ ଗାଡ଼ି ମାଲିକମାନେ ନିଜ ଗାଡ଼ିକୁ ସ୍କ୍ରାପିଂ କରିବାକୁ ଇଚ୍ଛାପ୍ରକାଶ କରିବେ ସେମାନଙ୍କ ପାଇଁ ଏହା ଲାଗୁ ହେବ। ଏହା ଦ୍ୱାରା ଟିକସ ଓ ଜରିମାନା ଭରି ନ ଥିବା ୪୬ ହଜାରରୁ ଊର୍ଦ୍ଧ୍ୱ ଗାଡ଼ି ମାଲିକ ଉପକୃତ ହେବେ। ମଙ୍ଗଳବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କ୍ୟାବିନେଟର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ଏହି ନିଷ୍ପତ୍ତି ଦ୍ୱାରା ବହୁ ପୁରୁଣା ଯାନଗୁଡ଼ିକର ମାଲିକମାନେ ସେମାନଙ୍କ ଗାଡ଼ିଗୁଡ଼ିକୁ ସ୍କ୍ରାପ୍ ଏବଂ ପଞ୍ଜୀକରଣ ରଦ୍ଦ କରିବାକୁ ଆଗ୍ରହ ଦେଖାଇବେ । ଏଥିସହିତ ଯେଉଁମାନେ ଟିକସ ପ୍ରଦାନ କରି ଗାଡ଼ି ଚଳାଇବାକୁ ଆଗ୍ରହୀ ଥିବେ ସେମାନଙ୍କ ପାଇଁ ଜରିମାନା ସମ୍ପୂର୍ଣ୍ଣ ଛାଡ଼ କରାଯିବା ସହିତ ଗାଡ଼ିର ବର୍ଷ ଅନୁଯାୟୀ ଟିକସ ପରିମାଣ ମଧ୍ୟ କୋହଳ ହେବ। ସେହିପରି ଅନ୍ୟ ଯାନଗୁଡ଼ିକର ଗାଡ଼ି ମାଲିକମାନେ ଯେଉଁମାନେ ସେମାନଙ୍କ ବ୍ୟବସାୟ କରିବାକୁ ଚାହୁଁଛନ୍ତି, ସେମାନେ ଟିକସ ରିହାତି ହାରରେ ଜମା କରିପାରିବେ। ଏହାଦ୍ୱାରା ପର୍ଯ୍ୟାପ୍ତ ପରିମାଣର ବକେୟା ଟିକସ ସଂଗ୍ରହ ହେବା ସହିତ ଗାଡ଼ି ମାଲିକମାନେ ଅଧିକ ଲାଭବାନ ହୋଇପାରିବେ।

**କ୍ୟାବିନେଟ ନିଷ୍ପତ୍ତି**

- **ଉପକୃତ ହେବେ ୪୬ ହଜାର ପୁରୁଣା ଗାଡ଼ିର ମାଲିକ**
- **୧୧ ପ୍ରସ୍ତାବକୁ କ୍ୟାବିନେଟ ମୋହର**

ରାଜ୍ୟରେ ୫୦,୦୦୦ରୁ ଊର୍ଦ୍ଧ୍ୱ ଗାଡ଼ି ମାଲିକଙ୍କ ଉପରେ ବକେୟା ମୋଟର ଯାନ ଟିକସ ଏବଂ ଜରିମାନା ଅନାଦାୟ ହୋଇ ପଡ଼ିରହିଛି। ୨୦୨୨ରେ ଟ୍ୟାକ୍ସ ରିକୋଭରି ନୋଟିସ୍ ଏବଂ ସ୍ୱତନ୍ତ୍ର ଡ୍ରାଇଭ୍ ସତ୍ତ୍ୱେ ମାତ୍ର ୪୬୬୮ ମାଲିକଙ୍କଠାରୁ ବକେୟା ଟିକସ ସଂଗ୍ରହ କରାଯାଇପାରିଛି। ଯେତେବେଳେ ଜଣେ ଗାଡ଼ି ମାଲିକ ଟିକସ ଠିକ୍ ସମୟରେ କିଛିଦିନ ଧରି ପଇଠ କରନ୍ତି ନାହିଁ ଏହା ପୌନଃପୁନିକ ଭାବେ ବୃଦ୍ଧି ହୁଏ। ଗାଡ଼ି ମାଲିକ ଏହାକୁ ଭରଣା କରିପାରନ୍ତି ନାହିଁ। କେତେକ କ୍ଷେତ୍ରରେ ମାଲିକମାନେ ଟିକସ ଛାଡ଼ ପାଇଁ ଅଦାଲତରେ କେସ୍ ଦାଏର କରନ୍ତି। ଏହା ବହୁଦିନ ଧରି ଚାଲେ। ଏହାଛଡ଼ା ଯାନବାହନଜନିତ ପ୍ରଦୂଷଣକୁ ପ୍ରତିହତ କରିବା ପାଇଁ କେନ୍ଦ୍ର ସରକାରଙ୍କ ସଡ଼କ ପରିବହନ ଓ ରାଜମାର୍ଗ ମନ୍ତ୍ରଣାଳୟ ପୁରୁଣା ତଥା ☞ପୃଷ୍ଠା-୨

# ରେଭନ୍ତ ରେଡ୍ଡୀ ତେଲଙ୍ଗାନା ମୁଖ୍ୟମନ୍ତ୍ରୀ

ନୂଆଦିଲ୍ଲୀ,୫।୧୨

ତେଲଙ୍ଗାନା ପ୍ରଦେଶ କଂଗ୍ରେସ କମିଟି (ପିସିସି) ସଭାପତି ଆନୁମୁଲା ରେଭନ୍ତ ରେଡ୍ଡୀ ରାଜ୍ୟର ପରବର୍ତ୍ତୀ ମୁଖ୍ୟମନ୍ତ୍ରୀ ହେବାକୁ ଯାଉଛନ୍ତି। ଦଳ ପକ୍ଷରୁ ଏହା ଘୋଷଣା କରାଯାଇଛି। ଦିଲ୍ଲୀରେ କଂଗ୍ରେସର ଶୀର୍ଷ ନେତାମାନଙ୍କ ବୈଠକ ବସି ଉପରୋକ୍ତ ନିଷ୍ପତ୍ତି ନିଆଯାଇଥିଲା। ବୈଠକରେ ଦଳର ନେତା ରାହୁଲ ଗାନ୍ଧୀ, କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ, ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ

**ଗୁରୁବାର ଶପଥ ନେବେ**

କେ.ସି. ବେଣୁଗୋପାଳ ଓ ଅନ୍ୟମାନେ ଯୋଗଦେଇଥିଲେ। ଏହା ପରେ ହାଇଦ୍ରାବାଦରେ କଂଗ୍ରେସ ବିଧାୟକ ଦଳ ବୈଠକ ବସିବା ପରେ ମୁଖ୍ୟମନ୍ତ୍ରୀଙ୍କ ନାମ ଘୋଷଣା କରାଯାଇଛି। ରେଭନ୍ତ ଆସନ୍ତା ଗୁରୁବାର ପୂର୍ବାହ୍ନ ୧୧ଟାରେ ନୂଆ ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେବେ ବୋଲି ବେଣୁଗୋପାଳ ଏକ ଖବରଦାତା ସମ୍ମିଳନୀରେ ଘୋଷଣା ☞ପୃଷ୍ଠା-୨



ଆନୁମୁଲା ରେଭନ୍ତ ରେଡ୍ଡୀ

## ଏବିଭିପିରୁ ଟିଡିପି ଦେଇ କଂଗ୍ରେସ

ତେଲଙ୍ଗାନାର ଦ୍ୱିତୀୟ ମୁଖ୍ୟମନ୍ତ୍ରୀ ହେବାକୁ ଯାଉଥିବା ରେଭନ୍ତ ରେଡ୍ଡୀ ସପ୍ତଦଶ ଲୋକ ସଭାକୁ କଂଗ୍ରେସରୁ ଏମ୍‌ପି ହୋଇଥିଲେ। ୨୦୦୯ରୁ ୨୦୧୪ ଯାଏ ଟିଡିପିରୁ ସେ ଦୁଇ ଥର ଆନ୍ଧ୍ରପ୍ରଦେଶ ବିଧାନସଭାର ସଦସ୍ୟ ଥିଲେ। ପରେ ୨୦୧୪ରୁ ୨୦୧୮ ପର୍ଯ୍ୟନ୍ତ ତେଲଙ୍ଗାନା ବିଧାନସଭାର ସଦସ୍ୟ ରହିଥିଲେ। ଟିଡିପି ଛାଡ଼ି ସେ ଅକ୍ଟୋବର ୨୦୧୭ରେ କଂଗ୍ରେସରେ ଯୋଗ ଦେଇଥିଲେ। ☞ପୃଷ୍ଠା-୨

# ରାଷ୍ଟ୍ରୀୟ ରାଜପୁତ୍ କର୍ନି ସେନା ମୁଖ୍ୟଙ୍କୁ ଗୁଳିକରି ହତ୍ୟା

ଜୟପୁର,୫।୧୨

ରାଜସ୍ଥାନରେ ନୂଆ ସରକାର ଶପଥ ନେବା ପୂର୍ବରୁ ମଙ୍ଗଳବାର ଘଟିଛି ଏକ ଚର୍ଚ୍ଚିତ ହତ୍ୟାକାଣ୍ଡ। ଶ୍ରୀ ରାଷ୍ଟ୍ରୀୟ ରାଜପୁତ୍ କର୍ନି ସେନା ଅଧ୍ୟକ୍ଷ ସୁଖଦେବ ସିଂ ଗୋଗମେଦିଙ୍କୁ ଜୟପୁର ସହରସ୍ଥିତ ତାଙ୍କ ଘରେ ଗୁଳିକରି ହତ୍ୟା କରାଯାଇଛି। ଅଜଣା ଦୁର୍ବୃତ୍ତ ତାଙ୍କ ଉପରକୁ ଗୁଳି ଚଳାଇଛନ୍ତି। ପାଲଟା ଗୁଳିରେ ଜଣେ ଆକ୍ରମଣକାରୀ ନିହତ ହୋଇଛନ୍ତି। ଗୁଳିକାଣ୍ଡର ଦୃଶ୍ୟ ସିସିଟିଭିରେ ରେକର୍ଡିଂ ହୋଇଛି। ତଦନୁଯାୟୀ ୨ଜଣ ଯୁବକ ଗୋଗମେଦିଙ୍କ ସାମ୍ନାରେ ସୋଫାରେ ବସି ଆଲୋଚନା କରିବା ସହ ଚା’ ପିଇଥିଲେ। ଗୋଗମେଦିଙ୍କ ୨ଜଣ ସହଯୋଗୀ ମଧ୍ୟ ସେଠାରେ ଉପସ୍ଥିତ ଥିଲେ। ଇତିମଧ୍ୟରେ ଗୋଗମେଦି ମୋବାଇଲ ଫୋନରେ ବ୍ୟସ୍ତ ରହିବା ସୁଯୋଗରେ ୨ ଯୁବକ ହଠାତ୍ ଉଠିପଡ଼ି ଆଖିବୁଜା ଗୁଳି ଚଳାଇଥିଲେ। ଗୁଳି ବିନିମୟ ବେଳେ ସୁଖଦେବଙ୍କ ଜଣେ ସୁରକ୍ଷା କର୍ମୀ ଗୁରୁତର ଆହତ ହୋଇଛନ୍ତି। କର୍ନି ସେନା ମୁଖ୍ୟଙ୍କୁ ଦୁର୍ବୃତ୍ତମାନେ ଅନେକ ରାଉଣ୍ଡ ଗୁଳି ଚଳାଇଥିବାର ଭିଡିଓ ସିସିଟିଭି ଫୁଟେଜ୍‌ରେ ଦେଖିବାକୁ ମିଳିଛି। ସୁଖଦେବଙ୍କୁ ଗୁରୁତର ଅବସ୍ଥାରେ ଏକ ଘରୋଇ ହସ୍ପିଟାଲକୁ ନିଆଯାଇଥିବାବେଳେ ସେଠାରେ

**ଲରେନ୍ସ ବିଷ୍ଣୋଇ ଗ୍ୟାଙ୍ଗ୍ ନିଜକୁ ଦାୟୀକଲା**



ସୁଖଦେବ ସିଂ ଗୋଗମେଦି



ସୁଖଦେବ ସିଂ ଗୋଗମେଦିଙ୍କୁ ହତ୍ୟା କରାଇଥିବା ବୋଲି ଦାବି କରିଥିବା ଲରେନ୍ସ ବିଷ୍ଣୋଇ ଗ୍ୟାଙ୍ଗ୍‌ର ରୋହିତ ଗୋଦରା

ତାଙ୍କର ମୃତ୍ୟୁ ଘଟିଥିଲା। ସୁଖଦେବଙ୍କୁ ଦୁର୍ଦ୍ଧର୍ଷ ଗ୍ୟାଙ୍ଗଷ୍ଟର ଲରେନ୍ସ ବିଷ୍ଣୋଇ ଗ୍ୟାଙ୍ଗ୍‌ର ସଦସ୍ୟ ରୋହିତ ଗୋଦରା ହତ୍ୟା କରିଥିବା ଦାବି କରିଛି। କର୍ନି ସେନା ମୁଖ୍ୟଙ୍କ ହତ୍ୟା ପାଇଁ ତାଙ୍କ ଗ୍ୟାଙ୍ଗ ପୂର୍ଣ୍ଣମାତ୍ରାରେ ଦାୟୀ ବୋଲି ରୋହିତ ଫେସ୍‌ବୁକ୍‌ରେ ଲେଖିଛନ୍ତି।

ଶ୍ରୀ ରାଜପୁତ୍ କର୍ନି ସେନାର ପ୍ରତିଷ୍ଠାତା ଲୋକେନ୍ଦ୍ର ସିଂ କାଲ୍‌ଭିଙ୍କ ସହ ସୁଖଦେବଙ୍କ ମତଭେଦ ପରେ ୨୦୧୫ରେ ସେ ଉକ୍ତ ସଂଗଠନରୁ ବହିଷ୍କୃତ ହୋଇଥିଲେ। ଏହା ପରେ ସୁଖଦେବ ଶ୍ରୀ ରାଷ୍ଟ୍ରୀୟ ରାଜପୁତ୍ କର୍ନି ସେନା ଗଠନ ☞ପୃଷ୍ଠା-୨



# ଆଦିମ ଅଧିବାସୀ ଜୁଆଙ୍ଗଙ୍କ ଜୀବନଧାରା

ବଣପାହାଡ଼ ଘେରା କେନ୍ଦୁଝର ଜିଲାରେ ୪୬ ଜାତିର ଅଧିବାସୀଙ୍କୁ ଆଦିବାସୀ ତାଲିକା ଭୁକ୍ତ କରାଯାଇଛି। ସେଥିମଧ୍ୟରୁ ୧୬ ଆଦିମ ଅଧିବାସୀଙ୍କ ଜୀବନଶୈଳୀରେ ଆଜି ବି ସ୍ୱତନ୍ତ୍ରତା ରହିଛି। ଅତି ପୁରାତନ ଆଦିବାସୀ ଭାବରେ ଜୁଆଙ୍ଗ ଜାତି ପରିଗଣିତ ହେଉଥିବା ବେଳେ ଏମାନେ ଓଡ଼ିଶାର କେନ୍ଦୁଝର ଓ ଢେଙ୍କାନାଳ ଜିଲାରେ ବସବାସ କରନ୍ତି। ଜିଲାର ବାଂଶପାଳ, ତେଲକୋଇ ଓ ହରିଚନ୍ଦନପୁର ବ୍ଲକ୍‌ରେ ଏମାନଙ୍କ ସଂଖ୍ୟା ଅଧିକ। ଜୁଆଙ୍ଗ ଜାତିର ଲୋକମାନଙ୍କ ଜୀବନଶୈଳୀ ଅନ୍ୟାନ୍ୟ ଆଦିବାସୀ ବର୍ଗର ଲୋକମାନଙ୍କଠାରୁ ସରଳ ଓ ସ୍ୱତନ୍ତ୍ର। ସରକାର ଆଦିବାସୀମାନଙ୍କ କଲ୍ୟାଣ ପାଇଁ ବିଭିନ୍ନ ଯୋଜନା ପ୍ରଣୟନ ଓ ପାଶ୍ଚାତ୍ୟ ସଭ୍ୟତାର ଅନୁପ୍ରବେଶରେ ପାହାଡ଼ି ମଣିଷଙ୍କ ଜୀବନଧାରାରେ ଅନେକ ପରିବର୍ତ୍ତନ ଆସିଛି। ମାତ୍ର ଜୁଆଙ୍ଗମାନେ ଏବେ ବି ପୁରାତନ ଜୀବନ ଧାରାରେ ଜୀବନ ଅତିବାହିତ କରିଆସୁଛନ୍ତି।



କେନ୍ଦୁଝର ଡିରେକ୍ଟରି ଅନୁଯାୟୀ, ଜୁଆଙ୍ଗ ଶବ୍ଦର ଅର୍ଥ 'ମଣିଷ'। ଏମାନେ ଅତି ପ୍ରାଚୀନ ଅବସ୍ଥାରେ ଗଛର ପତ୍ରକୁ ପୋଷାକ ଭାବେ ବ୍ୟବହାର କରୁଥିବାରୁ ଐତିହାସିକ ଡବ୍ଲୁ ଡବ୍ଲୁ ହଣ୍ଟର ଏହି ଜାତିକୁ ଲିଫ୍ ୱେରିଙ୍ଗ ଟ୍ରାଇବସ୍ ବୋଲି କହିଥିଲେ। ଏମାନଙ୍କର ପାରମ୍ପରିକ ପୂଜକଙ୍କୁ ବୋଇତ ବା ଦେହୁରୀ କୁହାଯାଏ। ସରଳ ଗ୍ରାମୀଣ ଆଦିବାସୀମାନେ ଧର୍ମଦେବତା, ବସୁମାତା ଓ ସୂର୍ଯ୍ୟଦେବଙ୍କୁ ଉପାସନା କରିଥାନ୍ତି। ପ୍ରାକୃତିକ ପରିବେଶ ପରିପୂର୍ଣ୍ଣ ବଣପାହାଡ଼ ନଦୀ ଘେରା ପାର୍ବତ୍ୟ ଅଞ୍ଚଳରେ ଏମାନେ ଛୋଟ ଛୋଟ ଗ୍ରାମ ସ୍ଥାପନ କରି ରହିଥାନ୍ତି। ଏମାନେ ଭୂତ, ପ୍ରେତ ଓ ଅତୃପ୍ତ ଆତ୍ମାଙ୍କୁ ବିଶ୍ୱାସ କରିବା ସହ ସେମାନଙ୍କୁ ସନ୍ତୁଷ୍ଟ କରିବା ପାଇଁ ବିଭିନ୍ନ ପର୍ବପର୍ବାଣିରେ ପାରମ୍ପରିକ ଖାଦ୍ୟ ଅର୍ପଣ କରିଥାନ୍ତି। ପୁଷ ପୁନେଇଁ, ଆମ୍ବ ନୂଆଖିଆ, ଅକ୍ଷୟ ତୃତୀୟା, ଆଷାଢ଼ୀ ପର୍ବ, ପିରହ ପୂଜା ଓ ଗୃହପାଳିତ ପଶୁସମ୍ପଦଙ୍କ ସୁରକ୍ଷା ପାଇଁ ଗହ୍ମା ପୂର୍ଣ୍ଣିମା ଆଦି ପର୍ବ ମହା ଆଡ଼ମ୍ବରରେ ପାଳନ କରିଥାନ୍ତି। ପ୍ରତ୍ୟେକ ପର୍ବ ଅବସରରେ ସେମାନଙ୍କର କଥିତ ଭାଷା ଜୁଆଙ୍ଗ ଭାଷାରେ ପାରମ୍ପରିକ ଗୀତ ଗାଇ ଚାଙ୍ଗୁ ବାଜାର ତାଳେ ତାଳେ ମହିଳା ଓ ପୁରୁଷମାନେ ଦଳବଦ୍ଧ ହୋଇ ନୃତ୍ୟଗୀତର ଆନନ୍ଦ ନେଇଥାନ୍ତି।

ଜୁଆଙ୍ଗଙ୍କ ବୈବାହିକ ଜୀବନ ବେଶ୍ ମାର୍ଜିତ ଓ ଶୃଙ୍ଖଳିତ। ଏମାନେ ଜୀବନରେ ଏକପତ୍ନୀ ବ୍ରତ ପାଳନ କରିବା ସହ ଅନ୍ୟ ସମ୍ପ୍ରଦାୟରେ ବିବାହକୁ ନାପସନ୍ଦ କରିଥାନ୍ତି। ଏମାନେ ମୁଖ୍ୟତଃ କୃଷି, ପଶୁପାଳନ ଓ ଜଙ୍ଗଲଜାତ ଦ୍ରବ୍ୟ ସଂଗ୍ରହ କରିବା ସହ ନିକଟ ବଜାରରେ ବିକ୍ରିକରି ନିଜର ଗୁଜୁରାଣ ମେଣ୍ଟାଇଥାନ୍ତି। ପୋଡୁଚାଷରେ ପାରମ୍ପରିକ ଶୈଳୀରେ ମକା, ମାଣ୍ଡିଆ, ଗୁଲୁନ୍ଦି, ହଳଦୀ, ସୋରିଷ, ବାଜରା ଓ ଗୋଡ଼ାଧାନ ଆଦି ଚାଷ କରୁଥିବା ବେଳେ ଜଙ୍ଗଲରୁ ଝୁଣା, ମହୁ, ମହୁଲଫୁଲ, ହରିଡ଼ା, ବାହାଡ଼ା, ଅଁଳା ଆଦି ସଂଗ୍ରହ କରି ବଜାରକୁ ନେଇ ବିକ୍ରି କରନ୍ତି। ଏବେ ଆଧୁନିକ ପଦ୍ଧତିରେ ଛେଳିଚାଷ, କୁକୁଡ଼ା ଚାଷ ଓ ଟସର ଚାଷ କରି ରୋଜଗାର ସହ ଜୀବନ ଧାରଣର ମାନକୁ ଉନ୍ନତ କରିପାରିଛନ୍ତି।

ବାଂଶପାଳ ବ୍ଲକ୍‌ର ୨୧ ପଞ୍ଚାୟତ ମଧ୍ୟରୁ ଅତ୍ୟନ୍ତ ଅନୁନ୍ନତ ୬ଟି ପଞ୍ଚାୟତ ଯଥା– ବାରାଗଡ଼, ଗୋନାସିକା, କୋଡ଼ିପଶା, ତଳଚମ୍ପେଇ, ବାୟାକୁମୁଟିଆ ଓ କୁଅଁର ଆଦି ପଞ୍ଚାୟତର ପ୍ରଥମ ପର୍ଯ୍ୟାୟରେ ୩୫ଟି ଗ୍ରାମ ଓ ପରେ ୧୯ଟି ଗ୍ରାମକୁ ବିକଶିତ ତଥା ସମସ୍ତ ସୁବିଧା ସୁଯୋଗ ଯୋଗାଇ ଦେବାକୁ ସରକାରଙ୍କ ତରଫରୁ ଜୁଆଙ୍ଗ ଉନ୍ନୟନ ସଂସ୍ଥା ଗଠନ କରାଯାଇଛି।

**ରିପୋର୍ଟ– ବୀରକିଶୋର ଦାଶ, ପାଟଣା**










































# ଆନ୍ଧ୍ରରେ ସ୍ଥଳଭାଗ ଛୁଇଁଲା ବାତ୍ୟା

## ଚେନ୍ନାଇରେ ୧୨ ମୃତ

**ଅମରାବତୀ/ଚେନ୍ନାଇ,୫।୧୨**

ଭୀଷଣ ସାମୁଦ୍ରିକ ବାତ୍ୟା ମିଗ୍‌ଜୋମ୍ ମଙ୍ଗଳବାର ମଧ୍ୟାହ୍ନ ୧୨ଟା ୩୦ରୁ ୨ଟା ୩୦ ମଧ୍ୟରେ ଆନ୍ଧ୍ରପ୍ରଦେଶ ଉପକୂଳ ଅତିକ୍ରମ କରିଛି। ନେଲୋର ଏବଂ ମଛଲିପଟନମ୍ ମଧ୍ୟବର୍ତ୍ତୀ ବାପାଟଲା ନିକଟରେ ବାତ୍ୟା ସ୍ଥଳଭାଗ ଛୁଇଁଥିଲା। ଏହି ସମୟରେ ପବନର ଘଣ୍ଟା ପ୍ରତି ବେଗ ସର୍ବାଧିକ ୯୦ରୁ ୧୦୦ କିଲୋମିଟର ଥିଲା ବୋଲି ଅମରାବତୀ ପାଣିପାଗ କେନ୍ଦ୍ର ପକ୍ଷରୁ କୁହାଯାଇଛି। ସ୍ଥଳଭାଗ ଛୁଇଁବା ପରେ ବାତ୍ୟା ଉତ୍ତର ଦିଗରେ ଗତି କରିବା ସହ କ୍ରମଶଃ ଦୁର୍ବଳ ହୋଇଛି। ଏହାର ପ୍ରଭାବରେ ତାମିଲନାଡୁ, ପଣ୍ଡିଚେରି ଓ ଆନ୍ଧ୍ରପ୍ରଦେଶରେ ୩ ଦିନ ଧରି ପ୍ରବଳ ବର୍ଷା ଲାଗିରହି ବ୍ୟାପକ କ୍ଷୟକ୍ଷତି ଘଟିଛି। ବାତ୍ୟା ପ୍ରଭାବରେ ଚେନ୍ନାଇରେ ପ୍ରବଳ ବର୍ଷା ବିପ୍ରାତରେ ୧୨ ଜଣଙ୍କ ଜୀବନ ଯାଇଛି। ସେଠାରେ ରାସ୍ତାଗୁଡ଼ିକ ନଦୀର ଭ୍ରମ ସୃଷ୍ଟି କରିଛି। ଗଳି ରାସ୍ତାଗୁଡ଼ିକରେ ଡଙ୍ଗା ଚାଲିଥିବା ଦେଖାଯାଇଥିଲା। ସୋମବାର ବର୍ଷାଜଳ ସୁଅରେ କେତେକ ଗାଡ଼ି ଭାସିଯାଇଥିଲା। ଫଳରେ କର୍ତ୍ତୃପକ୍ଷ ବିଦ୍ୟାଳୟଗୁଡ଼ିକୁ ଛୁଟି ଘୋଷଣା କରିଥିଲେ। ଘରୋଇ ସଂସ୍ଥାଗୁଡ଼ିକ ସେମାନଙ୍କ କର୍ମଚାରୀଙ୍କୁ ଘରେ ରହି କାମ କରିବାକୁ କହିଥିଲେ। ବର୍ଷା ଓ ପବନରେ ☞ପୃଷ୍ଠା-୨



ବାତ୍ୟା ପ୍ରଭାବରେ ପ୍ରବଳ ବର୍ଷା ଯୋଗୁ ଜଳାର୍ଣ୍ଣବ ହୋଇପଡ଼ିଥିବା ଚେନ୍ନାଇର ଏକ ଅଞ୍ଚଳରୁ ଜଣେ ବୃଦ୍ଧାଙ୍କୁ ସୁରକ୍ଷିତ ସ୍ଥାନକୁ ନିଆଯାଉଛି।

# ଦକ୍ଷିଣ ଓଡ଼ିଶାରେ ପ୍ରବଳ ବର୍ଷା

**ଭୁବନେଶ୍ୱର, ୫।୧୨ (ଅନୁରାଧା ମହାରଣା)**

### ଆଜି ୮ ଜିଲାକୁ ବର୍ଷା ନେଇ ୟେଲୋ ୱାର୍ନିଂ

ସାମୁଦ୍ରିକ ବାତ୍ୟା ମିଗ୍‌ଜୋମ୍ ମଙ୍ଗଳବାର ମଧ୍ୟାହ୍ନ ୧୨ଟା ୩୦ରୁ ୨ଟା ୩୦ ମଧ୍ୟରେ ଆନ୍ଧ୍ରପ୍ରଦେଶ ଉପକୂଳ ଅତିକ୍ରମ କରିଛି। ନେଲୋର ଏବଂ ମଛଲିପଟନମ୍ ମଧ୍ୟବର୍ତ୍ତୀ ବାପାଟଲା ନିକଟରେ ବାତ୍ୟା ସ୍ଥଳଭାଗ ଛୁଇଁବା ପରେ ଦୁର୍ବଳ ହୋଇଛି। ତେବେ ବାତ୍ୟା ପ୍ରଭାବରେ ଓଡ଼ିଶାର ମାଲକାନଗିରି, କୋରାପୁଟ ଓ ରାୟଗଡ଼ା ଜିଲାର କିଛି ଅଞ୍ଚଳରେ ପ୍ରବଳ ବର୍ଷା ଲାଗି ରହିଛି। ସନ୍ଧ୍ୟା ସୁଦ୍ଧା ଘଣ୍ଟା ପ୍ରତି ୨ରୁ ୩ ମି.ମି. ବର୍ଷା ହୋଇଥିବାବେଳେ ଗଜପତିରେ ସର୍ବାଧିକ ୪୦ ମି.ମି. ବର୍ଷା ରେକର୍ଡ ହୋଇଛି। ଗଜପତି ଜିଲାର ମୋହନାରେ ସର୍ବାଧିକ ବର୍ଷା ହୋଇଛି। ମିଳିଥିବା ସୂଚନାନୁସାରେ, ଲ୍ୟାଣ୍ଡଫଲ୍ ପ୍ରକ୍ରିୟା ପରେ ବର୍ଷାର ପ୍ରଭାବ ଦକ୍ଷିଣ ଓଡ଼ିଶାରେ ବଢ଼ିଛି। ମାଲକାନଗିରି, କୋରାପୁଟ, ରାୟଗଡ଼ା ☞ପୃଷ୍ଠା-୨

# ରାଜ୍ୟରେ ଝିଅ କମିଲେ

**ଭୁବନେଶ୍ୱର, ୫।୧୨ (ଅସମାପିକା ସାହୁ)**

### ଓଡ଼ିଶା ଦେଶରେ ଷଷ୍ଠ

ଓଡ଼ିଶାରେ କମିଛନ୍ତି ଝିଅ ସଂଖ୍ୟା। ଦେଶରେ ଝିଅ ସଂଖ୍ୟା ହ୍ରାସରେ ଓଡ଼ିଶା ୬ ନମ୍ବର ସ୍ଥାନରେ ରହିଛି। କେରଳ, ଛତିଶଗଡ଼, ହିମାଚଳପ୍ରଦେଶ, ପଶ୍ଚିମବଙ୍ଗ ଓ ଆନ୍ଧ୍ରପ୍ରଦେଶ ପରେ ଓଡ଼ିଶା ଷଷ୍ଠ ସ୍ଥାନରେ ରହିଛି। ୧୯୬୧ ଜନଗଣନା ଅନୁଯାୟୀ, ରାଜ୍ୟରେ ଜନ୍ମ ସମୟରେ ପ୍ରତି ଏକହଜାର ପୁଅଙ୍କ ତୁଳନାରେ ଝିଅଙ୍କ ସଂଖ୍ୟା ୧,୦୩୫ ଥିବାବେଳେ ୧୯୭୧ ମସିହାରେ ୧,୦୨୦ ରହିଥିଲା। ସେହିପରି ୧୯୮୧ ଜନଗଣନା ଅନୁଯାୟୀ ୯୯୫, ୧୯୯୧ରେ ୯୬୭, ୨୦୦୧ରେ ୯୫୩ ଏବଂ ୨୦୧୧ ମସିହାରେ ୯୪୧ ଥିଲା। ନ୍ୟାଶନାଲ ଫ୍ୟାମିଲି ହେଲ୍‌ଥ ସର୍ଭେ-୪ (୨୦୧୫-୧୬) ଅନୁଯାୟୀ, ଓଡ଼ିଶାରେ ଏକ ହଜାର ପୁଅଙ୍କ ତୁଳନାରେ ୯୩୨ଜଣ ଝିଅ ଥିବା ବେଳେ ନ୍ୟାଶନାଲ ଫ୍ୟାମିଲି ହେଲ୍‌ଥ ସର୍ଭେ-୫ (୨୦୧୯-୨୦୨୧)ରେ ତାହା ୮୯୪କୁ ଖସି ଆସିଛି। ସେପଟେ ସାମ୍ପଲ ରେଜିଷ୍ଟ୍ରେଶନ ସିଷ୍ଟମ(ଏସ୍‌ଆର୍‌ଏସ୍) ତଥ୍ୟ ଆଧାରରେ ୨୦୧୮-୨୦ ମସିହାରେ ରାଜ୍ୟରେ ପ୍ରତି ୧୦୦୦ ପୁଅରେ ୯୨୫ ଝିଅ ଜନ୍ମ ହୋଇଛନ୍ତି। ୨୦୧୪-୧୬ ମସିହାରେ ଏହି ଅନୁପାତ ଥିଲା ୯୪୮। ଉପାନ୍ତ ଅପେକ୍ଷା ଉପକୂଳ ଜିଲାରେ ସ୍ଥିତି ଚିନ୍ତାଜନକ ରହିଛି। ୧୦୦୦ ପୁଅଙ୍କ ତୁଳନାରେ ଝିଅଙ୍କ ହାର ନୟାଗଡ଼ ଜିଲାରେ ୮୧୧ ଥିବାବେଳେ ଢେଙ୍କାନାଳରେ ୮୬୫, ସୁବର୍ଣ୍ଣପୁରରେ ୮୮୦, ଅନୁଗୋଳରେ ୮୮୫, ଜଗତ୍‌ସିଂହପୁରରେ ୮୯୭ ଓ କେନ୍ଦ୍ରାପଡ଼ାରେ ୮୯୮ ରହିଛି। ତେବେ ଜାତୀୟ ହାରଠାରୁ ଓଡ଼ିଶା ଉପରେ ରହିଛି। ଜାତୀୟ ସ୍ତରରେ ଏହି ସଂଖ୍ୟା ୯୦୭ ରହିଛି। ମଙ୍ଗଳବାର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ସ୍ଥାନୀୟ ଏକ ହୋଟେଲରେ ଆୟୋଜିତ 'ଲିଙ୍ଗଗତ ଜନ୍ମହାରରେ ସନ୍ତୁଳତା' ସମ୍ବନ୍ଧୀୟ ରାଜ୍ୟସ୍ତରୀୟ କର୍ମଶାଳାରେ ଏହି ମତ ପ୍ରକାଶ ପାଇଛି।

ରାଜ୍ୟରେ ଝିଅ ସଂଖ୍ୟା କମୁଥିବା ନେଇ ରାଜ୍ୟ ସରକାର ଚିନ୍ତାରେ ପଡ଼ିଥିବା ବେଳେ ବିଭିନ୍ନ ମହଲରେ ଉଦ୍‌ବେଗ ପ୍ରକାଶ ପାଇଛି। କେମିତି ଝିଅ ଓ ପୁଅଙ୍କ ସଂଖ୍ୟାରେ ସମାନତା ଆସିବ, ତାହା ଉପରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଏକ ରାଜ୍ୟସ୍ତରୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଜନ୍ମ ସମୟରେ ଲିଙ୍ଗ ନିରୂପଣଜନିତ ଗର୍ଭପାତ, ପୁତ୍ର ସନ୍ତାନକୁ ପ୍ରାଧାନ୍ୟ ଆଦି ହେଉଛି ଲିଙ୍ଗଗତ ଜନ୍ମ ହାରରେ ଝିଅ ଜନ୍ମ ହାର ହ୍ରାସର ମୁଖ୍ୟ କାରଣ। ରାଜ୍ୟରେ ଜନ୍ମ ହାର ହ୍ରାସରେ ସୁଧାର ଆଣିବା ଓ ଭବିଷ୍ୟତ ପନ୍ଥା ନିର୍ଦ୍ଧାରଣ କରିବା ପାଇଁ ଏହି କର୍ମଶାଳାର ବିଭିନ୍ନ ଅଧିବେଶନରେ ଆଲୋଚନା କରାଯାଇଛି। କର୍ମଶାଳାରେ ଜିଲା ସ୍ୱାସ୍ଥ୍ୟ ଅଧିକାରୀମାନଙ୍କୁ ଅଧିକ ସମ୍ବେଦନଶୀଳ ☞ପୃଷ୍ଠା-୨

# ଚାଷୀଙ୍କୁ ଭୟ ମେଘୁଆ ପାଗ

## ଟୋକନ କଟକଣା, ବିକ୍ରି ହେଉନି ଧାନ

**ବରଗଡ଼,୫।୧୨ (ପ୍ରେମାନନ୍ଦ ଖମାରୀ)**

ବରଗଡ଼ ଜିଲାରେ ଖରିଫ ଧାନ ଅମଳ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଅନ୍ୟପଟେ ଧାନ ସଂଗ୍ରହ ପ୍ରକ୍ରିୟାକୁ ମଙ୍ଗଳବାର ୧୫ ଦିନ ପୂରିଛି। ଧାନ ସଂଗ୍ରହ ପାଇଁ ଜିଲାରେ ମଣ୍ଡି ଖୋଲିଛି। କିନ୍ତୁ ଟୋକନ କଟକଣା ଯୋଗୁ ଚାଷୀମାନେ ଧାନ ବିକ୍ରି କରିପାରୁନାହାନ୍ତି। ଧାନ ଅମଳ ସାରିଥିଲେ ସୁଦ୍ଧା ଅନେକ ଚାଷୀଙ୍କୁ ମିଳିଥିବା ଟୋକନରେ ବିକ୍ରି ଦିବସ ଡିସେମ୍ବର ଶେଷ ସପ୍ତାହ ଏବଂ ୨୦୨୪ ଜାନୁୟାରୀ ମାସ ରହିଛି। ଫଳରେ ଅମଳ ଧାନ କ୍ଷେତ, ଖଳା ଏବଂ ମଣ୍ଡିର ଖୋଲା ଆକାଶତଳେ ବିକ୍ରି ଅପେକ୍ଷାରେ ପଡ଼ିରହିଛି। ଅପରପକ୍ଷେ ମଙ୍ଗଳବାର ଝିପିଝିପି ବର୍ଷା ଏବଂ ମେଘୁଆ ପାଗ ଚାଷୀଙ୍କ ଚିନ୍ତା ବଢ଼ାଇ ଦେଇଛି।

ବରଗଡ଼ ଜିଲାରେ ନଭେମ୍ବର ୧୫ ତାରିଖ ସୁଦ୍ଧା ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ କରିବାକୁ ଚାଷୀମାନେ ପ୍ରଶାସନଠାରେ ଦାବି କରିଥିଲେ। କିନ୍ତୁ ଚାଷୀଙ୍କ କଥାକୁ ଗୁରୁତ୍ୱ ଦିଆଯାଇ ନ ଥିଲା ଏବଂ ନଭେମ୍ବର ୨୧ତାରିଖରୁ ଧାନ ସଂଗ୍ରହ ପାଇଁ ଜିଲାରେ ୨୨୦ ମଣ୍ଡି ଖୋଲାଯାଇଛି। ଧାନ ସଂଗ୍ରହ ପାଇଁ ମଣ୍ଡି ଖୋଲିଛି ସତ, କିନ୍ତୁ ଟୋକନ କଟକଣା ଯୋଗୁ ଚାଷୀମାନେ ମଣ୍ଡିକୁ ମଧ୍ୟ ଧାନ ଆଣିପାରିନାହାନ୍ତି। ଅନ୍ୟପଟେ ମଣ୍ଡି ଖୋଲିବା ଦାବି ନେଇ ପ୍ରଶାସନ ସେମାନଙ୍କ କଥା ଶୁଣି ନ ଥିବା ପ୍ରତିବାଦରେ ଜିଲାର ବରଗଡ଼ ବ୍ଲକ କଲାପାଣି ସମେତ ଅତାବିରା ବ୍ଲକର ଅତାବିରା, ଗୋଡ଼ଭଗା ଅଞ୍ଚଳର ବହୁ ଚାଷୀ ନିକଟସ୍ଥ ମଣ୍ଡିରେ ଗତ ନଭେମ୍ବର ୧୫ତାରିଖରୁ ସେମାନଙ୍କ ଅମଳ ଧାନ ପୂରାଇ ରଖିଛନ୍ତି। କିନ୍ତୁ ଟୋକନ କଟକଣା ଯୋଗୁ ସମ୍ପୃକ୍ତ ଚାଷୀଙ୍କ ଧାନ ମଧ୍ୟ ଏପର୍ଯ୍ୟନ୍ତ ବିକ୍ରି ହୋଇ ନ ପାରି ମଣ୍ଡିରେ ପଡ଼ି ରହିଛି।

କଲାପାଣି ଗ୍ରାମର ଚାଷୀ ସୁରେଶ ନେକାଣ୍ଡି କହିଛନ୍ତି, ତାଙ୍କ ଧାନ ଅମଳ ସରିଯାଇଛି। ଗତ ନଭେମ୍ବର ☞ପୃଷ୍ଠା-୨

### ଆଜିର ସମ୍ପାଦକୀୟ

## ବିପଦରେ ଉତ୍ତର-ପୂର୍ବ

# ନିଲଡୁଙ୍ଗୁରୀ, ଚୌଦ୍ୱାରରେ ପ୍ରତିଷ୍ଠା ହେବ ଶିଳ୍ପ

### ୨୦ ହଜାର ନିଯୁକ୍ତି ସୁଯୋଗ ସୃଷ୍ଟିହେବ

**ଭୁବନେଶ୍ୱର,୫।୧୨ (ଅନିଲ ଦାସ)**

ରାଜ୍ୟରେ ଶିଳ୍ପ ଅଭିବୃଦ୍ଧି ଓ ଅର୍ଥନୈତିକ କ୍ଷେତ୍ରର ବିକାଶ ପାଇଁ ରାଜ୍ୟ ସରକାର ଆଉ ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଛନ୍ତି। ୱେଲ୍‌ସ୍ପନ କମ୍ପାନୀ ପକ୍ଷରୁ କଟକ ଜିଲାର ଚୌଦ୍ୱାର ଏବଂ ସମ୍ବଲପୁରର ନିଲଡୁଙ୍ଗୁରୀଠାରେ ବହୁପ୍ରତୀକ୍ଷିତ ଶିଳ୍ପ ସମୂହ ପ୍ରତିଷ୍ଠା ପ୍ରସ୍ତାବକୁ ମଙ୍ଗଳବାର ରାଜ୍ୟ କ୍ୟାବିନେଟରେ ମଞ୍ଜୁରୀ ପ୍ରଦାନ କରାଯାଇଛି। ଏଥିରେ ୬୬୦୦ କୋଟି ଟଙ୍କାର ପୁଞ୍ଜି ବିନିଯୋଗ ହେବ। ଉକ୍ତ ଶିଳ୍ପଗୁଡ଼ିକରେ ୨୦,୦୦୦ ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇପାରିବ। କମ୍ପାନୀ ପକ୍ଷରୁ କଟକ ଜିଲାର ଚୌଦ୍ୱାରଠାରେ ୩୦୦୦ କୋଟି ଟଙ୍କାର ପୁଞ୍ଜି ବିନିଯୋଗରେ ଏକ ସମନ୍ୱିତ ବୟନ ଶିଳ୍ପର ପୁନଃ ପ୍ରତିଷ୍ଠା ହେବ। ଏଥିରେ ୧୦,୦୦୦ ସିଧାସଳଖ ନିଯୁକ୍ତି ହେବା ସହ ସମାନ ସଂଖ୍ୟକ ପରୋକ୍ଷ ନିଯୁକ୍ତିର ସୁଯୋଗ ସୃଷ୍ଟି ହୋଇପାରିବ। ଏଥିସହିତ ପୁରୁଣା ଐତିହ୍ୟ ଫେରାଇ ଆଣିବାରେ ଏହା ସହାୟକ ହେବ। ☞ପୃଷ୍ଠା-୨


DSPL-441






**ଆଜିର ମନ୍ତବ୍ୟ**

"କେନ୍ଦ୍ରର ଅର୍ଥବଳ, ଏଜେନ୍ସି, ନିର୍ବାଚନ କମିଶନ ଓ ଗଣମାଧ୍ୟମ ଯୋଗୁ ଭାଜପା ୩ ରାଜ୍ୟ ବିଧାନସଭା ନିର୍ବାଚନ ଜିତିଛି।
–ମେହବୁବା ମୁଫ୍ତି, ପିଡିପି ଅଧ୍ୟକ୍ଷା

# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଠକ ଠକ ମାଳି ଭଜନ ଟାଣ**
**ଭୋକ କଲା ଭାତ ପାଖକୁ ଆଣ।**

ନାଁ କୁ ମାତ୍ର ଈଶ୍ୱର ଆରାଧନା, ଅଥଚ ମନ ଯାଇ ଖାଦ୍ୟ ପାଖରେ। ଭକ୍ତି ମାର୍ଗରେ ଚାଲୁଥିବା ବ୍ୟକ୍ତିଙ୍କ ପକ୍ଷେ କୌଣସି ପ୍ରକାରର କାମନା, ବାସନା ଓ ଲାଳସା ଭାବନା ଗ୍ରହଣୀୟ ହେଉ ନ ଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଠେକା ପଚାରଇ ବେଙ୍କାରେ**
**ତୁ କୋଉ ମଣିଷରେ ଲେଖାରେ?**

ସାଧାରଣତଃ ମଣିଷ କେତେ ଦକ୍ଷ ବା ଯୋଗ୍ୟ ତାହା ତାଙ୍କ କାର୍ଯ୍ୟଶୈଳୀରୁ ହିଁ ଜଣାପଡ଼ିଥାଏ। ତେବେ କ୍ଷମତାଶାଳୀ ହୋଇ ନ ଥିବା ବା ଦକ୍ଷତା ନ ଥିବା ବ୍ୟକ୍ତି ଅନ୍ୟ ଆଗରେ ନିଜର ବୃଥା ବଡ଼ିମା ଦେଖାଇ ବସିଲେ ପରିହାସର ପାତ୍ର ହେବାକୁ ପଡ଼ିଥାଏ। ମଣିଷର ଯୋଗ୍ୟତା ଆକଳନ କରାଯିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ୍ ପବ୍ଲିଶର୍ସ




ମଙ୍ଗଳବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।




# ପ୍ରତ୍ୟୁଷାଙ୍କୁ ଏବେ ବିବାହ କରିପାରିବେନି ବିଜୟଶଙ୍କର

## ତିର୍ତ୍ତୋଲ ବିଧାୟକଙ୍କ ବିବାହ ପଞ୍ଜୀକରଣ ଆବେଦନ ଖାରଜ



କଟକ, ୫।୧୨(କାର୍ତ୍ତିକ ସାହୁ)

ତିର୍ତ୍ତୋଲ ବିଧାୟକ ବିଜୟଶଙ୍କର ଦାସଙ୍କ ବିବାହ ପଞ୍ଜୀକରଣ ଆବେଦନକୁ ମଙ୍ଗଳବାର କଟକସ୍ଥିତ ବିବାହ ପଞ୍ଜୀକରଣ ଅଧିକାରୀ ଖାରଜ କରିଛନ୍ତି। ଆବେଦନପତ୍ରରେ ଭୁଲ୍ ତଥ୍ୟ ଦେଇଥିବାରୁ ସହପାଠିନୀ ପ୍ରତ୍ୟୁଷା ନନ୍ଦଙ୍କୁ ବିଜୟ ଏବେ ବିବାହ କରିପାରିବେ ନାହିଁ ବୋଲି ଦର୍ଶାଇ ଆବେଦନ ଖାରଜ ହୋଇଯାଇଛି। ଆବେଦନରେ ପ୍ରତ୍ୟୁଷା ଅବିବାହିତା ବୋଲି ଦର୍ଶାଯାଇଥିଲା। ହେଲେ ସେ ବିବାହ କରି ସ୍ୱାମୀଙ୍କଠାରୁ ଛାଡ଼ପତ୍ର ନେଇସାରିଛନ୍ତି, ଯାହାକି ଆବେଦନପତ୍ରରେ ଉଲ୍ଲେଖ ନ ଥିଲା। ବିବାହ ପଞ୍ଜୀକରଣ ଅଧିକାରୀଙ୍କ ଏଭଳି ନିର୍ଦ୍ଦେଶ ପରେ ବିଜୟଙ୍କ ବିବାହ ଅଡୁଆ ବଢ଼ିଯାଇଛି। ଅପରପକ୍ଷରେ ବିଜୟଶଙ୍କରଙ୍କ ବିବାହ ଆବେଦନ ଖାରଜ ହୋଇଯିବା ପରେ ପୂର୍ବତନ ବାନ୍ଧବୀ ସୋମାଲିକା ଦାଶ ସାମୟିକ ଭାବେ ଆଶ୍ୱସ୍ତି ପାଇଛନ୍ତି।

ସୂଚନା ଅନୁସାରେ, ବିଧାୟକ ବିଜୟଶଙ୍କର ଦାସ କଟକ ଅରୁଣୋଦୟ ନଗର ଅଞ୍ଚଳର ମହିଳା ପ୍ରତ୍ୟୁଷା ନନ୍ଦଙ୍କୁ ବିବାହ ନିମନ୍ତେ କଟକସ୍ଥିତ ବିବାହ ପଞ୍ଜୀକରଣ ଅଧିକାରୀ(ସବରେଜିଷ୍ଟ୍ରାର)ଙ୍କ ନିକଟରେ ଗତ ସେପ୍ଟେମ୍ବର ୨୧ରେ ଆବେଦନ କରିଥିଲେ। ବିଜୟଶଙ୍କରଙ୍କ ପୂର୍ବତନ ବାନ୍ଧବୀ ସୋମାଲିକା ଏହା ଜାଣିବା ପରେ ପଞ୍ଜୀକରଣ ଅଧିକାରୀଙ୍କୁ ଭେଟି ବିଜୟଶଙ୍କରଙ୍କ ବିବାହ ଆବେଦନ ରଦ୍ଦ କରିବାକୁ ଦାବି କରିଥିଲେ। ବିଜୟଶଙ୍କର ତାଙ୍କ ଆବେଦନରେ ପ୍ରତ୍ୟୁଷା ନନ୍ଦଙ୍କୁ ଅବିବାହିତ ବୋଲି ଦର୍ଶାଇଥିଲେ। ମାତ୍ର ପ୍ରତ୍ୟୁଷା ଅବିବାହିତା ନୁହନ୍ତି, ବିବାହିତା ଓ ସେ ତାଙ୍କ ପୂର୍ବତନ ସ୍ୱାମୀଙ୍କଠାରୁ ଛାଡ଼ପତ୍ର ପାଇଛନ୍ତି ବୋଲି ସୋମାଲିକା ଅଧିକାରୀଙ୍କୁ ଅବଗତ କରାଇ ବିଜୟଶଙ୍କର ଆବେଦନରେ ଭୁଲ ତଥ୍ୟ ଦେଇଥିବା ଦର୍ଶାଇଥିଲେ। ଏହାକୁ ନେଇ ପଞ୍ଜୀକରଣ ଅଧିକାରୀ ପ୍ରତ୍ୟୁଷାଙ୍କ ବିବାହ ସଂକ୍ରାନ୍ତୀୟ ପ୍ରମାଣ ଦାଖଲ କରିବାକୁ ସୋମାଲିକାଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏଥିସହ ପଞ୍ଜୀକରଣ ଅଧିକାରୀ ତଥ୍ୟ ପ୍ରମାଣକୁ ଯାଞ୍ଚ କରି ବିଜୟଶଙ୍କର ଓ ପ୍ରତ୍ୟୁଷାଙ୍କ ସ୍ୱାମୀଙ୍କୁ ହାଜର ହେବା ପାଇଁ ନୋଟିସ କରିଥିଲେ। ପ୍ରତ୍ୟୁଷାଙ୍କ ବିବାହ ସଂକ୍ରାନ୍ତୀୟ ପ୍ରମାଣ ସୋମାଲିକା ଦାଖଲ କରିଥିଲେ। ମାତ୍ର ବିଜୟଶଙ୍କର ହାଜର ହୋଇ ନ ଥିଲେ। ସେହିପରି ପ୍ରତ୍ୟୁଷା ନନ୍ଦଙ୍କ ପୂର୍ବତନ ସ୍ୱାମୀ ପଞ୍ଜୀକରଣ ଅଧିକାରୀଙ୍କ ନିକଟରେ ହାଜର ହୋଇ ଛାଡ଼ପତ୍ର ଦଲିଲ ଦାଖଲ କରିଥିଲେ। ପୂର୍ବରୁ ପ୍ରତ୍ୟୁଷାଙ୍କ ସହ ତାଙ୍କର ବିବାହ ହୋଇଥିଲା ଓ ପରେ ଉଭୟଙ୍କ ମଧ୍ୟରେ ବିବାହ ବିଚ୍ଛେଦ ହୋଇସାରିଥିବା ସେ ପଞ୍ଜୀକରଣ ଅଧିକାରୀଙ୍କୁ ଅବଗତ କରାଇଥିଲେ। ସୋମାଲିକା ଓ ପ୍ରତ୍ୟୁଷାଙ୍କ ସ୍ୱାମୀଙ୍କ ପ୍ରଦତ୍ତ ପ୍ରମାଣ ଆଧାରରେ କଟକ ବିବାହ ପଞ୍ଜୀକରଣ ଅଧିକାରୀ ମଙ୍ଗଳବାର ପ୍ରତ୍ୟୁଷାଙ୍କୁ ବିଜୟଶଙ୍କର ଏବେ ବିବାହ କରିପାରିବେ ନାହିଁ ବୋଲି ରାୟ ଶୁଣାଇ ଦେଇଛନ୍ତି। ଏନେଇ ବିଧାୟକ ବିଜୟଶଙ୍କରଙ୍କୁ ତାଙ୍କ ମୋବାଇଲ ନମ୍ବରରେ ଯୋଗାଯୋଗ କରାଯାଇଥିଲେ ମଧ୍ୟ କୌଣସି ପ୍ରତିକ୍ରିୟା ମିଳିପାରି ନାହିଁ। ଅପରପକ୍ଷରେ ସୋମଲିକାଙ୍କ କହିବା ହେଲା, ବିଜୟଶଙ୍କର ଏବଂ ପ୍ରତ୍ୟୁଷାଙ୍କ ବିବାହ ସ୍ଥଗିତ ହୋଇଛି। ଆଡ୍‌ଭୋକେଟଙ୍କ ସହ ଆଲୋଚନା କରିବା ପରେ ପରବର୍ତ୍ତୀ ପଦକ୍ଷେପ ନେବି ବୋଲି ସେ କହିଛନ୍ତି।

## ପ୍ରଥମ ପୃଷ୍ଠାରୁ...

### ସ୍କ୍ରାପିଂ କଲେ ଟିକସ...

ପ୍ରଦୂଷଣ କରୁଥିବା ଯାନଗୁଡ଼ିକୁ ହଟାଇବା ପାଇଁ ପରାମର୍ଶ ଦେଇଛନ୍ତି। ପୁରୁଣା ଗାଡିଗୁଡ଼ିକର ଗାଡ଼ି ମାଲିକମାନଙ୍କୁ ଏଥିପାଇଁ ଆକର୍ଷିତ କରିବା ସକାଶେ ଅନାଦାୟ ଟିକସ ଛାଡ଼ ପାଇଁ ଏକକାଳୀନ ଘୋଷଣା କରିବାକୁ ରାଜ୍ୟ ସରକାରଙ୍କୁ ପରାମର୍ଶ ଦିଆଯାଇଛି। ଏହାଦ୍ୱାରା ରାଜ୍ୟ ସରକାରଙ୍କ ପଞ୍ଜୀକୃତ ଯାନ ଗ୍ରାମିଂ ସୁବିଧା କେନ୍ଦ୍ରରେ ଯାନଗୁଡ଼ିକୁ ବିନା ପ୍ରଦୂଷଣରେ ବୈଜ୍ଞାନିକ ପଦ୍ଧତିରେ ସ୍କ୍ରାପ୍ କରାଯାଇପାରିବ।

ସହରାଞ୍ଚଳରେ ପ୍ରଦୂଷଣ ହ୍ରାସ ପାଇଁ ରାଜ୍ୟ ସରକାର ୧୫ ବର୍ଷିଆ ସମସ୍ତ ଯାନବାହନକୁ ରାସ୍ତାରୁ ହଟାଇବାକୁ ଯୋଜନା କରିଛନ୍ତି। ଏଥିପାଇଁ ରାଜ୍ୟ ସରକାର ପଞ୍ଜୀକୃତ ଯାନବାହନ ସ୍କ୍ରାପିଂ ସୁବିଧା ନୀତି-୨୦୨୨ (ରେଜିଷ୍ଟର୍ଡ ଭେହିକିଲ ସ୍କ୍ରାପିଂ ଫାସିଲିଟି ପଲିସି-୨୦୨୨) ଆଣିଛନ୍ତି। ଏହି ନୀତିକୁ ୨୦୨୨ ନଭେମ୍ବର ୩୦ ତାରିଖରେ ରାଜ୍ୟ କ୍ୟାବିନେଟରେ ଅନୁମୋଦନ କରାଯାଇଛି। ସ୍କ୍ରାପିଂ କରିଥିବା ଗାଡ଼ି ମାଲିକଙ୍କୁ ନୂଆ ଗାଡ଼ି କିଣିବାକୁ ପ୍ରୋତ୍ସାହନ ଦିଆଯିବ। ଯାନବାହନଜନିତ ବାୟୁ ପ୍ରଦୂଷଣ ହ୍ରାସ କରିବାରେ ମଧ୍ୟ ଏହି ନୀତି ପ୍ରମୁଖ ଭୂମିକା ଗ୍ରହଣ କରିବ। ୧୫ ବର୍ଷ ପୂରଣ କରିଥିବା ସମସ୍ତ ପୁରୁଣା ଗାଡ଼ିକୁ ସ୍କ୍ରାପ କରିବାକୁ ପଡ଼ିବ। ସ୍କ୍ରାପିଂ କରିଥିବା ବ୍ୟକ୍ତିମାନଙ୍କୁ ନୂଆ ଗାଡ଼ି କିଣିବା ପାଇଁ ଏହି ନୀତିରେ ସ୍ୱତନ୍ତ୍ର ପ୍ରୋତ୍ସାହନ ବ୍ୟବସ୍ଥା କରାଯାଇଛି। ଏହା ସତ୍ତ୍ୱେ ଟିକସ ବାକିଥିବା ବହୁ ପୁରୁଣା ଗାଡ଼ିମାଲିକମାନେ ସ୍କ୍ରାପିଂ କରିବାକୁ ଆଗ୍ରହ ପ୍ରକାଶ କରୁନାହାନ୍ତି। ଟିକସ ଓ ଜରିମାନା ଛାଡ଼ ହେବା ପରେ ଏଥିପାଇଁ ଆଗ୍ରହ ବଢ଼ିବ ବୋଲି ସରକାର ଆଶା କରିଛନ୍ତି।

ଏହାକୁ ଦୃଷ୍ଟିରେ ରଖି ବାଣିଜ୍ୟ ଏବଂ ପରିବହନ ବିଭାଗ ପକ୍ଷରୁ ଦିଆଯାଇଥିବା ଏହି ପ୍ରସ୍ତାବକୁ କ୍ୟାବିନେଟ ମୋହର ମାରିଛି। ଏଥିସହିତ କ୍ୟାବିନେଟରେ ମୋଟ ୧୧ଟି ପ୍ରସ୍ତାବକୁ ଅନୁମୋଦନ କରାଯାଇଛି।

### ରେଭନ୍ତ ରେଡ୍ଡୀ ତେଲଙ୍ଗାନା ...

କରିଛନ୍ତି। ବରିଷ୍ଠ କଂଗ୍ରେସ ନେତା ଉତ୍ତମ କୁମାର ରେଡ୍ଡୀ ଏବଂ ଭଟ୍ଟି ବିକ୍ରମାର୍କଙ୍କୁ ଉପମୁଖ୍ୟମନ୍ତ୍ରୀ ପଦ ଦିଆଯାଇପାରେ କିମ୍ବା ଭଲ ବିଭାଗ ମିଳିପାରେ ବୋଲି ଜଣାପଡ଼ିଛି। ସେମାନେ ମଧ୍ୟ ମୁଖ୍ୟମନ୍ତ୍ରୀ ପଦ ଦାବିଦାର ଥିଲେ। ତେଲଙ୍ଗାନା କଂଗ୍ରେସ ସଭାପତି ରୂପେ ୫୪ ବର୍ଷୀୟ ରେଭନ୍ତଙ୍କ ସାଙ୍ଗଠନିକ ଦକ୍ଷତା ଓ ନିଆରା କାର୍ଯ୍ୟଶୈଳୀ ଭାରତ ରାଷ୍ଟ୍ର ସମିତି (ବିଆର୍‌ଏସ୍) ଦୁର୍ଗର ପତନ ଘଟାଇବାରେ ସକ୍ଷମ ହୋଇଛି। କଂଗ୍ରେସ ତାଙ୍କୁ ବିଆର୍‌ଏସ୍ ମୁଖ୍ୟ ତଥା ବିଦାୟୀ ମୁଖ୍ୟମନ୍ତ୍ରୀ କେ. ଚନ୍ଦ୍ରଶେଖର ରାଓଙ୍କ ବିରୋଧରେ ପ୍ରାର୍ଥୀ କରିଥିଲା। କାମାରେଡ୍ଡୀ ଆସନରେ ଉଭୟ କେସିଆର୍ ଏବଂ ରେଭନ୍ତ ଭାଜପାର ଭେଙ୍କଟ ରମଣ ରେଡ୍ଡୀଙ୍କଠାରୁ ହାରିଯାଇଥିଲେ। ମୁଖ୍ୟମନ୍ତ୍ରୀ ହେବା ପରେ ରେଭନ୍ତଙ୍କୁ ୬ ମାସ ମଧ୍ୟରେ କୌଣସି ଆସନରୁ ନିର୍ବାଚିତ ହେବାକୁ ପଡ଼ିବ।

### ଏବିଭିପିରୁ ଟିଡିପି ...

ଦଳୀୟ ସାଙ୍ଗଠନିକ କାର୍ଯ୍ୟରେ ଦକ୍ଷତା ପ୍ରଦର୍ଶନ କରିବାରୁ ତାଙ୍କୁ ଜୁନ୍ ୨୦୨୧ରେ ତେଲଙ୍ଗାନା ପ୍ରଦେଶ କଂଗ୍ରେସ କମିଟିର ସଭାପତି କରାଯାଇଥିଲା। ଡିସେମ୍ବର ୨୦୨୩ ଅଦ୍ୟାବଧି ସେ କୋଡାଙ୍ଗାଲ ବିଧାନସଭା କ୍ଷେତ୍ରରୁ ତେଲଙ୍ଗାନା ବିଧାନସଭାର ସଦସ୍ୟ ଥିଲେ। ରେଭନ୍ତଙ୍କ ରାଜନୈତିକ ଜୀବନର ଆଦ୍ୟକାଳକୁ ଦେଖିଲେ ସେ ଛାତ୍ରାବସ୍ଥାରେ ଏବିଭିପିର ସଦସ୍ୟ ରହିଥିଲେ। ପରବର୍ତ୍ତୀ ସମୟରେ ସେ ଟିଡିପି ଓ କଂଗ୍ରେସରେ ଯୋଗଦେଇଥିଲେ। ୮ ନଭେମ୍ବର ୧୯୬୯ରେ ମେହବୁବାନଗର ଜିଲାର କୋଣ୍ଡାରେଡ୍ଡୀ ପାଲ୍ଲିରେ ରେଭନ୍ତ ଜନ୍ମଗ୍ରହଣ କରିଥିଲେ। ଓସ୍‌ମାନିଆ ବିଶ୍ୱବିଦ୍ୟାଳୟ ଅଧୀନ ଏ.ଭି. କଲେଜରୁ ସେ କଳାରେ ସ୍ନାତକ କରିଥିଲେ। ପୂର୍ବତନ କେନ୍ଦ୍ରମନ୍ତ୍ରୀ ଜୟପାଲ ରେଡ୍ଡୀଙ୍କ ଝିଆରୀ ଗୀତାଙ୍କୁ ସେ ବିବାହ କରିଥିଲେ। ତାଙ୍କର ଝିଅଟିଏ ଅଛି।

### ରାଷ୍ଟ୍ରୀୟ ରାଜପୁତ୍ କର୍‌ନି ...

କରିଥିଲେ। ଉଭୟ ସଂଗଠନ ୨୦୧୮ରେ ଦୀପିକା ପାଦୁକୋନ୍‌ଙ୍କ ଅଭିନୀତ 'ପଦ୍ମାବତ୍'କୁ ଜୋର୍‌ଦାର ବିରୋଧ କରିଥିଲେ। ସୁଖଦେବଙ୍କୁ ପୂର୍ବରୁ ହତ୍ୟା ଧମକ ମିଳିଥିଲା। ତେଣୁ ତାଙ୍କ ଉପରେ ଆକ୍ରମଣ ଆଶଙ୍କା ରହିଥିଲା। ଏନେଇ ପୂର୍ବରୁ ପୋଲିସକୁ ଜଣାଇ ଦିଆଯାଇଥିଲା ବୋଲି କର୍‌ନି ସେନା ମୁଖ୍ୟଙ୍କ ଜଣେ ସମ୍ପର୍କୀୟ କହିଛନ୍ତି। ସୁଖଦେବଙ୍କୁ ଆକ୍ରମଣ କରାଯାଇଥିବା ଖବର ପ୍ରକାଶ ପାଇବା ପରେ ତାଙ୍କ ସମର୍ଥକ ଓ ରାଜପୁତ୍ ସମ୍ପ୍ରଦାୟର ସଦସ୍ୟମାନେ ତାଙ୍କ ଘର ଓ ହସ୍ପିଟାଲ ଆଗରେ ରୁଣ୍ଡ ହୋଇଥିଲେ। ସେମାନେ ହସ୍ପିଟାଲ ବାହାରେ ଶିପ୍ରା ପାଥ୍ ରାସ୍ତାକୁ ଅବରୋଧ କରି ତୁରନ୍ତ ହତ୍ୟାକାରୀଙ୍କୁ ଗିରଫ କରିବା ପାଇଁ ଦାବି ଜଣାଇଛନ୍ତି।

### ଚାଷୀଙ୍କୁ ଭୟ ...

୧୫ତାରିଖ ପ୍ରଥମ ପର୍ଯ୍ୟାୟରେ କଳାପାଣି ମଣ୍ଡିରେ ସେ ୧୮୦ ପ୍ୟାକେଟ୍ ଧାନ ପୂରାଇଥିଲେ। ସେହିପରି ଦ୍ୱିତୀୟ ପର୍ଯ୍ୟାୟରେ ମଣ୍ଡି ଖୋଲିବା ଦିନ ଅର୍ଥାତ୍ ଗତ ମାସ ୨୧ତାରିଖରେ ଆହୁରି ୧୨୦ ପ୍ୟାକେଟ୍ ଧାନ ଏହି ମଣ୍ଡିରେ ପକାଇଛନ୍ତି। କିନ୍ତୁ ତାଙ୍କୁ ମିଳିଥିବା ଟୋକନରେ ବିକ୍ରି ଦିବସ ଡିସେମ୍ବର ୨୮ତାରିଖ ରହିଛି ବୋଲି ସେ କହିଛନ୍ତି। ସେହିପରି କଳାପାଣି ଗ୍ରାମର ଅନ୍ୟ ଜଣେ ଚାଷୀ ଏକାଦଶିଆ ସାହୁ କହିଛନ୍ତି, ତାଙ୍କ ଧାନ ଅମଳ ସରିଯାଇଛି। ଗତ ମାସ ୧୫ତାରିଖରେ ସେ କଳାପାଣି ମଣ୍ଡିରେ ୮୦ ପ୍ୟାକେଟ୍ ଧାନ ରଖିଥିଲେ। କ୍ଷେତ, ଖଳାରେ ଆହୁରି ୨୦୦ରୁ ଅଧିକ ପ୍ୟାକେଟ୍ ଧାନ ପଡ଼ି ରହିଛି। କିନ୍ତୁ ଟୋକନରେ ବିକ୍ରି ଦିବସ ବିଳମ୍ବ ଯୋଗୁ ସେ ତାଙ୍କ ଧାନ ବିକ୍ରି ହୋଇପାରୁନାହାନ୍ତି। ବର୍ଷାରେ ଧାନ କ୍ଷତିଗ୍ରସ୍ତ ହେଲେ ସେଥିପାଇଁ ପ୍ରଶାସନ ଦାୟୀ ରହିବ ବୋଲି ସେ କହିଛନ୍ତି।

ଜିଲାର କେବଳ ଏହି ଦୁଇ ଚାଷୀ ନୁହଁନ୍ତି, ଅଧିକାଂଶ ଚାଷୀ ଏଭଳି ସମସ୍ୟାରେ ଛନ୍ଦି ହୋଇଛନ୍ତି। ଟୋକନ କଟକଣା ଯୋଗୁ ଧାନ ବିକ୍ରି କରି ପାରୁ ନ ଥିବା ଯୋଗୁ ଧାନ ଅମଳରେ ନିୟୋଜିତ ଶ୍ରମିକଙ୍କୁ ମଧ୍ୟ ସେମାନେ ପାରିଶ୍ରମିକ ଦେଇ ପାରୁନାହାନ୍ତି। ଏଭଳି ସ୍ଥିତିରେ ବେପାରୀମାନେ ସକ୍ରିୟ ହୋଇପଡ଼ିଛନ୍ତି। ଟୋକନ କଟକଣା ବେପାରୀ ଏବଂ ମିଲର୍ସଙ୍କୁ ସୁହାଉଛି ବୋଲି ଜୟ କିଷାନ ଆନ୍ଦୋଳନର ସମ୍ପାଦକ ହର ବଣିଆ କହିଛନ୍ତି। କିଛି ଅଧିକାରୀ, ମିଲର୍ସ, ବେପାରୀ ମିଳିମିଶି ଚାଷୀଙ୍କୁ ଶୋଷଣ କରିବା ପାଇଁ ଟୋକନ କଟକଣା ଏକ ଷଡ଼ଯନ୍ତ୍ର କହିଲେ ଭୁଲ ହେବନାହିଁ ବୋଲି ବଣିଆ ଅଭିଯୋଗ କରିଛନ୍ତି। ପଞ୍ଜୀକରଣ ସମୟରେ ଚାଷୀମାନେ ସମ୍ଭାବ୍ୟ ଅମଳ ତାରିଖ ଉଦ୍ଦିଷ୍ଟ ଆବେଦନ ପତ୍ରରେ ଉଲ୍ଲେଖ କରୁଛନ୍ତି। ମାତ୍ର ତାକୁ ଆଦୌ ଗୁରୁତ୍ୱ ଦିଆଯାଉନାହିଁ ଏବଂ ମିଲର୍ସଙ୍କ ସହିତ ଅସାଧୁ ମେଣ୍ଟ କରି ସମ୍ପୃକ୍ତ ଅଧିକାରୀମାନେ ଟୋକନରେ ମନଇଚ୍ଛା ବିକ୍ରି ଦିବସ ଉଲ୍ଲେଖ କରୁଛନ୍ତି। ଏହାର ବିଧିବଦ୍ଧ ତଦନ୍ତ ହେବା ଦରକାର ବୋଲି ବଣିଆ କହିଛନ୍ତି।

### ଦକ୍ଷିଣ ଓଡ଼ିଶାରେ...

ଜିଲାରେ ପ୍ରବଳ ବର୍ଷା ହୋଇଥିବାବେଳେ ନବରଙ୍ଗପୁର, କଳାହାଣ୍ଡି, କନ୍ଧମାଳ, ଗଞ୍ଜାମ, ଗଜପତି ଜିଲାରେ ମଧ୍ୟ ବର୍ଷାର ପ୍ରଭାବ ରହିଛି। ଅବଶିଷ୍ଟ ଜିଲାରେ ପାଗ ମୁଖ୍ୟତଃ ମେଘୁଆ ଥିବାବେଳେ ବିକ୍ଷିପ୍ତ ବର୍ଷା ରେକର୍ଡ ହୋଇଛି। ସତର୍କ ସୂଚନା ଥିବା ଜିଲାଗୁଡ଼ିକରେ ପବନର ବେଗ ୩୦-୪୦ କି.ମି. ରହିଛି। ସମୁଦ୍ର ମଧ୍ୟରେ ପବନର ବେଗ ୪୦-୫୫ କି.ମି. ପର୍ଯ୍ୟନ୍ତ ରହୁଥିବା ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ପ୍ରକାଶ ପାଇଛି। ଆଞ୍ଚଳିକ ପାଣିପାଗ କେନ୍ଦ୍ର ବିଶେଷଜ୍ଞ ଉମାଶଙ୍କର ଦାସ କହିଛନ୍ତି, ମଙ୍ଗଳବାର ରାତିରେ କିଛି ସ୍ଥାନରେ ପ୍ରବଳ ବର୍ଷା ହେବ, ସକାଳ ପର୍ଯ୍ୟନ୍ତ ବର୍ଷାର ମାତ୍ରା ଅଧିକା ରହିବ। ଏହି ସାମୁଦ୍ରିକ ବାତ୍ୟା ଦକ୍ଷିଣ ଆନ୍ଧ୍ରପ୍ରଦେଶ ଉପକୂଳରେ ପ୍ରାୟ ଉତ୍ତର ଦିଗରେ ସମାନ୍ତରାଳ ଓ ଦକ୍ଷିଣ ଆନ୍ଧ୍ର ପ୍ରଦେଶ ଉପକୂଳ ନିକଟରେ ଗତି କରିବା ସହ ବୁଧବାର ସନ୍ଧ୍ୟା ସୁଦ୍ଧା ଦୁର୍ବଳ ହୋଇ ଅବପାତ ରୂପ ନେବା ସମ୍ଭାବନା ରହିଛି। ସେପଟେ ବର୍ଷା ସମ୍ଭାବନାକୁ ନେଇ ଅମଳ ହେବାକୁ ଥିବା ଫସଲ ସମ୍ପର୍କରେ ଚାଷୀଙ୍କୁ ସତର୍କ କରାଯାଇଛି। ଉପକୂଳ ଜିଲାରେ ସମୁଦ୍ର ଭିତରକୁ ଯିବାକୁ ମତ୍ସ୍ୟଜୀବୀଙ୍କୁ ବାରଣ କରାଯାଇଛି। ତେବେ ବୁଧବାର ପାଗ ସୁଧୁରିବା ପରେ ମାଛ ମାରିବାକୁ ଗଭୀର ସମୁଦ୍ରକୁ ଯାଇ ହେବ ବୋଲି ଦାସ ସୂଚନା ଦେଇଛନ୍ତି। ବାତ୍ୟା ପ୍ରଭାବରେ ବୁଧବାର ରାଜ୍ୟର ୮ ଜିଲାରେ ବର୍ଷା ହେବାର ସମ୍ଭାବନା ରହିଛି। ୭ତାରିଖରୁ ପାଗରେ ପରିବର୍ତ୍ତନ ହେବ। ବୁଧବାର ଗଞ୍ଜାମ, ଗଜପତି, ନବରଙ୍ଗପୁର, କଳାହାଣ୍ଡି, କନ୍ଧମାଳ, କୋରାପୁଟ, ମାଲକାନଗିରି ଓ ରାୟଗଡ଼ା ଜିଲାର କିଛି ଅଞ୍ଚଳକୁ ବର୍ଷା ନେଇ ଅରେଞ୍ଜ ୱାର୍ନିଂ ଜାରି କରାଯାଇଛି। ସେହିପରି ଗଜପତି, ଗଞ୍ଜାମ, ନବରଙ୍ଗପୁର, କଳାହାଣ୍ଡି ଓ କନ୍ଧମାଳ ଜିଲାରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଥିବାରୁ ଉକ୍ତ ଅଞ୍ଚଳରେ ୟେଲୋ ୱାର୍ନିଂ ଜାରି କରାଯାଇଛି।

### ଆନ୍ଧ୍ରରେ ସ୍ଥଳଭାଗ ...

ବହୁ ସଂଖ୍ୟାରେ ଗଛ ଓ ବିଦ୍ୟୁତ୍ ଖୁଣ୍ଟ ଉପୁଡ଼ି ପଡ଼ିଛି। ବଡ଼ ବଡ଼ ଆପାର୍ଟମେଣ୍ଟର ତଳ ମହଲା ବୁଡ଼ିଯାଇଥିବାବେଳେ ସରକାରୀ ହସ୍ପିଟାଲରେ ବନ୍ୟାଜଳ ପ୍ରବେଶ କରିବାରୁ ସ୍ୱାସ୍ଥ୍ୟସେବା ସାମୟିକ ବନ୍ଦ ହୋଇଯାଇଛି। ବିମାନବନ୍ଦର ଓ ମେଟ୍ରୋ ଷ୍ଟେଶନଗୁଡ଼ିକରେ ପାଣି ଜମି ରହିଥିବାରୁ ବହୁସଂଖ୍ୟାରେ ବିମାନ ଓ ଟ୍ରେନ୍‌କୁ ସୋମବାରଠାରୁ ମଙ୍ଗଳବାର ପୂର୍ବାହ୍ନ ପର୍ଯ୍ୟନ୍ତ ବାତିଲ କରାଯାଇଥିଲା। ଲଗାଣ ବର୍ଷା ଯୋଗୁ ବିଦ୍ୟୁତ ଓ ଇଣ୍ଟରନେଟ୍ ସେବା ବନ୍ଦ ହୋଇଯାଇଥିଲା। ଯୁଦ୍ଧକାଳୀନ ଭିତ୍ତିରେ ସମସ୍ତ ଆବଶ୍ୟକ ପଦକ୍ଷେପ ନେବା ଲାଗି ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମ୍. କେ. ଷ୍ଟାଲିନ୍ ନିର୍ଦ୍ଦେଶ ଦେଇଥିଲେ। କ୍ଷତିଗ୍ରସ୍ତ ଅଞ୍ଚଳରେ ତୁରନ୍ତ ରିଲିଫ୍ ସହାୟତା ପହଞ୍ଚାଇବାକୁ ସେ କହିଛନ୍ତି। ତଳିଆ ଅଞ୍ଚଳରେ ଥିବା ଲୋକମାନଙ୍କୁ ଉଦ୍ଧାର କରିବା ଲାଗି ୩୫୦ଟି ବୋଟ୍‌କୁ ନିୟୋଜିତ କରାଯାଇଛି। ରାଜ୍ୟର ୮ଟି ଅଞ୍ଚଳରେ ୨୩୬ଟି ରିଲିଫ୍ କ୍ୟାମ୍ପ ଖୋଲାଯାଇ ଖାଦ୍ୟ, ପାନୀୟ ଜଳ ଓ ଅନ୍ୟାନ୍ୟ ଆବଶ୍ୟକ ସାମଗ୍ରୀ ବର୍ଷା ବିପନ୍ନଙ୍କୁ ଯୋଗାଇ ଦିଆଯାଉଛି।

ଆନ୍ଧ୍ରପ୍ରଦେଶରେ ବାତ୍ୟାଜନିତ ପ୍ରବଳ ବର୍ଷାରେ ଅନେକ ଅଞ୍ଚଳ ଜଳାର୍ଣ୍ଣବ ହୋଇଯାଇଛି। ହଜାର ହଜାର ଏକର ଜମିରେ ହୋଇଥିବା ଫସଲ ପାଣିରେ ବୁଡ଼ି ରହିଛି। ଦକ୍ଷିଣ ଆନ୍ଧ୍ରର ଅନେକ ଜିଲା କ୍ଷତିଗ୍ରସ୍ତ ହୋଇଛି। ଉଦ୍ଧାର ଓ ରିଲିଫ୍ କାର୍ଯ୍ୟ ଲାଗି ଏନ୍‌ଡିଆର୍‌ଏଫ୍‌ର ୨୯ ଟିମ୍ ମୁତୟନ ହୋଇଛନ୍ତି। ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ୱାଇ.ଏସ୍. ଜଗନମୋହନ ରେଡ୍ଡୀ ମଙ୍ଗଳବାର ଏକ ସମୀକ୍ଷା ବୈଠକରେ ବାତ୍ୟା କ୍ଷୟକ୍ଷତି ଅନୁଧ୍ୟାନ କରିଛନ୍ତି। ବିଭିନ୍ନ ଜିଲାରେ ରିଲିଫ୍ ଓ ଉଦ୍ଧାର କାର୍ଯ୍ୟ ସମ୍ପର୍କରେ ସେ ଅଧିକାରୀମାନଙ୍କଠାରୁ ଅବଗତ ହୋଇଥିଲେ। ବାତ୍ୟା ପ୍ରଭାବିତ ଅଞ୍ଚଳରେ ତୁରନ୍ତ ବିଦ୍ୟୁତ୍ ସରବରାହ ପାଇଁ ପଦକ୍ଷେପ ନେବା ସହ ବିପନ୍ନମାନଙ୍କୁ କ୍ଷତିପୂରଣ ଯୋଗାଇ ଦେବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ତୁରନ୍ତ ସହାୟତା ପାଇଁ ସେ ୨୨ କୋଟି ଟଙ୍କା ମଞ୍ଜୁର କରିଛନ୍ତି। ସରକାରଙ୍କ ପକ୍ଷରୁ ବିଭିନ୍ନ ଜିଲା ପାଇଁ ହେଲ୍ପଲାଇନ୍ ନମ୍ବର ଜାରି ହୋଇଛି। ଅଣକାପଲ୍ଲୀ ଜିଲାରେ ୬୦ ହଜାର ଲୋକଙ୍କୁ ଆଶ୍ରୟ ଦେବା ପାଇଁ ୫୨ଟି ଥଇଥାନ କେନ୍ଦ୍ର ଖୋଲାଯାଇଛି। ବର୍ଷାପାଣିରେ ୪ ଲକ୍ଷ ଟନ୍ ଶସ୍ୟ ଭିଜିଥିବାବେଳେ ସେଗୁଡ଼ିକର ସଂରକ୍ଷଣ ପାଇଁ ସରକାର ପଦକ୍ଷେପ ନେଉଛନ୍ତି। ବାତ୍ୟା ଯୋଗୁ ବିଭିନ୍ନ ଜିଲାରେ ସ୍କୁଲ୍‌ଗୁଡ଼ିକୁ ମଙ୍ଗଳବାର ଛୁଟି କରିଦିଆଯାଇଥିଲା।

### ରାଜ୍ୟରେ ଝିଅ ...

କରାଇବା ସହ ଲିଙ୍ଗ ଚୟନକୁ ରୋକିବା ଏବଂ ଡାଇଗ୍ନୋଷ୍ଟିକ କୌଶଳର ବ୍ୟବହାରକୁ ନିୟନ୍ତ୍ରଣ କରିବାକୁ ପରାମର୍ଶ ଦିଆଯାଇଛି। ଏହି କର୍ମଶାଳାରେ ରାଜ୍ୟ ପରିବାର କଲ୍ୟାଣ ନିର୍ଦ୍ଦେଶକ ଡା. ବିଜୟ କୁମାର ପାଣିଗ୍ରାହୀ, ୟୁଏନ୍‌ଏଫ୍‌ପିଏ ଓଡ଼ିଶା ମୁଖ୍ୟ ମହମ୍ମଦ ନଦ୍ଦିମ ନୁର ପ୍ରମୁଖ ଉପସ୍ଥିତ ଥିଲେ। ଆଲୋଚନାଚକ୍ରରେ ୩୦ଜିଲାର ଅତିରିକ୍ତ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ତଥା ଜିଲା ନୋଡାଲ ଅଧିକାରୀ, ପିସି ଏବଂ ପିଏନ୍‌ଡିଟି, ରାଜ୍ୟସ୍ତରୀୟ ସ୍ୱାସ୍ଥ୍ୟ ବିଭାଗ ଅଧିକାରୀ, ଆଇନ ଓ ସ୍ୱାସ୍ଥ୍ୟ ବିଶେଷଜ୍ଞ, ସାମାଜିକ ବିଜ୍ଞାନୀ, ନାଗରିକ ସମାଜର ସଦସ୍ୟ ଆଦି ୧୦୦ରୁ ଊର୍ଦ୍ଧ୍ୱ କର୍ମୀ ଯୋଗଦେଇଥିଲେ।

### ନିଲଡୁଙ୍ଗୁରୀ, ଚୌଦ୍ୱାରରେ ...

ଉକ୍ତ ଶିଳ୍ପ ଏକ ସମନ୍ୱିତ ପରିଯୋଜନା ହୋଇଥିବାରୁ ଏଠାରେ ସୂତା ତିଆରିଠାରୁ ଆରମ୍ଭକରି କପଡ଼ା ପ୍ରସ୍ତୁତ ପର୍ଯ୍ୟନ୍ତ ସମସ୍ତ କାର୍ଯ୍ୟ ସମ୍ପନ୍ନ ହେବ। ସ୍ଥାନୀୟ କୁଶଳୀ ଲୋକଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ଏହାବ୍ୟତୀତ ୱେଲ୍‌ସ୍ପନ କମ୍ପାନୀ ଗ୍ରୁପ୍ ବୟନଶିଳ୍ପ ପରିଯୋଜନା ପରିସୀମାରେ ଏକ ଅତ୍ୟାଧୁନିକ ଗୋଦାମ ଘର ପ୍ରତିଷ୍ଠା କରିବ। ଏହା ଦ୍ୱାରା କ୍ୟାପ୍‌ଟିଭ ଓ ବାଣିଜ୍ୟିକ ସେବା ପ୍ରଦାନ କରିବା ସହ ବ୍ୟାପକ ନିଯୁକ୍ତିର ସୁଯୋଗ ମଧ୍ୟ ସୃଷ୍ଟି କରିବ। ବୟନ ଶିଳ୍ପରେ କଞ୍ଚାମାଲ ହିସାବରେ ମୁଖ୍ୟତଃ କପାକୁ ବ୍ୟବହାର କରାଯାଏ। କଳାହାଣ୍ଡି, ବଲାଙ୍ଗୀର ଓ କୋରାପୁଟ ଆଦି ଜିଲାଗୁଡ଼ିକର କୃଷକମାନଙ୍କ ଦ୍ୱାରା ଉତ୍ପାଦିତ କପାକୁ ଉଚିତ ମୂଲ୍ୟରେ କିଣାଯିବ। ଏଥିସହିତ ସେମାନଙ୍କୁ କପାଚାଷ ପାଇଁ ଉତ୍ସାହିତ କରିବା ସହିତ ସେମାନଙ୍କ ଆର୍ଥିକ ମାନଦଣ୍ଡ ବୃଦ୍ଧିରେ ଉକ୍ତ ଶିଳ୍ପ ଯଥେଷ୍ଟ ସହାୟକ ହେବ।
ସେହିପରି ୱେଲ୍‌ସ୍ପନ କମ୍ପାନୀ ସମ୍ବଲପୁର ଜିଲାର ନିଲଡୁଙ୍ଗୁରୀଠାରେ ଏକ ପ୍ଲାଷ୍ଟିକ ପ୍ରସ୍ତୁତକାରୀ ଓ ଡିଆଇ ପାଇପ୍ କାରଖାନା ପ୍ରତିଷ୍ଠା କରିବ। ଏଥିପାଇଁ ୩୬୦୦ କୋଟି ଟଙ୍କାର ପୁଞ୍ଜି ବିନିଯୋଗ କରିବା ସହ ବହୁ ସଂଖ୍ୟାରେ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ଏହା ମଧ୍ୟ ବିଜୁ ଅର୍ଥନୈତିକ କରିଡର ଅନ୍ତର୍ଗତ ଏକ ପରିଯୋଜନା ଏବଂ ଏହା ଦ୍ୱାରା ଅନ୍ୟ ଆନୁଷଙ୍ଗିକ ଛୋଟ ଛୋଟ ଶିଳ୍ପ ଗଢ଼ିଉଠିବ। ଅଧିକ ସ୍ଥାନୀୟ ନିଯୁକ୍ତିର ସୁଯୋଗ ଆଣିବ। ଏହି ସମନ୍ୱିତ ଯୋଜନା ନିଶ୍ଚିତ ଭାବେ ଓଡ଼ିଶାର ଶିଳ୍ପ ଅଭିବୃଦ୍ଧି ସହ ଅର୍ଥନୈତିକ ବିକାଶ ଦିଗରେ ଏକ ନୂତନ ଅଧ୍ୟାୟ ସୃଷ୍ଟି କରିବାରେ ସହାୟକ ହେବ।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** – ଆଜି ନିଜର ଉଦାରତା ଗୁଣରୁ ସାହାଯ୍ୟ ମାଗୁଥିବା ଲୋକଟିକୁ ସାହାଯ୍ୟ କରି ଆତ୍ମସନ୍ତୋଷ ଲାଭ କରିବେ। କଳା, ସାହିତ୍ୟ, ସାମ୍ବାଦିକତା, ସଂଗଠନ ଓ ରାଜନୀତିରେ ସୁପ୍ରତିଷ୍ଠିତ ହେବେ। ସନ୍ତାନଙ୍କ ବୈବାହିକ କର୍ମ ପରିପ୍ରେକ୍ଷୀରେ ନୂତନ ବନ୍ଧୁ ପ୍ରସ୍ତାବ ସ୍ଥିରୀକୃତ ହେବ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବାର ସୂଚନା ରହିଛି।

**ବୃଷ** – କର୍ମକ୍ଷେତ୍ରରେ ଆନୁଷଙ୍ଗିକ ସହଯୋଗ ଲାଭକରି ଚେଷ୍ଟା କରୁଥିବା କାମଟିକୁ ପୂର୍ଣ୍ଣାଙ୍ଗ କରିବେ। ସମ୍ପର୍କୀୟଙ୍କ ଚକ୍ରାନ୍ତରୁ କେତେକ ଅପୂରଣୀୟ ଆଶା ଦୁଃଖ ଦେଇପାରେ। ଆମଦାନୀ ବାଣିଜ୍ୟରେ ଉନ୍ନତି କରିବେ କିନ୍ତୁ ପରିବହନ ସମସ୍ୟା ବହୁଳ ହୋଇପାରେ। ପାରିବାରିକ କ୍ଷେତ୍ରରେ ଅନ୍ତର୍ଦ୍ୱନ୍ଦ୍ୱ ସହ ଭ୍ରାତୃ ସମ୍ପର୍କରେ ଅବନତି ଘଟିବ।

**ମିଥୁନ** – ନୂତନ ଭାବରେ ଆରମ୍ଭ କରିଥିବା କାର୍ଯ୍ୟ ହାସଲ ପାଇଁ ଚେଷ୍ଟିତ ହେବେ। କଚେରୀ ମାମଲାର ଶୁଣାଣି ବିଳମ୍ବରେ ଘଟିବାରୁ ଦୁଶ୍ଚିନ୍ତା ବୃଦ୍ଧି ପାଇପାରେ। ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟ ଲାଭ କରିପାରନ୍ତି, ଯାହାକି ପରିସ୍ଥିତିକୁ ସାବଲୀଳ କରିବାରେ ସହାୟକ ହେବ। ବ୍ୟବସାୟୀମାନଙ୍କ ପାଇଁ ଦିନଟି ଭଲରେ କଟିବ ନାହିଁ।

**କର୍କଟ** – ନିଜର ବ୍ୟବହାରରେ ପରିବର୍ତ୍ତନ ଆଣିବା ସହ ସତର୍କତା ଅବଲମ୍ବନ କରିବା ଭଲ ହେବ। ଭୁଲ୍ ଖବର ପାଇ ସାମୟିକ ଭାବରେ ବିବ୍ରତ ହୋଇପାରନ୍ତି। ଦୂରଯାତ୍ରାରେ କାର୍ଯ୍ୟସିଦ୍ଧି ଘଟିବ, ମାତ୍ର ହୁଏତ ସୁଯୋଗ ପାଇବା ସହଜ ହୋଇ ନ ପାରେ। ପାରିବାରିକ ଜୀବନରେ ଅସହିଷ୍ଣୁତା ଅଶାନ୍ତିର କାରଣ ହେବ।

**ସିଂହ** – ନିକଟରେ ଆଲୋଚନା କରିଥିବା ନୂଆ ଯୋଜନାଟି ଉପରେ ଗୁରୁତ୍ୱ ଦେବେ। ପରିବାରରେ ଭୁଲ୍ ବୁଝାମଣାରୁ ଘରେ ଅଶାନ୍ତିକର ପରିବେଶ ସୃଷ୍ଟି ହେବ। ଦେହ ଭଲ ରହିବ ମାତ୍ର ଶ୍ରମଜନିତ କ୍ଳାନ୍ତିବୋଧ କରିବେ। ଗଠନମୂଳକ ପ୍ରସ୍ତାବ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ।

**କନ୍ୟା** – ବନ୍ଧୁଙ୍କ ଛଳନାତ୍ମକ କଥାକୁ ଠିକ୍ ଭାବେ ବୁଝି ପାରିବେନି କିନ୍ତୁ ପଚାରି ମଧ୍ୟ ବୁଝିପାରିବେ ନାହିଁ। ସାହିତ୍ୟ,ଚିତ୍ରକଳା, ଲେଖାପଢ଼ା ତଥା ପ୍ରକାଶନ କ୍ଷେତ୍ରରେ ଶୁଭଫଳ ପାଇବେ। ଗୃହ, ଭୂମି, ଗାଡ଼ିମୋଟର ସମ୍ପର୍କିତ ଦୁଶ୍ଚିନ୍ତା ଆସିବ। ଜଣେ ବନ୍ଧୁଙ୍କ ଉପସ୍ଥିତିକୁ କେନ୍ଦ୍ରକରି ପରିବାରରେ ଝଗଡ଼ା ଲାଗିପାରେ।

**ତୁଳା** – ବିଭ୍ରାନ୍ତିକର ଖବର ପାଇ ସାମୟିକ ଭାବରେ ବିବ୍ରତ ହୋଇପାରନ୍ତି। ଅବଶ୍ୟ ବନ୍ଧୁଙ୍କ ପରାମର୍ଶରେ ସାନ୍ତ୍ୱନା ମିଳିବ ବିଶେଷ କିଛି ଅସୁବିଧା ରହିବ ନାହିଁ। ଦୈହିକ ଦୁର୍ବଳତା କର୍ମକ୍ଷେତ୍ରକୁ ମନ୍ଥର କରିପାରେ। ମନକୁ ନ ପାଇବା ହେତୁ କିଣି ଆଣିଥିବା ଜିନିଷ ବଦଳାଇବା ପାଇଁ କଷ୍ଟକର ହେବାର ସୂଚନା ରହିଛି।

**ବିଛା** – ନୂଆ ଯୋଜନାଗୁଡ଼ିକ ମଧ୍ୟ ଠିକ୍ ଭାବେ କାର୍ଯ୍ୟକାରୀ ନ ହୋଇପାରେ। ହାତେ ମାପି ଚାଖଣ୍ଡେ ଚାଲିଲେ ଚେଷ୍ଟା ସଫଳ ହେବାର ସମ୍ଭାବନା ମିଳିପାରେ। ଅର୍ଥ ସମ୍ପର୍କୀୟ କାମରେ ଜଣେ ପୁରାତନ ବନ୍ଧୁ ସାହାଯ୍ୟ କରିବେ। କର୍ମକ୍ଷେତ୍ରର ଘଟଣାଗୁଡ଼ାକ ଅସାଧାରଣ ମନେ ହେବ।

**ଧନୁ** – ଆଶାନୁରୂପକ ସଫଳତା ହାସଲରେ ଜଣେ ବିଜାତୀୟ ବନ୍ଧୁ ସାହାଯ୍ୟ କରିବେ। ପରିବାରରେ କୌଣସି ଅଭାବ ନ ଥାଇ ମଧ୍ୟ ମନଟା ଭଲ ଲାଗିବ ନାହିଁ। କେତେକ କ୍ଷେତ୍ରରେ ସୁଯୋଗ ପାଇଲେ ମଧ୍ୟ ସଦ୍‌ବ୍ୟବହାର କରିବା କାଠିକର ପାଠ ହେବ। ସ୍ୱାସ୍ଥ୍ୟ ପ୍ରତି ସାବଧାନତା ଅବଲମ୍ବନ କରନ୍ତୁ ଅନ୍ୟଥା ପଶ୍ଚାତ୍ତେ ଅନୁତାପ କରିବାକୁ ପଡ଼ିପାରେ।

**ମକର** – କର୍ମକ୍ଷେତ୍ରରେ ଅନ୍ୟମାନଙ୍କ ମତକୁ ସମ୍ମାନ ଦେଲେ ପ୍ରଶଂସିତ ହେବେ। ଆଜିର ଯାତ୍ରାର ଲକ୍ଷ୍ୟ ପୂରଣ ହେବ ମାତ୍ର ଖର୍ଚ୍ଚ ପରିମାଣ ବୃଦ୍ଧିରୁ ଅଶାନ୍ତ ରହିପାରନ୍ତି। ଈର୍ଷା ଓ ଅସୂୟା ମନୋଭାବ ପୋଷଣ କରି ଆତ୍ମୀୟସ୍ୱଜନ ଦୂରେଇ ଯାଇପାରନ୍ତି। ବିବାଦର ଆଶଙ୍କା କରୁଥିବା ଘଟଣାରେ ସେମିତି କିଛି ହେବ ନାହିଁ।

**କୁମ୍ଭ** – ଗତକାଲିର ଘଟଣା ମନକୁ ବିବ୍ରତ କରିପାରେ ଅବଶ୍ୟ ମଧ୍ୟାହ୍ନ ପରେ ମନ ଶାନ୍ତ ରହିବ। କୌଣସି କ୍ଷେତ୍ରରେ ପ୍ରତିକ୍ରିୟାଶୀଳ ମନୋବୃତ୍ତି ପୋଷଣ କଲେ ଅସୁବିଧାରେ ପଡ଼ିବେ। ଯେତେ ଭଲ କାମ କଲେ ମଧ୍ୟ ଅନ୍ୟମାନେ ଦୋଷ ଖୋଜି ବୁଲିବେ ଏଣୁ ସାବଧାନତା ନିତାନ୍ତ ଦରକାର। ଯାତ୍ରା, ପ୍ରଶାସନ, ଆଇନ, କଳା, ସାହିତ୍ୟ କ୍ଷେତ୍ର ମନ୍ଦ ହେବନି।

**ମୀନ** – ଆଶା କରୁଥିବା ବନ୍ଧୁଙ୍କଠାରୁ ସାହାଯ୍ୟ ଓ ସହଯୋଗ ପାଇ ସ୍ଥଗିତ କାମକୁ ତ୍ୱରାନ୍ୱିତ କରିବେ। ଆଜିର ଯାତ୍ରା ସମୟରେ ଅଜଣା ଅଶୁଣା ବ୍ୟକ୍ତିଙ୍କଠାରୁ ଦୂରେଇ ରହିବା ଭଲ। ଘରେ ଅତୀତ ଘଟଣାକୁ କେନ୍ଦ୍ରକରି ବିବାଦୀୟ ପରିସ୍ଥିତି ସୃଷ୍ଟି ହେବ। ଆର୍ଥିକ ଅଭାବ ଓ ଅନଟନ କେତେକ କାମକୁ ସ୍ଥଗିତ ରଖିଦେଇପାରେ।

ଆଜି ମାର୍ଗଶିର କୃଷ୍ଣପକ୍ଷର କାଞ୍ଜିଅଁଳା ନବମୀ ବୁଧବାର, ଡିସେମ୍ବର ୬ ତାରିଖ, ଜୟୀ ରାଜଗୁରୁଙ୍କ ଶହୀଦ୍ ଦିବସ, ପଦ୍ମଭୂଷଣ ଡକ୍ଟର ରାଧାନାଥ ରଥଙ୍କ ଜୟନ୍ତୀ, ରାଶି-ନକ୍ଷତ୍ର-ଉତ୍ତରା ଫାଲଗୁନୀ/ସିଂହ, ଦିବା ଘ.୧୦.୨୧ମି. ଗତେ କନ୍ୟା ଚନ୍ଦ୍ର, ନବମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ସକାଳ ଘ.୦୬.୧୧ମି. ଗତେ ଘ.୦୮.୨୧ମି. ମଧ୍ୟେ, ଘ.୧୦.୩୨ମି. ଗତେ ଘ.୧୧.୩୭ମି. ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୧୧.୩୭ମି. ଗତେ ଘ.୧୨.୫୮ମି. ମଧ୍ୟେ ରାହୁକାଳ।



ଧରିତ୍ରୀ ମୁଖ୍ୟାଳୟରେ ମଙ୍ଗଳବାର ଏନର୍ଜି ଏଫିସିଏନ୍ସି ସର୍ଭିସ୍ ଲିମିଟେଡ୍(ଇଇଏସ୍ଏଲ୍)ର (ବାମରୁ) ଡିଏମ୍(ଟେକ୍ନିକାଲ) ରୋଷନ ଏକ୍କା, ଏଜିଏମ୍ (ଟେକ୍ନିକାଲ) ବେଦପ୍ରକାଶ ଡିଣ୍ଡୋର, ଧରିତ୍ରୀ ଓ ଓଡ଼ିଶା ପୋଷ୍ଟ ମୁଖ୍ୟ କାର୍ଯ୍ୟନିର୍ବାହୀ ଆଦ୍ୟାଶା ସତପଥୀ, ସମ୍ପାଦକ ତଥାଗତ ସତପଥୀ, ଡିଜିଏମ୍ ଏନ୍ଇସିପି ନୀତିନ ଭଟ୍ଟ, ଡିଏମ୍ (ଟେକ୍ନିକାଲ) ଏନ୍ଇସିପି ଅତୁଲ କୁମାର ଯାଦବ ଏବଂ ଧରିତ୍ରୀ ଡାଇରେକ୍ଟର ମାର୍କେଟିଂ ବରଦା ମହାନ୍ତି।

# ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ମାମଲାରେ ଓଡ଼ିଶା ପ୍ରଥମ

**ଏନ୍ସିଆର୍ବି ରିପୋର୍ଟ-୨୦୨୨**

ଭୁବନେଶ୍ୱର,୫।୧୨ (ସତ୍ୟଜିତ୍ ରାଉତ)

ରାଜ୍ୟରେ ବହୁ ସରକାରୀ କର୍ମଚାରୀ ଦୁର୍ନୀତିରେ ଲିପ୍ତ ରହି ବିପୁଳ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ କରୁଛନ୍ତି। ଭିଜିଲାନ୍ସ ପକ୍ଷରୁ ବହୁ ସମୟରେ ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି। ତେବେ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ମାମଲାରେ ଓଡ଼ିଶା ପ୍ରଥମ ସ୍ଥାନରେ ରହିଥିବା ସଦ୍ୟ ପ୍ରକାଶିତ ଜାତୀୟ ଅପରାଧ ରେକର୍ଡ ବ୍ୟୁରୋ (ଏନ୍ସିଆର୍ବି) ରିପୋର୍ଟ-୨୦୨୨ରୁ ସ୍ପଷ୍ଟ ହୋଇଛି। ଦେଶବ୍ୟାପୀ ୨୦୨୨ରେ ମୋଟ ୩୭୨ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ମାମଲା ରୁଜୁ ହୋଇଥିବାବେଳେ ଓଡ଼ିଶାର ସର୍ବାଧିକ ୮୫ଟି ମାମଲା ରହିଛି।

୫୬ ମାମଲା ସହ ଦ୍ୱିତୀୟରେ କର୍ନାଟକ ଥିବାବେଳେ ତୃତୀୟରେ ବିହାର (୪୮) ରହିଛି। ସେହିପରି ସରକାରୀ ଟଙ୍କା ଆତ୍ମସାତ କରିବା ନେଇ ଓଡ଼ିଶାରେ ୮୪ ମାମଲା ରୁଜୁ ହୋଇଛି। ସରକାରୀ ଟଙ୍କା ଆତ୍ମସାତ୍ ତାଲିକାରେ ଓଡ଼ିଶା ତୃତୀୟରେ ରହିଥିବା ବେଳେ ୧୩୫ ମାମଲା ସହ ପଞ୍ଜାବ ପ୍ରଥମ ଓ ୯୦ ମାମଲା ସହ ତାମିଲନାଡୁ ଦ୍ୱିତୀୟରେ ରହିଛି। ତେବେ ଭିଜିଲାନ୍ସ ମାମଲାରେ ମଧ୍ୟ ଓଡ଼ିଶାରେ ଚାର୍ଜଶିଟ୍ ଦାଖଲ ହାର ଆଶାତୀତ ଭଲ ରହିଛି। ୨୦୨୨ରେ ଭିଜିଲାନ୍ସ ମାମଲାରେ ଚାର୍ଜଶିଟ୍ ଦାଖଲରେ ମହାରାଷ୍ଟ୍ର (୪୯୭) ପ୍ରଥମରେ ରହିଥିବାବେଳେ ରାଜସ୍ଥାନ (୪୮୪) ଦ୍ୱିତୀୟ ଏବଂ ଓଡ଼ିଶା (୩୨୧) ତୃତୀୟରେ ରହିଛି। ତେବେ ଓଡ଼ିଶାରେ ଚାର୍ଜଶିଟ ହୋଇଥିବା ୩୨୧ ମାମଲାରେ ୫୫୧ ଅଭିଯୁକ୍ତ ରହିଛନ୍ତି। ସେହିପରି ଓଡ଼ିଶାରେ ୯୦ ଭିଜିଲାନ୍ସ ମାମଲାରେ ଦଣ୍ଡାଦେଶ ହୋଇଥିବାବେଳେ ଏଥିରେ ୧୨୪ଜଣ ଅଭିଯୁକ୍ତ ଦୋଷୀ ସାବ୍ୟସ୍ତ ହୋଇଛନ୍ତି। ଅନ୍ୟପକ୍ଷରେ ଦୁର୍ନୀତିରେ ଲିପ୍ତ ରହୁଥିବା ସରକାରୀ କର୍ମଚାରୀ ଓ ଅଧିକାରୀଙ୍କ ବିରୋଧରେ ସରକାରଙ୍କ ମଧ୍ୟରୁ ମଧ୍ୟ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି। ୨୦୨୨ରେ ଓଡ଼ିଶା ସରକାର ୩୦ ଜଣ ସରକାରୀ କର୍ମଚାରୀଙ୍କୁ ଚାକିରିରୁ ବହିଷ୍କୃତ କରିଛନ୍ତି। ଏହି ତାଲିକାରେ ଓଡ଼ିଶା ତୃତୀୟରେ ରହିଥିବା ବେଳେ ପ୍ରଥମରେ ତାମିଲନାଡୁ (୫୮) ଓ ଦ୍ୱିତୀୟରେ ରାଜସ୍ଥାନ (୩୧) ରହିଛି। ତେବେ ଦୁର୍ନୀତିଗ୍ରସ୍ତ ସରକାରୀ କର୍ମଚାରୀଙ୍କ ବିରୋଧରେ ଏଭଳି କାର୍ଯ୍ୟାନୁଷ୍ଠାନ ଜାରି ରହିବ ବୋଲି ରାଜ୍ୟ ଭିଜିଲାନ୍ସ ପକ୍ଷରୁ ସୂଚନା ଦିଆଯାଇଛି।






# ମକା ଉତ୍ପାଦନରେ ୫୧ ପ୍ରତିଶତ ବୃଦ୍ଧି

ଭୁବନେଶ୍ୱର,୫।୧୨(ଅନିଲ ଦାସ)

**ମୁଖ୍ୟମନ୍ତ୍ରୀ ମକା ମିଶନ**

- ୫-ଟି ଅଧ୍ୟକ୍ଷଙ୍କ ସମୀକ୍ଷା
- ନଭେମ୍ବର ଶେଷ ସୁଦ୍ଧା ଏଫ୍ପିଓ ଜରିଆରେ ୪୫ ହଜାର କୁଇଣ୍ଟାଲ ମକା ସଂଗ୍ରହ
- ପାନବରଜ, କିଆଫୁଲ, ଲେମନଗ୍ରାସ୍ ସହାୟତା ଜାନୁୟାରୀ ୨୬ ପୂର୍ବରୁ କାର୍ଯ୍ୟକାରୀ ହେବ

'ମୁଖ୍ୟମନ୍ତ୍ରୀ ମକା ମିଶନ' କାର୍ଯ୍ୟକ୍ରମ ପାଇଁ ଆରମ୍ଭ ହୋଇଥିବା କ୍ଷେତ୍ର ପ୍ରଦର୍ଶନରେ ଉତ୍ସାହଜନକ ଅଗ୍ରଗତି ପରିଲକ୍ଷିତ ହୋଇଛି। ଫସଲ ଉତ୍ପାଦନରେ ଶତକଡା ୫୧ ପ୍ରତିଶତ ବୃଦ୍ଧି ଘଟିଛି। ଏଥିସହିତ ମକା ସଂଗ୍ରହ ମୂଲ୍ୟରେ ମଧ୍ୟ ବୃଦ୍ଧି ଘଟିଛି। ନଭେମ୍ବର ଶେଷ ସୁଦ୍ଧା ୪୪,୭୩୦ କୁଇଣ୍ଟାଲ ମକା କୃଷକ ଉତ୍ପାଦକ ସଂଗଠନ (ଏଫ୍ପିଓ) ଦ୍ୱାରା ସଂଗ୍ରହ କରାଯାଇଛି। ୫-ଟି ତଥା ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କ ଦ୍ୱାରା ମଙ୍ଗଳବାର କରାଯାଇଥିବା ମୁଖ୍ୟମନ୍ତ୍ରୀ ମକା ମିଶନର ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକରୁ ଏହି ସୂଚନା ମିଳିଛି। ଏଥିସହିତ ଜନଅଭିଯୋଗ ଶୁଣାଣି ଭିତ୍ତିରେ ପାନ ଚାଷୀ, କିଆଫୁଲ ଚାଷୀ ଓ ଲେମନଗ୍ରାସ୍ ଚାଷୀମାନଙ୍କର ବିଭିନ୍ନ ସମସ୍ୟାର ସମାଧାନ ପାଇଁ ଗ୍ରହଣ କରାଯାଇଥିବା କାର୍ଯ୍ୟକ୍ରମର ଅଗ୍ରଗତି ସମ୍ପର୍କରେ ସେ ସମୀକ୍ଷା କରିଛନ୍ତି। ମକା ଚାଷୀ ଯେପରି ଉଚିତ ମୂଲ୍ୟ ପାଇପାରିବେ ସେଥିପାଇଁ ଅଧିକ ଏଫ୍ପିଓ ଗଠନ ସହିତ ସେମାନଙ୍କ ଜରିଆରେ ସଂଗ୍ରହ ଜାରିରଖିବା ପାଇଁ ବୈଠକରେ ନିଷ୍ପତ୍ତି ନିଆଯାଇଛି। ଏଥିସହିତ ଏଫ୍ପିଓର ଦକ୍ଷତା ବୃଦ୍ଧି ପାଇଁ ମଧ୍ୟ ପଦକ୍ଷେପ ନିଆଯିବ। ଓର୍ମାସ ମଧ୍ୟ ମକାର ପ୍ରାଥମିକ ପ୍ରକ୍ରିୟାକରଣ ଓ ମାର୍କେଟିଂରେ ସହଯୋଗ କରିବ।

ଚଳିତ ବର୍ଷ ଶେଷ ସୁଦ୍ଧା ୧୫ଟି ଏଫ୍ପିଓ ଗଠନ କରାଯିବ। ଏଥିରୁ ଏପର୍ଯ୍ୟନ୍ତ ୧୩ଟି ଗଠିତ ହୋଇଛି। କେବଳ ମହିଳାମାନଙ୍କୁ ନେଇ ୪ଟି ଏଫ୍ପିଓ ଗଠନ କରାଯାଇଛି। ମିଶନର ପ୍ରଥମ ବର୍ଷରେ ୨୦ ହଜାର ମେଟ୍ରିକ ଟନ୍ ମକା ସଂଗ୍ରହ ଓ ମାର୍କେଟିଂ ଲକ୍ଷ୍ୟ ରଖାଯାଇଛି। ରାଜ୍ୟରେ ମକା ମିଶନ ଜରିଆରେ ନବରଙ୍ଗପୁର, କୋରାପୁଟ, ଗଜପତି ଓ ନୂଆପଡ଼ା ଜିଲାରେ ମକା ମିଶନ କାର୍ଯ୍ୟକାରୀ କରାଯାଉଛି। ଏହି ମିଶନରେ ଚାଷୀମାନଙ୍କ ସହିତ ମିଶନ ଶକ୍ତିର ସଦସ୍ୟମାନେ ମଧ୍ୟ ଅଂଶଗ୍ରହଣ କରୁଛନ୍ତି।

ସେହିପରି ୫-ଟି ଅଧ୍ୟକ୍ଷଙ୍କ ଜିଲା ଗସ୍ତ ସମୟରେ ଅନୁଷ୍ଠିତ ଜନଅଭିଯୋଗ ଶୁଣାଣିରେ ମିଳିଥିବା ପାନ ଚାଷୀ, କିଆଫୁଲ ଚାଷୀ ଓ ଲେମନଗ୍ରାସ୍ ଚାଷୀମାନେ ସେମାନଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ୫-ଟି ଓ ନବୀନ ଓଡ଼ିଶା ଅଧ୍ୟକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ସେହି ଅନୁଯାୟୀ, ରାଜ୍ୟ ସରକାର ମୁଖ୍ୟମନ୍ତ୍ରୀଙ୍କ ଅନୁମୋଦନ କ୍ରମେ ପାନ ଚାଷୀ, କିଆଫୁଲ ଓ ଲେମନଗ୍ରାସ୍ ଚାଷୀଙ୍କ କଲ୍ୟାଣ ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ଘୋଷଣା କରିଥିଲେ। ପାନ ଚାଷୀଙ୍କ ପାଇଁ ବିନା ସୁଧରେ ୧ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ଯୋଗାଣ ଲାଗି ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ। ସେହିପରି ଆପିକଲ୍ ଜରିଆରେ କିଆଫୁଲ ପ୍ରୋସେସିଂ ୟୁନିଟ୍ କରିବା ପାଇଁ ମଧ୍ୟ ଘୋଷଣା କରାଯାଇଥିଲା। ଯାହାଦ୍ୱାରା ଉଭୟ ପାନ ଚାଷୀ ଓ କିଆଫୁଲ ଚାଷୀ ଉପକୃତ ହୋଇପାରିବେ। କୋରାପୁଟରେ ଲେମନଗ୍ରାସ୍ ଚାଷର ବିଶେଷ ଆଦର ରହିଥିବାରୁ ସେଠାରେ ଏହାକୁ ଅଧିକ ବ୍ୟାପକ କରିବା ପାଇଁ ଉଦ୍ୟାନ କୃଷି ମିଶନ ପ୍ଲାସ ଅଧୀନରେ ୮୪ ହଜାର ଟଙ୍କା ଏବଂ ଏନ୍ଏଚ୍ଏମ୍ରେ ୧୬ ହଜାର ଟଙ୍କା ଏହିପରି ୧ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଆର୍ଥିକ ସହାୟତା ଯୋଗାଇ ଦେବାକୁ ନିଷ୍ପତ୍ତି ହୋଇଛି।

ବୈଠକରେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଘୋଷଣା କରାଯାଇଥିବା ସହାୟତାଗୁଡ଼ିକୁ ୨୦୨୪ ଜାନୁୟାରୀ ୨୬ ପୂର୍ବରୁ ଆରମ୍ଭ କରିବା ପାଇଁ ନିଷ୍ପତ୍ତି ହୋଇଛି। ବୈଠକରେ ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା, ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟର ମୁଖ୍ୟ ପରାମର୍ଶଦାତା ସୁରେଶ ମହାପାତ୍ର, ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, କୃଷି ବିଭାଗର ପ୍ରମୁଖ ଶାସନ ସଚିବ ଅରବିନ୍ଦ ପାଢ଼ୀ ଓ ସମବାୟ ସଚିବଙ୍କ ସମେତ ନବରଙ୍ଗପୁର, ଗଞ୍ଜାମ, ପୁରୀ ଓ କୋରାପୁଟର ଜିଲାପାଳ ଉପସ୍ଥିତ ଥିଲେ।

# ଗୋପାଳପୁର ଇସ୍ପାତ ଶିଳ୍ପାଞ୍ଚଳ ପାର୍କ ପାଇଁ ନିର୍ମାଣ ହେବ ୟୁଟିଲିଟି କରିଡର

ଭୁବନେଶ୍ୱର,୫।୧୨ (ଅନିଲ ଦାସ)

- ଖର୍ଚ୍ଚ ହେବ ୧୨୯ କୋଟି
- ଅଢ଼େଇ ମାସରେ ନିର୍ମାଣ କାର୍ଯ୍ୟ ଶେଷ ହେବ
- ପ୍ରସ୍ତାବିତ ଟେଣ୍ଡରକୁ କ୍ୟାବିନେଟ ମୋହର

ଗଞ୍ଜାମ ଜିଲାର ଗୋପାଳପୁରଠାରେ ଟାଟା ଷ୍ଟିଲ୍ ଇଣ୍ଡଷ୍ଟ୍ରିଆଲ ପାର୍କ ଅଞ୍ଚଳରେ ଥିବା ଶିଳ୍ପ ଏବଂ ଆଗାମୀ ଦିନରେ ଆସିବାକୁ ଥିବା ଶିଳ୍ପଗୁଡ଼ିକ ପାଇଁ ସଂଯୋଗୀକରଣ ପଥ(ୟୁଟିଲିଟି କରିଡର) କରାଯିବ। ଏହାର ନିର୍ମାଣ କାର୍ଯ୍ୟ ନିମନ୍ତେ ୧୨୮.୮୮କୋଟି ଟଙ୍କାର ପ୍ରସ୍ତାବିତ ଟେଣ୍ଡରକୁ ମଙ୍ଗଳବାର ରାଜ୍ୟ କ୍ୟାବିନେଟ ଅନୁମୋଦନ କରିଛି । ଆସନ୍ତା ୧୮ ମାସ ମଧ୍ୟରେ ଉକ୍ତ ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ଶେଷ ହେବ। ପ୍ରକଳ୍ପରେ ନିୟୋଜିତ କମ୍ପାନୀ ୧୨୦ ମାସର ରକ୍ଷଣାବେକ୍ଷଣ ଦାୟିତ୍ୱ ବହନ କରିବ। ଏହି ପ୍ରକଳ୍ପ ଦ୍ୱାରା ଅଞ୍ଚଳର ସର୍ଭେ, ଆଭ୍ୟନ୍ତରୀଣ ଓ ବାହ୍ୟ ଉନ୍ନତୀକରଣ, ରାସ୍ତା ନିର୍ମାଣ, ପମ୍ପ ହାଉସ୍, ଅଗ୍ନିନିର୍ବାପକ ବ୍ୟବସ୍ଥା, ଫ୍ଲାଏଓଭର ରାସ୍ତା, ଆଲୋକୀକରଣ, ମୃତ୍ତିକା ସଂରକ୍ଷଣ, କମ୍ପାଉଣ୍ଡ ୱାଲ, କେବୁଲ ଟ୍ରେଞ୍ଚ ଇତ୍ୟାଦି ନିର୍ମାଣ କରାଯିବ।

# ବ୍ରିଜ୍ ତଳକୁ ଖସିଲା ବାଇକ୍, ୨ମୃତ

**ପାଟଣାଗଡ଼, ୫।୧୨ (ପ୍ରହଲ୍ଲାଦ ପାଢ଼ୀ):** ବଲାଙ୍ଗୀର ଜିଲା ପାଟଣାଗଡ-ପଦ୍ମପୁର ରାସ୍ତାର ପାଡେଲ ନିକଟ ଏକ ବ୍ରିଜ୍ ତଳକୁ ମଙ୍ଗଳବାର ଅପରାହ୍ନରେ ଏକ ବାଇକ୍ ଖସିପଡିବାରୁ ୨ଆରୋହୀଙ୍କର ମୃତ୍ୟୁ ଘଟିଛି। ମୃତକ ବରଗଡ ଜିଲା ବୁଡେନ ଥାନା ଅନ୍ତର୍ଗତ ତେନ୍ତୁଲିଖୁଣ୍ଟିର ରାଧୁ ବାଗ(୩୫) ଓ ନୀଳାଞ୍ଚଳ ବାଗ(୫୦)। ଅପରାହ୍ନରେ ଉଭୟେ ବାଇକରେ ପାଟଣାଗଡ ଆସୁଥିବା ବେଳେ ଭାରସାମ୍ୟ ହରାଇ ପାଡେଲ ନିକଟ ବ୍ରିଜ୍ ତଳକୁ ଖସିପଡିଥିଲେ। ଜଣଙ୍କର ଘଟଣାସ୍ଥଳରେ ମୃତ୍ୟୁ ଘଟିଥିବାବେଳେ ଅନ୍ୟଜଣଙ୍କୁ ଆମ୍ବୁଲାନ୍ସରେ ନେବାବାଟରେ ମୃତ୍ୟୁ ଘଟିଥିଲା। ପୋଲିସ ମୃତଦେହ ଜବତକରି ବ୍ୟବଚ୍ଛେଦ ପାଇଁ ପାଟଣାଗଡ ଡାକ୍ତରଖାନା ପଠାଇଛି।

# ତୁଷୁରା ଏୟାରଷ୍ଟ୍ରିପ୍ ଉନ୍ନତୀକରଣ ପ୍ରସ୍ତାବକୁ ମୁଖ୍ୟମନ୍ତ୍ରୀଙ୍କ ଅନୁମୋଦନ

**ଖର୍ଚ୍ଚ ହେବ ୬୫ କୋଟି**

**ଭୁବନେଶ୍ୱର,୫।୧୨(ଅନିଲ ଦାସ):** ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଙ୍ଗଳବାର ବଲାଙ୍ଗୀର ଜିଲା ତୁଷୁରା ଏୟାରଷ୍ଟ୍ରିପ୍ର ଉନ୍ନତୀକରଣ ପ୍ରସ୍ତାବକୁ ଅନୁମୋଦନ କରିଛନ୍ତି। ଏଥିସହିତ ପ୍ରକଳ୍ପ ପାଇଁ ୬୫ କୋଟି ଟଙ୍କା ମଞ୍ଜୁର କରିଛନ୍ତି।

ଏଠାରେ ସୂଚନାଯୋଗ୍ୟ, ୨୦୨୩ ଅଗଷ୍ଟ ୫ ଓ ୬ ତାରିଖରେ ୫-ଟି ଓ ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ବଲାଙ୍ଗୀର ଗସ୍ତ ସମୟରେ ତୁଷୁରା ଏୟାରଷ୍ଟ୍ରିପ୍ ସମେତ ଅନେକ ପ୍ରସ୍ତାବ ଗ୍ରହଣ କରିଥିଲେ। ତୁଷୁରା ଏୟାରଷ୍ଟ୍ରିପ୍ର ସମ୍ପୂର୍ଣ୍ଣ ପ୍ରକଳ୍ପ ରିପୋର୍ଟ(ଡିପିଆର୍) ପ୍ରସ୍ତୁତ କରିବାକୁ ସେ ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିଲେ।

# ଓଡ଼ିଶାର ୪ ଶିକ୍ଷାଧିକାରୀଙ୍କୁ ଜାତୀୟ ପୁରସ୍କାର




ଭୁବନେଶ୍ୱର, ୫।୧୨ (ଅସମାପିକା ସାହୁ)

ଭାରତ ସରକାରଙ୍କ ପକ୍ଷରୁ ଜାତୀୟ ଶୈକ୍ଷିକ ଯୋଜନା ଓ ପ୍ରଶାସନ ଅନୁଷ୍ଠାନ (ଏନ୍ଆଇଇପିଏ) ଦ୍ୱାରା ନୂଆଦିଲ୍ଲୀର ଡ. ଆମ୍ବେଡକର ଅନ୍ତର୍ଜାତୀୟ କେନ୍ଦ୍ରଠାରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଶିକ୍ଷା ପ୍ରଶାସନ କ୍ଷେତ୍ରରେ ଅଭିନବ ପ୍ରୟାସ ପାଇଁ ଜାତୀୟ ପୁରସ୍କାର ପ୍ରଦାନ କରାଯାଇଛି। ଏଥିରେ ଓଡ଼ିଶାର ୪ଜଣ ଶିକ୍ଷାଧିକାରୀଙ୍କୁ ଜାତୀୟ ପୁରସ୍କାର ମିଳିଛି। ଓଡ଼ିଶା ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଅଧୀନରେ ବିଭିନ୍ନ ସ୍ତରରେ କାର୍ଯ୍ୟରତ ୪ଜଣ ଶିକ୍ଷାଧିକାରୀଙ୍କୁ ଶିକ୍ଷା ପ୍ରଶାସନ କ୍ଷେତ୍ରରେ ଅଭିନବ ପ୍ରୟାସ ପାଇଁ ୨୦୨୦ -୨୦୨୧ ଓ ୨୦୨୧ -୨୦୨୨ ବର୍ଷ ନିମନ୍ତେ ସମ୍ମାନଜନକ ଜାତୀୟ ପୁରସ୍କାର ମିଳିଛି। ସେମାନେ ହେଲେ ବାଲିପାଟଣା ପ୍ରାକ୍ତନ ବ୍ଲକ ଶିକ୍ଷାଧିକାରୀ ତଥା ବର୍ତ୍ତମାନର ଓଡ଼ିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ ଉପନିର୍ଦ୍ଦେଶକ ମହେଶ୍ୱର ସାହୁ, କଟକ ଅତିରିକ୍ତ ଜିଲା ଶିକ୍ଷାଧିକାରୀ ସନ୍ତୋଷ କୁମାର ରାଉତ, ଭୁବନେଶର ବ୍ଲକ ଶିକ୍ଷାଧିକାରୀ ପ୍ରଜ୍ଞା ପାରମିତ ଜେନା ଏବଂ ଗଞ୍ଜାମ ବ୍ଲକ ଶିକ୍ଷାଧିକାରୀ ଭାଗୀରଥି ବେହେରା। ସୁନ୍ଦର ବିଦ୍ୟାଳୟ ପରିବେଶରେ ଆନନ୍ଦଦାୟକ ଶିକ୍ଷା ଦିଗରେ ଅଭିନବ ପ୍ରୟାସ ପାଇଁ ମହେଶ୍ୱର ସାହୁଙ୍କୁ ଜାତୀୟ ପୁରସ୍କାର ମିଳିଥିବା ବେଳେ ଛାତ୍ରୀଛାତ୍ରଙ୍କ ଅନଲାଇନ ପାଠପଢ଼ା ପାଇଁ ଶିକ୍ଷଣ ସାମଗ୍ରୀ ସୃଷ୍ଟି ଓ ତାହାର ଉପଯୋଗ ଉପରେ ଡ. ସନ୍ତୋଷ କୁମାର ରାଉତଙ୍କୁ ଏହି ପୁରସ୍କାର ମିଳିଛି। ପ୍ରଜ୍ଞା ପାରମିତା ଜେନାଙ୍କୁ ବଗିଚାରେ ପାଠପଢ଼ା ଓ ଅନ୍ୟ ଅଭିନବ ପ୍ରୟାସ ପାଇଁ ଏବଂ ଭାଗୀରଥୀ ବେହେରାଙ୍କୁ ବିଦ୍ୟାଳୟ ସ୍ତରରେ ଶିଶୁ ଲେଖକ ସୃଷ୍ଟି ଦିଗରେ ପ୍ରଚେଷ୍ଟା ଲାଗି ଜାତୀୟ ପୁରସ୍କାର ଓ ପ୍ରଶଂସା ପତ୍ର ମିଳିଛି। ଏହି ଶିକ୍ଷାଧିକାରୀମାନେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କଠାରୁ ଏହି ସମ୍ମାନଜନକ ଜାତୀୟ ପୁରସ୍କାର ଗ୍ରହଣ କରି ଜାତୀୟ ସ୍ତରରେ ଓଡ଼ିଶାର ସମ୍ମାନ ବୃଦ୍ଧି କରିଛନ୍ତି।

# ରାଜ୍ୟସ୍ତରୀୟ କଳିଙ୍ଗ ହର୍ବାଲ ମେଳା ଆରମ୍ଭ

ଭୁବନେଶ୍ୱର,୫।୧୨(ଶର୍ମିଷ୍ଠା ପାଣିଗ୍ରାହୀ)




କାର୍ଯ୍ୟକ୍ରମରେ ମନ୍ତ୍ରୀ ପ୍ରଦୀପ କୁମାର ଅମାତ ଏବଂ ଅନ୍ୟ ଅତିଥିମାନେ ସ୍ୱତନ୍ତ୍ର ପୁସ୍ତିକା ଉନ୍ମୋଚନ କରୁଛନ୍ତି।

ଆୟୁର୍ବେଦିକ ଚିକିତ୍ସା ପଦ୍ଧତି ବହୁ ପୁରାତନ। ଜଗନ୍ନାଥ ସଂସ୍କୃତିର ଏହା ଏକ ଅଭିନ୍ନ ଅଙ୍ଗ। ଏହି ଚିକିତ୍ସା ପଦ୍ଧତି ଓଡ଼ିଆ ସଂସ୍କୃତି ଓ ପରମ୍ପରା ସହ ଓତପ୍ରୋତ ଭାବେ ଜଡ଼ିତ। କେରଳ ଭଳି ଓଡ଼ିଶାରେ ଆୟୁର୍ବେଦିକ ଚିକିତ୍ସାର ପର୍ଯ୍ୟାପ୍ତ ସୁଯୋଗ ରହିଛି। କାରଣ ନିରବଚ୍ଛିନ୍ନ ଭାବେ ଓଡ଼ିଶାରେ ଜଙ୍ଗଲ ଅଭିବୃଦ୍ଧି ହେଉଛି । ଆୟୁର୍ବେଦ ଚିକିତ୍ସାର କୌଣସି ପାର୍ଶ୍ୱ ପ୍ରତିକ୍ରିୟା ନ ଥାଏ ବୋଲି ରାଜ୍ୟ ଔଷଧୀୟ ଉଦ୍ଭିଦ ପରିଷଦ ପକ୍ଷରୁ ଆୟୋଜିତ ୧୬ତମ କଳିଙ୍ଗ ହର୍ବାଲ୍ ମେଳାକୁ ଉଦ୍ଘାଟନ କରି ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ପ୍ରଦୀପ କୁମାର ଅମାତ ଏହା କହିଛନ୍ତି ।

ମଙ୍ଗଳବାର ସ୍ଥାନୀୟ ଇଡ୍କୋ ପ୍ରଦର୍ଶନୀ ପଡ଼ିଆରେ ଆୟୋଜିତ କଳିଙ୍ଗ ହର୍ବାଲ ମେଳାରେ ମୁଖ୍ୟ ଅତିଥି ଭାବେ ମନ୍ତ୍ରୀ ଅମାତ ଯୋଗଦେଇ ଆୟୁର୍ବେଦିକ ଚିକିତ୍ସାକୁ ଲୋକପ୍ରିୟ କରିବା ନିମନ୍ତେ ଜନସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ଦିଗରେ ଏହି ମେଳା ଏକ ପ୍ରକୃଷ୍ଟ ମାଧ୍ୟମ ବୋଲି କହିଛନ୍ତି। ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇ କହିଛନ୍ତି, କରୋନା ପରେ ଭାରତୀୟ ଆୟୁର୍ବେଦିକ ଚିକିତ୍ସାର ଆଦର କ୍ରମଶଃ ବଢ଼ିବାରେ ଲାଗିଛି। ତେଣୁ ଔଷଧୀୟ ଉଦ୍ଭିଦର ଚାହିଦା ମଧ୍ୟ ବଢ଼ିଚାଲିଛି । ସେହିପରି ଅନ୍ୟତମ ସମ୍ମାନିତ ଅତିଥି ଭାବେ ପ୍ରଧାନ ମୁଖ୍ୟ ବନ ସଂରକ୍ଷକ ତଥା ଜଙ୍ଗଲ ବାହିନୀ ମୁଖ୍ୟ ଡ. ଦେବୀଦତ୍ତ ବିଶ୍ୱାଳ ଯୋଗଦେଇ କହିଥିଲେ, ଆୟୁର୍ବେଦିକ, ଏଲୋପାଥିକ ଏବଂ ହୋମିଓପାଥିକ ଚିକିତ୍ସା ପଦ୍ଧତି ପରସ୍ପରଠାରୁ ଭିନ୍ନ କିନ୍ତୁ ଅଭିନ୍ନ ନୁହନ୍ତି । ପରିଷଦର ମୁଖ୍ୟ କାର୍ଯ୍ୟନିର୍ବାହୀ ସୁଦୀପ ନାୟକ ସ୍ୱାଗତ ଭାଷଣ ଏବଂ ଉପବନସଂରକ୍ଷକ କିରଣବାଳା ସାମନ୍ତରାୟ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ଅତିଥିମାନଙ୍କ ଦ୍ୱାରା ଦୁଇଟି ସ୍ୱତନ୍ତ୍ର ପୁସ୍ତିକା ଉନ୍ମୋଚିତ ହୋଇଥିଲା। ସୂଚନା ଓ ଲୋକସମ୍ପର୍କ ବିଭାଗର ସହକାରୀ ନିର୍ଦ୍ଦେଶକ (କ୍ଷେତ୍ର) ସୁଚେତା ପ୍ରିୟଦର୍ଶିନୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏହି ମେଳା ଡିସେମ୍ବର ୧୧ ତାରିଖ ପର୍ଯ୍ୟନ୍ତ ପ୍ରତ୍ୟହ ପୂର୍ବାହ୍ନ ୧୧ଟାରୁ ରାତି ୯ଟା ପର୍ଯ୍ୟନ୍ତ ସାଧାରଣ ଜନତାଙ୍କ ନିମନ୍ତେ ଖୋଲା ରହିବ।


**CAREER APPOINTMENT**
ON EVERY WEDNESDAY & SATURDAY

B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

**AADYA URJA SOLUTIONS PVT. LTD.**
1st Floor Sai Complex, Besides Aditya VIP Enclave,
Near Ganesh Mandap Chhak, Jharpara, Bhubaneswar-751006
**EMPLOYMENT**
1. Retired Government Civil Engineer- No. of Vacancy 1 Position
2. Office Assistant- No. of Vacancy 4 Positions
   Any Graduate have experience- Minimum 2 Years
3. Civil-Diploma/ B Tech - No. of Vacancy 4 Positions
   Experience in building estimation, site layout implementation and Experience in road Construction
4. Electrical-Diploma/B Tech- No. of Vacancy 4 Positions
   Experience in Commissioning, Testing of VCV, CT, PT, RMU and Electrical Substation 33kv/11kv lines.

Interested candidates can mail there resume or contact on below details
Ph.No.-8917474130, 9437065212
E-mail- aadyaurja@gmail.com, aadyahr2020@gmail.com

**Need Representatives**
For all districts of Odisha
Earn : 10k to 30k Per month.
NGO work of SUPPORT INDIA DEVELOPMENT PROGRAMME
L-215, Baramunda Housing Board Colony, Bhubaneswar, Odisha.
7735462623, 9124960534

**ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର**
ତେଲଦିଆ, ସୋମପୁର, କଟକ
ଆଚାର୍ଯ୍ୟ/ଆଚାର୍ଯ୍ୟା ଆବଶ୍ୟକ
• ଶିକ୍ଷାଗତ ଯୋଗ୍ୟତା: ସ୍ନାତକ ସହିତ ବିଏଡ୍/+୨ ସହିତ CT/D.El.Ed. • ବୟସ: ୩୧।୦୩।୨୦୨୪ ସୁଦ୍ଧା ୪୫ବର୍ଷରୁ ଅଧିକ ହୋଇନଥିବ। • ତା୦୮।୧୨।୨୦୨୩ ମଧ୍ୟରେ କାର୍ଯ୍ୟାଳୟରେ ୨୦୦ ଟଙ୍କା ଦାଖଲ କରି ଫର୍ମ ନେଇପାରିବେ।
ମୋ.: 9337227930
ସମ୍ପାଦକ

**WANTED**
ଧରିତ୍ରୀ DHARITRI Oriya daily
is looking for

RECOVERY MANAGER
- Candidates should have good communication skills & atleast 3 years of experience in the field of recovery.
- Good performance will be rewarded with extra incentive.

CIRCULATION MANAGERS
Roles and Responsibilities:-
- Lead and own all market related needs of the company - Distributor, Agents, and Retailers.
- Work with the circulation team of Company and Distributor to achieve company objectives.
- Action all the market related plans with respect to distribution and visibility of our brands.
- Competitive tracking and analysis to identify and pursue target accounts.
- Work with ad sales and marketing team to create and package to drive circulation.
- Achieve sales targets for bulk sales.

Requirements:-
- 5-6 years sales experience in frontline sales in print media.
- Ability to develop custom marketing proposals and ideas.
- Proficiency in MS-Office.

Apply immediately to :
recruitment@dharitri.com
Attractive salary commensurate with experience

**ଡ୍ରାଇଭର ଆବଶ୍ୟକ**
ମର୍ସିଡିଜ୍ କାର ଚଳାଇବା ପାଇଁ ଆମେ ଭୁବନେଶ୍ୱରରେ ଅବସ୍ଥିତ ଏକ ବ୍ୟକ୍ତିଗତ ଡ୍ରାଇଭର ପଦ ଖୋଜୁଛୁ । ସ୍ୱୟଂଚାଳିତ ଯାନ ଅଭିଜ୍ଞତା ଥିବା ବ୍ୟକ୍ତିଙ୍କୁ ପସନ୍ଦ କରାଯିବ ଆକୋମୋଡେସନ୍ ଉପଲବ୍ଧ । PI ଏକ ଟ୍ରାଏଲ୍ ଡ୍ରାଇଭ୍ ଏବଂ ପରବର୍ତ୍ତୀ ଆଲୋଚନା ପାଇଁ ଆସ ଡ. ଜଗନ୍ନାଥ ପଟ୍ଟନାୟକ ଭିଲ୍ଲା ନଂ-୨, ତପସ୍ୱିନୀ କ୍ୟାମ୍ପସ୍ ରଘୁନାଥପୁର, ନନ୍ଦନ କାନନ ରୋଡ୍, ଭୁବନେଶ୍ୱର, ଓଡ଼ିଶା ।
9132933333 / 9132460000

**LADY OFFICE ASSISTANT**
FREE ACCOMMODATION
FREE FOODING
10,000/- to 15,000/-
7809525452

**REQUIRED**
PRODUCT MANAGER
DEVI CROPSCIENCE PVT. LTD.
DEVI देवी
Corporate Office: 'Devi House', 281-4, Sivagangai Main Road, Gomathipuram, Madurai – 625 020 Tamilnadu
A leading Agrochemical Manufacturing and Exporting Company with its Flagship product & Brand Leader BOOM FLOWER (New Generation Plant Growth Regulator & Now CIB/Govt. Approved) and also dealing with quality Biostimulants, Biological Pesticides, Bio Fertilizers having branches all over India are recruiting the following position in their marketing expansion program.
PRODUCT MANAGER
Cuttack H.Q.
Candidate should be minimum B.Sc (Agri) having around 10-12 years experience in Marketing & Product Development with reputed Agricultural inputs marketing company. Should have handled sales promotion & marketing in entire Odisha State. Fluency in English is preferred. Salary commensurate with experience and qualification.
Please send your resume on the email or WhatsApp number.
Email: pune@devicropscience.com
akroy@devicropscience.com
Whatsapp: 9547209142

See Career Appointment on every Wednesday & Saturday

“ରାଷ୍ଟ୍ରଜାତି, ପରିବାର ଓ ମାନବଜାତି– ଏ ତିନୋଟି ହେଲେ ବିଷ୍ଣୁଙ୍କର ତ୍ରିପାଦ –ବ୍ୟକ୍ତିର ଏକତ୍ୱରୁ ସମଷ୍ଟିର ଏକତ୍ୱ ଆଡେ। ପରିବାର ସମ୍ପନ୍ନ ହୋଇଛି। ରାଷ୍ଟ୍ରଜାତିକୁ ସମ୍ପନ୍ନ କରିବା ପାଇଁ ଆମେ ବର୍ତ୍ତମାନ ସଚେଷ୍ଟ। ମାନବଜାତି ଆଡକୁ ଆମେ ହାତ ପ୍ରସାରିତ କରିଛୁ। ତା’ର ଭିତ୍ତି ଆରମ୍ଭ ହୋଇଯାଇଛି। –ଶ୍ରୀଅରବିନ୍ଦ



# ବିପଦରେ ଉତ୍ତର-ପୂର୍ବ

ଉତ୍ତର-ପୂର୍ବ ରାଜ୍ୟ ମିଜୋରାମର ବିଧାନସଭା ନିର୍ବାଚନ ଭୋଟ ଗଣତି ଚାଲିଥିବାବେଳେ ମଣିପୁରରେ ହିଂସା ଘଟି ୧୩ ଜଣଙ୍କ ମୃତ୍ୟୁ ଘଟିଲା। ମଣିପୁର ଟେଙ୍ଗନୌପାଲ ଜିଲାର ସାଇବଲ୍ ନିକଟବର୍ତ୍ତୀ ଲେଇଥୁ ଗ୍ରାମରେ ଦୁଇ ଉଗ୍ରବାଦୀ ଗୋଷ୍ଠୀଙ୍କ ମଧ୍ୟରେ ଏହି ସଂଘର୍ଷ ଘଟିଥିଲା। ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି, କେନ୍ଦ୍ର ସହ ୟୁନାଇଟେଡ୍ ନ୍ୟାଶନାଲ ଲିବରେଶନ ଫ୍ରଣ୍ଟ (ୟୁଏନ୍ଏଲ୍ଏଫ୍) ଓ ନ୍ୟାଶନାଲ ରିଭଲ୍ୟୁଶନାରି ଫ୍ରଣ୍ଟ ମଣିପୁର (ଏନ୍ଆର୍ଏଫ୍ଏମ୍) ମଧ୍ୟରେ ଶାନ୍ତିଚୁକ୍ତି ସ୍ୱାକ୍ଷର ହେବା ପରେ ଏଭଳି ହିଂସା ମଣିପୁରର ଆଭ୍ୟନ୍ତରୀଣ ସ୍ଥିତି ସଙ୍କଟମୁକ୍ତ ନୁହେଁ ବୋଲି ସୂଚିତ କରୁଛି। ଅନ୍ୟ ଏକ ଦିଗକୁ ବିଚାର କଲେ ଭାଜପା ନେତୃତ୍ୱାଧୀନ ଉତ୍ତର-ପୂର୍ବ ଗଣତାନ୍ତ୍ରିକ ମେଣ୍ଟରେ ଥିବା ମିଜୋ ନ୍ୟାଶନାଲ ଫ୍ରଣ୍ଟ(ଏମ୍ଏନ୍ଏଫ୍)କୁ ହରାଇ ମିଜୋରାମରେ ଲାଲଦୁହୋମାଙ୍କ ନେତୃତ୍ୱରେ ଜୋରାମ ପିପୁଲ୍ସ ମୁଭ୍‌ମେଣ୍ଟ (ଜେପିଏମ୍) ଶାସନ ଦଖଲ କରିବାକୁ ଯାଉଥିବାବେଳେ ଏଭଳି ହିଂସା ପଛରେ ହୁଏତ ରାଜନୈତିକ ଅସହିଷ୍ଣୁତା ଥାଇପାରେ ବୋଲି କୁହାଯାଉଛି। ଉଲ୍ଲେଖନୀୟ ଯେ, ମଣିପୁରରେ ଦୀର୍ଘ ୭ମାସରୁ ଅଧିକ ସମୟ ହେଲା ମେଇତି ଓ କୁକି ଆଦିବାସୀଙ୍କ ମଧ୍ୟରେ ଲାଗି ରହିଥିବା ଜାତିଆଣ ହିଂସାରେ ୧୮୦ରୁ ଊର୍ଦ୍ଧ୍ୱ ଲୋକଙ୍କ ଜୀବନ ଗଲାଣି। ଏଥିରେ ୫୦ ହଜାରରୁ ଅଧିକ ଲୋକ ବିସ୍ଥାପିତ ହୋଇଛନ୍ତି। ହିଂସା ମଧ୍ୟରେ ଯେତେବେଳେ ଦୁଇ ଯୁବତୀଙ୍କୁ ଉଲଗ୍ନ କରି ରାସ୍ତାରେ ଚଲାଇବାର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେଲା, ସେତେବେଳେ ଦେଶବ୍ୟାପୀ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଲା। ଏହି ଘଟଣାରେ ଅନ୍ତର୍ଜାତୀୟ ସ୍ତରରେ ଦେଶର ସମ୍ମାନ ହାନି ଘଟିଲା। କିନ୍ତୁ ପାରମ୍ପରିକ ଗଣମାଧ୍ୟମର ବ୍ୟବସ୍ଥା ଏସବୁକୁ ଲୋକଲୋଚନକୁ ଆଣିବାରେ ବିଫଳ ହେଲା, କାରଣ ସେଠାରେ ସରକାରୀ କଟକଣା ଓ ଆଇନ ଯୋଗୁ ସବୁ ତଥ୍ୟ ସେନ୍‌ସର ହେଉଛି।

ପରିସ୍ଥିତି ଦେଖିଲେ ସ୍ପଷ୍ଟ ବୁଝାପଡୁଛି ଯେ, ମଣିପୁରରେ ରାଜନୈତିକ ଅଭିଳାଷ ଯୋଗୁ ଜାତିଆଣ ବିଭେଦ ବିରାଟ ଆକାର ଧାରଣ କଲା, ଯାହା ଉଗ୍ରବାଦୀଙ୍କ ପାଇଁ ସୁଯୋଗ ସୃଷ୍ଟି କରୁଛି। ତେବେ ମଣିପୁରରେ ଶାନ୍ତି ଫେରାଇବାରେ ବିଫଳତା ପୁନର୍ବାର ସମ୍ପୂର୍ଣ୍ଣ ଉତ୍ତର-ପୂର୍ବାଞ୍ଚଳର ଆଭ୍ୟନ୍ତରୀଣ ସ୍ଥିତିକୁ ପ୍ରଭାବିତ କରିବାର ସମ୍ଭାବନା ରହିଛି।

ମଣିପୁରରେ ଦେଖାଦେଇଥିବା ଜାତିଆଣ ହିଂସା ପ୍ରଶମିତ କରି ଭୟମୁକ୍ତ ପରିବେଶ ଫେରାଇ ଆଣିବା ଲାଗି ସରକାର ଆନ୍ତରିକ ପ୍ରୟାସ କରୁଥିବା ଭଳି ଲାଗୁନାହିଁ। ସ୍ଥାନୀୟ ପୋଲିସ ସମ୍ପୂର୍ଣ୍ଣ ନିଷ୍କ୍ରିୟ ହେବା ପରେ ସରକାର ଜଣେ ଅବସରପ୍ରାପ୍ତ ସେନା ଅଧିକାରୀଙ୍କୁ ପୋଲିସ ବିଭାଗରେ ୫ ବର୍ଷ ଲାଗି ନିଯୁକ୍ତି ଦେଇଥିଲେ ମଧ୍ୟ ସମୟାନ୍ତରରେ ଏଭଳି ହିଂସା ପ୍ରକାଶ ପାଇବା ଚିନ୍ତାଜନକ। ଉଦ୍‌ବେଗର ବିଷୟ ହେଉଛି, ମଣିପୁର ଓ ମ୍ୟାନ୍‌ମାର ସୀମାନ୍ତ ଗ୍ରାମ ଲେଇଥୁରେ ଘଟିଥିବା ଏହି ହିଂସା ଉଗ୍ରବାଦୀଙ୍କ ସକ୍ରିୟତା ବୃଦ୍ଧିର ସଙ୍କେତ ଦେଇଛି। ପରିସ୍ଥିତି ଦେଖିଲେ ସ୍ପଷ୍ଟ ବୁଝାପଡୁଛି ଯେ, ମଣିପୁରରେ ରାଜନୈତିକ ଅଭିଳାଷ ଯୋଗୁ ଜାତିଆଣ ବିଭେଦ ବିରାଟ ଆକାର ଧାରଣ କଲା, ଯାହା ଉଗ୍ରବାଦୀଙ୍କ ପାଇଁ ସୁଯୋଗ ସୃଷ୍ଟି କରୁଛି। ତେବେ ମଣିପୁରରେ ଶାନ୍ତି ଫେରାଇବାରେ ବିଫଳତା ପୁନର୍ବାର ସମ୍ପୂର୍ଣ୍ଣ ଉତ୍ତର-ପୂର୍ବାଞ୍ଚଳର ଆଭ୍ୟନ୍ତରୀଣ ସ୍ଥିତିକୁ ପ୍ରଭାବିତ କରିବାର ସମ୍ଭାବନା ରହିଛି। ଅନ୍ୟପକ୍ଷରେ ନାଗରିକତ୍ୱ ସଂଶୋଧନ ଆଇନ (ସିଏଏ) ଏବେ ଶୀତଳ ଭଣ୍ଡାରରେ ଥିବାବେଳେ ନିକଟରେ ସ୍ୱରାଷ୍ଟ୍ର ରାଷ୍ଟ୍ରମନ୍ତ୍ରୀ ଅଜୟ କୁମାର ମିଶ୍ରା ପଶ୍ଚିମବଙ୍ଗରେ ଘୋଷଣା କରିଥିଲେ ଯେ, ଆସନ୍ତା ବର୍ଷ ମାର୍ଚ୍ଚ ସୁଦ୍ଧା ଏହାକୁ ପୁଣି ପ୍ରସ୍ତୁତ କରାଯିବ। ଏହା ସ୍ପଷ୍ଟ ଯେ, ଏବକାର ମଣିପୁର ସ୍ଥିତି ସହିତ ଏହି ଆଇନର କାର୍ଯ୍ୟକାରିତା ଉତ୍ତର-ପୂର୍ବ ରାଜ୍ୟଗୁଡ଼ିକର ଆଭ୍ୟନ୍ତରୀଣ ସୁରକ୍ଷାକୁ ବିଗାଡ଼ିବାର ଅଧିକ ଆଶଙ୍କା ରହିଛି।

# ୟୁଦ୍ଧର ରସାୟନ



ଶୈଳେନ୍ଦ୍ର ଦ୍ୱିବେଦୀ

ପାଠକେ, ଏଇ ପ୍ରବନ୍ଧ ଲେଖିବା ବେଳକୁ ରୁଷିଆ-ୟୁକ୍ରେନ, ଇସ୍ରାଏଲ ହମାସ/ଗାଜା ସମେତ ପୃଥିବୀର ଆଉ କିଛି ଅଞ୍ଚଳରେ ସାମରିକ ସଂଘର୍ଷ ଅବ୍ୟାହତ ରହିଛି। ତଥ୍ୟ ଅନୁସାରେ ଆଫଗାନିସ୍ତାନ, ଇଥିଓପିଆ, ଦକ୍ଷିଣ ସୁଦାନ, ସିରିଆ, ଲିବିଆ, ମାଲି ଏବଂ ସୋମାଲିଆରେ ଗୃହ ଯୁଦ୍ଧ/ସାମରିକ କାର୍ଯ୍ୟାନୁଷ୍ଠାନ ଲାଗି ରହିଛି। ପର୍ଯ୍ୟବେକ୍ଷକମାନେ କୁହନ୍ତି, ବିଂଶ ଶତାବ୍ଦୀରୁ ଏଯାଏ ଏମିତି ସମୟ କାହିଁ ଯେଉଁ ସମୟ ଖଣ୍ଡରେ ଯୁଦ୍ଧ ହୋଇନାହିଁ। ଐତିହାସିକଙ୍କ ମତ, ଯେତେବେଳେ ଆଦିମ/ପ୍ରାଗ୍-ଐତିହାସିକ ମଣିଷ ପୃଥିବୀରେ ବିଚରଣ ଆରମ୍ଭ କରିଥିଲା ସେତେବେଳେ ଖାଦ୍ୟ ପାଇଁ ମୁଖ୍ୟତଃ ସେ ନିର୍ଭର କରୁଥିଲା ଶିକାର ଉପରେ। ଦଳବଦ୍ଧ ଚଳଣି ସେଇ କ୍ରମରେ ସାମାନ୍ୟ ବିଳମ୍ବରେ ଆସିଥିଲା, ତେବେ ଜୀବନ ତା’ ପରଠୁ କ୍ରମଶଃ ସରଳ ଓ ସୁନ୍ଦର ହେଲା। ସମସ୍ତେ ସବୁ କାମ କରିବା ଆବଶ୍ୟକ ପଡ଼ିଲା ନାହିଁ। ଯୋଗ୍ୟତା ଅନୁସାରେ କାମ ବାଣ୍ଟି ଦିଆଗଲା। ୟା ସତ୍ତ୍ୱେ ସବୁବେଳେ ଦଳ ଭିତରେ ସୁସମ୍ପର୍କ/ସଦ୍‌ଭାବ ନ ଥିଲା ଏବଂ ଏହାର ପରିଣତି ହେଉଥିଲା ସଂଘର୍ଷ। ନୃତତ୍ତ୍ୱବିତ୍‌ମାନେ କୁହନ୍ତି, ସଭ୍ୟତାର ଆଦି କାଳରେ ଗୋଟିଏ ଦଳ ଆଉ ଗୋଟିଏ ଦଳ ସହିତ ଲଢୁଥିଲା ଖାଦ୍ୟ ପାଇଁ, ବାସସ୍ଥାନ ପାଇଁ ଏବଂ ଜମି ଦଖଲ କରିବା ପାଇଁ। ସଂଘର୍ଷ ହିଂସାକାଣ୍ଡର ରୂପ ବି ନେଉଥିଲା ଯଦିଓ ଆମ ସମୟର ହିଂସାକାଣ୍ଡଠୁ ସେତେବେଳେ ହିଂସାର ସ୍ୱରୂପ ଭିନ୍ନ ଥିଲା।

ଐତିହାସିକମାନେ ବିଶ୍ୱାସ କରନ୍ତି ଯେ, ଦଳ-ଦଳ ଭିତରେ ସଂଘର୍ଷ ଆମ ଲିଖିତ ଇତିହାସ ପୂର୍ବରୁ ଘଟିଥାଇ ପାରେ। କିଛି ଗବେଷକଙ୍କ ମତ ସମ୍ଭବତଃ ପ୍ରଥମ ପ୍ରାକ୍-ଐତିହାସିକ ଯୁଦ୍ଧ ସୁଦୂର ଅତୀତରେ ଆମ ପୂର୍ବଜମାନେ ଲଢ଼ିଥିଲେ ମିଶର-ସୁଦାନ ସୀମାରେଖା ନିକଟରେ, ନୀଳ ନଦୀ କୂଳରେ। ପ୍ରତ୍ନତତ୍ତ୍ୱବିତ୍‌ମାନେ ଅନ୍ୟ ଏକ ସ୍ଥାନରେ ବେଶ୍ କିଛି ମୃତକଙ୍କ ଅବଶେଷର ପରିଚୟ ପାଇଛନ୍ତି, ଯେଉଁ ଅବଶେଷରେ ତୀର (ଧନୁ) ଫୁଟି ରହିଛି। ଆକଳନ କରାଯାଉଛି, ଏହା ୧୩୦୦୦ ବର୍ଷ ପ୍ରାଚୀନ ଏକ ସଂଘର୍ଷର ପରିଣାମ। ଅନ୍ୟ ଅର୍ଥରେ ୟୁରୋପରେ ଏହା ମଧ୍ୟ-ପ୍ରସ୍ତର ଯୁଗ ସହିତ ସମକାଳୀନ। ଐତିହାସିକମାନେ ଏହି ସମୟ ୧୩୦୦୦ ବର୍ଷରୁ ୧୦୦୦୦ ବର୍ଷ ପୂର୍ବ ପର୍ଯ୍ୟନ୍ତ ହୋଇପାରେ ବୋଲି ସ୍ୱୀକାର କରିଛନ୍ତି।

କିଛି ଗବେଷକମାନେ ଏକଥା ମଧ୍ୟ ବିଶ୍ୱାସ କରନ୍ତି ଯେ, ଇତିହାସରେ ପ୍ରଥମ ଲିଖିତ ଯୁଦ୍ଧ



ଲଢ଼ାଯାଇଥିଲା ଖ୍ରୀଷ୍ଟପୂର୍ବ ୨୭୦୦ରେ ସୁମେର ଏବଂ କିସର ଶାସକଙ୍କ ମଧ୍ୟରେ (କିସ୍ ବାଗଦାଦରୁ ୮୦ କିଲୋମିଟର ଦକ୍ଷିଣରେ)। ପ୍ରାଚୀନ ମେସୋପଟାମିଆନ ମାନଙ୍କ ବିଶ୍ୱାସ ଥିଲା କିସ୍ ହେଉଛି ପୃଥିବୀର ପ୍ରଥମ ନଗରୀ, ଯେଉଁଠି ରାଜତ୍ୱ ପ୍ରତିଷ୍ଠା ପାଇଁ ନିର୍ଦ୍ଦେଶ ସିଧାସଳଖ ଆସିଥିଲା ସ୍ୱର୍ଗରୁ। ପୁଣି ଫେରିବା ଗବେଷକଙ୍କ ପାଖକୁ। ସେମାନଙ୍କ ମତ ଯେ ସୁମେର ଏହି ଯୁଦ୍ଧରେ ବିଜୟୀ ହୋଇଥିଲା ଏବଂ ଯୁଦ୍ଧର କାରଣ ଥିଲା ଚାଷଜମି ଉପରେ ଅଧିକାର। ତେବେ ଏହି ବାବଦରେ ମୁଖ୍ୟ ମତ ହେଉଛି ଯେ ଏମିତି ସଂଘର୍ଷ/ଯୁଦ୍ଧ ସଂଗଠିତ କୃଷିର ପ୍ରବେଶ ଆଗରୁ ସ୍ୱାଭାବିକ ଥିଲା ଅନେକ ଅଞ୍ଚଳରେ। ତେବେ ଯେଉଁ ଅର୍ଥରେ ଦୁଇ ଦଳ ଭିତରେ ସାମରିକ ସଂଘର୍ଷକୁ ଆମେ ଆଧୁନିକ ଅର୍ଥରେ ‘ଯୁଦ୍ଧ’ ବୋଲି କହୁଛୁ ତା’ର ରେକର୍ଡ ଅଛି ୪୦୦୦ ବର୍ଷ ଆଗରୁ ତା’ ପୂର୍ବରୁ ନୁହେଁ। କିନ୍ତୁ ଖୁବ୍ ନିକଟରେ ‘ସାଇଣ୍ଟିଫିକ ରିପୋର୍ଟସ’ରେ ପ୍ରକାଶିତ ଏକ ଅଧ୍ୟୟନ ଇଙ୍ଗିତ କରିଛି ଯେ ସର୍ବ ପୁରାତନ ଯୁଦ୍ଧ ଅନ୍ତତଃ ୫୦୦୦ ବର୍ଷ ପ୍ରାଚୀନ। ପ୍ରସ୍ତର ଯୁଗର ଏଇ ଯୁଦ୍ଧ ସମ୍ବନ୍ଧରେ ପ୍ରମାଣିତ ତଥ୍ୟ/ଅବଶେଷ ଗବେଷକମାନଙ୍କ ହସ୍ତଗତ ହୋଇଛି, ଯେଉଁଥିରୁ ଜଣାପଡିଛି ୩୦୦ରୁ କିଛି ଅଧିକଙ୍କ ମୃତ୍ୟୁ ଘଟିବା ସହିତ ପ୍ରସ୍ତର ଯୁଗୀୟ ହାତ ହତିଆର ଏଥିରେ ରୀତିମତ ବ୍ୟବହୃତ ହୋଇଛି। ପାଠକେ, ଏହି ଆବିଷ୍କାର ସମ୍ଭବ ହୋଇଛି ୨୦ ବର୍ଗ ମିଟର ପରିମିତ ଉତ୍ତର ସ୍ପେନର ଏକ ସ୍ଥାନରୁ। ରେଡିଓ କାର୍ବନ ଡେଟିଙ୍ଗ ସହାୟତାରେ ଗବେଷକମାନେ ଆକଳନ କରିଛନ୍ତି ଯେ ସେସବୁ ଅସ୍ଥି ୩୩୮୦ ଖ୍ରୀଷ୍ଟ ପୂର୍ବରୁ ୩୦୦୦ ଖ୍ରୀଷ୍ଟପୂର୍ବ ପ୍ରାଚୀନ ହୋଇପାରେ। ଜଣାପଡ଼ିଛି, ପ୍ରାୟ ଏକ ତୃତୀୟାଂଶ ଦେହାବଶେଷରେ ରହିଛି ଛୁରୀ ମାଡ଼ ଏବଂ ଅନ୍ୟାନ୍ୟ ଭୟଙ୍କର ହିଂସାତ୍ମକ ଆକ୍ରମଣର ଚିହ୍ନ। ଯଦିଓ ଏହି ଖନନ ସ୍ଥଳ କେଇ ବର୍ଷ ପୂର୍ବରୁ ଆବିଷ୍କାର ହୋଇଥିଲା, ବର୍ତ୍ତମାନ ନୂତନ ଅଧ୍ୟୟନ ଇଙ୍ଗିତ କରିଛି ଯେ ଏହା ଏକ ସଂଗଠିତ ହିଂସାକାଣ୍ଡ/ଯୁଦ୍ଧ ଥିଲା। ଦେହାବଶେଷରୁ ଆହୁରି ମଧ୍ୟ ଜଣାପଡ଼ିଛି ଯେ ଏହି ଯୁଦ୍ଧରେ ମୁଖ୍ୟତ ଯୁବକମାନେ ଅଂଶଗ୍ରହଣ କରିଥିଲେ। ଯାହା ଇଙ୍ଗିତ କରୁଛି ଯେ ସେ ସମୟରେ ସୈନିକ ଭାବରେ ଖୁବ୍‌ସମ୍ଭବ ଯୁବକମାନଙ୍କୁ ନିଯୋଜିତ କରାଯାଉଥିଲା। କିଛି ଅବଶେଷରେ ଆରୋଗ୍ୟ ହୋଇସାରିଥିବା ପୁରାତନ କ୍ଷେତ୍ରର ସନ୍ଧାନ ମିଳିଛି, ଯାହା ଇସାରା କରୁଛି ଯେ ସେମାନେ ଏକାଧିକ ଥର ସାମରିକ ସଂଘର୍ଷରେ ଅଂଶଗ୍ରହଣ କରିଛନ୍ତି। ଗବେଷକମାନେ କହନ୍ତି, ଏହା ଗୋଟିଏ ଦଳ ଭିତରେ ସଂଘର୍ଷ ନୁହେଁ ବରଂ ଏହାକୁ ପ୍ରାଚୀନ ଯୁଦ୍ଧ ବୋଲି କୁହାଯାଇପାରିବ ଅନ୍ତତଃ ଦୁଇଟି ଦଳ ଭିତରେ।

ଉଲ୍ଲେଖଯୋଗ୍ୟ ଯେ, ଉତ୍ତର ସ୍ପେନର ଏହି ଉପତ୍ୟକା ଦୃଷ୍ଟିକୁ ଆସିଥିଲା ପ୍ରଥମ ଥର ୧୯୮୫ରେ ଯଦିଓ ତାହା ଯୋଜନାବଦ୍ଧ ପ୍ରତ୍ନତାତ୍ତ୍ୱିକ ଖନନ ନ ଥିଲା।ତେବେ ଏହି ଖନନ ସ୍ଥଳ ବାବଦରେ ଉଲ୍ଲେଖନୀୟ ହେଉଛି ଯେ ମାତ୍ର ୨୦ ବର୍ଗ ମିଟର ଅଞ୍ଚଳରୁ ୯୦ଟି ସୁରକ୍ଷିତ ନର କଙ୍କାଳ ଏବଂ ଆଂଶିକ ନଷ୍ଟ ହୋଇଥିବା ୨୦୦ କଙ୍କାଳ ମିଳିବା। ଏହା ବ୍ୟତୀତ ଖନନ ସ୍ଥଳରୁ ପ୍ରସ୍ତର ଯୁଗୀୟ ହାତ ହତିଆର, ତୀର ଓ ଟାଙ୍ଗିଆ ମଧ୍ୟ ମିଳିଛି। ଗୋଟିଏ ମତ ହେଉଛି ଏତେ ସଂଖ୍ୟକ ଦେହାବଶେଷ ମିଳିଥିବା ସ୍ଥଳଟି ଥରେ ବ୍ୟବହାର ହୋଇନାହିଁ କାରଣ ଏଠି ମୃତଦେହଗୁଡ଼ିକୁ ଏକାଧିକ ଥର ପୋତି ଦିଆଯାଇଛି। ତଥ୍ୟ ଅନୁସାରେ ଏଠି ମିଳିଥିବା ୩୩୮ ମୃତଦେହର ଅବଶେଷ ଭିତରୁ ଅନ୍ତତଃ ୨୩ ପ୍ରତିଶତଙ୍କ ଶରୀରରେ କ୍ଷତ ସ୍ପଷ୍ଟ। ବିଶ୍ଳେଷଣରୁ ଜଣାପଡିଛି, ଅଧିକାଂଶ କ୍ଷତ ଟାଙ୍ଗିଆ, ଗଦା ପ୍ରହାର ଏବଂ ତୀର ଯୋଗୁ ଘଟିଛି। ଗବେଷକମାନଙ୍କ ମତ, ୫୦୦୦ ବର୍ଷ ତଳେ ବି ବିଭିନ୍ନ ଦଳ ଓ ଗୋଷ୍ଠୀଙ୍କ ମଧ୍ୟରେ ସାମାଜିକ ତଥା ରାଜନୈତିକ ବିବିଧତା ଥିଲା। ଆଉ ସେତେବେଳେ ପୁଷ୍ଟିହୀନତା/କୁପୋଷଣ ଏବଂ ସାମାଜିକ ବୈଷମ୍ୟ ବାରିହେବା ଆରମ୍ଭ ହୋଇସାରିଥିଲା। ପାଠକେ, ୫୦୦୦ ବର୍ଷ ତଳେ ଯେଉଁ ପରିପ୍ରେକ୍ଷୀରେ ସଂଘର୍ଷ/ଯୁଦ୍ଧ ହେଉଥିଲା ସେଇ ପ୍ରେକ୍ଷାପଟ ଆମ ସମୟରେ ଆମୁଳଚୁଳ ବଦଳି ତ ସାରିଛି କିନ୍ତୁ ଯୁଦ୍ଧର ରସାୟନ ବଦଳି ନାହିଁ। ଓଲଟି ହିଂସା ବିଳାସ ଆମ ସମୟରେ ଅଧିକ ହୋଇଛି।

ମୋ:୯୪୩୭୧୩୭୦୬୦

# ଅର୍ଥନୀତି ଓ ଧର୍ମୀୟ ପର୍ଯ୍ୟଟନ



ଈପ୍ସିତା ମହାନ୍ତି

ସମ୍ପ୍ରତି ଅନେକ ଐତିହାସିକ ତଥା ଗୁରୁତ୍ୱପୂର୍ଣ୍ଣ ମଠ, ମନ୍ଦିର, ଅନ୍ତର୍ଜାତୀୟ ଏବଂ ଜାତୀୟ ଖ୍ୟାତିସମ୍ପନ୍ନ ଧର୍ମୀୟ ସ୍ଥାନଗୁଡ଼ିକର ପୁନରୁଦ୍ଧାର, ନବୀକରଣ କାର୍ଯ୍ୟ ଆଗେଇ ଚାଲିଛି। ଏଥିଯୋଗୁ ସମ୍ପୃକ୍ତ ସହରଗୁଡ଼ିକରେ ଧାର୍ମୀୟ ଲୋକଙ୍କ ଗତିବିଧି ତଥା ତୀର୍ଥଯାତ୍ରା ବୃଦ୍ଧି ପାଇଛି। ଫଳସ୍ୱରୂପ ପର୍ଯ୍ୟଟନଜନିତ ଅର୍ଥନୈତିକ କାର୍ଯ୍ୟକଳାପର ଅଭିବୃଦ୍ଧି ଘଟିଛି। ଆକଳନ ଅନୁଯାୟୀ ଦେଶର ପର୍ଯ୍ୟଟନ କ୍ଷେତ୍ରରେ ଧର୍ମୀୟ ପର୍ଯ୍ୟଟନର ଅଂଶଧନ ହେଉଛି ୬୦ରୁ ୭୦ପ୍ରତିଶତ। ଭାରତରେ ଧର୍ମୀୟ ପର୍ଯ୍ୟଟନ ବୃଦ୍ଧି ହେତୁ ପ୍ରତିବର୍ଷ ହୋଟେଲ ଶିଳ୍ପ, ପରିବହନ ଶିଳ୍ପ, କ୍ଷୁଦ୍ର ବ୍ୟବସାୟୀ, ସ୍ଥାନୀୟ କଳାକାର ଓ କାରିଗରମାନେ ବେଶ୍ ଲାଭବାନ ହେଉଛନ୍ତି। ୨୦୨୮ ସୁଦ୍ଧା ଭାରତର ପର୍ଯ୍ୟଟନ କ୍ଷେତ୍ରରେ ପ୍ରାୟ ଏକ କୋଟି ନୂତନ ନିଯୁକ୍ତି ସୁଯୋଗ ସୃଷ୍ଟି ହେବାର ସମ୍ଭାବନା ରହିଛି। ଏପରି ହେଲେ ରୋଜଗାର ଯୋଗାଇବାରେ ଏହି କ୍ଷେତ୍ରର ଏକ ବଡ଼ ଅବଦାନ ରହିବ।

ଜାତୀୟ ନମୁନା ସର୍ବେକ୍ଷଣ ସଂଗଠନର ତଥ୍ୟ ଅନୁଯାୟୀ, ଭାରତରେ ପ୍ରାୟ ପାଞ୍ଚ ଲକ୍ଷ ମନ୍ଦିର ଏବଂ ତୀର୍ଥସ୍ଥଳ ରହିଛି; ଯାହାର ଆର୍ଥିକ ବ୍ୟବସ୍ଥା ତିନି ଲକ୍ଷ କୋଟିରୁ ଊର୍ଦ୍ଧ୍ୱ ହେବ। ଏଥିସହିତ ଆମ ଦେଶରେ ପାଖାପାଖି ସାତ ଲକ୍ଷ ମସ୍‌ଜିଦ, ୩୫ ହଜାର ଚର୍ଚ୍ଚ ବା ଗୀର୍ଜାଘର, ପ୍ରାୟ ୫ହଜାର ଗୁରୁଦ୍ୱାର ରହିଛି। ଦୁନିଆରେ ବିକଶିତ ଦେଶମାନେ ପର୍ଯ୍ୟଟନକୁ ପ୍ରୋତ୍ସାହିତ କରିବା ଲକ୍ଷ୍ୟରେ ଅନ୍ୟ ଧର୍ମର ଲୋକଙ୍କୁ ଆକର୍ଷିତ କରିବା ପାଇଁ ନିଜ ଦେଶର ଧାର୍ମୀୟ ସ୍ଥଳୀଗୁଡ଼ିକୁ ସୁନ୍ଦର ଭାବରେ ଗଢ଼ି ତୋଳିଛନ୍ତି। କିଛି ବର୍ଷ ପୂର୍ବେ ଭାରତର ମନ୍ଦିରଗୁଡ଼ିକ ପ୍ରତି ନା ସରକାରଙ୍କର ନା ସ୍ଥାନୀୟ କର୍ତ୍ତୃପକ୍ଷଙ୍କର, କାହାର ମଧ୍ୟ ଦୃଷ୍ଟି ନ ଥିଲା! ଦେଶର ଧାର୍ମୀୟ ସ୍ଥଳୀ ଓ ପୀଠଗୁଡ଼ିକ ସମ୍ପୂର୍ଣ୍ଣ ଭାବେ ଅବହେଳିତ ହୋଇରହିଥିଲା। ଏବେ ଏସବୁ ପ୍ରକଳ୍ପ ପାଇଁ ବର୍ତ୍ତମାନ ରାଜ୍ୟ ଓ କେନ୍ଦ୍ର ଦ୍ୱାରା ବହୁ କୋଟି ଟଙ୍କା ଖର୍ଚ୍ଚ ହେଉଛି। ଏହା ନିଶ୍ଚିତ ଯେ, ବିକଶିତ ହେବା ପରେ ଏହି ସ୍ଥାନଗୁଡ଼ିକରେ ପର୍ଯ୍ୟଟନର ସମ୍ଭାବନା ପୂର୍ବାପେକ୍ଷା ବଢ଼ିଯିବ। ଅହମ୍ମଦାବାଦ ନିକଟରେ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ବିଶାଳକାୟ ପ୍ରତିମୂର୍ତ୍ତି ପ୍ରତିଷ୍ଠା, ବାରାଣସୀ ଠାରେ ଭଗବାନ କାଶୀ ବିଶ୍ୱନାଥ କରିଡର ନିର୍ମାଣ, ସୋମନାଥ ମନ୍ଦିରର ପୁନରୁଦ୍ଧାର, ମା’ କାଳୀଙ୍କ ମନ୍ଦିରର ସୌନ୍ଦର୍ଯ୍ୟକରଣ, କେଦାରନାଥ-ବଦ୍ରିନାଥ ଧାମର ନବୀକରଣ ଭଳି କାର୍ଯ୍ୟକ୍ରମ ସମଗ୍ର ବିଶ୍ୱରେ ଏକ ନୂତନ ଭାରତର ଚିତ୍ର ଉପସ୍ଥାପନ କରିବାରେ ସଫଳ ହୋଇଛି।

ଇତିମଧ୍ୟରେ ଓଡ଼ିଶା ସରକାରଙ୍କ ଦ୍ୱାରା ପୁରୀ, କୋଣାର୍କ, ଧଉଳି, ଲିଙ୍ଗରାଜ, ତାରାତାରିଣୀ, ସମଲେଶ୍ୱରୀ, କଟକଚଣ୍ଡୀ ଓ କାକଟପୁରର ମା’ମଙ୍ଗଳା ଆଦି ମନ୍ଦିରର ପରିକଳ୍ପନା, ରୂପାନ୍ତରଣ ସହ ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟ ଆରମ୍ଭ ହୋଇଛି। ଆଧାତ୍ମିକ ଦୃଷ୍ଟିରୁ ତଥା ଆକର୍ଷଣୀୟ ବେଳାଭୂମି ପାଇଁ ପର୍ଯ୍ୟଟନ କ୍ଷେତ୍ରରେ ପୁରୀର ରହିଛି ସ୍ୱତନ୍ତ୍ର ମାନ୍ୟତା! ଚାରି ଧାମରୁ ପୁରୀ ଏକ ଧାମ। ଜଗନ୍ନାଥ ଧାମ ନାମରେ ପୁରୀ କେବଳ ପ୍ରସିଦ୍ଧ ନୁହେଁ, ଏହା ଓଡ଼ିଶାର ପରିଚୟ ମଧ୍ୟ। ଏଠାରେ ରହିଛି ଶଙ୍କରାଚାର୍ଯ୍ୟଙ୍କ ଗୋବର୍ଦ୍ଧନ ପୀଠ। ଏହା ନିଶ୍ଚିତ ଯେ, ଆଇନ ଶୃଙ୍ଖଳା, ପରିମଳ, ବର୍ଷାଜଳ ନିଷ୍କାସନର ସୁବନ୍ଦୋବସ୍ତ ସହ ଏହି ସହରକୁ ସବୁଦିନିଆ ବିମାନ ସେବା ସହ ଯୋଡ଼ି ଦିଆଗଲେ ଦେଶର କୌଣସି ପର୍ଯ୍ୟଟନ ସ୍ଥଳୀ ପୁରୀକୁ ଛୁଇଁପାରିବନି। ସେହିଭଳି କେବଳ ଓଡ଼ିଶାର ହିଁ ନୁହେଁ ଦେଶର ଅନ୍ୟତମ



ଶୈବପୀଠ ରୂପେ ଭୁବନେଶ୍ୱରର ଲିଙ୍ଗରାଜ ମନ୍ଦିରର ପ୍ରସିଦ୍ଧି ରହିଛି। ରାଜ୍ୟ ସରକାର ଏହାର ପୁନରୁଦ୍ଧାର ସହ ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ଆରମ୍ଭ କରିଛନ୍ତି। ଆଗାମୀ ଦିନରେ ଏହା ମଧ୍ୟ ପର୍ଯ୍ୟଟକଙ୍କ ଦୃଷ୍ଟି ଆକର୍ଷଣ କରିବ। ଭାରତରେ ନୁହେଁ ପୃଥିବୀରେ ମଧ୍ୟ କୋରାପୁଟର ଗୁପ୍ତେଶ୍ୱର ଶୈବପୀଠ ପରି ସ୍ଥାନ ପାଇବା ନାହିଁ ! ସେହିଭଳି ଆନ୍ଧ୍ରପ୍ରଦେଶର ବୋରା ଗୁମ୍ଫାଠାରୁ କୋରାପୁଟର ବାଲଡାଠାରେ ରହିଥିବା ନାଗେଶ୍ୱରୀ ଗୁମ୍ଫା କାହିଁ କେତେ ଗୁଣରେ ପ୍ରାକୃତିକ ସୌନ୍ଦର୍ଯ୍ୟରେ ପରିପୂର୍ଣ୍ଣ! ଭିତ୍ତିଭୂମି ଅଭାବରୁ ଏହା ମଧ୍ୟ ପର୍ଯ୍ୟଟକଙ୍କୁ ଟାଣି ପାରୁନାହିଁ। ଓଡ଼ିଶାର ପର୍ଯ୍ୟଟନ ମାନଚିତ୍ରରେ ଏମିତି ଆହୁରି ଅନେକ ସ୍ଥାନ ରହିଛି; ଯେଉଁଠି ଭିତ୍ତିଭୂମି, ରାସ୍ତାଘାଟ, ଗମନାଗମନ, ଯୋଗାଯୋଗ ସହ ଯାତ୍ରୀଙ୍କ ପାଇଁ ସର୍ବନିମ୍ନ ସୁବିଧା ଉପଲବ୍ଧ ହୋଇପାରିନାହିଁ। ଏ ଦିଗରେ ରାଜ୍ୟ ସରକାରଙ୍କ ପଦକ୍ଷେପ ପର୍ଯ୍ୟଟନ କ୍ଷେତ୍ରରେ ଓଡ଼ିଶାକୁ ଏକ ଅଗ୍ରଣୀ ରାଜ୍ୟ ରୂପେ ଗଢ଼ି ତୋଳିବ।

ଇକ୍ସିଗୋର ତଥ୍ୟ ଅନୁଯାୟୀ ଭାରତରେ ଧର୍ମୀୟ ପର୍ଯ୍ୟଟନର ଧାରା ବୃଦ୍ଧି ପାଇବା ହେତୁ ଅନ୍ୟ ସହର ତୁଳନାରେ ବାରାଣସୀ ଏବଂ ପୁରୀରେ ହୋଟେଲ ବୁକିଂ ଅଧିକ ହେଉଛି। ବାରାଣସୀ ସହରକୁ ପର୍ଯ୍ୟଟକମାନେ କେବଳ ଧାର୍ମିକ ତୀର୍ଥଯାତ୍ରା ପାଇଁ ହିଁ ନୁହେଁ, ‘ଯୋଗକେନ୍ଦ୍ର’ ଏବଂ ‘ଆୟୁର୍ବେଦ ସ୍ପା’ ର ଆନନ୍ଦ ନେବାକୁ ଆସିଥାନ୍ତି। ସେହିଭଳି ଶ୍ରୀଜଗନ୍ନାଥଙ୍କ ଦର୍ଶନ, ବିଶ୍ୱପ୍ରସିଦ୍ଧ ଐତିହ୍ୟ କୋଣାର୍କର କୀର୍ତ୍ତିରାଜି, ସାତପଡା, ଚନ୍ଦ୍ରଭାଗା, ପୁରୀ ବେଳାଭୂମିର ସୌନ୍ଦର୍ଯ୍ୟ ଉପଭୋଗ ଉଦ୍ଦେଶ୍ୟରେ ପୁରୀ ଅଞ୍ଚଳକୁ ପର୍ଯ୍ୟଟକଙ୍କ ସୁଅ ରୀତିମତ ଛୁଟୁଛି। ସରକାରଙ୍କ ପ୍ରସାଦ, ସ୍ୱଦେଶୀ ଦର୍ଶନ, ଉଡାଣ ଭଳି କାର୍ଯ୍ୟକ୍ରମ ହେତୁ ଦେଶରେ ଧର୍ମୀୟ ପର୍ଯ୍ୟଟନ ବୃଦ୍ଧି ପାଇଛି। ଏହି କାରଣରୁ ଅନ୍ତର୍ଜାତୀୟ ସ୍ତରର ଖ୍ୟାତିସମ୍ପନ୍ନ ଏକାଧିକ ହୋଟେଲ ସଂସ୍ଥା ଦେଶର ଧର୍ମୀୟ ସ୍ଥାନଗୁଡ଼ିକରେ ନୂତନ ହୋଟେଲ ନିର୍ମାଣ ପାଇଁ ଆଗେଇ ଆସୁଛନ୍ତି।

ଧର୍ମୀୟ ସ୍ଥାନଗୁଡ଼ିକର ନବୀକରଣ ଏବଂ ବିକାଶ ହେତୁ ପର୍ଯ୍ୟଟନ କ୍ଷେତ୍ରରେ ଉତ୍ତରପ୍ରଦେଶ ରାଜ୍ୟ କ୍ରମାଗତ ଭାବରେ ଆଗକୁ ବଢ଼ି ଚାଲିଛି। ବିଗତ ଚାରି ବର୍ଷରେ କେବଳ ବାରାଣସୀର ପର୍ଯ୍ୟଟନ କ୍ଷେତ୍ର ପୂର୍ବ ତୁଳନାରେ ୧୦ ଗୁଣରୁ ଅଧିକ ଆୟ ଦେଇଛି। କାଶୀ ବିଶ୍ୱନାଥ ଧାମର ଲୋକାର୍ପଣ ପରେ ଏଥିରେ ଏକ ବଡ଼ ଧରଣର ବୃଦ୍ଧି ଘଟିଛି। ରାଜ୍ୟର ପର୍ଯ୍ୟଟନ ବିଭାଗ ମଧ୍ୟ ଏହି ଦିଗରେ କୌଣସି ସୁଯୋଗକୁ ହାତଛଡ଼ା କରିନାହିଁ। ଏଠାରେ ଜଳ ପର୍ଯ୍ୟଟନକୁ ପ୍ରୋତ୍ସାହିତ କରାଯାଇଛି। ପର୍ଯ୍ୟଟକଙ୍କ ପାଇଁ ଚାରୋଟି କ୍ରୁଜ (ଜଳ ଜାହାଜ) ସଂଚାଳିତ ହେଉଛି। ୨୦୨୩ ଜାନୁୟାରୀ ୧୩ରେ ବାରାଣସୀରେ ବିଶ୍ୱର ଦୀର୍ଘତମ ନଦୀ ଜଳଯାତ୍ରାର ଶୁଭାରମ୍ଭ କରାଯାଇଛି। ଯାହା ଏମ୍‌ଭି (ମୋଟର ଜାହାଜ) ଗଙ୍ଗା ବିଳାସ ଜଳଯାତ୍ରା ନାମରେ ପରିଚିତ। ବିଶ୍ୱ ପର୍ଯ୍ୟଟନ କ୍ଷେତ୍ରରେ ଏହା ଭାରତକୁ ଏକ ସ୍ୱତନ୍ତ୍ର ପରିଚୟ ଦେବ। ସେହିଭଳି ଚାରିଧାମ ଯାତ୍ରାରେ ଉତ୍ତରାଖଣ୍ଡକୁ ଏଥର ରେକର୍ଡ ସଂଖ୍ୟକ ଭକ୍ତ ଆସିଛନ୍ତି। କେଦାରନାଥ, ବଦ୍ରିନାଥ, ଗଙ୍ଗୋତ୍ରୀ ଏବଂ ଯମୁନୋତ୍ରୀ ଅଞ୍ଚଳକୁ ଲକ୍ଷାଧିକ ତୀର୍ଥଯାତ୍ରୀଙ୍କ ଆଗମନ କାରଣରୁ ଉତ୍ତରାଖଣ୍ଡର ରାଜସ୍ୱ ବୃଦ୍ଧି ଘଟିଛି। ୨୦୨୨ରେ ଏଠାରେ ପହଞ୍ଚିଛନ୍ତି ୪୩ଲକ୍ଷରୁ ଅଧିକ ଭକ୍ତ ବା ତୀର୍ଥଯାତ୍ରୀ। ୨୦୧୯ରେ ଏମାନଙ୍କ ସଂଖ୍ୟା ଥିଲା ପ୍ରାୟ ୩୫ଲକ୍ଷ।

ନିକଟ ଅତୀତରେ ପ୍ରଧାନମନ୍ତ୍ରୀ ନବୋନ୍ମେଷ ଶିକ୍ଷଣ କାର୍ଯ୍ୟକ୍ରମର ସମାପନ ସମାରୋହକୁ ସମ୍ବୋଧିତ କରି ପୂର୍ବତନ ଉପରାଷ୍ଟ୍ରପତି ଏମ୍ ଭେଙ୍କାୟା ନାଇଡୁ କହିଥିଲେ, ଭାରତକୁ ଏକ ବୈଜ୍ଞାନିକ ପୁନର୍ଜାଗରଣ ଏବଂ ସାଂସ୍କୃତିକ ପୁନରୁଦ୍ଧାରର ଆବଶ୍ୟକତା ରହିଛି।

ବୈପାରୀଗୁଡ଼ା, କୋରାପୁଟ
ମୋ–୬୩୭୦୬୭୯୪୦୫

## ଏଇ ଭାରତରେ

ଡାକ୍ତର ହେଉ କିମ୍ବା ଇଞ୍ଜିନିୟର, ଅଧିକ ରୋଜଗାର ପାଇଁ ସେମାନେ ଆମେରିକାରେ ଚାକିରି କରିବାକୁ ପସନ୍ଦ କରନ୍ତି। ଏମତି ବି ପସନ୍ଦ ଥିଲା ଡା. ଚନ୍ଦିଲ ଛୁଗ୍ ଓ ଡା.ନିବେଦିତା ପାଣ୍ଡେଙ୍କର। ଏହି ଦମ୍ପତି ଆମେରିକାରେ ୧୧ ବର୍ଷ ଚାକିରି କରିବା ପରେ ଭାରତ ଫେରିଆସି ବିହାରର ଗ୍ରାମୀଣ ଅଞ୍ଚଳରେ ଚିକିତ୍ସା ସେବା ଯୋଗାଇ ଦେଉଛନ୍ତି। ଡା.ଚନ୍ଦିଲ ଚାକିରି କରିଥିବା ସମୟରେ ବିହାରକୁ ଆସନ୍ତି ଓ ସ୍ୱାସ୍ଥ୍ୟ ସେବାରେ ଅବ୍ୟବସ୍ଥା ଦେଖି ସେଥିରେ ସୁଧାର ଆଣିବା ଲାଗି ଯଥାସାଧ୍ୟ ଚେଷ୍ଟା କରିବାକୁ ସ୍ଥିର କରିଥିଲେ। ପରେ ଏହି ଦମ୍ପତି ୨୦୧୬ରେ ବିହାରକୁ ଫେରିଆସିଥିଲେ। ପରେ ଡକ୍ଟର ଗୁଡ୍ ଡିଡ୍ କ୍ଲିନିକ୍ ପ୍ରତିଷ୍ଠା କରି ବିହାରର ଗ୍ରାମାଞ୍ଚଳରେ ଠିକ୍ ସମୟରେ ଓ ଶସ୍ତାରେ ଚିକିତ୍ସା ସେବା ଯୋଗାଇ ଦେଉଛନ୍ତି। ଫାର୍ମାସୀ ସର୍ଭିସ, ଲାବୋରେଟୋରି ପରୀକ୍ଷା ଇତ୍ୟାଦି ଖୁବ୍ କମ୍ ଖର୍ଚ୍ଚରେ କରାଯାଉଛି। ଡାକ୍ତରଙ୍କୁ ମଧ୍ୟ ମାଗଣାରେ ପରାମର୍ଶ କରିବାର ସୁବିଧା ରଖାଯାଇଛି। ଏହା ଦ୍ୱାରା ରୋଗୀମାନଙ୍କୁ ଖର୍ଚ୍ଚାନ୍ତ ହୋଇ ଦୂର ସହରକୁ ଯିବାକୁ ପଡୁନାହିଁ। ଏହାବ୍ୟତୀତ ପାଟନା ଓ ଏହାର ନିକଟବର୍ତ୍ତୀ ଗାଁଗୁଡ଼ିକରେ ପ୍ରତି ମାସରେ ସ୍ୱାସ୍ଥ୍ୟ ଶିବିର ଓ ଆଉଟ ପେସେଣ୍ଟ କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି। ଡ.ଗୁଡ ଡିଡ୍ କ୍ଲିନିକ ପ୍ରଥମ ବର୍ଷ ୧.୦୦୦ ରୋଗୀଙ୍କୁ ଶସ୍ତାରେ ସେବା ଯୋଗାଇ ଦେଇଥିବାବେଳେ ଏବେ ବର୍ଷକୁ ୩,୦୦୦ ରୋଗୀ ଏହାର ଲାଭ ପାଇପାରୁଛନ୍ତି। ଚିକିତ୍ସାରେ ଅବହେଳା ନ ହେବା ଲାଗି ବହୁ ସମୟରେ ସେମାନେ ଦିଲ୍ଲୀରୁ ଡାକ୍ତରମାନଙ୍କ ସହଯୋଗ ନେଉଛନ୍ତି।

## ଚିରନ୍ତନୀ

ଅସ୍ତ୍ର ଶକତି ଅସ୍ଥିର ଚିରଦିନ
କେବେ ସେ ଅଧିକ କେବେ ହୁଏ ଅବା ହୀନ
ମନର ଶକତି ପଡି ନାହିଁ ଭାଜି
ସେହି ଶକତିରେ ବଳୀୟାନ ଆଜି
ସେହି ସମ୍ପଦେ ଦୁର୍ଜୟ ଆଶା ଲଭି ଆଜି
ନୋହୁଁ ଦୀନ
ଅସ୍ତ୍ରର ବଳ ଅସ୍ଥିର ଚିରଦିନ।
–(ଭାରତ ଆସିବ ଫେରି)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ୫୦ ବର୍ଷ ତଳର ଧରିତ୍ରୀ

୬ ଡିସେମ୍ବର ୧୯୭୪

- ରାଜ୍ୟପାଳ ଏଲ୍. ସିଂହଙ୍କୁ ଭେଟି ମଣିପୁର ମୁଖ୍ୟମନ୍ତ୍ରୀ ୱାଇ ସାଇଜା ତାଙ୍କର ତଥା ଅନ୍ୟ ମନ୍ତ୍ରୀମାନଙ୍କର ଇସ୍ତଫାପତ୍ର ଦାଖଲ କରିଛନ୍ତି।
- ଇଣ୍ଡୋନେସିଆରୁ ୧୯୧ ଜଣ ହଜ୍ ଯାତ୍ରୀଙ୍କୁ ନେଇ ଜେହାଦ ଅଭିମୁଖେ ଯାଉଥିବା ଏକ ବିମାନ ଦୁର୍ଘଟଣାଗ୍ରସ୍ତ ହୋଇ ଖସିପଡ଼ିବା ଫଳରେ ସମସ୍ତ ଯାତ୍ରୀ ନିହତ।
- ଫ୍ରାନ୍ସରୁ ନୂତନ ଅତ୍ୟାଧୁନିକ କ୍ଷେପଣାସ୍ତ୍ର କିଣିବା ପାଇଁ ସାଉଦି ଆରବ ୯୨୦ ନିୟୁତ ଡଲାର ପ୍ରଦାନ କରିଛି।

## su|do|ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 8 | | | | 4 | 5 | | 6 |
| | | 1 | | | | | 3 | |
| | 9 | 7 | | | | | | |
| | | 4 | | | | | | 3 |
| | | 2 | | 5 | | | | |
| | 5 | | | 1 | | 8 | | 7 |
| | | | | | | | 7 | |
| 3 | | | | 8 | | 6 | | |
| 4 | | 5 | 1 | | 2 | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 7 | 5 | 4 | 1 | 3 | 2 | 6 | 8 | 9 |
| 3 | 6 | 9 | 5 | 4 | 8 | 7 | 1 | 2 |
| 8 | 2 | 1 | 7 | 9 | 6 | 4 | 5 | 3 |
| 6 | 8 | 5 | 9 | 1 | 3 | 2 | 4 | 7 |
| 1 | 3 | 2 | 8 | 7 | 4 | 5 | 9 | 6 |
| 4 | 9 | 7 | 6 | 2 | 5 | 8 | 3 | 1 |
| 2 | 7 | 8 | 3 | 5 | 9 | 1 | 6 | 4 |
| 9 | 4 | 6 | 2 | 8 | 1 | 3 | 7 | 5 |
| 5 | 1 | 3 | 4 | 6 | 7 | 9 | 2 | 8 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଶ୍ମଶାନର ସୁରକ୍ଷା ହେଉ

ମହାଶୟ,

ଶ୍ମଶାନ ଶବ୍ଦର ଅର୍ଥ କେବଳ ଶବ ସଂସ୍କାର କ୍ଷେତ୍ର ନୁହେଁ। ଶ୍ମନ୍ ଶବ୍ଦ ଅର୍ଥ ଶବ ଏବଂ ଶାନ ଅର୍ଥାତ୍ ଶୟନ କରିବା। ଏହା ଶ୍ମଶାନ ବୋଲି ଶବ୍ଦ ବିଶାରଦ ପଣ୍ଡିତଗଣ କହିଥା’ନ୍ତି। କାରଣ ମଣିଷ ଜନ୍ମ ହେଲେ ନିଶ୍ଚୟ ମୃତ୍ୟୁ ଆସିବ ଓ ସଭିଙ୍କ ଶେଷଠିକଣା ସେଇ ଶ୍ମଶାନ। ମୁନି ଋଷିମାନେ କହନ୍ତି, ମନରେ ବୈରାଗ୍ୟ ଉଦୟ ପାଇଁ ଥରେ ଶ୍ମଶାନ ଦର୍ଶନ ଆବଶ୍ୟକ। ଏବେ ଦେଖାଯାଉଛି ଯେ ପ୍ରତ୍ୟେକ ଗାଁରେ ଖେଳପଡ଼ିଆ ନ ଥିବ ପଛେ ଶ୍ମଶାନ ନିଶ୍ଚୟ ଥିବ। ତାହା ପୁଣି ବିଭିନ୍ନ ସମ୍ପ୍ରଦାୟର। ଏହି ଦେହ ଶବ। ଏହି ଦେହରୂପକ ଶବ ମଧ୍ୟରେ ଅଛି ଆତ୍ମା। ଆତ୍ମାରୂପୀ ଶ୍ରୀଜଗନ୍ନାଥ ଦେହ ମନ୍ଦିର ମଧ୍ୟରେ ବିରାଜିତ ଥିବାରୁ ଏଠାରେ ସମସ୍ତ ଐଶ୍ୱର୍ଯ୍ୟର ପ୍ରକାଶ ଘଟୁଛି, ନଚେତ୍ ଏହି ଦେହ ମଡ଼ାରେ ପରିଣତ ହେବ। କେହି ଛୁଇଁବେ ନାହିଁ। ମନବୋଧ ଚଉତିଶରେ ଅଛି– ‘‘ଛୁଇଁବେ ନାହିଁ ତୋତେ ବୋଲିବେ ମଡ଼ା, ଛ’ ଖଣ୍ଡି କାଠ ହେବ ତୋ’ ପାଇଁ ଲୋଡ଼ା।’’ ତେଣୁ ସମସ୍ତେ ସାଧନା ପଥ ଅବଲମ୍ବନ କରିବା ଉଚିତ୍। ଶ୍ମଶାନ ଏବେ ସଙ୍କଟରେ। ରାଜ୍ୟର ଅନେକ ଗାଁରେ ଏବେ ଶ୍ମଶାନ ନାହିଁ। ବହୁ ଗାଁରେ ଶ୍ମଶାନ ଜମି ଜବର ଦଖଲ କରାଯିବାର ଦୃଷ୍ଟାନ୍ତ ରହିଛି। ଏଣୁ ଗାଁଗୁଡ଼ିକରେ ଥିବା ମୋଟ ଗୋଚର ଜମିକୁ ଚିହ୍ନଟ କରିବା ସହ ସେଗୁଡ଼ିକୁ ସୁରକ୍ଷିତ ରଖିବା ଲାଗି ସରକାର ଚେଷ୍ଟା କରିବା ଉଚିତ।

–ଦେବବ୍ରତ ମିଶ୍ର, ଶ୍ରୀରାମଚନ୍ଦ୍ରପୁର, ସତ୍ୟବାଦୀ, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ପୋତୁଆଁ ହେଲେ ବଡ଼ଠାକୁର

ପୁରୀ, ୫।୧୨ (ଅଜିତ ମହାନ୍ତି)

## ଶ୍ରୀମନ୍ଦିରରେ ପ୍ରଥମାଷ୍ଟମୀ ନୀତି

ମାର୍ଗଶିର ମାସ କୃଷ୍ଣପକ୍ଷ ଅଷ୍ଟମୀ ବା ପ୍ରଥମାଷ୍ଟମୀ ଅବସରରେ ଘରର ଜ୍ୟେଷ୍ଠଙ୍କୁ ପୋତୁଆଁ କରାଯାଇ ବନ୍ଦାପନା କରାଯିବାର ପରମ୍ପରା ରହିଛି। ଏହି ପରିପ୍ରେକ୍ଷୀରେ ମଙ୍ଗଳବାର ପ୍ରଥମାଷ୍ଟମୀରେ ଶ୍ରୀମନ୍ଦିରରେ ବିଶେଷ ନୀତି ଅନୁଷ୍ଠିତ ହୋଇଛି। ପରମ୍ପରା ଅନୁଯାୟୀ, ମହାପ୍ରଭୁଙ୍କ ଭୋଗମଣ୍ଡପ ସମ୍ପନ୍ନ ପରେ ବେଶ ମଇଲମ କରାଯାଇ ପାଣି ପଡ଼ିଥିଲା। ପରେ ପୂଜାପଣ୍ଡା ସାମନ୍ତ ଯାତ୍ରାଙ୍ଗୀ ମହାସ୍ନାନ ନୀତି ସମ୍ପନ୍ନ କରିଥିଲେ। ବଡ଼ଠାକୁର ପ୍ରଭୁ ବଳଭଦ୍ରଙ୍କ ସମେତ ତିନି ଠାକୁରଙ୍କୁ ନୂଆଲୁଗା ଲାଗି କରାଯାଇଥିଲା। ପୂଜାପଣ୍ଡା, ପତିମହାପାତ୍ର ଏବଂ ମୁଦିରସ୍ତ ମହାପ୍ରଭୁଙ୍କୁ ଚନ୍ଦନ ଲାଗି ସର୍ବାଙ୍ଗ ନୀତି କରିଥିଲେ। ସେବକମାନେ ଶ୍ରୀବିଗ୍ରହମାନଙ୍କୁ ୬ ମୂର୍ତ୍ତି ଅଳଙ୍କାର ଲାଗିକରି ବେଶ କରିଥିଲେ। ଏହାପରେ ବନ୍ଦାପନା ବା ବରୁଣ ପୂଜା ଅନୁଷ୍ଠିତ ହୋଇଥିଲା। ମଧ୍ୟାହ୍ନ ଧୂପ ଉଠିବା ପରେ ତିନିବାଡ଼ରେ ମଙ୍ଗଳାର୍ପଣ ନୀତି ସମ୍ପନ୍ନ ହୋଇ ଫୁଲପୁରିଆ ଖଦି ଓ ଛେଦା ପ୍ରସାଦ ଲାଗି ହୋଇ ବନ୍ଦାପନା ନୀତି ସମାପନ କରାଯାଇଥିଲା। ଏହାପରେ ପୋତୁଆଁ ନୀତି ସମ୍ପନ୍ନ ହୋଇଥିଲା। ସେହିପରି ପୁରୀ ସହରର ବିଭିନ୍ନ ପରିବାରରେ ଜ୍ୟେଷ୍ଠମାନଙ୍କୁ ପୋତୁଆଁ କରାଯାଇଥିଲା। ଷଠିଦେବୀଙ୍କ ନିକଟରେ ଭୋଗ ଅର୍ପଣ କରାଯିବା ସହ ଘରର ଜ୍ୟେଷ୍ଠମାନେ ନୂଆ ପୋଷାକ ପିନ୍ଧି ପୋତୁଆଁ ହୋଇଥିଲେ। ସେମାନଙ୍କୁ ବନ୍ଦାପନା କରାଯିବା ପରେ ପିଠା ଖାଇଥିଲେ।

# ବିମାନବନ୍ଦରରୁ ପୁରୀ, କଟକକୁ ମୋ ବସ୍ ଏକ୍ସପ୍ରେସ୍ ସେବା ଆରମ୍ଭ

ଭୁବନେଶ୍ୱର, ୫।୧୨ (ବନ୍ଦନା ସେଠୀ)

ରାଜଧାନୀ ଭୁବନେଶ୍ୱରରୁ ପୁରୀ ଓ କଟକକୁ 'ମୋ ବସ୍ ଏକ୍ସପ୍ରେସ୍ ସେବା' ଆରମ୍ଭ ହୋଇଛି। ଏଣିକି ଭୁବନେଶ୍ୱର ବିମାନବନ୍ଦରରୁ ବିନା ଷ୍ଟପେଜରେ ଯାତ୍ରୀ ସିଧାସଳଖ ଯାଇ ନିଜ ଗନ୍ତବ୍ୟସ୍ଥଳରେ ପହଞ୍ଚିବେ। ବିମାନବନ୍ଦର ଲେନ୍ ନଂ.୪ରୁ ଯାତ୍ରୀମାନେ ବସ୍‌ରେ ବସି ଏହାର ସୁବିଧା ଉଠାଇପାରିବେ ବୋଲି କ୍ରୁଟ୍ ପକ୍ଷରୁ ସୂଚନା ଦିଆଯାଇଛି। ଅଧିକାଂଶ ଯାତ୍ରୀ ବିମାନବନ୍ଦରରୁ ସିଧାସଳଖ ପୁରୀ କିମ୍ବା କଟକ ଯାତାୟାତ କରୁଛନ୍ତି। ଏଥିପାଇଁ ସହରରେ ପୂର୍ବରୁ ପବ୍ଲିକ୍ ଟ୍ରାନ୍ସପୋର୍ଟ ଭାବେ 'ମୋ ବସ୍' ସୁବିଧା ରହିଥିଲେ ମଧ୍ୟ ତାହା ସହରର ଅନେକ ଷ୍ଟପେଜ୍ ଦେଇ ପୁରୀ ଓ କଟକ ଯାଉଥିଲା। ଫଳରେ ଯାତ୍ରୀମାନଙ୍କୁ ସେଠାରେ ପହଞ୍ଚିବାକୁ ଅଧିକ ସମୟ ଲାଗୁଥିଲା। ଏହାକୁ ଦୃଷ୍ଟିରେ ରଖି ପ୍ରିମିୟମ୍ ଯାତ୍ରା ଭାବେ ସ୍ୱତନ୍ତ୍ର ଏକ୍ସପ୍ରେସ୍ ସେବା ଆରମ୍ଭ କରାଯାଇଛି। ଫଳରେ ପୂର୍ବାପେକ୍ଷା ୪୦ରୁ ୫୦ ମିନିଟ୍ ଆଗରୁ ଗନ୍ତବ୍ୟସ୍ଥଳରେ ପହଞ୍ଚିହେବ। ପୁରୀ ଯିବାକୁ ହେଲେ ଯାତ୍ରୀଙ୍କୁ ୨ଶହ ଏବଂ କଟକ ପାଇଁ ଶହେ ଟଙ୍କା ଭଡ଼ା ଦେବାକୁ ପଡ଼ିବ।

ସୂଚନାଯୋଗ୍ୟ, ଯାତ୍ରୀଙ୍କ ସୁବିଧା ପାଇଁ କ୍ରୁଟ୍ ପକ୍ଷରୁ 'ମୋ ବସ୍' ସେବା ଜାରି ରହିଛି। ଉଭୟ ଏସି ଏବଂ ନନ୍‌ଏସି ବସ୍‌ସେବା ଉପଲବ୍ଧ ଅଛି। ଏବେ ପ୍ରାୟ ୮୪ଟି ରୁଟ୍‌ରେ ମୋ ବସ୍ ଚଳାଚଳ କରୁଥିବାବେଳେ ଦୈନିକ ୨.୫ ଲକ୍ଷ ଲୋକ 'ମୋ ବସ୍' ଯୋଗେ ଯାତାୟାତ କରୁଥିବା 'ମୋ ବସ୍' ଅଫିସିଆଲ୍ ପକ୍ଷରୁ ସୂଚନା ଦିଆଯାଇଛି।

# ଦଶମ ପରୀକ୍ଷାର୍ଥୀଙ୍କ ପାଇଁ ନମୁନା ପ୍ରଶ୍ନପତ୍ର ଜାରି

ଭୁବନେଶ୍ୱର, ୫।୧୨ (ଅସମାପିକା ସାହୁ)

୨୦୨୪ ମାଟ୍ରିକ ପରୀକ୍ଷା ପାଇଁ ଛାତ୍ରୀଛାତ୍ରଙ୍କ ନିମନ୍ତେ ଗୋଟିଏ ସେଟ୍ ସାମ୍ପୁଲ ବା ନମୁନା ପ୍ରଶ୍ନପତ୍ର ଜାରି କରାଯାଇଛି। ପ୍ରତି ଦଶମ ଛାତ୍ରୀଛାତ୍ର ଯେଭଳି ଏହି ନମୁନା ପ୍ରଶ୍ନପତ୍ର ପାଇପାରିବେ ସେଥିପ୍ରତି ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ ସମସ୍ତ ଜିଲା ଶିକ୍ଷାଧିକାରୀଙ୍କୁ ଦୃଷ୍ଟିଦେବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଏ ନେଇ ନିର୍ଦ୍ଦେଶକ ସୁଶାନ୍ତ କୁମାର ଦାସ ମଙ୍ଗଳବାର ସମସ୍ତ ଜିଲା ଶିକ୍ଷାଧିକାରୀଙ୍କୁ ଚିଠି ଲେଖିଛନ୍ତି। ପରୀକ୍ଷା ପଦ୍ଧତି ସମ୍ପର୍କରେ ଛାତ୍ରୀଛାତ୍ରଙ୍କୁ ଅବଗତ କରାଇବା ପାଇଁ ଏଭଳି ପଦକ୍ଷେପ ନିଆଯାଇଛି। ଓଡ଼ିଆ, ଇଂଲିଶ, ହିନ୍ଦୀ, ସଂସ୍କୃତ, ଗଣିତ, ବିଜ୍ଞାନ, ସାମାଜିକ ବିଜ୍ଞାନର ଗୋଟିଏ ସେଟ୍ ନମୁନା ପ୍ରଶ୍ନପତ୍ର ପ୍ରସ୍ତୁତ କରାଯାଇ ପଠାଯାଇଛି। ସେଗୁଡ଼ିକୁ ନିଜ ଜିଲାରେ ଥିବା ମାଧ୍ୟମିକ ସ୍କୁଲର ସମସ୍ତ ପ୍ରଧାନ ଶିକ୍ଷକଙ୍କ ନିକଟରେ ବାଣ୍ଟିବାକୁ ଜିଲା ଶିକ୍ଷାଧିକାରୀଙ୍କୁ କୁହାଯାଇଛି। ସବୁ ପିଲାଙ୍କ ପାଖରେ ଯେପରି ଏହି ନମୁନା ପ୍ରଶ୍ନପତ୍ର ପହଞ୍ଚିବ, ସେଥିପ୍ରତି ଗୁରୁତ୍ୱ ଦେବା ଲାଗି ଡିଇଓଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ୨୦୨୪ ଦଶମ ବାର୍ଷିକ ପରୀକ୍ଷା ପାଇଁ ଜିଲାସ୍ତରରେ ଏକାଧିକ ପ୍ରଶ୍ନପତ୍ର ସେଟ୍ ପ୍ରସ୍ତୁତ କରିବାକୁ ମଧ୍ୟ ନିର୍ଦ୍ଦେଶାଳୟ ପକ୍ଷରୁ କୁହାଯାଇଛି। ନିଜ ଜିଲାରେ ଥିବା ଅଭିଜ୍ଞ ଶିକ୍ଷକମାନଙ୍କଠାରୁ ଏହିସବୁ ପ୍ରଶ୍ନପତ୍ର ସେଟ୍ ପ୍ରସ୍ତୁତ କରି ନିର୍ଦ୍ଦେଶାଳୟକୁ ପଠାଇବା ନିମନ୍ତେ କୁହାଯାଇଛି। ସବୁ ଜିଲାରୁ ସଂଗୃହୀତ ସେଟ୍‌କୁ ନେଇ ପ୍ରଶ୍ନପତ୍ର ବ୍ୟାଙ୍କ୍ ପ୍ରସ୍ତୁତ କରାଯିବାକୁ ଯୋଜନା ହୋଇଛି।


























































# ୩୩ ବର୍ଷ ହେଲା ରାସ୍ତା ନିର୍ମାଣ ହୋଇପାରୁନି

■ ଜିଲାପାଳଙ୍କ ଜନଶୁଣାଣିରେ ଅଭିଯୋଗକଲେ ଗ୍ରାମବାସୀ

■ ୧୯୯୦ରେ ବିଜୁ ପଟ୍ଟନାୟକଙ୍କ ଦ୍ୱାରା ଶିଳାନ୍ୟାସ ହୋଇଥିଲା

ପ୍ରୀତିପୁର,୫।୧୨(ସୁଶାନ୍ତ ବେହୁରିଆ):

ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ଜରି ବିସିଜେ ହାଇସ୍କୁଲ ଛକଠାରୁ ଦଶରଥପୁର ବ୍ଲକର ବଡ଼ କୁଆଁଲ ଗାଁ ପର୍ଯ୍ୟନ୍ତ ରାସ୍ତା ୩୩ ବର୍ଷ ହେବ ନିର୍ମାଣ ହୋଇପାରୁନାହିଁ। ଏନେଇ ଜରି, ଛାନ୍ଦମୁଣ୍ଡ, ବାଙ୍ଗରା, କୁସୁନପୁର, କଣ୍ଟିତର ଓ ଗୁଣ୍ଡୁରିପଡ଼ା ଆଦି ଗ୍ରାମର ଶତାଧିକ ଗ୍ରାମବାସୀ ଜରିର ପ୍ରାକ୍ତନ ସରପଞ୍ଚ ଭୁବନାନନ୍ଦ ସାମଲଙ୍କ ନେତୃତ୍ୱରେ ଯାଜପୁର ଜିଲା ପରିଷଦ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ମିଳିତ ଜନଶୁଣାଣି ଶିବିରରେ ଉପସ୍ଥିତ ରହି ଜିଲାପାଳ ଚକ୍ରବର୍ତ୍ତୀ ସିଂ ରାଠୋରଙ୍କୁ ଦାବିପତ୍ର ଦେଇଛନ୍ତି। ଦାବିପତ୍ର ପ୍ରଦାନ ପରେ ଜିଲାପାଳ ପୂର୍ତ୍ତ ବିଭାଗ ସୁପରିଣ୍ଟେଣ୍ଡେଣ୍ଟ ଇଞ୍ଜିନିୟର ପୂର୍ଣ୍ଣଚନ୍ଦ୍ର ଦଳାଇଙ୍କୁ ଡାକି ଅବିଳମ୍ବେ ରାସ୍ତା ପାଇଁ ଜମି ହରାଉଥିବା କ୍ଷତିଗ୍ରସ୍ତ ପରିବାରଙ୍କୁ କ୍ଷତିପୂରଣ ରାଶି ପ୍ରଦାନ କରି ୨ ମାସ ମଧ୍ୟରେ ଟେଣ୍ଡର ଡାକି କାର୍ଯ୍ୟ ଆରମ୍ଭ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଦଳାଇ ବିଞ୍ଝାରପୁର ଉପଖଣ୍ଡ ସହକାରୀ ଯନ୍ତ୍ରୀ ରାମଚନ୍ଦ୍ର ମଲ୍ଲିକଙ୍କୁ କ୍ଷେତ୍ର ପରିଦର୍ଶନ କରି ଜମି ହରାଉଥିବା କ୍ଷତିଗ୍ରସ୍ତ ଲୋକଙ୍କ ତାଲିକା ପ୍ରସ୍ତୁତ କରିବା ସହ ସେମାନଙ୍କୁ କ୍ଷତିପୂରଣ ପ୍ରଦାନ କରି ତୁରନ୍ତ ରାସ୍ତା କାର୍ଯ୍ୟ ଆରମ୍ଭ କରିବାକୁ କହିଛନ୍ତି।

ଗ୍ରାମବାସୀ ଦେଇଥିବା ଦାବିପତ୍ରରେ ଦର୍ଶାଇଛନ୍ତି, ୧୯୯୦ରେ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଅର୍ଥ ମଞ୍ଜୁର କରାଯାଇ ଉକ୍ତ ରାସ୍ତା କାର୍ଯ୍ୟର ଶିଳାନ୍ୟାସ କରାଯାଇଥିଲା। ତତ୍କାଳୀନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକ ଏହାର ଶିଳାନ୍ୟାସ କରିଥିଲେ। ସେତେବେଳେ ଜରି, ବାଙ୍ଗରା, ଛାନ୍ଦମୁଣ୍ଡ, କୁସୁନପୁର, କଣ୍ଟିତର, ଗୁଣ୍ଡୁରପଡ଼ା ଆଦି ଗ୍ରାମବାସୀଙ୍କ ମଧ୍ୟରେ ଆନନ୍ଦର ଲହରି ଖେଳିଯାଇଥିଲା। ଏହି ରାସ୍ତା ନିର୍ମାଣହେଲେ ଚାଷୀଙ୍କ ଗମନାଗମନ ଓ ପରିବହନ କାର୍ଯ୍ୟ ସୁବିଧା ହେବା ସହିତ ରାସ୍ତାଦେଇ ମଙ୍ଗଳପୁର-ସିଂହପୁର-କଣ୍ଡିଆ ଆଦି ବଜାରକୁ ଯିବାକୁ ବହୁ କମ୍ ସମୟ ଲାଗିବ। ଏହାବ୍ୟତୀତ ବାଙ୍ଗରା ପଞ୍ଚାୟତ ସଦର ମହକୁମାକୁ ଆସିବାକୁ କୁସୁନପୁର, କଣ୍ଟିତର ଓ ଗୁଣ୍ଡୁରପଡ଼ା ଲୋକଙ୍କର ସବୁଦିନିଆ ରାସ୍ତା ହୋଇପାରିବ। କିନ୍ତୁ ଏହି ରାସ୍ତାକୁ ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧିକାରୀମାନେ ଶେଷ କରିପାରିଲେ ନାହିଁ। ରାସ୍ତା କାମ ପାଇଁ ଆସୁଥିବା ଅନୁଦାନ ହଡ଼ପ ହେବାରୁ କାର୍ଯ୍ୟ ଅଧାପନ୍ତରିଆ ହୋଇ ରହିଗଲା। ରାସ୍ତାଟି ଦୀର୍ଘ ବର୍ଷ ଧରି ଅଧାପନ୍ତରିଆ ଅବସ୍ଥାରେ ପଡ଼ି ରହିବା ପରେ ସରକାର ତାହାକୁ ୨୦୧୧ରେ ପୂର୍ତ୍ତ ବିଭାଗକୁ ହସ୍ତାନ୍ତର କରିଥିଲେ। ହେଲେ ଜମି ଅଧିଗ୍ରହଣ ନ କରାଯିବା ଦ୍ୱାରା ରାସ୍ତା କାର୍ଯ୍ୟ କରାଯାଇ ପାରୁନାହିଁ। ଫଳରେ ପ୍ରାୟ ୧୦ ବର୍ଷ ହେବ କୁସୁନପୁର ଓ ମିଶ୍ର ପୋଖରୀଠାରେ କେବଳ ଦୁଇଟି ସେତୁ ନିର୍ମାଣ ହୋଇପଡ଼ିଛି। ବହୁବାର ଅଞ୍ଚଳବାସୀଙ୍କ ପକ୍ଷରୁ ଏହି ରାସ୍ତା ନିର୍ମାଣ ପାଇଁ ଉଚ୍ଚ କର୍ତ୍ତୃପକ୍ଷଙ୍କ ନିକଟକୁ ଦାବିପତ୍ର ପଠାଯାଇଥିଲେ ମଧ୍ୟ ସେମାନଙ୍କ ଉଦାସୀନତା ଯୋଗୁ ରାସ୍ତାଟି ପୂର୍ଣ୍ଣାଙ୍ଗ ନ ହୋଇ ପରିତ୍ୟକ୍ତ ଅବସ୍ଥାରେ ପଡ଼ିରହିଛି। ଯେଉଁ ୨/୩କି.ମି. ରାସ୍ତା ନିର୍ମାଣ ହୋଇଛି, ତାହା ନିମ୍ନମାନର କାର୍ଯ୍ୟ ଯୋଗୁ ବିଭିନ୍ନ ସ୍ଥାନରେ ବଡ଼ବଡ଼ ଗର୍ତ୍ତ ସୃଷ୍ଟି ହୋଇଛି। ଅନେକ ସ୍ଥାନରେ ପିଚୁ ଉଠିଯିବାରୁ ଏହା ମଧ୍ୟ ଗମନାଗମନ ପାଇଁ କାଳକ୍ରମେ ଅନୁପଯୁକ୍ତ ଅବସ୍ଥାକୁ ଆସିଲାଣି।



ଜିଲାପାଳଙ୍କ ଜନଶୁଣାଣିରେ ଅଭିଯୋଗ କରାଯାଉଛି।




ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଦୟାସାଗର



@ ଦିସେମ୍ବର



@ ମାଧବାନନ୍ଦ



@ ସୌମ୍ୟରଞ୍ଜନ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଲଘୁଚାପ ବର୍ଷାକୁ ନେଇ ଭୟଭୀତ ଚାଷୀ



କ୍ଷେତରେ ପାଚିଲା ଧାନ।

## ଉଜୁଡ଼ିବ ପାଚିଲା ଧାନ

ଯାଜପୁର ସଦର,୫।୧୨ (ସମର ବିଜୟ ଶରଣ):

ଲଘୁଚାପ ବର୍ଷାକୁ ନେଇ ଯାଜପୁର ବ୍ଲକ୍ ଅଞ୍ଚଳର ଚାଷୀ ଭୟଭୀତ ହୋଇ ପଡ଼ିଛନ୍ତି। ଯଦି ବର୍ଷା ହୁଏ ତେବେ ଅନେକ ପାଚିଲା ଧାନ ନଷ୍ଟ ହେବ। ଏବେ ଧାନ ପାଚି ବିଲରେ ଅଛି। ଆଉ କିଛି ଦିନ ପରେ ଧାନ କଟା ଆରମ୍ଭ ହେବ। ତେଣୁ ବର୍ଷା ହେଲେ ଧାନକ୍ଷେତରେ ଥିବା ପାଚିଲା ଧାନ କେଣ୍ଡା ସବୁ ଛିଣ୍ଡି ଯାଇ ତଳେ ପଡ଼ିଯିବ। ଯାହାକୁ ଆଉ ଅମଳ କରି ହେବନାହିଁ। ଧାନର ରଙ୍ଗ ମଧ୍ୟ ଫିକା ପଡିଯିବ। ଫଳରେ ସେ ଚାଉଳ ଆଉ ଖାଦ୍ୟ ଉପଯୋଗୀ ହୋଇପାରିବ ନାହିଁ। ଯେଉଁ ଅଳ୍ପ କେତେଜଣ ଚାଷୀ ଆଗୁଆ ଚାଷ କରିଥିଲେ ସେମାନେ ଧାନ କାଟି ସୁରକ୍ଷିତ ସ୍ଥାନକୁ ନେଇ ଯାଇଥିବା ଦେଖିବାକୁ ମିଳିଛି।

ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ଘନୀଭୂତ ହୋଇ ଅବପାତରେ ପରିଣତ ହୋଇଛି। ଏହାର ପ୍ରଭାବରେ ଓଡ଼ିଶା ସମେତ ତାମିଲନାଡୁ ଓ ଆନ୍ଧ୍ରପ୍ରଦେଶର ଅନେକ ଅଞ୍ଚଳରେ ବର୍ଷା ହେବା ନେଇ ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। କେତେବେଳେ ଯେ ବର୍ଷା ହେବ ତାହା କହିହେବ ନାହିଁ। ଆଗାମୀ ୪/୫ ଦିନ ମଧ୍ୟରେ ଯଦି ବର୍ଷା ହୁଏ ତେବେ ଚାଷୀକୁ ବ୍ୟାପକ କ୍ଷତି ସହିବାକୁ ପଡ଼ିବ। ବ୍ଲକ୍‌ର ମୋଟ୍ ୧୨୮୫୯ ହେକ୍ଟର ଜମିରୁ ଚଳିତ ରବି ଋତୁରେ ଧାନ ଚାଷ ପାଇଁ ୪୬୦ ହେକ୍ଟର ଓ ଅବଶିଷ୍ଟ ଜମିରେ ବାଦାମ, ମୁଗ, ବିରି, କୋଳଥ ଓ ପନିପରିବା ଚାଷ କରାଯାଇଛି। ଏ ସମ୍ପର୍କରେ ଶ୍ୟାମଦାସପୁର ପଞ୍ଚାୟତ ମାଧପୁର ଗ୍ରାମର ଚାଷୀ ଗୋପୀନାଥ ବିଶ୍ୱାଳ କହିଛନ୍ତି, ବର୍ଷା ହେଲେ ଧାନ ଚାଷର ଅଧିକ କ୍ଷତି ଘଟିବ। ଯଦି ଅଳ୍ପ ବର୍ଷା ହୁଏ ତେବେ ରବି ଜାତୀୟ ଫସଲକୁ ଉପକାର ହେବ। ବର୍ଷା ଅଧିକ ହେଲେ ପୋଟଳ ଚାରା ମୂଳ ପଚିଯିବ, ବାଦାମରେ ଯଉଆ ରୋଗ ବ୍ୟାପୀବ, ବାଇଗଣରେ ଶଢ଼ା ରୋଗ ଧରିବ ଓ ଅନ୍ୟ ଚାଷ ବି ବର୍ଷା ପାଣିରେ ପଚିଯିବ। ଫଳରେ ଚାଷୀଙ୍କ ବହୁ କ୍ଷତି ଘଟିବ।

# ୩ ସ୍ଥାନରେ ଦୁର୍ଘଟଣା: ୪ ଗୁରୁତର

ଧର୍ମଶାଳା,୫।୧୨(ବଟକୃଷ୍ଣ ପରିଡ଼ା):

ଜେନାପୁର ଥାନା ଅନ୍ତର୍ଗତ ୫୩ନଂ. ଜାତୀୟ ରାଜପଥର ଚାରଗୋଠ ଓ ଏହି ରାସ୍ତାର ମାଣ୍ଡିଆ ଛକରେ ବାଇକ୍ ଦୁର୍ଘଟଣା ଘଟିଛି। ଏଥିରେ ୨ଜଣ ଗୁରୁତର ହୋଇଛନ୍ତି। ସେହିପରି ଧର୍ମଶାଳା-କବାଟବନ୍ଧ ରାସ୍ତାର ଇମାମନଗରଠାରେ ବାଇକରୁ ପଡ଼ି ଜଣେ ଗୁରୁତର ହୋଇଛନ୍ତି। ଓଡି-୦୪-ଡି-୦୮୮୪ ବାଇକ୍‌ରେ ରାଇଛନ୍ଦା ଗ୍ରାମର ଜିତେନ୍ଦ୍ର ଦଳାଇ ଓ ରଞ୍ଜନ ଦଳାଇ ଚଣ୍ଡିଖୋଲ ଆସୁଥିବାବେଳେ ଚାରଗୋଠଠାରେ ଓଡି-୦୪-ଏସ-୮୫୭୧ ନଂ. ବାଇକ୍ ସହିତ ଧକ୍କା ହୋଇଥିଲେ। ଫଳରେ ଜିତେନ୍ଦ୍ର ଓ ରଞ୍ଜନ ଗୁରୁତର ହୋଇଥିଲେ। ସେମାନଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ ଧର୍ମଶାଳା ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ପ୍ରାଥମିକ ଚିକିତ୍ସା ପରେ ସେମାନଙ୍କୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଏନେଇ ଜେନାପୁର ପୋଲିସ ଏକ ମାମଲା ରୁଜୁ କରିବା ସହ ଦୁର୍ଘଟଣା ଗ୍ରସ୍ତ ବାଇକ ୨ଟିକୁ ଜବତ କରିଛି। ସେହିପରି ୫୩ନଂ. ଜାତୀୟ ରାଜପଥ ମାଣ୍ଡିଆ ଛକଠାରେ କୁରିକଣା ଗ୍ରାମର ଲୋକନାଥ ମଲିକ ବାଇକରୁ ପଡ଼ି ଗୁରୁତର ହୋଇଛନ୍ତି। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଧର୍ମଶାଳା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ପରେ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ସେହିପରି ଇମଇମନଗର ଛକରେ ଗଙ୍ଗାଧରପୁର ଗ୍ରାମର ସତ୍ୟଜିତ ଗୁଇଁ ବାଇକ୍‌ରୁ ପଡ଼ି ଗୁରୁତର ହୋଇଛନ୍ତି। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଧର୍ମଶାଳା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ କଟକ ବଡ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିବା ଜଣାଯାଇଛି।

# ବୃହତର ଓଡ଼ିଶା ମୁକ୍ତି ସାମ୍ମୁଖ୍ୟର ଆନ୍ଦୋଳନ ଡାକରା

ବଡ଼ଚଣା,୫।୧୨(ଦିଲୀପ କୁମାର ମହାନ୍ତି):

ବଡ଼ଚଣା ବ୍ଲକ ଖଇରା କନକେଶ୍ୱର ମହାଦେବ ପୀଠ ପରିସରରେ ବୃହତର ଓଡ଼ିଶା ମୁକ୍ତି ସାମ୍ମୁଖ୍ୟ ପକ୍ଷରୁ ଏକ ସମାବେଶ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ସାମ୍ମୁଖ୍ୟର ରାଜ୍ୟ ସଭାପତି ପ୍ରଫୁଲ୍ଲ ଚନ୍ଦ୍ର ମାହାଲା ଯୋଗଦେଇ ସ୍ୱାଧୀନତାକୁ ୭୫ ବର୍ଷ ବିତିଯାଇଥିଲେ ମଧ୍ୟ ଏବେବି ଓଡ଼ିଶାର ବହୁ ଅଞ୍ଚଳ ଆନ୍ଧ୍ର, ବିହାର ଓ ଛତିଶଗଡ଼ ଅଧୀନରେ ଅଛି। ବିକ୍ଷିପ୍ତ ଓଡ଼ିଶାକୁ ଏକତ୍ରିତ କରିବାରେ ଯେଉଁ ମହାପୁରୁଷଙ୍କ ଅବଦାନ ଥିଲା ତାଙ୍କ ସ୍ୱପ୍ନ ଆଜି ଅଧୁରା ରହିଛି। ପ୍ରଶାସନିକ ଅବହେଳା, ରାଜନୈତିକ ଇଚ୍ଛାଶକ୍ତିର ଅଭାବ ଯୋଗୁ ଏହା ସମ୍ଭବ ହୋଇପାରୁନାହିଁ ବୋଲି ମାହାଲା କହିବା ସହିତ ଏହି ଅଞ୍ଚଳଗୁଡିକ ଓଡ଼ିଶାରେ ତୁରନ୍ତ ମିଶାଇବାକୁ ସରକାରଙ୍କୁ ଅନୁରୋଧ କରିଛନ୍ତି। ନଚେତ ଆଗାମୀ ଦିନରେ ଗଣ ଆନ୍ଦୋଳନ କରାଯିବ ବୋଲି ସେ ଚେତାବନୀ ଦେଇଛନ୍ତି। ସମାରୋହରେ ବୈଷ୍ଣବଚରଣ ବରାଳ, ଚନ୍ଦ୍ରମଣି ବରାଳ, ଅନାଦି ଚରଣ ଲେଙ୍କା, ଅର୍ଜୁନ ପଟ୍ଟନାୟକ, ଶଶିରେଖା ବରାଳ, ସୁଷମା ଓଝା, ଭୀମସେନ ବରାଳ, ବଟକୃଷ୍ଣ ସାମଲ, ରାମଚନ୍ଦ୍ର ସାହୁ, କବି ସାହୁ, ବିକାଶ ସାମଲ ଓ ସଂଯୁକ୍ତା ବାରିକ ପ୍ରମୁଖ ଯୋଗଦେଇଥିଲେ।

# ବାଲିଚନ୍ଦ୍ରପୁର ଅଞ୍ଚଳରେ ଧଳାଜହର କାରବାର ଚର୍ଚ୍ଚା

ବାଲିଚନ୍ଦ୍ରପୁର,୫।୧୨(ଗିରିଜା ପ୍ରସାଦ ସାହୁ):

ବାଲିଚନ୍ଦ୍ରପୁର ଥାନା ସଂଲଗ୍ନ ଓ ତା'ର ଆଖପାଖ ଅଞ୍ଚଳରେ ବ୍ୟାପକ ଧଳାଜହର କାରବାର ହେଉଥିବା ଚର୍ଚ୍ଚା ହେଉଛି। ବାଲିଚନ୍ଦ୍ରପୁର ବଜାରକୁ ଲାଗିରହିଥିବା ପତରାଜପୁର, ସାହାସପୁର କଲେଜ ପଛପଟ ଏବଂ କଲୋନୀର ବିଭିନ୍ନ ଗଳି, ଚାରିନଙ୍ଗଳ, ନଳୀପୁର, ଗଜେନ୍ଦ୍ରପୁର, ଖଡ଼ଗପୁର ଅଞ୍ଚଳରେ ଏହି କାରବାର ଚାଲିଛି। ଅନେକ ବେକାର ଯୁବକ ଅଧିକ ଅର୍ଥ ଉପାର୍ଜନ ଲୋଭରେ ଏହି କାରବାର ଚଳାଉଛନ୍ତି। ଫଳରେ ବହୁ ଯୁବଗୋଷ୍ଠୀ ଏହାକୁ ସେବନ କରି ପଥଭ୍ରଷ୍ଟ ହେଉଥିବା ପରିଲକ୍ଷିତ ହେଉଛି। କେତେଜଣ ଯୁବକ ବାପାମା'ଙ୍କଠାରୁ ଟଙ୍କାଆଣି ଧଳାଜହର କିଣି ସେବନ କରୁଛନ୍ତି। ବେଳେବେଳେ ଟଙ୍କା ଅଭାବରୁ ରାହାଜାନି ଓ ଲୁଟତରାଜ ଭଳି ଅପରାଧ ମଧ୍ୟ ଘଟାଇ ଚାଲିଛନ୍ତି। ଅପରପକ୍ଷେ ଏହାକୁ ସେବନ କରିବା ଦ୍ୱାରା ଯୁବକମାନେ ମୃତ୍ୟୁମୁଖକୁ ଟାଣି ହୋଇଯାଉଛନ୍ତି। ଧଳାଜହରର ଚେର ରାଜ୍ୟ ବାହାରକୁ ଲମ୍ବିଥିବା ଅନୁମାନ କରାଯାଉଛି। ଏଥିପ୍ରତି ପୋଲିସ ଦୃଷ୍ଟି ଦେବାକୁ ଦାବି ହୋଇଛି।

# ଅସହାୟର ବନ୍ଧୁ ସେବା ସଙ୍ଗଠନର ପ୍ରଥମାଷ୍ଟମୀ



ସଂଗଠନର କର୍ମକର୍ତ୍ତା ଜଣେ ମହିଳାଙ୍କ ଘରେ ଜରିପାଲ ପକାଇଛନ୍ତି।

କାଏମା,୫।୧୨(ଶିବପ୍ରସାଦ ମହାନ୍ତି):

ଧର୍ମଶାଳା ଅଞ୍ଚଳର ସ୍ୱେଚ୍ଛାସେବୀ ସଙ୍ଗଠନ ଅସହାୟର ବନ୍ଧୁ ସେବା ସଂଗଠନ ପକ୍ଷରୁ ମଙ୍ଗଳବାର ନିଆରା ଢଙ୍ଗରେ ପ୍ରଥମା ଅଷ୍ଟମୀ ପାଳନ କରାଯାଇଛି। ସଂଗଠନ ସଦସ୍ୟ ବ୍ଲକ ଅନ୍ତର୍ଗତ ଚଇନିହୁଡ଼ା, ମାଝିପାଟଣା, ନରସିଂହପୁର, ଅଲଣୀସାହୁ ପାଟଣା ଓ କାଏମା ଆଦି ଗ୍ରାମକୁ ଯାଇ ଦୃଷ୍ଟିହୀନ ଏବଂ ଅସହାୟ ଲୋକଙ୍କୁ ବସ୍ତ୍ର, ପିଠା, ମିଠା ଏବଂ ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି। ନରସିଂହପୁର ଗ୍ରାମରେ ଏକ ରହୁଥିବା ଜଣେ ଦୃଷ୍ଟିହୀନ ମହିଳାଙ୍କ ଘର ଛପର ମାଙ୍କଡ଼ ନଷ୍ଟ କରିଥିବାରୁ ସଙ୍ଗଠନ ପକ୍ଷରୁ ଜରିପାଲ ଯୋଗାଇ ଦିଆଯାଇଛି। ତାଙ୍କୁ ରାଶନ ସାମଗ୍ରୀ ଯୋଗାଇ ଦେବାକୁ ସଂଗଠନ ସଭାପତି ପ୍ରତିଶ୍ରୁତି ଦେଇଛନ୍ତି। ସଙ୍ଗଠନ ପ୍ରତିଷ୍ଠାତା ଗଣେଶ୍ୱର ନାୟକ କହିଛନ୍ତି, ଅସହାୟଙ୍କ ମୁହଁରେ ହସ ଫୁଟାଇବା ଆମର ଲକ୍ଷ୍ୟ। ତେଣୁ ସବୁବେଳେ ସବୁସମୟରେ ଅସହାୟଙ୍କ ସାଥିରେ ରହିଛୁରହିବୁ। ଗରିବ ଅସହାୟ ବ୍ୟକ୍ତିଙ୍କ ଆର୍ଥିକ ଅବସ୍ଥା ଶୋଚନୀୟ ହେତୁ କୌଣସି ପର୍ବ ପାଳନ କରିବା ତାଙ୍କ ପକ୍ଷରେ ସାତସପନ ପରି ହୋଇଥାଏ। ତେଣୁ ପ୍ରତି ବର୍ଷ ପରି ଏ ବର୍ଷ ମଧ୍ୟ ସଙ୍ଗଠନ ପକ୍ଷରୁ ଅସହାୟ ଲୋକଙ୍କ ସହ ପ୍ରଥମାଷ୍ଟମୀ ପାଳନ କରାଯାଇଛି। ଏଥିରେ ସଭାପତି କିଶୋର ଚନ୍ଦ୍ର ସାହୁ, ଧର୍ମଶାଳା ଥାନା ଅଧିକାରୀ ତପନ କୁମାର ନାୟକ, ସନ୍ତୋଷ କୁମାର ଦାସ, କାଦମ୍ବିନୀ ମିଶ୍ର, ଅଜୟ କୁମାର ସେଠୀ, ରମେଶ କୁମାର ତରାଇ, ନାରାୟଣ ପଣ୍ଡା, ଜଗବନ୍ଧୁ ସାହୁ, ସଞ୍ଜୟ କୁମାର ସାହୁ, ରାକେଶ ଦାସ ଓ ବିକାଶ ଦାସ ପ୍ରମୁଖ ସାମିଲ ହୋଇଥିଲେ।

# ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଚାଷୀ ମୃତ

ଯାଜପୁର,୫।୧୨(ହର୍ଷବର୍ଦ୍ଧନ ବେହେରା):

ଯାଜପୁର ଜିଲା ମଙ୍ଗଳପୁର ଥାନା ଅଧୀନ ନିଜାମପୁର ପଞ୍ଚାୟତ ତଳରଢଗାଁ ଗ୍ରାମର ଜଣେ ଯୁବ ଚାଷୀଙ୍କ ମଙ୍ଗଳବାର ପୂର୍ବାହ୍ନ ୯ଟାରେ ବିଦ୍ୟୁତ ସଂସ୍ପର୍ଶରେ ଆସି ମୃତ୍ୟୁ ଘଟିଛି। ମୃତ ଚାଷୀ ହେଲେ ପ୍ରଶାନ୍ତ ବେହେରା (୪୦)। ସେ କ୍ଷେତକୁ ପାଣି ମଡ଼ାଇବାକୁ ଯାଇଥିଲେ । ସେ ବିଦ୍ୟୁତ୍ ଚାଳିତ ମୋଟର ସୁଇଚ ଦେବାବେଳେ ବିଦ୍ୟୁତ ସଂସ୍ପର୍ଶରେ ଆସିଥିଲେ। ସେ ପ୍ରତିଦିନ ତାଙ୍କ ଜମିରେ ପାଣି ମଡ଼ାଇବାକୁ ଯାଇଥାନ୍ତି। ତେବେ ସୋମବାର ରାତିରେ ସାମାନ୍ୟ ବର୍ଷା ହୋଇଥିବା କାରଣରୁ ମୋଟର ସୁଇଚରେ ବିଦ୍ୟୁତ୍ ପ୍ରବାହିତ ହେଉଥିଲା। ତେଣୁ ସୁଇଚକୁ ଛୁଇଁ ଦେବା ମାତ୍ରେ ବିଦ୍ୟୁତ ସଂସ୍ପର୍ଶରେ ସେ ଆସି ଗୁରୁତର ହୋଇଥିଲେ। ନିକଟରେ କାମ କରୁଥିବା ୨ ଚାଷୀ ବିଦ୍ୟୁତ୍ ସଂଯୋଗ ଛିନ୍ନକରି ପ୍ରଶାନ୍ତଙ୍କୁ ମଙ୍ଗଳପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ସମ୍ପର୍କରେ ପ୍ରଶାନ୍ତଙ୍କ ପରିବାର ପକ୍ଷରୁ ମଙ୍ଗଳପୁର ଥାନାରେ ଏତଲା ଦିଆଯାଇଛି। ପୋଲିସ ମୃତଦେହ ବ୍ୟବଚ୍ଛେଦ ନିମନ୍ତେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି।

# ମାଟି, ଜଳ ଜୀବନ ଧାରଣର ଉତ୍ସ

## ଜିଲାସ୍ତରୀୟ ବିଶ୍ୱ ମୃତ୍ତିକା ଦିବସ ପାଳିତ

ଯାଜପୁର,୫।୧୨(ହର୍ଷବର୍ଦ୍ଧନ ବେହେରା):

ମୃତ୍ତିକା ଓ ଜଳ ଜୀବନ ଧାରଣର ଉତ୍ସ। ତେଣୁ ମୃତ୍ତିକାକୁ ସର୍ବଦା ଜୈବିକ ଖତ, ସାର ପ୍ରୟୋଗ କରି ଉର୍ବରତା ବଜାୟ ରଖିବାକୁ ହେବ। ମଙ୍ଗଳବାର ଯାଜପୁର ଜିଲା ମୁଖ୍ୟ କୃଷି ଅଧିକାରୀଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ବିଶ୍ୱ ମୃତ୍ତିକା ଦିବସ ଅବସରରେ ଏଭଳି ମତପ୍ରକାଶ ପାଇଛି। ଆତ୍ମା ଉପ-ପ୍ରକଳ୍ପ ନିର୍ଦ୍ଦେଶକ ହେମନ୍ତ କୁମାର ସାମଲଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଜିଲା କୃଷି ଅଧିକାରୀ ଉଦୀପ୍ତ କୁମାର ତ୍ରିପାଠୀ ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି ମାଟି ମାଆକୁ ସୁରକ୍ଷା ଦେବା ସମସ୍ତଙ୍କ ଧେୟ ହେଉ ବୋଲି ଆହ୍ୱାନ ଦେଇଥିଲେ। ଅନ୍ୟପକ୍ଷେ କ୍ଷେତରେ ଉଚ୍ଚରୁ ନିମ୍ନକୁ ଗଡୁଥିବା ପାଣିକୁ ଅଟକାଇବା, ପଲିଥିନ୍ ବ୍ୟତୀତ ଘରେ ବ୍ୟବହାର କରୁଥିବା ଅନ୍ୟାନ୍ୟ ବର୍ଜ୍ୟବସ୍ତୁକୁ ଗାତ କରି ପୋତି କମ୍ପୋଷ୍ଟ ସାର ତିଆରି, ସମନ୍ୱିତ କୃଷି ଚାଷ କରି ୬ ଇଞ୍ଚ ପର୍ଯ୍ୟନ୍ତ ଗଭୀର ମାଟିକୁ ଅମ୍ଳ ଦୋଷ କାଟି ଉର୍ବର ରଖିବା ଓ ବ୍ୟାପକ ବୃକ୍ଷ ରୋପଣ ଇତ୍ୟାଦି କରିବାକୁ ପଡିବ ବୋଲି ବୈଠକରେ ମତପ୍ରକାଶ ପାଇଛି। ଆତ୍ମାର ଉପ ପ୍ରକଳ୍ପ ନିର୍ଦ୍ଦେଶକ ଅରୁଣ କୁମାର ସାହୁ ଯୋଗଦେଇ କହିଥିଲେ ଜୀବନଧାରଣ ପାଇଁ ଖାଦ୍ୟ, ବସ୍ତ୍ର ଓ ବାସଗୃହର ପ୍ରାୟ ୯୫ ଶତକଡା ଉତ୍ସ ମାଟି ଓ ଜଳ ହିଁ ପ୍ରଦାନ କରୁଛି । ମିଳିତ ଜାତି ସଂଘରେ ୨୦୦୨ରେ ମାଟି, ପାଣି ପ୍ରାକୃତିକ ସମ୍ପଦର ସୁରକ୍ଷା ଓ ସଚେତନତା ପାଇଁ ବିଶ୍ୱ ମୃତ୍ତିକା ଦିବସ ପାଳନ କରାଯିବାକୁ ନିଷ୍ପତ୍ତି ନିଆଯାଇଥିଲା । ପରେ ୨୦୧୪ ଡିସେମ୍ବର ୫ ତାରିଖରେ ପ୍ରଥମ ବିଶ୍ୱ ମୃତ୍ତିକା ଦିବସ ପାଳନ ହେବା ସହ ପର୍ଯ୍ୟାୟ କ୍ରମେ ପ୍ରତ୍ୟେକ ବର୍ଷ ଆଜିର ଦିନଟିକୁ ମୃତ୍ତିକା ଦିବସ ଭାବେ ପାଳନ କରାଯାଉଛି। ସେହିପରି ଚାଷୀମାନେ ସମନ୍ୱିତ ସାର ପରିଚାଳନା, ପ୍ରାକୃତିକ କୃଷିକୁ ଆଦରିବା, ମାଟିର ଜୈବ ପରିପକ୍ୱତାକୁ ବଜାୟ ରଖିବା, ପୋଖରୀ ଖନନ କରି ଜଳ ଉତ୍ସ କରିବା, ସମନ୍ୱିତ ରୋଗ ପୋକ ପରିଚାଳନା ବ୍ୟବସ୍ଥାକୁ ବ୍ୟବହାର, ପାରମ୍ପରିକ କୃଷି ପଦ୍ଧତିକୁ ଆଦର କରିବା ଆଦି ବିଭିନ୍ନ ଦିଗ ସମ୍ବନ୍ଧରେ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ମୃତ୍ତିକା ଓ ଜଳ ଜୀବନର ଉତ୍ସ ଆଧାରରେ ଅନୁଷ୍ଠିତ ବରିଷ୍ଠ ଓ କନିଷ୍ଠ ବିଭାଗର ପୋଷ୍ଟର ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପ୍ରମାଣପତ୍ର ଓ ଟ୍ରଫି ପ୍ରଦାନ କରି ପୁରସ୍କୃତ କରାଯାଇଥିଲା । ସେହିପରି ଜିଲାର ବିଭିନ୍ନ ବ୍ଲକର ୩୦ ଜଣ ଅଗ୍ରଣୀ ଚାଷୀଙ୍କୁ ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡ ପ୍ରଦାନ କରିଥିଲେ । ଏହି ଅବସରରେ ଜିଲା ମୁଖ୍ୟ ପ୍ରାଣୀ ସମ୍ପଦ ଅଧିକାରୀ ଡା. ଶ୍ରୀନିବାସ କର, ଯାଜପୁର ରୋଡ଼ ଜିଲା କୃଷି ଅଧିକାରୀ ଅରୁଣ କୁମାର ସାହୁ, ଧର୍ମଶାଳା କୃଷି ଜିଲା ଅଧିକାରୀ ରାଜଶ୍ରୀ ବେହେରା, ଉଦ୍ୟାନ କୃଷି ସହକାରୀ ନିର୍ଦ୍ଦେଶକ ରାଧାଶ୍ୟାମ ବେହେରା, ବରିଷ୍ଠ କୃଷି ବୈଜ୍ଞାନିକ ତଥା କୃଷି ବିଜ୍ଞାନ କେନ୍ଦ୍ର ମୁଖ୍ୟ ସୁନିଲ କୁମାର ମହାପାତ୍ର, ଜଳଛାୟା ପ୍ରକଳ୍ପ ନିର୍ଦ୍ଦେଶକ ପ୍ରଦୀପ କୁମାର ପଟ୍ଟନାୟକ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଲକ୍ଷ୍ମଣ କୁମାର ବେହେରା ପ୍ରମୁଖ ଯୋଗଦେଇ ମାଟି ଏବଂ ପାଣି ସୁରକ୍ଷା ପାଇଁ ବିଭିନ୍ନ କୌଶଳ ଓ ଦିଗ ସମ୍ବନ୍ଧରେ ବକ୍ତବ୍ୟ ରଖିଥିଲେ। ବିଭାଗୀୟ ଅଧିକାରୀ ପରେଶ କୁମାର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।



ବିଶ୍ୱ ମୃତ୍ତିକା ଦିବସରେ ଜଣେ ପ୍ରତିଯୋଗୀଙ୍କୁ ଟ୍ରଫି ଓ ପ୍ରମାଣପତ୍ର ପ୍ରଦାନ କରାଯାଉଛି।

# ତଦନ୍ତରେ ବାଧା ଭିଏଟ୍‌ନାମ ଭାଷା

ପାରାଦୀପ,୫।୧୨(ଶରତ ରାଉତ)

## ଜାହାଜରୁ ୨୨୦ କୋଟି ଟଙ୍କାର କୋକେନ ଜବତ ଘଟଣା

- ଜାହାଜ ମାଲିକ ଓକିଲ ପଠାଇଲେ
- ଜାହାଜରୁ ସାମଗ୍ରୀ ନେବା ଭିଡିଓ ଭାଇରାଲ
- ପ୍ରତିଦିନ କ୍ଷତି ବଢ଼ିବାରେ ଲାଗିଛି



ଜାହାଜ ଭିତରୁ ସାମଗ୍ରୀ ନେବାବେଳର ଦୃଶ୍ୟ ଭାଇରାଲ ହୋଇଛି।

ପାରାଦୀପ ବନ୍ଦର ପିଆଇସିଟି (ପାରାଦୀପ ଇଣ୍ଟରନ୍ୟାଶନାଲ କାର୍ଗୋ ଟର୍ମିନାଲ) ବର୍ଥରୁ ନଭେମ୍ବର ୩୦ ତାରିଖ ରାତିରେ 'ଏମ୍‌ଭି ଦେବୀ' ନାମକ ପଣ୍ୟବାହୀ ଜାହାଜରୁ ୨୨ ପ୍ୟାକେଟ୍ କୋକେନ ଜବତ କରାଯାଇଥିଲା। ଏହାର ମୂଲ୍ୟ ୨୨୦ କୋଟି ଟଙ୍କା ବୋଲି ସେତେବେଳେ କଷ୍ଟମ୍ସ ବିଭାଗ ପକ୍ଷରୁ ସୂଚନା ଦିଆଯାଇଥିଲା। ଉକ୍ତ ଘଟଣା ଇତିମଧ୍ୟରେ ୫ ଦିନ ଅତିକ୍ରାନ୍ତ ହେଲାଣି। କିନ୍ତୁ ଉକ୍ତ କୋକେନ କେଉଁଠୁ ଓ କିପରି ଆସିଲା ତାହା ମଙ୍ଗଳବାର ସନ୍ଧ୍ୟା ସୁଦ୍ଧା ଜଣାପଡ଼ିନାହିଁ। ଏପରିକି ୪ଟି ତଦନ୍ତକାରୀ ସଂସ୍ଥା ଏହା ମଧ୍ୟରେ ତଦନ୍ତ ଚଳାଇଥିଲେ ହେଁ ରହସ୍ୟ ଉନ୍ମୋଚନ ହୋଇନାହିଁ। ଉକ୍ତ ସଂସ୍ଥାଗୁଡ଼ିକ ହେଲେ କଷ୍ଟମ୍ସ, କ୍ରାଇମବ୍ରାଞ୍ଚ ଏସ୍‌ଟିଏଫ୍, ଏନ୍‌ସିବି ଓ ଆଇବି। କଷ୍ଟମ୍ସ ବିଭାଗ ଏବେ ତଦନ୍ତ କରୁଥିବା ବେଳେ ଅନ୍ୟ ୩ ସଂସ୍ଥା ପାରାଦୀପରୁ ଫେରି ଗଲେଣି। କଷ୍ଟମ୍ସ ବିଭାଗ କମିଶନର ୨ତାରିଖରେ କେବଳ ପ୍ରେସ୍ ରିଲିଜ୍ ଜରିଆରେ ଜବତ ସମ୍ପର୍କରେ ସୂଚନା ଦେଇଥିଲେ। ତା'ପରଠାରୁ ଆଉ କୌଣସି ସ୍ପଷ୍ଟୀକରଣ ମିଳିନାହିଁ। ମଙ୍ଗଳବାର ଏ ସମ୍ପର୍କରେ ଯୋଗାଯୋଗ କରାଯାଇଥିଲେ ହେଁ କୌଣସି ପ୍ରତିକ୍ରିୟା ମିଳିନାହିଁ। ପିଆଇସିଟି ବର୍ଥ ପାଖରେ ତଦନ୍ତ କରୁଥିବା ଜଣେ ଅଧିକାରୀଙ୍କ ସହ ଏ ସମ୍ପର୍କରେ ଆଲୋଚନା ବେଳେ ସେ କେତେକ ପ୍ରସଙ୍ଗ ଉପରେ ଅନୌପଚାରିକ ଭାବେ ସୂଚନା ଦେଇଛନ୍ତି। ଯଥା ତଦନ୍ତରେ ଭାଷା ବାଧକ ବୋଲି କହିଛନ୍ତି। ଜାହାଜରେ ଥିବା କ୍ୟାପ୍‌ଟେନ ଓ ୨୧ ଜଣ ନାବିକ ଭିଏଟ୍‌ନାମ ଦେଶର। ସେମାନଙ୍କ ଭାଷା ବୁଝି ହେଉନାହିଁ। ସେଥିପାଇଁ ଜଣେ ଭାଷା ବିଶେଷଜ୍ଞଙ୍କ ଜରିଆରେ ପ୍ରତ୍ୟେକଙ୍କ ବୟାନ ରେକର୍ଡ କରାଯାଉଛି। ଜାହାଜ ପୂର୍ବପରି ବର୍ଥରେ ରହିଛି। ସେଥିରେ ପ୍ରାୟ ୫ ହଜାର ମେଟ୍ରିକଟନ ଷ୍ଟିଲ କାର୍ଗୋ ବୋଝେଇ ହୋଇ ରହିଛି। ମଙ୍ଗଳବାର ଜାହାଜ ମାଲିକ ଦୁଇଜଣ ଓକିଲଙ୍କୁ ନେଇ ଘଟଣା ସ୍ଥଳକୁ ଆସିଥିଲେ। ମାମଲା ରୁଜୁ ହୋଇ ନ ଥିବାରୁ ଓକିଲ ବିଶେଷ କିଛି ପଦକ୍ଷେପ ନେଇନାହାନ୍ତି। ଯେଉଁ କ୍ରେନ୍ କ୍ୟାବିନ ମଧ୍ୟରେ କୋକେନ ମିଳିଥିଲା ତାହା ସେମିତି ରହିଛି। ସମ୍ଭାବ୍ୟ ବାତ୍ୟା ଯୋଗୁ ଅନୁମତି ମିଳିବା ପରେ କ୍ରେନକୁ ସ୍ୱାଭାବିକସ୍ତରକୁ ନିଆଯାଇଛି। ରପ୍ତାନିକାରୀ ସଂସ୍ଥା ଜେଏସ୍‌ପିଏଲ୍ ଜାହାଜରେ ବୋଝେଇ ହୋଇଥିବା କାର୍ଗୋକୁ ଖାଲି କରିବା ପାଇଁ ଉଦ୍ୟମ ଚଳାଇଥିବା ଜଣାପଡ଼ିଛି।

ଏତିମଧ୍ୟରେ ଆଉ ଏକ ଘଟଣା ସୋସିଆଲ ମିଡିଆରେ ଭାଇରାଲ ହେଉଛି। ଜଣେ ଶ୍ରମିକ ଗୋଟିଏ ଜାହାଜ ମଧ୍ୟରୁ କିଛି ଚୋରି କରି ବାହାରକୁ ଆଣୁଥିବା ଛୋଟ ଭିଡିଓ ଭାଇରାଲ ହେଉଛି। କିନ୍ତୁ କେଉଁ ଜାହାଜର ଏହି ଦୃଶ୍ୟ ତାହା ଅସ୍ପଷ୍ଟ ରହିଛି। ଶ୍ରମିକ ଜଣକ ପାରାଦୀପର ବୋଲି ଜଣାପଡ଼ିଛି। ତେବେ ତଦନ୍ତରେ ଶିଥିଳତା ଯୋଗୁ ପିଆଇସିଟି (ଜେଏମ୍ ବକ୍ସି) କମ୍ପାନୀଠାରୁ ଆରମ୍ଭ କରି ରପ୍ତାନିକାରୀ ସଂସ୍ଥା, ଷ୍ଟିଭେଡର୍ସ, ଏଜେଣ୍ଟ ଆଦି କମ୍ପାନୀର କ୍ଷତି ବଢ଼ିବାରେ ଲାଗିଛି। ଯେଉଁ ବର୍ଥରେ ଜାହାଜ ରହିଛି, ସେଠାରେ ପଣ୍ୟ କାରବାର ହୋଇପାରୁନାହିଁ। ଜାହାଜ ଭଡ଼ାଠାରୁ ଆରମ୍ଭ କରି ରପ୍ତାନିକାରୀ ସଂସ୍ଥା ପର୍ଯ୍ୟନ୍ତ ଏହି ୬ ଦିନରେ କୋଟିଏରୁ ଅଧିକ ଟଙ୍କା କ୍ଷତି ସହିଲେଣି। ଏସବୁ ସତ୍ତ୍ୱେ ମଧ୍ୟ ଏପର୍ଯ୍ୟନ୍ତ କୋକେନ ଘଟଣା ଉପରୁ ରହସ୍ୟ ଖୋଲୁନାହିଁ।

# ପ୍ଲାଷ୍ଟିକ୍, ପଲିଥିନମୁକ୍ତ ହେବ ଭିତରକନିକା

## ବନ ବିଭାଗ ପକ୍ଷରୁ ପର୍ଯ୍ୟଟକଙ୍କ ପାଇଁ ଅଭିନବ ପ୍ରୟାସ

ରାଜନଗର,୫।୧୨ (ଭାସ୍କର ରାଉତରାୟ)

ପ୍ରକୃତିର ଗନ୍ତାଘର ଭିତରକନିକା ଜାତୀୟ ଉଦ୍ୟାନରେ ବସବାସ କରୁଥିବା ବନ୍ୟପ୍ରାଣୀ, ଜୀବଜନ୍ତୁଙ୍କ ପାଇଁ ପଲିଥିନ ଓ ପ୍ଲାଷ୍ଟିକ ସାମଗ୍ରୀ ମୃତ୍ୟୁର କାରଣ ପାଲଟିଛି। ଏହି ବିରଳ ଜୀବଜନ୍ତୁଙ୍କ ଜୀବନ ରକ୍ଷା ପାଇଁ ରାଜନଗର ବନ ବିଭାଗ ପକ୍ଷରୁ ଆଗନ୍ତୁକ ପର୍ଯ୍ୟଟକଙ୍କ ପାଇଁ ଅଭିନବ ପ୍ରୟାସ ଆରମ୍ଭ ହୋଇଛି। ଜାତୀୟ ଉଦ୍ୟାନ ଭିତରେ ବିକ୍ଷିପ୍ତ ଭାବେ ପର୍ଯ୍ୟଟକମାନେ ବ୍ୟବହାର କରୁଥିବା ପଲିଥିନ ଓ ପ୍ଲାଷ୍ଟିକ ବୋତଲ ଯୋଗୁ ବନ୍ୟଜୀବଙ୍କ ପାଇଁ ବିପଦ ଦେଖାଦେଉଥିଲା। ଜାତୀୟ ଉଦ୍ୟାନର ନଦୀ ନାଳରେ ପର୍ଯ୍ୟଟକଙ୍କ ଦ୍ୱାରା ଫିଙ୍ଗା ଯାଉଥିବା ପ୍ଲାଷ୍ଟିକ ସାମଗ୍ରୀକୁ ଜୀବଜନ୍ତୁମାନେ ଖାଇବା ଦ୍ୱାରା ସେମାନଙ୍କର ମୃତ୍ୟୁ ହେଉଥିଲା, ଯାହାକୁ ନେଇ ପରିବେଶବିତ୍ ଓ ପ୍ରକୃତିପ୍ରେମୀଙ୍କ ମଧ୍ୟରେ କ୍ରମାଗତ ଉଦ୍‌ବେଗ ପ୍ରକାଶ ପାଇଥିଲା। କେବଳ ଜୀବଜନ୍ତୁ ନୁହନ୍ତି, ବରଂ ଭିତରକନିକାର ଇକୋ ସିଷ୍ଟମ, ବାୟୋ ଡାଇଭରସିଟି ପ୍ରତି ମଧ୍ୟ ବିପଦ ଦେଖାଦେଇଆସୁଛି। ପଲିଥିନ ଓ ପ୍ଲାଷ୍ଟିକ ପାଣି ବୋତଲ ନ ନେବା ପାଇଁ ପର୍ଯ୍ୟଟକମାନଙ୍କୁ ବନ ବିଭାଗ ପକ୍ଷରୁ ବିଭିନ୍ନ ସମୟରେ ସଚେତନ କରାଯାଇଥିଲେ ମଧ୍ୟ ତାହା ଫଳପ୍ରଦ ହୋଇ ନ ଥିଲା। ଅକ୍ଟୋବରରେ ଭିତରକନିକା ଇକୋ ଟୁରିଜିମ୍ ଆଣ୍ଡ ଇକୋ ଡେଭଲପମେଣ୍ଟ ସୋସାଇଟି ବୈଠକରେ ଜାତୀୟ ଉଦ୍ୟାନ ମଧ୍ୟକୁ ପଲିଥିନ ଓ ପ୍ଲାଷ୍ଟିକ ପ୍ରବେଶ ଉପରେ ରୋକ ଲଗାଇବା ପାଇଁ ନିଷ୍ପତ୍ତି ହୋଇଥିଲା। ଭିତରକନିକା ଜାତୀୟ ଉଦ୍ୟାନର ପ୍ରବେଶ ପଥ ଡାଙ୍ଗମାଳ, ଖୋଳା ଓ ଗୁପ୍ତି ଏଣ୍ଟ୍ରି ପଏଣ୍ଟରେ ଲୋକଙ୍କୁ ସଚେତନ କରାଯିବା ସହ ପ୍ଲାଷ୍ଟିକ ପାଣି ବୋତଲ ପିଛା ପର୍ଯ୍ୟଟକଙ୍କଠାରୁ ୫୦ ଟଙ୍କା ଲେଖାଏ ରଖାଯିବ। ବୋତଲ ଫେରାଇଲେ ଏହି ଅର୍ଥ ଫେରସ୍ତ କରାଯିବା ପାଇଁ ନିଷ୍ପତ୍ତି ହୋଇଥିଲା। ଏଥିପାଇଁ ବନ ବିଭାଗ ପକ୍ଷରୁ ସ୍ୱତନ୍ତ୍ର ଭାବେ ଏକ ଟୋକନ ପ୍ରସ୍ତୁତ କରାଯାଇଛି। ମଙ୍ଗଳବାରଠାରୁ ଗୁପ୍ତିରେ ଆରମ୍ଭ ହୋଇଥିବା ଏହି ପ୍ରକ୍ରିୟାରେ ପର୍ଯ୍ୟଟକମାନେ ବୋଟରେ ଯିବା ପାଇଁ ସେମାନଙ୍କ ଏଣ୍ଟ୍ରି ପରମିଟ କାଟିବା ବେଳେ ସେମାନେ କେତୋଟି ପାଣି ବୋତଲ ନେଉଛନ୍ତି, ସେ ନେଇ ତନଖି କରାଯିବା ସହ ପ୍ରତି ବୋତଲ ପିଛା ଟୋକନ ଦିଆଯାଇ ୫୦ ଟଙ୍କା ଲେଖାଏ ରଖାଯାଉଛି। ପର୍ଯ୍ୟଟକମାନେ ଏହି ପାଣି ବୋତଲକୁ ଫେରାଇବା ବେଳେ ଗୁପ୍ତିରେ କିମ୍ବା ଅନ୍ୟ ଦୁଇଟି ଏଣ୍ଟ୍ରି ପଏଣ୍ଟରେ ପରମିଟ କାଗଜ ଦେଖାଇ ବୋତଲ ଓ ଟୋକନ ଫେରାଇଲେ ସେମାନେ ସେମାନଙ୍କ ଟଙ୍କା ଫେରି ପାଇବାର ବ୍ୟବସ୍ଥା ହୋଇଛି। ଏପରିକି ପ୍ରତ୍ୟେକ ବୋଟରେ ଡଷ୍ଟବିନ ରଖିବାର ବ୍ୟବସ୍ଥା ହୋଇଛି। ପଲିଥିନ ବଦଳରେ କାଗଜ ଓ କପଡା ବ୍ୟାଗ ବ୍ୟବହାର କରିବାକୁ ପର୍ଯ୍ୟଟକମାନଙ୍କୁ ବନ କର୍ମଚାରୀମାନେ ସଚେତନ କରୁଛନ୍ତି। ସମ୍ପୂର୍ଣ୍ଣ ନନ୍ଦନକାନନ ଢାଞ୍ଚାରେ ଏହି ବ୍ୟବସ୍ଥା ମଙ୍ଗଳବାରଠାରୁ ଆରମ୍ଭ ହୋଇଛି।

# ମାଦଳି ମୁହାଣରେ ବୋଟ୍ ସହ ଉଦ୍ଧାର ମତ୍ସ୍ୟଜୀବୀ



ସମୁଦ୍ରରେ ବୁଡ଼ି ଯାଇଥିବା ମା' ରାମଚଣ୍ଡୀ ମାଛଧରା ବୋଟକୁ ଅନ୍ୟ ଏକ ବୋଟ କୂଳକୁ ଟାଣିକି ଆଣୁଛି।

## ସମୁଦ୍ରରେ ମାଛଧରା ବୋଟ୍ ବୁଡ଼ିବା ଘଟଣା

- ସଂଘ ପକ୍ଷରୁ ଉଦ୍ଧାର କରାଗଲା ବୁଡ଼ିଥିବା ବୋଟ

ମହାକାଳପଡ଼ା, ୫।୧୨(ପ୍ରତାପ ଚନ୍ଦ୍ର ସ୍ୱାଇଁ)

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ଉପକୂଳ ଅଞ୍ଚଳରେ ସ୍ଥାନୀୟ ମତ୍ସ୍ୟଜୀବୀ ନଭେମ୍ବର ୨୯ ତାରିଖରେ ରାମନଗର ଅଞ୍ଚଳର ମା' ରାମଚଣ୍ଡୀ ନାମକ ଏକ ମାଛଧରା ବୋଟ ମାଛ ଧରିବାକୁ ଯାଇଥିଲା। ସୋମବାର ଗଭୀର ସମୁଦ୍ରରେ ବୁଡ଼ି ଯାଇଥିଲା। ଖରିନାସୀ ବୋଟ ସଂଘ ପକ୍ଷରୁ ୭ ଜଣ ମତ୍ସ୍ୟଜୀବୀଙ୍କୁ ଉଦ୍ଧାର କରାଯାଇଥିଲା। ପରେ ଉଦ୍ଧାର ମତ୍ସ୍ୟଜୀବୀଙ୍କୁ ନିକଟ ମାଦଳି ମୁହାଣରେ ଥିବା ସେମାନେ କହିଛନ୍ତି। ବୁଡି ଯାଇଥିବା ବୋଟକୁ ମଙ୍ଗଳବାର ଖରିନାସୀ ବୋଟ ସଂଘ ପକ୍ଷରୁ ଉଦ୍ଧାର କରାଯାଇ କୂଳକୁ ଅଣାଯାଇଛି। ଅପରପକ୍ଷରେ ମିଗ୍‌ଜୋମ୍ ବାତ୍ୟା ଯୋଗୁ ସାମୁଦ୍ରିକ ମତ୍ସ୍ୟ ବିଭାଗ ପକ୍ଷରୁ ଉପକୂଳ ଅଞ୍ଚଳରେ ସମୁଦ୍ରକୁ ନ ଯିବା ପାଇଁ ସଚେତନ କରାଇଲେ ନାହିଁ ବୋଲି ସ୍ଥାନୀୟ ବାସିନ୍ଦା କହିଛନ୍ତି। ତେବେ ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ସମୁଦ୍ରକୁ ମତ୍ସ୍ୟଜୀବୀ ନ ଯିବା ପାଇଁ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପରେ ମଧ୍ୟ ସାମୁଦ୍ରିକ ମତ୍ସ୍ୟ ବିଭାଗ ପକ୍ଷରୁ ପଦକ୍ଷେପ ନିଆଯାଇ ନ ଥିଲା। ଫଳରେ ସ୍ଥାନୀୟ ମତ୍ସ୍ୟଜୀବୀ କୌଣସି ସୂଚନା ନ ପାଇ ମାଛ ଧରିବା ପାଇଁ ଯାଇଥିବା ସେମାନେ କହିଛନ୍ତି। ତାମିଲନାଡୁ ଓ ଆନ୍ଧ୍ରପ୍ରଦେଶରେ ବାତ୍ୟା ପରେ ବର୍ଷା ହୋଇଛି। ଏ ସଂକ୍ରାନ୍ତରେ ଖରିନାସୀ ବୋଟ ସଂଘର ଉପସଭାପତି ଭକ୍ତ ରଞ୍ଜନ ମାହାଳିଙ୍କୁ ପଚାରିବାରେ ସମୁଦ୍ରରେ ବୁଡ଼ି ଯାଇଥିବା ବୋଟକୁ ମଙ୍ଗଳବାର ପୂର୍ବାହ୍ନରେ ଅନ୍ୟ ଏକ ବୋଟ ସାହାଯ୍ୟରେ ଉଦ୍ଧାର କରାଯାଇଛି। ବୋଟରେ ଥିବା ମତ୍ସ୍ୟଜୀବୀଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଛି। ସଂଘ ପକ୍ଷରୁ ସମସ୍ତ ପ୍ରକାର ସହାୟତା ଯୋଗାଇ ଦିଆଯିବ ବୋଲି ସେ କହିଛନ୍ତି।

# ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ କ୍ରୀଡ଼ା ଉତ୍ସବ

ମାର୍ଶାଘାଇ,୫।୧୨ (ଶୁଭେନ୍ଦୁ ପ୍ରସାଦ ଚୌଧୁରୀ)



କ୍ରୀଡ଼ା ଉତ୍ସବରେ ଯୋଗ ଦେଇଥିବା ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀଶିକ୍ଷକମାନେ।

ମାର୍ଶାଘାଇ ଶିଶୁ ବିଦ୍ୟାମନ୍ଦିରର ୩୬ତମ ବାର୍ଷିକ କ୍ରୀଡ଼ା ଉତ୍ସବ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ମାର୍ଶାଘାଇ ସରକାରୀ ଉଚ୍ଚ ବିଦ୍ୟାଳୟ ଖେଳପଡ଼ିଆରେ ଆୟୋଜିତ ପ୍ରତିଯୋଗିତାକୁ ତାରିଣୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ ଉମାକାନ୍ତ ଦାସ ଉଦ୍‌ଘାଟନ କରିଥିଲେ। ମୁଖ୍ୟଅତିଥିଙ୍କ ଦ୍ୱାରା କ୍ରୀଡ଼ା ଧ୍ୱଜ ଉତ୍ତୋଳନ, ଜ୍ୟୋତି ପ୍ରଜ୍ୱଳନ ପରେ କ୍ରୀଡ଼ାର ଶୁଭାରମ୍ଭ ହୋଇଥିଲା। ପ୍ରତିଯୋଗିତାରେ ମୋଟ ୫୯୬ ପ୍ରତିଯୋଗୀଙ୍କ ମଧ୍ୟରୁ ୨୫୮ ଜଣ କୃତକାର୍ଯ୍ୟ ହୋଇଥିଲେ। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ମାର୍ଶାଘାଇ ମହାବିଦ୍ୟାଳୟର ଓଡ଼ିଆ ବିଭାଗୀୟ ମୁଖ୍ୟ ଅଧ୍ୟାପକ ସୁକାନ୍ତ କୁମାର ପ୍ରଧାନ, ସମ୍ମାନିତ ଅତିଥି ଭାବେ ଅଗ୍ନିଶମ ଅଧିକାରୀ ସଞ୍ଜୟ ସେଠୀ, ସଭାପତି ମଧୁସୂଦନ ବେହେରା ଯୋଗଦେଇଥିଲେ। ଅତିଥିମାନେ କ୍ରୀଡ଼ାର ଉପାଦେୟତା ଉପରେ ଶିଶୁମାନଙ୍କୁ ମାର୍ଗଦର୍ଶନ କରିବା ସହ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ଶିଶୁ ବର୍ଗ ବାଳିକା ବର୍ଗରେ ସୁଶ୍ରୀ ଧୂପଶିଖା ବେହେରା (ପଞ୍ଚମ), ବାଳକ ବର୍ଗରେ ସାଇଅଂଶୁ ଦାସ (ପଞ୍ଚମ), ବାଲ ବର୍ଗ ବାଳିକା ବିଭାଗରେ ସୁଶ୍ରୀ ସୁଦେଷ୍ଣା ପଟ୍ଟନାୟକ (ଅଷ୍ଟମ), ବାଳକ ବର୍ଗରେ ରୁଦ୍ର ପ୍ରସାଦ ଦାସ (ଅଷ୍ଟମ) ଓ ସୁବ୍ରତ ମଲ୍ଲିକ, କିଶୋର ବର୍ଗ ବାଳିକା ବିଭାଗରେ ପ୍ରୀତି ସ୍ମରଣିକା ପ୍ରଧାନ (ଦଶମ) ଓ ସାଇଶ୍ରଦ୍ଧା ଲେଙ୍କା (ନବମ), ବାଳକ ବର୍ଗରେ ଆନନ୍ଦ ଦାସ (ନବମ)ରେ ସର୍ବଶ୍ରେଷ୍ଠ ଖେଳାଳି ଭାବେ ପୁରସ୍କୃତ ହୋଇଥିଲେ। ପ୍ରଧାନ ଆଚାର୍ଯ୍ୟ ରମାକାନ୍ତ ବେଉରା, ମାର୍ଶାଘାଇ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଗୋପୀନାଥ ବେହେରା, ଭାବଗ୍ରାହୀ ମଲ୍ଲ, ସହ ପ୍ରଧାନ ଆଚାର୍ଯ୍ୟ ଅନାଦି ସ୍ୱାଇଁଙ୍କ ସମେତ ସମସ୍ତ ଆଚାର୍ଯ୍ୟା ଆଚାର୍ଯ୍ୟ ଉପସ୍ଥିତ ଥିଲେ।

# ବ୍ଲକସ୍ତରୀୟ ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର



ଶିବିରରେ ଯୋଗଦେଇଥିବା ଅତିଥିମାନେ।

ଆଳି,୫।୧୨(ବନମାଳୀ ସେନାପତି)

ଆଳି ହାଇସ୍କୁଲ ପରିସରରେ ବ୍ଲକସ୍ତରୀୟ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଦେବାଶିଷ ଆଚାର୍ଯ୍ୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ମୁଖ୍ୟ ଅତିଥି ଭାବେ ଆଳି ପଞ୍ଚାୟତ ସମିତି ଅଧ୍ୟକ୍ଷ ମନୋରଞ୍ଜନ ସାମଲ ଯୋଗଦେଇ ଉଦ୍‌ଘାଟନ କରିଥିବା ବେଳେ ସମ୍ମାନିତ ଅତିଥି ଭାବେ ବିଡିଓ ମିନତି ଜଗଦେବ, କେନ୍ଦ୍ରାପଡ଼ା ଜିଲା ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରିଣୀ ରୂପାଲି ପ୍ରିୟଦର୍ଶନୀ ଯୋଗଦେଇଥିଲେ। ସେମାନେ ସରକାରଙ୍କ ଏହି ଯୋଜନାରେ ଭିନ୍ନକ୍ଷମମାନଙ୍କ ନିମନ୍ତେ ଥିବା ବିଭିନ୍ନ ଯୋଜନା ସମ୍ପର୍କରେ ବୁଝାଇ ଥିଲେ। ଚଳିତବର୍ଷ ପ୍ରଥମଥର ଲାଗି ଉଭୟ ନୂଆ ପଞ୍ଜୀକରଣ ଏବଂ ପୁରୁଣା ସାର୍ଟିଫିକେଟ ପାଇଥିବା ଉପଭୋକ୍ତାଙ୍କୁ ସାମିଲ କରାଯାଇଥିଲା। ଶିବିରରେ ଅର୍ଥପେଡିକ, ଦୃଷ୍ଟିଶକ୍ତି, ଶ୍ରବଣ ଶକ୍ତି, ମାନସିକ ବିକୃତି, ଏଡ୍‌ସରେ ଆକ୍ରାନ୍ତ ୧୧୨ ଜଣ ନୂତନ ଭାବେ ସାର୍ଟିଫିକେଟ ନିମନ୍ତେ ଆବେଦନ କରିଥିବାବେଳେ ସରକାରୀ ଆବାସ, ବସ୍ ପାସ, ଭିନ୍ନକ୍ଷମ ଋଣ ନିମନ୍ତେ ୨୪ ଜଣ ଆବେଦନ କରିଥିଲେ। ଏହି ଅବସରରେ ରାଜ୍ୟସ୍ତରରେ କେନ୍ଦ୍ରାପଡ଼ା ଜିଲା ଭିନ୍ନକ୍ଷମ ସଶକ୍ତୀକରଣ କ୍ଷେତ୍ରରେ ପୁରସ୍କୃତ ହୋଇଥିବାରୁ ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ପ୍ରିୟଦାର୍ଶନୀଙ୍କୁ ଜିଲା ସାମାଜିକ ସୁରକ୍ଷା ଅଧିକାରୀଙ୍କ ଉଦ୍ଦେଶ୍ୟରେ ସମ୍ବର୍ଦ୍ଧନା ଦିଆଯାଇଥିଲା। ୨୦୨୪ ଜାନୁୟାରୀ ୫ରେ ଆଳି ବ୍ଲକ ଜୁଆଣିଆ ପଞ୍ଚାୟତରେ ଏହି ଶିବିର କରାଯିବ ବୋଲି ସୂଚନା ମିଳିଛି।

# ରେଡ୍‌କ୍ରସ୍ ପକ୍ଷରୁ ବିପନ୍ନ ପରିବାରକୁ ସହାୟତା

ରାଜନଗର,୫।୧୨ (ଭାସ୍କର ରାଉତରାୟ)

ରାଜନଗର ବ୍ଲକ ଚାନ୍ଦିବାଉଁଶମୂଳ ପଞ୍ଚାୟତ ଢୋଲମରା ଗ୍ରାମର ସଞ୍ଜୟ ରାଉତ ଦୀର୍ଘଦିନ ଧରି କିଡ୍‌ନୀ ରୋଗରେ ଆକ୍ରାନ୍ତ ହୋଇ ମୃତ୍ୟୁବରଣ କରିଛନ୍ତି। ସେହିପରି ଏହି ପଞ୍ଚାୟତ ଅନ୍ତର୍ଗତ ଯଦୁଚନ୍ଦ୍ରପୁର ଅନ୍ତର୍ଗତ ସତ୍ୟବ୍ରତ ଚଣ୍ଡଙ୍କ ମୃତ୍ୟୁ ଘଟିଛି। ଖବରପାଇ ରାଜନଗର ବିଧାୟକ ଧ୍ରୁବ ସାହୁ ସ୍ୱର୍ଗତ ରାଉତ ଏବଂ ସ୍ୱର୍ଗତ ଚଣ୍ଡଙ୍କ ଅସହାୟ ପରିବାରକୁ ଭେଟି ସମବେଦନା ଜଣାଇବା ସହ ରେଡକ୍ରସ ପାଣ୍ଠିରୁ ସହାୟତା ଯୋଗାଇ ଦେବାକୁ ଜିଲାପାଳଙ୍କୁ ଜଣାଇଥିଲେ। ଜିଲାପାଳଙ୍କ ଅନୁମୋଦନକ୍ରମେ ସ୍ଥାନୀୟ ସରପଞ୍ଚ ଚିତ୍ତରଞ୍ଜନ ପଣ୍ଡା, ଯୁବନେତା ସରୋଜ କୁମାର ରାଉତ, କାହ୍ନୁ ଚରଣ ଚଣ୍ଡ ପ୍ରମୁଖ ଉଭୟ ପରିବାରଙ୍କ ନିକଟରେ ପହଞ୍ଚି ସହାୟତା ରାଶି ବାବଦ ୨୦ ହଜାର ଟଙ୍କା ଲେଖାଏଁ ପ୍ରଦାନ କରିବା ସହିତ ବିଧାୟକ ସାହୁ ଏବଂ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଛନ୍ତି।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଦୟାସାଗର



@ ଦିସେମ୍ବର



@ ମାଧବାନନ୍ଦ



@ ସୌମ୍ୟରଞ୍ଜନ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ପୋଲିସ-ଟ୍ରକ୍ ଚାଳକ ମୁହାଁମୁହିଁ

ପାରାଦୀପ,୫।୧୨(ଶରତ ରାଉତ)

ପାରାଦୀପ ଆଦର୍ଶ ଥାନା ଅନ୍ତର୍ଗତ ଅଠରବାଙ୍କୀ ଗୋଲେଇ ଛକରେ ମଙ୍ଗଳବାର ରାତି ପ୍ରାୟ ୧୦ଟାରେ ଧାଡି ଭଙ୍ଗା ଘଟଣାକୁ ନେଇ ଟ୍ରକ୍ ଚାଳକ ଓ ପୋଲିସ ମୁହାଁମୁହିଁ ହୋଇଛନ୍ତି। କେତୋଟି ଟ୍ରକ୍ ଧାଡି ଭାଙ୍ଗି ଆଗକୁ ଯିବାରୁ ଏହି ଘଟଣା ଘଟିଥିବା କୁହାଯାଇଛି। ଏ ନେଇ ପୋଲିସ କେତେକ ଟ୍ରକ୍‌ର କାଚ ବାଡ଼େଇ ଭାଙ୍ଗି ଦେଇଛି ବୋଲି ଚାଳକମାନେ ଅଭିଯୋଗ କରିଛନ୍ତି। ପୋଲିସ ଟଙ୍କା ନେଇ ଏପରି କରିଛି ବୋଲି ସେମାନେ କହିଛନ୍ତି। ପାରାଦୀପ ଥାନା ଅଧିକାରୀ ସୁଚିତ୍ରା ବିଜୟ ଦାସ ଅଭିଯୋଗକୁ ଅସ୍ୱୀକାର କରିବା ସହ ଟ୍ରକ୍‌ଗୁଡ଼ିକ ଧାଡ଼ି ଭାଙ୍ଗି ଆସିଥିବା ଯୋଗୁ ସେଗୁଡ଼ିକୁ ଆମେ ଫେରାଇ ଦେଇଛୁ ବୋଲି କହିଛନ୍ତି। ରିପୋର୍ଟ ଲେଖାହେବା ବେଳକୁ ଥାନାରେ କୌଣସି ମାମଲା ରୁଜୁ ହୋଇନାହିଁ।



ଧାଡ଼ି ଭାଙ୍ଗି ଆଗକୁ ଚାଲି ଆସିଥିବା ଏକ ଟ୍ରକ୍।

# ମାଟିର ଜୈବିକ ମୂଲ୍ୟ ବୃଦ୍ଧିକୁ ଗୁରୁତ୍ୱ

## ଔପଚାରିକ ପୂରଣ ପାଇଁ ଜିଲାସ୍ତରୀୟ ବିଶ୍ୱ ମୃତ୍ତିକା ଦିବସ

ଜଗତ୍‌ସିଂହପୁର, ୫।୧୨ (ପ୍ରମୋଦ କୁମାର ନାୟକ)



ଜିଲାସ୍ତରୀୟ ବିଶ୍ୱ ମୃତ୍ତିକା ଦିବସ ପାଳନ ଅବସରରେ ଯୋଗ ଦେଇଥିବା ଅତିଥି ଓ ଅନ୍ୟମାନେ।

ପ୍ରତିବର୍ଷ ପରି ଚଳିତବର୍ଷ ମଧ୍ୟ ଜିଲାସ୍ତରୀୟ ବିଶ୍ୱ ମୃତ୍ତିକା ଦିବସ ପାଳନ କରାଯାଇଛି । କିନ୍ତୁ ବାସ୍ତବ ଲକ୍ଷ୍ୟ ପୂରଣ ହୋଇପାରୁନାହିଁ। ଏହାର ମୁଖ୍ୟ କାରଣ ହେଲା ମୃତ୍ତିକାର ମାନ କିପରି ବୃଦ୍ଧି କରାଯାଇ ପାରିବ, ତା'ଉପରେ କେବଳ ଭାଷଣ ଚାଲିଥିଲେ ସୁଦ୍ଧା ଏପର୍ଯ୍ୟନ୍ତ କୌଣସି ଆଖିଦୃଶିଆ ପଦକ୍ଷେପ ଗ୍ରହଣ କରାଯାଇନାହିଁ। କେବଳ ସରକାରୀ ନିର୍ଦ୍ଦେଶ କାର୍ଯ୍ୟକାରୀ ଉଦ୍ଦେଶ୍ୟରେ ଦିବସ ପାଳନ କରାଯାଉଥିବା ଅଭିଯୋଗ ହେଉଛି।

କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ଜଗତ୍‌ସିଂହପୁର ଜିଲା ଶାଖା ଏବଂ କୃଷି ବିଜ୍ଞାନ କେନ୍ଦ୍ର ମିଳିତ ଆନୁକୂଲ୍ୟରେ ମଙ୍ଗଳବାର କୃଷି ବିଜ୍ଞାନ କେନ୍ଦ୍ର ପରିସରରେ ଏହି ଦିବସ ପାଳନ କରାଯାଇଥିଲା। ଏଥିରେ କୁହାଯାଇଥିଲା, ମୃତ୍ତିକା ଓ ଜଳ ହେଉଛି ଜୀବନର ଉତ୍ସ। ମାଟିର ମାନ ବୃଦ୍ଧି ଅର୍ଥାତ୍ ଜୈବିକ ପ୍ରଣାଳୀରେ ମାଟିରେ ଜୈବିକ ପୁଷ୍ଟି ଉପାଦାନର ମୂଲ୍ୟ ବୃଦ୍ଧି ପାଇଁ ଯତ୍ନବାନ ହେଲେ ଚାଷୀ ଉପକୃତ ହୋଇପାରିବେ। କାର୍ଯ୍ୟକ୍ରମରେ ଜିଲା ପରିଷଦ ସଭାପତି ମନୋଜ କୁମାର ଭୋଇ ଯୋଗଦେଇ ପ୍ରାକୃତିକ ଏବଂ ଜୈବିକ କୃଷି ଉପରେ ଗୁରୁତ୍ୱ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ତିର୍ତ୍ତୋଲ ବ୍ଲକ ଆତ୍ମା କମିଟି ଅଧ୍ୟକ୍ଷ ଦେବେନ୍ଦ୍ର ମଲ୍ଲିକ ମୃତ୍ତିକାର ସ୍ୱାସ୍ଥ୍ୟ ଭଲ ରଖିବା ଉପରେ ଗୁରୁତ୍ୱାରୋପ କରିବା ସହ ଜୈବିକ କୃଷି ଉପରେ ଆଲୋକପାତ କରିଥିଲେ। ଜିଲା ମୁଖ୍ୟ କୃଷି ଅଧିକାରୀ ସଞ୍ଜୀବ ମୁଦାଲି, କୃଷି ବିଜ୍ଞାନ କେନ୍ଦ୍ର ମୁଖ୍ୟ ଡ. ଜୀବନଜିତ ସେନ, କୃଷି ବିଜ୍ଞାନ କେନ୍ଦ୍ରର ମୃତ୍ତିକା ବୈଜ୍ଞାନିକ ଡ. ପ୍ରଦୀପ୍ତ ମାଝି, ଜଗତ୍‌ସିଂହପୁର ଏଡିଓ ନବକିଶୋର ମହାପାତ୍ର, ତିର୍ତ୍ତୋଲ ଏଡିଓ ପୂର୍ଣ୍ଣେନ୍ଦୁ ଶେଖର ଆଚାର୍ଯ୍ୟ, ତିର୍ତ୍ତୋଲ, ଏରସମା ଏବଂ କୁଜଙ୍ଗ ବ୍ଲକ ମୁଖ୍ୟ କୃଷି ଅଧିକାରୀ, କୃଷି ବିଜ୍ଞାନ କେନ୍ଦ୍ର ବୈଜ୍ଞାନିକ ଦେବାଶିଷ ପଣ୍ଡା, ଡ. ଦ୍ୱାରିକା ମୋହନ ଦାସ ପ୍ରମୁଖ ଯୋଗଦେଇଥିଲେ। ଜିଲା ମୁଖ୍ୟ କୃଷି ଅଧିକାରୀ ମୁଦାଲିଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଜିଲା ମୃତ୍ତିକା ସଂରକ୍ଷଣ ବିଭାଗ ଅଧିକାରୀ ସମଲେଇ ପରିଡ଼ା ସଂଯୋଜନା କରିଥିଲେ । ଏହି ଅବସରରେ ପୂର୍ବରୁ ଅନୁଷ୍ଠିତ ବିଦ୍ୟାଳୟସ୍ତରୀୟ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀ ଓ ତିର୍ତ୍ତୋଲ ବ୍ଲକର ଚାଷୀ ସୌରଭ କୁମାର ବିଶ୍ୱାଳଙ୍କୁ ସମ୍ମାନିତ କରାଯାଇଥିଲା।

# ହାତୀ ଫସଲ ନଷ୍ଟ କରିବା ନେଇ ଅଭିଯୋଗରୁ ମାଡ଼

ନୟାଗଡ଼,୫।୧୨(ଲୋକନାଥ ମିଶ୍ର):



ଗ୍ରାମବାସୀ ଅଟକ ରଖିଥିବା ଗାଡି । ବନକର୍ମଚାରୀଙ୍କ ମାଡରେ ଆହତ ଯୁବକ ।

- ଯୁବତୀଙ୍କ ସମେତ ୨ ଆହତ, ଗୋଛାରେ ଉତ୍ତେଜନା
- ଭ୍ୟାନ ସହ ରେଞ୍ଜର, ଫରେଷ୍ଟରଙ୍କ ସମେତ ବନ କର୍ମଚାରୀ ଅଟକ
- ଲୋକ ପ୍ରତିନିଧିଙ୍କ ହସ୍ତକ୍ଷେପ ପରେ ୪ ଘଣ୍ଟା ପରେ ଛାଡିଲେ
- ଆହତଙ୍କ ଚିକିତ୍ସା ଖର୍ଚ୍ଚ ବହନ କରିବ ବନ ବିଭାଗ
- ହାତୀ ଫସଲ ନଷ୍ଟ କରୁଥିଲେ ମଧ ମିଳୁ ନ ଥିଲା ସହାୟତା

ହାତୀ ଫସଲ ନଷ୍ଟ କରଛି, ମିଳୁନି ସହାୟତା କହିବାରୁ ନୟାଗଡ଼ ବନଖଣ୍ଡ ପଞ୍ଚରିଡ଼ା ରେଞ୍ଜର ବନବିଭାଗର କର୍ମଚାରୀ ଉତ୍ତେଜିତ ହୋଇ ପଡିଥିଲେ । କାହିଁକି ଜଙ୍ଗଲରୁ ଗଛ କାଟୁଛ କହି ଗୋଛାର ଜଣେ ଯୁବତୀଙ୍କ ସମେତ ୨ଜଣଙ୍କୁ ମାରପିଟ୍ କରିଥିବା ଅଭିଯୋଗ ହୋଇଛି । ବନବିଭାଗର କର୍ମଚାରୀଙ୍କ ମାଡ଼ରେ ଗୋଛାର ବନିତା ପ୍ରଧାନ(୨୦ ) ଓ ସୁରେଶ ପ୍ରଧାନ (୪୫) ଆହତ ହୋଇ ଡାକ୍ତରଖାନରେ ଭର୍ତ୍ତି ହୋଇଛନ୍ତି । ଆହତ ଖବର ଗାଁରେ ପହଞ୍ଚିବା ପରେ ଗୋଛାରେ ମଙ୍ଗଳବାର ସନ୍ଧ୍ୟାରେ ଉତ୍ତେଜନା ପ୍ରକାଶ ପାଇଥିଲା । ଗାଁ ଲୋକମାନେ ଅତିଷ୍ଠ ହୋଇ ବନବିଭାଗର ଗାଡ଼ି, ରେଞ୍ଜର, ଫରେଷ୍ଟର ଓ କେତେଜଣ ବନକର୍ମଚାରୀଙ୍କୁ ଅଟକ ରଖି ନ୍ୟାୟ ପାଇଁ ଆନ୍ଦୋଳନକୁ ଓହ୍ଲାଇଥିଲେ । ଖବର ପାଇ ସ୍ଥାନୀୟ ଲୋକ ପ୍ରତିନିଧି ଗାଁଲୋକଙ୍କୁ ବୁଝାସୁଝା କରି ଅଟକ ଅଧିକାରୀ ଓ କର୍ମଚାରୀଙ୍କୁ ୪ ଘଣ୍ଟା ପରେ ମୁକୁଳାଇବାରେ ସଫଳ ହୋଇଛନ୍ତି । ଏପରିକି ବନବିଭାଗର ଭ୍ୟାନକୁ ମଧ ଛାଡି ଦେଇଛନ୍ତି । ତେବେ ଆହତ ଦ୍ୱୟଙ୍କ ଚିକିତ୍ସା ଖର୍ଚ୍ଚ ବନବିଭାଗ ବୁଝିବା ପାଇଁ ପ୍ରତିଶ୍ରୁତି ମିଳିଛି । ତେବେ ହାତୀ କ୍ଷୟକ୍ଷତି ନେଇ କିଛି ଆଲୋଚନା ହୋଇ ପାରିନାହିଁ । ଗାଁ ଲୋକଙ୍କ ଅଭିଯୋଗ ଅନୁଯାୟୀ, ଗୋଛାରେ ୫୩ ପରିବାରରେ ୨୬୦ ଆଦିବାସୀ ବାସ କରୁଛନ୍ତି । ଏଠାରେ ହାତୀ ଫସଲ ଉଜାଡି ଚାଲିଛି । ପ୍ରତିବର୍ଷ ହାତୀ ଫସଲ ନଷ୍ଟ କରୁଛି । ଗାଁର ସୁଶାନ୍ତ ପ୍ରଧାନଙ୍କ ୩ ଏକର, ଲକ୍ଷ୍ମୀଧର ଜାନୀଙ୍କ ୫ଏକର, ନିବାସ ପ୍ରଧାନଙ୍କ ୧ ଏକର, ଶରତ ଜାନୀଙ୍କ ୩ ଏକର, ସୁରେନ୍ଦ୍ର ପ୍ରଧାନଙ୍କ ୨ ଏକର, କାର୍ତ୍ତିକ ପ୍ରଧାନଙ୍କ ୨ ଏକର, ମାଟିଆ ପ୍ରଧାନଙ୍କ ୩ ଏକର ଏପରି ୩୦ ଏକରରୁ ଊର୍ଦ୍ଧ୍ୱ ଫସଲ ନଷ୍ଟ ହୋଇ ସାରିଲାଣି । ସନ୍ଧ୍ୟା ହେଲେ ହାତୀର ଭୟ ଲାଗି ରହୁଛି । ୧୨ହାତୀ ଥିବା ପଲ ଚମ୍ପା ଓ ଗୋଛା ଜଙ୍ଗଲରେ ରହି ପ୍ରତ୍ୟହ ଧାନ ଓ ଅନ୍ୟ ଫସଲ ନଷ୍ଟ କରିଚାଲିଛନ୍ତି । ଫସଲ ନଷ୍ଟ ନେଇ ବାରମ୍ବାର ବନବିଭାଗର କର୍ମଚାରୀ ଓ ଅଧିକାରୀଙ୍କୁ ଅଭିଯୋଗ କରିବା ପରେ କୌଣସି ସୁଫଳ ମିଳୁନି । ଏପରିକି ସହାୟତା ରାଶି ଦେବା ପାଇଁ ପ୍ରତିଶ୍ରୁତି ମିଳୁଥିଲେହେଁ ଅଣଦେଖା କରାଯାଉଛି । ଚାଷୀ ଏଣୁ ଚାଷରେ ବାରମ୍ବାର କ୍ଷତିର ସମ୍ମୁଖୀନ ହେଉଛି । ତେବେ ହାତୀ ଫସଲ ଉଜାଡିଲେ କ୍ଷତିପୂରଣ ଦିଆଯାଉନି । ହେଲେ କ୍ଷତିପୂରଣ ଦିଆଯାଉଛି ବୋଲି କାହିଁକି ବନବିଭାଗ ଡିଣ୍ଡିମ ପିଟି ବାହାବା ନେଉଛି ବୋଲି କେତେଜଣ ଲୋକ ପଚାରିଥିଲେ । ପ୍ରଶ୍ନକର୍ତ୍ତାଙ୍କ ଉତ୍ତର ନ ଦେଇ କାହିଁକି ଜଙ୍ଗଲକୁ ନଷ୍ଟ କରୁଛ କହି ବନବିଭାଗର କେତେଜଣ କର୍ମଚାରୀ ଗୋଛାର ୨ଜଣଙ୍କୁ ମାରପିଟ୍ କରି ଆହତ କରିବା ଘଟଣା ବିବଦୀୟ ପରିସ୍ଥିତି ସୃଷ୍ଟି କରିଥିଲା । ଗାଁଲୋକଙ୍କ ଆକ୍ରୋଶର ଶିକାର ହୋଇ ଥିଲେ ବନକର୍ମଚାରୀ ଓ କର୍ମଚାରୀ । ଏହାକୁ ନେଇ ଗାଁରେ ଉତ୍ତେଜନା ବଢ଼ିଥିଲା ।

**ବିଟ୍‌ରେ ଝୁଲୁଛି ତାଲା:** ଗୋଛାରେ ହାତୀ ଫସଲ ସବୁ ଦିନ ପ୍ରାୟ ନଷ୍ଟ କରୁଛି। ତେବେ ଗୋଛରେ ରହିଥିବା ବିଟ୍‌ରେ ସବୁବେଳେ ତାଲା ଝୁଲୁଛି । ବିଟ୍‌କୁ କେହି କର୍ମଚାରୀ ଆସୁ ନ ଥିବାରୁ ସ୍ଥାନୀୟ ଲୋକ ଓ ଚାଷୀ ଅଭିଯୋଗ କରି ପାରୁ ନାହାନ୍ତି । ବିଟ୍‌ରେ ସବୁବେଳେ ତାଲା ଝୁଲିବା ପରେ ସାଧାରଣ ଲୋକଙ୍କ ମନରେ ପ୍ରଶ୍ନ ଉଠୁଛି ଗୋଛାରେ ବିଟ୍ କରି ଲାଭ କ'ଣ । ବରଂ ବିଟ୍ ହାଉସକୁ ବନ୍ଦ କରିଦେବା ଭଲ ।

**ହାତୀ ଘଉଡାଇବା ସାଇରନ ପ୍ରହସନ:** ଗୋଛାରେ ହାତୀ ଘଉଡାଇବା ପାଇଁ ୨ଟି ସାଇରନ ଲାଗିଛି । ସାଇରନ ବାଜିଲେ ହାତୀ ପଳାଇ ଯାଉଛନ୍ତି ବୋଲି କୁହାଯାଉଛି। ତେବେ ହାତୀ ଆସିବା ସମୟରେ ସବୁବେଳେ ସାଇରନ ବାଜୁନି । ଏଣୁ ସାଇରନ ଲଗାଇ କେବଳ ବାହାବା ନେଲେ କ'ଣ ହେବ ଚାଷୀର କ୍ଷତି ରୋକା ଯାଇ ପାରୁ ନ ଥିବାରୁ ଅସନ୍ତୋଷ ବଢ଼ି ଚାଲିଛି । ପୁଣି ୨ଟି ସାଇରନ ସବୁ କୃଷିକ୍ଷେତ୍ରକୁ ରକ୍ଷା କରି ପାରୁନି । ଅଧିକ ସଂଖ୍ୟାରେ ସାଇରନ ଲାଗିବା ଦରକାର ବୋଲି ଚାଷୀଙ୍କ ପକ୍ଷରୁ ଅଭିଯୋଗ ହୋଇ ଆସୁଛି ।

**ରାତି ଉଜାଗର ଚାଷୀ:** ହାତୀ ଘଉଡାଇବା ପାଇଁ ଚାଷୀମାନେ ମିଳିତ ହୋଇ ରାତି ଉଜାଗର ରହୁଛନ୍ତି । ଫସଲ ଜମିରେ ମଞ୍ଚା କରି ରହୁଛନ୍ତି । ହାତୀ ଆସିଲେ ବାଣ ଫୁଟାଇ ଘଉଡାଉଛନ୍ତି। ତେବେ ହାତୀପଲ ବାରମ୍ବାର ଗତିପଥ ପରିବର୍ତ୍ତନ କରୁଥିବାରୁ ଚାଷୀ ଉଜାଗର ରହିଲେ ବି ସୁଫଳ ମିଳୁନି । ଘଟଣା ସମ୍ପର୍କରେ ଡିଏଫ୍‌ଓ କ୍ଷମା ଷଡ଼ଙ୍ଗୀଙ୍କୁ ତାଙ୍କ ମୋବାଇଲ ନଂ.୯୪୩୭୦୫୨୨୨୬ରେ ଯୋଗାଯୋଗ କରାଯାଇଥିଲା । ହେଲେ ସେ ଫୋନ ଉଠାଇ ନ ଥିଲେ । ପଞ୍ଚରିଡା ରେଞ୍ଜର ଚନ୍ଦ୍ରରାଣୀ ମୁର୍ମୁ ଏ ସଂକ୍ରାନ୍ତରେ କିଛି ନ କହି ଏଡାଇ ଯାଇଥିଲେ । ପୁଣି ଫୋନ ଯୋଗେ ପଚାରିବାରୁ ଫୋନ ଉଠାଇ ନ ଥିଲେ ।

# ବାଇକ୍ ଦୁର୍ଘଟଣା ଜଣେ ମୃତ

ଦଶପଲ୍ଲା,୫।୧୨
(ପ୍ରକାଶ କୁମାର ପାଣି)

ମଙ୍ଗଳବାର ଦଶପଲ୍ଲାର ସରିଗଣ୍ଡା ନିକଟରେ ଏକ ବାଇକ୍ ଦୁର୍ଘଟଣାରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି । ଅନ୍ୟଜଣେ ଆହତ ହୋଇଛନ୍ତି । ମୃତକ ହେଲେ ଆଳିପଡ଼ାର ଓକିଲ ମହାପାତ୍ର । ଆହତ ହେଲେ ସମୀର ପ୍ରଧାନ । ସେମାନେ ଏକ ବାଇକ୍‌ରେ ଟାକେରାରୁ ଦଶପଲ୍ଲା ଅଭିମୁଖେ ଆସୁଥିବା ବେଳେ ସରିଗଣ୍ଡାଠାରେ କଲଭର୍ଟ ଦେହରେ ଗାଡିଟି ମାଡ଼ ହୋଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲା । ଗୁରୁତର ଆହତ ଅବସ୍ଥାରେ ଉଭୟଙ୍କୁ ଦଶପଲ୍ଲା ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା । ହେଲେ ଚିକିତ୍ସାଧୀନ ଅବସ୍ଥାରେ ଓକିଲଙ୍କ ମୃତ୍ୟୁ ଘଟିଥିଲା । ପୋଲିସ ମୃତଦେହ ଜବତ କରି ତଦନ୍ତ ଚଳାଇଥିବା ଦଶପଲ୍ଲା ଥାନା ଆଇଆଇସି ମୁକେଶ କୁମାର ବେହେରା ସୂଚନା ଦେଇଛନ୍ତି ।

# ବେଲବଣିରେ ଅତିରିକ୍ତ ଅଙ୍ଗନୱାଡି କେନ୍ଦ୍ର ପ୍ରତିଷ୍ଠା ପାଇଁ ଦାବି


ସିଡିପିଓଙ୍କୁ ଭେଟିବାକୁ ଆସିଥିବା ବେଲବଣିବାସୀ ।

ନୂଆଗାଁ,୫।୧୨(ଧନେଶ୍ୱର ସାହୁ)

ନୟାଗଡ଼ ଜିଲା ନୂଆଗାଁ ବ୍ଲକ କୋରଡା ପଞ୍ଚାୟତ ବେଲବଣି ଗ୍ରାମରେ ଅତିରିକ୍ତ ଅଙ୍ଗନୱାଡି କେନ୍ଦ୍ର ପ୍ରତିଷ୍ଠା ପାଇଁ ଗ୍ରାମବାସୀ ଦାବି କରିଛନ୍ତି। ଏ ନେଇ ସୋମବାର ବେଲବଣି ଗ୍ରାମର ମହିଳାମାନେ ବ୍ଲକ କାର୍ଯ୍ୟାଳୟକୁ ଆସି ସିଡିପିଓଙ୍କୁ ଲିଖିତ ଭାବେ ଜଣାଇଛନ୍ତି । ନୂଆଗାଁ ବ୍ଲକ କୋରଡା ପଞ୍ଚାୟତର ଆଦିବାସୀ ଅଧ୍ୟୁଷିତ ବେଲବଣି ଗ୍ରାମରେ ପ୍ରାୟ ୨୨ ପରିବାର ବସବାସ କରନ୍ତି । ବେଲବଣି ଓ ରଗଡିମଡା ଦୁଇଟି ଗ୍ରାମକୁ ନେଇ କୋରଡା ପଞ୍ଚାୟତ ୫ ନମ୍ବର ୱାର୍ଡ ଗଠନ କରାଯାଇଛି । ସେହି ୱାର୍ଡରେ ପ୍ରାୟ ୧୫ ଜଣ ଶିଶୁ ଅଙ୍ଗନୱାଡି କେନ୍ଦ୍ର ଉପରେ ନିର୍ଭର କରୁଛନ୍ତି। ସେହି ଶିଶୁମାନେ ଅଙ୍ଗନୱାଡି କେନ୍ଦ୍ରର ସୁବିଧା ପାଇବାକୁ ହେଲେ ପ୍ରାୟ ୩ କି.ମି. ଦୂର ମୀନାଗାଡ଼ିଆ କେନ୍ଦ୍ରକୁ ଯିବାକୁ ପଡୁଛି । କେନ୍ଦ୍ରଟି ଗ୍ରାମଠାରୁ ଦୂର ଓ ନିଛାଟିଆ ରାସ୍ତା ଦେଇ ଯିବାକୁ ପଡୁଥିବାରୁ ଅଭିଭାବକମାନେ ନିଜର କାମଧନ୍ଦା ଛାଡି ପ୍ରତିଦିନ ଶିଶୁମାନଙ୍କୁ ନେବା ଆଣିବା କରୁଛନ୍ତି। ଫଳରେ ଅଧିକାଂଶ ଦିନ ଶିଶୁମାନେ ଅଙ୍ଗନୱାଡି ସୁବିଧା ପାଇବାରୁ ବଞ୍ଚିତ ହେଉଛନ୍ତି। ତେଣୁ ରଗଡିମଡା ଓ ବେଲବଣି ଗ୍ରାମର ଶିଶୁମାନଙ୍କ ନିମନ୍ତେ ବେଲବଣି ଗ୍ରାମରେ ଅତିରିକ୍ତ ଅଙ୍ଗନବାଡି କେନ୍ଦ୍ରଟିଏ ପ୍ରତିଷ୍ଠା କରିବା ପାଇଁ ଗ୍ରାମବାସୀ ଦାବୀ କରିଛିଁ । ଅଙ୍ଗନବାଡି କେନ୍ଦ୍ର ପ୍ରତିଷ୍ଠା ପାଇଁ ବାରମ୍ବାର ଦାବୀ ହୋଇ ଆସୁଥିଲେ ମଧ୍ୟ କୌଣସି ସୁଫଳ ନ ମିଳିବାରୁ ବେଲବଣି ଗ୍ରାମର ରତନି କଅଁର , ରଞ୍ଜୁ କଅଁର , କାଞ୍ଚନ ମଲିକ , ଶରତ କଅଁରଙ୍କ ସମେତ ୧୫ରୁ ଊର୍ଦ୍ଧ୍ୱ ଗ୍ରାମବାସୀ ଆସି ନୂଆଗାଁ ସିଡିପିଓଙ୍କୁ ଲିଖିତ ଭାବେ ଜଣାଇଛନ୍ତି । ସିଡିପିଓ ଶୁଭ୍ରକେଶୀ ମଲିକଙ୍କ ଅନୁପସ୍ଥିତରେ ଅଙ୍ଗନୱାଡି ସୁପରଭାଇଜରଙ୍କୁ ଅଭିଯୋଗ ପତ୍ର ପ୍ରଦାନ କରିଛନ୍ତି। ଅଙ୍ଗନୱାଡି କେନ୍ଦ୍ର ପ୍ରତିଷ୍ଠା ବାବଦରେ ନୂଆଗାଁ ସିଡିପିଓ ମଲିକଙ୍କୁ ପଚାରିବାରେ ଲୋକଙ୍କ ଦାବିକୁ ବିଚାରକୁ ନିଆଯିବ । ଏ ବାବଦରେ ଆମେ ସରକାରଙ୍କୁ ପ୍ରସ୍ତାବ ଦେବୁ ବୋଲି କହିଛନ୍ତି।

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com


@ ଦୟାସାଗର


@ ଡିସେମ୍ବର


@ ମାଧବାନନ୍ଦ


@ ସୌମ୍ୟରଞ୍ଜନ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଫାଇନାଲରେ ଏମ୍‌ଏମ୍‌ସିସି କ୍ରିକେଟ୍ କ୍ଲବ୍

## ସଦାଶିବ ସ୍ମାରକୀ କ୍ରିକେଟ୍ ଟୁର୍ନାମେଣ୍ଟ

ଭାପୁର, ୫।୧୨
(ଭରତ କୁମାର ବେହେରା ) :

ନୟାଗଡ଼ ଜିଲା ଭାପୁର ବ୍ଲକ ଅନ୍ତର୍ଗତ ଫତେଗଡ଼ ନାଲିସାଗର ଖେଳପଡ଼ିଆରେ ଚତୁର୍ଦ୍ଦଶ ସର୍ବଭାରତୀୟ ସଦାଶିବ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟର ପ୍ରଥମ ସେମିଫାଇନାଲ ମ୍ୟାଚ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଭୁବନେଶ୍ୱରର ସାଇ ଇଲେଭେନ ଟିମ୍ ଟସ୍ ଜିତି ସମ୍ବଲପୁରର ଏମ୍‌ଏମ୍‌ସିସି କ୍ରିକେଟ୍ କ୍ଲବ୍ ଟିମ୍‌କୁ ବ୍ୟାଟିଂ କରିବା ପାଇଁ ଆମନ୍ତ୍ରଣ କରିଥିଲା। ଏମଏମସିସି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୫ ଉଇକେଟ ହରାଇ ୨୩୨ ରନ କରିବାକୁ ସକ୍ଷମ ହୋଇଥିଲା। ଦଳ ପକ୍ଷରୁ ଶୋହରାଜ ଧାଲିୱାଲ ୫୩ ବଲରେ ୧୦ ଚୌକା ଓ ୧୧ ଟି ଛକା ସହାୟତାରେ ସର୍ବାଧିକ ୧୧୮ରନ କରିଥିଲେ। ଜବାବ୍‌ରେ ସମ୍ବଲପୁର ଦଳର ବୋଲର ଅଭିନନ୍ଦନ ସିଂଙ୍କ ଘାତକ ବୋଲିଂକୁ ସାମ୍ନା କରି ନ ପାରି ସାଇ ଇଲେଭେନ ୧୯.୧ ଓଭରରେ ସମସ୍ତ ଉଇକେଟ ହରାଇ ୧୮୨ ରନ୍ କରି ୫୦ରନରେ ପରାସ୍ତ ହୋଇଥିଲେ। ଅଭିନନ୍ଦନ ୪ଓଭର ବୋଲିଂ କରି ୩୨ ରନରେ ୫ ଉଇକେଟ ନେଇଥିଲେ। ଭୁବନେଶ୍ୱରର ଦଳ ପକ୍ଷରୁ କ୍ୱାର୍ଟର ଫାଇନାଲ ମ୍ୟାଚରେ ଶତକ କରିଥିବା ମରଜୁ ପ୍ରଶାନ୍ତ ଏହି ସେମିଫାଇନାଲରେ ୩୭ବଲରୁ ୭ଚୌକା ଓ ୪ଟି ଛକା ସହାୟତାରେ ୬୭ ରନ ସଂଗ୍ରହ କରିଥିଲେ । ଆଜିର ପ୍ରଥମ ସେମିଫାଇନାଲ ମ୍ୟାଚରେ ବିଜୟୀ ଦଳର ଶୋହରାଜ ଧାଲିୱାଲ ଶତକ ମାରି ମ୍ୟାନ୍ ଅଫ୍ ଦ ମ୍ୟାଚ ବିବେଚିତ ହୋଇଥିଲେ । ପ୍ରଥମ ଦଳ ଭାବେ ସମ୍ବଲପୁର ଫାଇନାଲରେ ପ୍ରବେଶ କରିଛି। ଏହି ମ୍ୟାଚରେ ଖେଳ ପରିଚାଳନା କରିଥିଲେ ଓସିଏ ଅମ୍ପାୟାର ଦୁର୍ଗା ପ୍ରସାଦ ପଟ୍ଟନାୟକ ଏବଂ ଆଶୁତୋଷ ପାଣି। ଏଥିସହ ସ୍କୋରର ଦାୟିତ୍ୱ ତୁଲାଇଥିଲେ ପବିତ୍ର କୁମାର ଓ ସହାୟତା କରିଥିଲେ ସଞ୍ଜୟ କୁମାର ବେହେରା । ଡିଜିଟାଲ ସ୍କୋର କରିଥିଲେ କିରଣ ମନୋହର ମହାନ୍ତି। ମ୍ୟାଚ ରେଫରି ଭାବେ ସୁଧୀ ରଞ୍ଜନ ପଣ୍ଡା ଦାୟିତ୍ୱ ତୁଲାଇଥିବା ବେଳେ ଭାଷ୍ୟକାର ଭାବେ ବୁବୁ ସିହ୍ନା ଓ ସରୋଜ କୁମାର ମହାପାତ୍ର। ମୁଖ୍ୟ ଅତିଥି ଭାବେ ନୟାଗଡ଼ ଜିଲା ପରିଷଦ ଅଧକ୍ଷ ଇଓ ଦେବାଶିଷ ପଟ୍ଟନାୟକ, ସମ୍ମାନିତ ଅତିଥି ଫତେଗଡ ଥାନାଧିକାରୀ ସୁଜିତ କୁମାର ଦାସ, ନୟାଗଡ଼ ଜିଲା ୧୨ନଂ.ଜୋନର ଜିଲା ପରିଷଦ ସଭ୍ୟ ସୁବାସ କଅଁର, ୧୫ନଂ.ଜିଲା ପରିଷଦ ସଭ୍ୟ ସରୋଜ କୁମାର ରଣସିଂ ଓ ସାମାଜିକ କର୍ମୀ ଚକ୍ରଧର ପ୍ରଧାନ ଯୋଗଦେଇ ସମସ୍ତ ଖେଳାଳିଙ୍କୁ ଉତ୍ସାହିତ କରିବା ସହିତ ମ୍ୟାନ ଅଫ୍ ଦ ମ୍ୟାଚ ପୁରସ୍କାର ଦେଇଥିଲେ। ବୁଧବାର ଗ୍ରୁପ୍ 'ବି' ର ପ୍ରଥମ କ୍ୱାର୍ଟର ଫାଇନାଲ ମ୍ୟାଚ କଟକ ରାଇଜିଙ୍ଗ ଷ୍ଟୁଡେଣ୍ଟସ କ୍ଲବ୍ ସହିତ ଗତବର୍ଷର ବିଜେତା ନାଗପୁର ଟିମ୍‌ର ମୁକାବିଲା ହେବ ବୋଲି ଫତେଗଡ ଯୁବକ ସଂଘ ସଭାପତି ବେଣୁଧର ପ୍ରଧାନ ସୂଚନା ଦେଇଛନ୍ତି।

# ୧୧୧ ବର୍ଷର ସ୍କୁଲ ପ୍ରତି ଅବହେଳା


ଟାଉନ ମଡେଲ ପ୍ରାଥମିକ ବିଦ୍ୟାଳୟ ।

ଖଣ୍ଡପଡ଼ା,୫।୧୨
(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ସହରାଞ୍ଚଳ ଥାନା ନିକଟରେ ଥିବା ଟାଉନ ମଡେଲ ପ୍ରାଥମିକ ବିଦ୍ୟାଳୟଟି ଆବଶ୍ୟକ ରକ୍ଷଣାବେକ୍ଷଣ ଅଭାବରୁ ଦୁର୍ବଳ ହେବାରେ ଲାଗିଛି । ବିଭାଗୀୟ ଅଧିକାରୀଙ୍କୁ ଏ ସଂକ୍ରାନ୍ତରେ ଗ୍ରାମବାସୀ ଅବଗତ କରିଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନ ଥିବା ଅଭିଯୋଗ ହୋଇଛି ।

ଖଣ୍ଡପଡ଼ା ସହରର ସର୍ବପୁରାତନ ଶିକ୍ଷାନୁଷ୍ଠାନ ଟାଉନ ମଡେଲ ପ୍ରାଥମିକ ବିଦ୍ୟାଳୟଟି ଦେଶ ସ୍ୱାଧୀନତା ପୂର୍ବରୁ ତଥା ୧୯୧୨ରେ ସ୍ଥାପିତ ହୋଇଥିଲା । ଶିକ୍ଷାର ପ୍ରସାର ନିମନ୍ତେ ପ୍ରତିଷ୍ଠା ହୋଇଥିବା ଏହି ଶିକ୍ଷାନୁଷ୍ଠାନ ଇତିମଧ୍ୟରେ ୧୧୧ ବର୍ଷରେ ପଦାର୍ପଣ କରିଛି । ମାଟି ଇଟାରେ ନିର୍ମାଣ ହୋଇଥିବା ଏହି ଶିକ୍ଷାନୁଷ୍ଠାନର କାନ୍ଥ କ୍ରମଶଃ ଦୁର୍ବଳ ହୋଇ ବିଭିନ୍ନ ସ୍ଥାନରେ ଫାଟ ସୃଷ୍ଟି ହୋଇଛି । ଉକ୍ତ ବିଦ୍ୟାଳୟରେ ପ୍ରଥମରୁ ୫ମ ଶ୍ରେଣୀରେ ୭୬ ଜଣ ଛାତ୍ରୀ ଓ ୫୯ ଜଣ ଛାତ୍ର ଅଧ୍ୟୟନ କରୁଛନ୍ତି । ୬ଜଣ ଶିକ୍ଷୟିତ୍ରୀ ଓ ଶିକ୍ଷକ ଶିକ୍ଷାଦାନ କରୁଛନ୍ତି । ଶ୍ରେଣୀ ଗୃହର ଆଜବେଷ୍ଟସ ଛାତ ନଷ୍ଟ ହୋଇ ଯାଇଥିବାରୁ ବିଦ୍ୟାଳୟ କର୍ତ୍ତୃପକ୍ଷ ଏ ଦିଗରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ବ୍ଲକ୍ ଶିକ୍ଷାଧିକାରୀଙ୍କୁ ଅବଗତ କରିଥିଲେ। ମାତ୍ର ଆଜି ପର୍ଯ୍ୟନ୍ତ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନ ଥିବାରୁ ଛାତ୍ରୀଛାତ୍ରଙ୍କ ସୁରକ୍ଷା ଦୃଷ୍ଟିରୁ ବିଦ୍ୟାଳୟ କର୍ତ୍ତୃପକ୍ଷ ସେହି ଭଙ୍ଗା ଆଜବେଷ୍ଟସକୁ ମରାମତି କରିଥିବା ପ୍ରଧାନଶିକ୍ଷକ ଅଲେଖ କୁମାର ନାୟକ କହିଛନ୍ତି । ତେବେ କାନ୍ଥରେ ଫାଟ ସୃଷ୍ଟି ହେଉଥିବାରୁ ଏ ଦିଗରେ ଆବଶ୍ୟକ ମରାମତି ତଥା ରକ୍ଷଣାବେକ୍ଷଣ ନିମନ୍ତେ ବିଦ୍ୟାଳୟ କର୍ତ୍ତୃପକ୍ଷ ଖଣ୍ଡପଡ଼ା ବ୍ଲକ ଶିକ୍ଷାଧିକାରୀ ଓ ଜିଲା ଶିକ୍ଷାଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି । ଖବ୍‌ଶୀଘ୍ର ବ୍ଲକ୍ ପ୍ରଶାସନ ପକ୍ଷରୁ ଏ ଦିଗରେ ପଦକ୍ଷେପ ଗ୍ରହଣ କରାଯିବ ବୋଲି ନାୟକ ସୂଚନା ଦେଇଛନ୍ତି ।

# ସୋଲପଟାରେ ଚିଟ୍‌ଫଣ୍ଡ ଠକେଇ

ନୟାଗଡ଼,୫।୧୨(ଲୋକନାଥ ମିଶ୍ର):

- ଜମାକାରୀଙ୍କ ପ୍ରତିବାଦ ଓ ଆନ୍ଦୋଳନ
- ଦମ୍ପତିଙ୍କୁ ଅଟକ ରଖି ଟଙ୍କା ଫେରାଇବାକୁ ଦାବି

ଶରଣକୁଳ ଥାନା ସୋଲପଟାରେ ଚିଟ୍‌ଫଣ୍ଡରେ ଠକେଇ କରାଯାଇଥିବା ଅଭିଯୋଗ ହୋଇଛି । ଏପରି କି ୩୦୦ ଜଣ ଜମାକାରୀଙ୍କ ଠାରୁ ୩ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଠକେଇ ହୋଇଥିବା ଅଭିଯୋଗ ହୋଇଛି । ଜମାକାରୀ ଟଙ୍କା ପାଇ ନ ଥିଲେ । ଜମାକାରୀଙ୍କ ପରିବାରର ସଦସ୍ୟମାନେ ଘରେ ତାଲା ପକାଇ ଖସି ପଳାଇ ଯାଉଥିଲେ। ଜମାକାରୀଙ୍କୁ ଅଟକ ରଖି ଟଙ୍କା ପାଇବା ଦାବି କରିଥିଲେ । ଖବର ପାଇ ଶରଣକୁଳ ଥାନା ପୋଲିସ ପହଞ୍ଚି ପରିସ୍ଥିତିକୁ ନିୟନ୍ତ୍ରଣ କରିଥିଲେ । ଏପରି କି ଓଡ଼ଗାଁ ତହସିଲଦାର ଘଟଣାସ୍ଥଳରେ ପହଞ୍ଚି ଜମାକାରୀଙ୍କ ସହ ଆଲୋଚନା କରି ଘଟଣାର ସମାଧାନ କରାଇ ନେବାକୁ କଥାବାର୍ତ୍ତା ହୋଇଥିଲେ । ଅଭିଯୋଗ ଅନୁସାରେ ସୋଲପଟାର ଭିକାରୀ ଷଡ଼ଙ୍ଗୀ ଏକ ଚିଟଫଣ୍ଡ ଖୋଲିଥିଲେ । ଏଥିରେ ସୋଲପଟା, ଗୋଡିସାହି, ମାଛିପଡା, ଜାମୁଝୋଲାର ପ୍ରାୟ ୩୦୦ରୁ ଊର୍ଦ୍ଧ୍ୱ ପରିବାର ୨୫ ବର୍ଷ ହେଲା ଟଙ୍କା ଜମା କରୁଥିଲେ । କେତେଜଣ ଲୋକ ମଧ୍ୟ ଚିଟ୍‌ଫଣ୍ଡରୁ ସୁଧ ନେଉଥିଲେ । ୨୫ ବର୍ଷ ହେଲା ସବୁ ଠିକ୍ ଚାଲିଥିଲା । କିଛି ଦିନ ହେଲା କେତେଜଣ ଜମାକାରୀ ସେମାନଙ୍କର ଟଙ୍କା ମାଚ୍ୟୁରୁଟି ପରେ ନ ପାଇବାରୁ ବିବାଦ ବଢ଼ିଥିଲା । ଏନେଇ ଭିକାରୀ ଟଙ୍କା ପରିଶୋଧ କରିଦେବେ କହିଥିଲେ । ତେବେ ନିକଟରେ ଭିକାରୀଙ୍କ ପରଲୋକ ହୋଇଥିଲା । ପୁଅ ବୋହୂ ଘରେ ତାଲା ଝୁଲାଇ ମଙ୍ଗଳବାର ଫେରାର ହୋଇ ଯାଉଥିଲେ । ଜମାକାରୀ ଏହା ଜାଣିବା ପରେ ପୁଅ ବୋହୂଙ୍କୁ ଅଟକ ରଖି ଟଙ୍କା ଶୁଝିବାକୁ ଦାବି କରିଥିଲେ । ଏନେଇ ଶରଣକୁଳ ଥାନା ଆଇଆଇସି ପୁଷ୍ପଲତା ବେହେରା କୁହନ୍ତି, ସୋଲପଟାରେ ଚିଟ୍‌ଫଣ୍ଡକୁ ନେଇ ଉତ୍ତେଜନା ଦେଖା ଦେଇଥିଲା । ପୋଲିସ ମୁତୟନ ଥିଲେ । ଆପୋଷ ସମାଧାନ ହେବବୋଲି ଉଭୟ ପକ୍ଷ କହିବା ପରେ ପୋଲିସ ଗାଁରୁ ହଟିଛନ୍ତି । ତେବେ ଜମାକାରୀଙ୍କ ପକ୍ଷରୁ ଥାନାରେ ଅଭିଯୋଗ ହୋଇନାହିଁ । ଅଭିଯୋଗ ମିଳିଲେ ପୋଲିସ ପକ୍ଷରୁ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି ।

# ସ୍କୁଲକୁ ହେଲା ବିଦ୍ୟୁତ୍ ସଂଯୋଗ

ଓଡ଼ଗାଁ,୫।୧୨(ଆଦର୍ଶ କୁମାର ପଟ୍ଟନାୟକ)

ଓଡ଼ଗାଁ ବ୍ଲକ ଓ ସାକେରୀ ପଞ୍ଚାୟତ ଅଧୀନ କୁଶଡିପି ପ୍ରାଥମିକ ବିଦ୍ୟାଳୟକୁ ବିଦ୍ୟୁତ ସଂଯୋଗ ନିମନ୍ତେ ବାରମ୍ବାର ଦାବି ହୋଇ ଆସୁଥିଲା । ଏନେଇ ଓଡ଼ଗାଁରେ ଅବସ୍ଥାପିତ ଟାଟା ପାୱାର ଜେଇ(୨) ଟାଳଟୁଳ ନୀତି ଅବଲମ୍ବନ କରୁଥିବା ବେଳେ ଗ୍ରାମବାସୀଙ୍କ ସମେତ ଅଭିଭାବକ ଓ ପରିଚାଳନା କମିଟିକୁ ଅନ୍ଧାରରେ ରଖିବାକୁ ଚେଷ୍ଟା କରିଥିଲେ । ହେଲେ ଏନେଇ ନଭେମ୍ବର ୨୩ ତାରିଖରେ ସ୍କୁଲ ପରିଚାଳନା କମିଟି ଅଧକ୍ଷାଙ୍କ ସହିତ ୩୦ରୁ ଊର୍ଦ୍ଧ୍ୱ ମାତୃ ମଞ୍ଚ ସଦସ୍ୟା ଟାଟା ପାୱାର ଅଫିସରେ ଜେଇଙ୍କୁ ଭେଟିବା ସହିତ ସ୍କୁଲ କର୍ତ୍ତୃପକ୍ଷ ଦୀର୍ଘଦିନ ହେଲା ବିଦ୍ୟୁତ ସଂଯୋଗ ନିମନ୍ତେ ଆବେଦନ କରିବା ସହିତ ୬ ହଜାର ଟଙ୍କା ଜମା କରିଥିଲେ ସୁଦ୍ଧା ସ୍କୁଲକୁ କାହିଁକି ବିଦ୍ୟୁତ ସଂଯୋଗ କରାଯାଉନାହିଁ ବୋଲି ଜାଣିବାକୁ ଚାହିଁ ଥିଲେ । ହେଲେ ସଂପୃକ୍ତ ଜେଇ ସ୍କୁଲକୁ ବିଦ୍ୟୁତ୍ ସଂଯୋଗ ନିମନ୍ତେ ୧ ଲକ୍ଷ ୩୫ ହଜାର ଟଙ୍କାର ଏକ ଏଷ୍ଟିମେଟ ପ୍ରସ୍ତୁତ କରି ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ଦାଖଲ କରିଥିବା କଥା କହିବା ସହିତ ଏଷ୍ଟିମେଟ ଆମାଉଣ୍ଟ ଜମା ନ କଲେ ସ୍କୁଲକୁ ବିଦ୍ୟୁତ ସଂଯୋଗ ସମ୍ଭବ ନୁହେଁ ବୋଲି ସ୍ପଷ୍ଟ ଭାବେ କହିଥିଲେ । ଏଥିରେ ସମବେତ ମହିଳାଙ୍କ ସମେତ ଉପସ୍ଥିତ ଖବରଦାତାମାନେ ସ୍ପଷ୍ଟୀକରଣ ଚାହିଁବାରୁ ସେ ଉତ୍‌କ୍ଷିପ୍ତ ହୋଇ ଉଠିଥିଲେ । ପରବର୍ତ୍ତୀ ସମୟରେ ଦାବି ଜଣାଇବାକୁ ଆସିଥିବା ମହିଳାମାନେ ୧୫ ଦିନ ମଧରେ ବିଦ୍ୟୁତ୍ ସଂଯୋଗ ନ ହେଲେ ଅଫିସ ଆଗରେ ଧାରଣା ଦେବାକୁ ଚେତବନୀ ଦେଇ ଚାଲିଯାଇଥିଲେ। ଏନେଇ ବିଭିନ୍ନ ଗଣ ମାଧ୍ୟମରେ ପ୍ରକାଶ ପାଇବା ପରେ ନୟାଗଡ଼ ଉପଖଣ୍ଡ ଯନ୍ତ୍ରୀ ପ୍ରତ୍ୟୁଷ କୁମାର ସାହୁ ସମ୍ପୃକ୍ତ ଜେଇଙ୍କୁ ବାଦ୍ ଦେଇ ନିଜେ ଅନ୍ୟ ଅଧିକାରୀଙ୍କ ସହିତ ପୁନଃ ଯାଞ୍ଚ କରାଇବା ସହିତ ସ୍କୁଲ ପିଲାଙ୍କ ବୃହତର ସ୍ୱାର୍ଥ ଦୃଷ୍ଟିରୁ ୧୧ ଦିନ ମଧରେ ଅର୍ଥାତ ସୋମବାର ସଂପୃକ୍ତ ସ୍କୁଲକୁ ବିଦ୍ୟୁତ୍ ସଂଯୋଗ କରିଛନ୍ତି।

# ସ୍କୁଲ ୟୁନିଫର୍ମ, ଜୋତା ଗୁଣବତ୍ତା ପ୍ରଭାବିତ ହେଉଛି

## ରସୁଲପୁର ବ୍ଲକ

- ପ୍ରଭାବିତ କରୁଛି ଲାଭଖୋର ମନୋଭାବ
- ପିଲାଙ୍କ ଜମାଖାତାକୁ ଅନୁଦାନ ଦେବାକୁ ଦାବି



**ରସୁଲପୁର,୫।୧୨(ରଞ୍ଜିତ ରାଉତ):**

ରସୁଲପୁର ବ୍ଲକ ଅଧୀନ ୨୮ ପଞ୍ଚାୟତର ୨୧୭ ବିଦ୍ୟାଳୟରେ ୩୦ହଜାରୁ ଉର୍ଦ୍ଧ୍ୱ ବିଦ୍ୟାର୍ଥୀ ଅଧ୍ୟୟନ କରୁଛନ୍ତି। ସେମାନଙ୍କୁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ଜରିଆରେ ୟୁନିଫର୍ମ, ଜୋତା ପ୍ରଦାନ କରାଯାଉଛି। ଏ ବାବଦକୁ ଶିକ୍ଷା ବର୍ଷ ହାରରେ ୨ କୋଟି ଟଙ୍କାରୁ ଉର୍ଦ୍ଧ୍ୱ ଅର୍ଥ ବିଦ୍ୟାଳୟଗୁଡ଼ିକର ଜମାଖାତାକୁ ଅନୁଦାନ ଆସୁଛି। ହେଲେ ଉକ୍ତ ଅର୍ଥର ବିନିଯୋଗ ଠିକ୍‌ରେ କରାଯାଉ ନାହିଁ ବୋଲି ଅଭିଯୋଗ ହେଉଛି। ବିଦ୍ୟାର୍ଥୀମାନଙ୍କୁ ଗୁଣବତ୍ତା ସମ୍ପନ୍ନ ୟୁନିଫର୍ମ ଓ ଜୋତା ପ୍ରଦାନରେ ଲାଭଖୋର ମନୋଭାବ ବାଧକ ସାଜୁଛି। ଯୋଜନାର ସିଂହଭାଗ ମଧ୍ୟସ୍ଥି ପକେଟକୁ ଯାଉଥିବାରୁ ଏଭଳି ସ୍ଥିତି ଉପୁଜୁଛି। ୟୁନିଫର୍ମ ଓ ଜୋତା ବାବଦକୁ ଆସୁଥିବା ଅର୍ଥ ବିଦ୍ୟାଳୟ ଜମାଖାତାକୁ ପ୍ରଦାନ କରା ନ ଯାଇ ସିଧାସଳଖ ପିଲାଙ୍କ ଜମାଖାତାକୁ ପ୍ରଦାନ କରିବାକୁ ଅଭିଭାବକଙ୍କ ମହଲରେ ଦାବି ହେଉଛି। ପୂର୍ବରୁ ନବମ ଶ୍ରେଣୀ ପିଲାଙ୍କ ସାଇକେଲ ଅର୍ଥ ବିଦ୍ୟାଳୟ ଜମାଖାତାକୁ ଆସୁଥିଲା। ଏବେ ସେ ଅର୍ଥ ବିଦ୍ୟାର୍ଥୀଙ୍କ ଜମାଖାତାକୁ ପ୍ରଦାନ କରାଯାଉଛି। କରୋନା ସମୟରେ ମଧ୍ୟାହ୍ନଭୋଜନ ଅର୍ଥ ପିଲାମାନଙ୍କୁ ପ୍ରଦାନ କରାଯାଇଥିଲା। ସେହିଭଳି ୟୁନିଫର୍ମ ଓ ଜୋତା ଅର୍ଥକୁ ବିଦ୍ୟାର୍ଥୀମାନଙ୍କୁ ପ୍ରଦାନ କରାଯାଉ ବୋଲି ଅଭିଭାବକ ଯୁକ୍ତି ବାଢ଼ିଛନ୍ତି।

ବ୍ଲକ ଅଧୀନରେ ୧୫୫ ପ୍ରାଥମିକ, ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ୧୮ ବ୍ଲକଗ୍ରାଣ୍ଟ ଓ ୪୪ ଉଚ୍ଚ ବିଦ୍ୟାଳୟ ରହିଛି। ଏ ସବୁ ବିଦ୍ୟାଳୟରେ ଅଧ୍ୟୟନରତ ପିଲାମାନଙ୍କୁ ୟୁନିଫର୍ମ ଯୋଗାଇ ଦେବାକୁ ଗଙ୍ଗାଧର ମେହେର ପରିଧାନ ଯୋଜନା, ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀ ଛାତ୍ରୀଛାତ୍ର ପରିଧାନ ଯୋଜନା ଜରିଆରେ ଅର୍ଥ ପ୍ରଦାନ କରାଯାଉଛି। ପ୍ରଥମରୁ ୮ମ ଶ୍ରେଣୀ ପିଲାମାନଙ୍କୁ ୨ ହଳ ପୋଷାକ ଓ ଜୋତା ପାଇଁ ୬୦୦ ଟଙ୍କା ଲେଖାଏ ପ୍ରଦାନ କରାଯାଉଛି। ୯ମ ଓ ୧୦ମ ଶ୍ରେଣୀ ପିଲାଙ୍କ ପାଇଁ ମୁଖ୍ୟମନ୍ତ୍ରୀ ପରିଧାନ ଯୋଜନାରେ ମୁଣ୍ଡପିଛା ୧ ହଜାର ଟଙ୍କା ଲେଖାଏ ଆସୁଛି। ଏହି ଅର୍ଥକୁ ବିଦ୍ୟାଳୟ ପକ୍ଷରୁ ବିନିଯୋଗ କରାଯାଉଛି। ବିଦ୍ୟାଳୟଗୁଡ଼ିକ ପୋଷାକ ପାଇଁ ଏଜେନ୍ସିମାନଙ୍କ ଉପରେ ନିର୍ଭର କରୁଛନ୍ତି। ଏଜେନ୍ସିମାନଙ୍କଠାରୁ ସାମ୍ପଲ ସଂଗ୍ରହ କରାଯାଇ ପୋଷାକ ପ୍ରଦାନ ପାଇଁ ଅର୍ଡର ଦିଆଯାଉଛି। ଏଜେନ୍ସି ସେମାନଙ୍କ ଲାଭକୁ ଯୋଡ଼ିବା ସହ ବିଦ୍ୟାଳୟ କର୍ତ୍ତୃପକ୍ଷ ଓ କମିଟିର ସଭାପତିଙ୍କୁ ଆପାୟିତ କରିବା ବାବଦରେ ଖର୍ଚ୍ଚ ହେଉଥିବା ଅର୍ଥ ପୋଷାକ ବିଲ୍ ସହ ଯୋଡୁଛନ୍ତି। ଏତାଦୃଶ ବିଚାର ପୋଷାକର ଗୁଣବତ୍ତାକୁ ପ୍ରଭାବିତ କରୁଛି। ଶିକ୍ଷାବର୍ଷରେ ମିଳୁଥିବା ୨ ହଳ ପୋଷାକ ମାତ୍ର ଦିନ କେଇଟାରେ ପିନ୍ଧିବା ଯୋଗ୍ୟ ହୋଇ ରହୁନାହିଁ। ଜୋତାଗୁଡ଼ିକ ସ୍ୱଳ୍ପ ସମୟ ବ୍ୟବଧାନରେ ଫାଟିଯାଉଛି।

ଅନ୍ୟପକ୍ଷରେ ଏ ବାବଦକୁ ଅର୍ଥ ବିଦ୍ୟାଳୟ ଜମାଖାତାକୁ ଠିକ୍ ସମୟରେ ଆସୁନାହିଁ। ଶିକ୍ଷାବର୍ଷର ଅଧାଅଧି ଅବଧି ସୁଧା କେତେକ ବିଦ୍ୟାଳୟରେ ପୋଷାକ ବିତରଣ ହୋଇପାରି ନ ଥିବା ଜଣାଯାଇଛି। କେତେକ କ୍ଷେତ୍ରରେ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ଟାଳଟୁଳ ନୀତି ଯୋଗୁ ପୋଷାକ ବିତରଣ ସମ୍ଭବ ହୋଇପାରୁ ନ ଥିବା କୁହାଯାଉଛି। ଏଭଳି ନାନା ସମସ୍ୟା ଯୋଗୁ ବିଦ୍ୟାର୍ଥୀଙ୍କ ପାଇଁ ଉଦ୍ଦିଷ୍ଟ ସରକାରୀ ସୁବିଧା ଲକ୍ଷ୍ୟଚ୍ୟୁତ ହୋଇଯାଉଛି। ଏ ସମ୍ପର୍କରେ ବ୍ଲକ ଶିକ୍ଷାଧିକାରୀ ନିଳାମ୍ବର ମିଶ୍ରଙ୍କୁ ପଚାରିବାରୁ ସେ କହିଛନ୍ତି, ବିଦ୍ୟାଳୟ ପ୍ରଧାନଶିକ୍ଷକ ଓ ପରିଚାଳନା କମିଟି ପକ୍ଷରୁ ପୋଷାକ କିଣିବାକୁ ନିଷ୍ପତ୍ତି ନିଆଯାଉଛି। ସେମାନେ ବିଭିନ୍ନ ଏଜେନ୍ସିଠାରୁ କୋଟେସନ ଆଣୁଛନ୍ତି। ଯେଉଁ ଏଜେନ୍ସି କମ୍ ଖର୍ଚ୍ଚରେ ଭଲ ପୋଷାକ ପ୍ରଦାନ କରିବାକୁ ସମ୍ମତି ପ୍ରକାଶ କରୁଛନ୍ତି ସେମାନଙ୍କଠାରୁ ପୋଷାକ ଆଣିବା ପାଇଁ ଅର୍ଡର ଦିଆଯାଉଛି ବୋଲି ପ୍ରଧାନଶିକ୍ଷକମାନଙ୍କଠାରୁ ସୂଚନା ମିଳୁଛି। ଏଥିରେ ବ୍ଲକ ଶିକ୍ଷାଧିକାରୀଙ୍କର କୌଣସି ଭୂମିକା ନାହିଁ। ତେବେ ଏ ଦିଗରେ ଯେଉଁଠାରୁ ଅଭିଯୋଗ ଆସିବ ତା' ଉପରେ ତଦନ୍ତ କରାଯାଇ ୟୁନିଫର୍ମ ବଣ୍ଟନରେ ଅନିୟମିତତା ହୋଇଥିବା ଜଣାପଡ଼ିଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମିଶ୍ର ମତବ୍ୟକ୍ତ କରିଛନ୍ତି।

# ଦିବ୍ୟାଙ୍ଗଙ୍କୁ ଟ୍ରାଇ ସାଇକେଲ, କୃତ୍ରିମ ଅଙ୍ଗ ପ୍ରଦାନ

## ଆନ୍ତର୍ଜାତିକ ଭିନ୍ନକ୍ଷମ ଦିବସ

**ଯାଜପୁର ଟାଉନ,୫।୧୨(ପ୍ରଯକ୍ତା ପ୍ରିୟଦର୍ଶନୀ ମହାନ୍ତି):**

ଯାଜପୁର ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଆନ୍ତର୍ଜାତିକ ଭିନ୍ନକ୍ଷମ ଦିବସ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲାପାଳ ନବକ୍ରିଷ୍ଣ ଜେନା ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏଥିସହିତ ମହିଳାଙ୍କ ମଧ୍ୟରେ ଅନୁଷ୍ଠିତ ଚିତ୍ରାଙ୍କନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀ ପ୍ରିୟମ୍ବଦା ମହାନ୍ତି, ଶୁଭଦ୍ରା ମଲ୍ଲିକ ଏବଂ ରଶ୍ମିତା ନାୟକଙ୍କୁ ସାର୍ଟିଫିକେଟ ଓ ଟ୍ରଫି ପ୍ରଦାନ କରିଥିଲେ। ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଅନୁଷ୍ଠିତ ଚିତ୍ରାଙ୍କନ, ବକ୍ତୃତା, ପ୍ରବନ୍ଧ ପ୍ରତିଯୋଗିତାର ୧୫ ଜଣ ଶ୍ରେଷ୍ଠ ପ୍ରତିଯୋଗୀଙ୍କୁ ମାନପତ୍ର ଓ ଟ୍ରଫି ପ୍ରଦାନ କରି ପୁରସ୍କୃତ କରିଥିଲେ। ସଫଳ ଦିବ୍ୟାଙ୍ଗ ମାଛ ଚାଷୀ ଅଶୋକ ମହାନ୍ତିଙ୍କୁ ଟ୍ରାଇ ସାଇକେଲ ସହିତ ମାନପତ୍ର ଓ ଉପଢ଼ୌକନ ପ୍ରଦାନ କରି ସମ୍ମାନିତ କରିଥିଲେ। ୫୧ ଜଣ ଦିବ୍ୟାଙ୍ଗଙ୍କୁ ମୋଟୋରାଇଜ୍ ଟ୍ରାଇ ସାଇକେଲ, ହାତ, ଗୋଡ କଟିଯାଇଥିବା ଦିବ୍ୟାଙ୍ଗଙ୍କୁ ମୁଖ୍ୟ ଅତିଥି କୃତ୍ରିମ ଅଙ୍ଗ ପ୍ରଦାନ କରିଥିଲେ। ପରେ ମୁଖ୍ୟ ଅତିଥି ଦିବସସ୍ଥଳରେ ବିଭାଗ ତରଫରୁ ମନୋଦୟ ଏସ୍‌ଆଇଇପି ସାଟେଲାଇଟ୍ ଷ୍ଟଲକୁ ପରିଦର୍ଶନ କରିବା ସହ ରାମ ମନ୍ଦିରଠାରୁ ଜିଲା କାର୍ଯ୍ୟାଳୟ ପର୍ଯ୍ୟନ୍ତ ଭିନ୍ନକ୍ଷମ ସଚେତନତା ରାଲିକୁ ସବୁଜ ପତାକା ଦେଖାଇ ଉଦ୍‌ଘାଟନ କରିଥିଲେ।

ଜିଲା ସାମାଜିକ ସୁରକ୍ଷା ଅଧିକାରୀ ରବିନ୍ଦ୍ର ନାଥ ବେହେରାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ଦିବସରେ ସମ୍ମାନିତ ଅତିଥି ଭାବେ ଡା. ଜ୍ୟୋତି ପ୍ରସାଦ ରାଉତ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ନିରଞ୍ଜନ କର, ଯାଜପୁର ବ୍ଲକ୍ ସିଡିପିଓ ବେଜମାଏରା ବେଗମ୍, ସାମାଜିକ କର୍ମୀ ମଣ୍ଟୁ ଦାସ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଲକ୍ଷ୍ମଣ କୁମାର ବେହେରା ପ୍ରମୁଖ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ।

ଜିଲା ସାମାଜିକ ସୁରକ୍ଷା ଅଧିକାରୀ ବେହେରା ସ୍ୱାଗତ ଭାଷଣ, ଅତିଥି ପରିଚୟ ସହ ଦିବ୍ୟାଙ୍ଗ ଯୋଜନା ସମ୍ବନ୍ଧରେ ବକ୍ତବ୍ୟ ରଖିଥିଲେ। ଜିଲାରେ ୨୦୧୧ ଜନଗଣନା ଅନୁଯାୟୀ ୫୪୧୯୨ଦିବ୍ୟାଙ୍ଗ ଚିହ୍ନଟ ହୋଇଥିବା ବେଳେ ୪୬୯୦ ହିତାଧିକାରୀଙ୍କୁ ଇନ୍ଦିରା ଗାନ୍ଧୀ ଜାତୀୟ ଭିନ୍ନକ୍ଷମ ଭତ୍ତା ଏବଂ ୧୮୭୬୪ ଜଣ ହିତାଧିକାରୀଙ୍କୁ ମଧୁବାବୁ ଭିନ୍ନକ୍ଷମ ଭତ୍ତା ଯୋଜନାରେ ସଂଯୁକ୍ତ କରାଯାଇଅଛି ବୋଲି ଜିଲା ସାମାଜିକ ସୁରକ୍ଷା ଅଧିକାରୀ ବେହେରା ସୂଚନା ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଳକୁଣ୍ଡ ଭିନକ୍ଷମ ବିଦ୍ୟାଳୟ ପ୍ରଧାନଶିକ୍ଷକ ଧନେଶ୍ୱର ପାତ୍ର, ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ, ବ୍ଲକ୍ ସାମାଜିକ ସୁରକ୍ଷା ଅଧିକାରୀ, ଭିନ୍ନକ୍ଷମ ବିଦ୍ୟାଳୟର ଶିକ୍ଷୟିତ୍ରୀଶିକ୍ଷକ, ଛାତ୍ରୀଛାତ୍ର, ଅଭିଭାବକ ଏବଂ ଗଣମାଧ୍ୟମ ପ୍ରତିନିଧି ପ୍ରମୁଖ ଉପସ୍ଥିତ ଥିଲେ।



ଜଣେ ଦିବ୍ୟାଙ୍ଗଙ୍କୁ ଟ୍ରାଇ ସାଇକେଲ୍ ପ୍ରଦାନ କରାଯାଉଛି।

# ଲକ୍ଷ୍ମୀନାରାୟଣ ପୂଜା ପାଇଁ ଶାନ୍ତି କମିଟି ଗଠିତ



ବୈଠକରେ ପୋଲିସ ଅଧିକାରୀ ଓ ଅନ୍ୟମାନେ।

**ରସୁଲପୁର,୫।୧୨(ରଞ୍ଜିତ ରାଉତ):**

- ଟ୍ରାଫିକ ସମସ୍ୟାକୁ ଗୁରୁତ୍ୱ
- କଳସଧାରୀ ଶ୍ୱେତବସ୍ତ୍ର ପରିଧାନ କରିବାକୁ ପରାମର୍ଶ

ରସୁଲପୁର ବ୍ଲକ ଅଞ୍ଚଳର ପ୍ରସିଦ୍ଧ ଲକ୍ଷ୍ମୀନାରାୟଣ ପୂଜା ଚଳିତମାସ ୧୬ତାରିଖରୁ ଆରମ୍ଭ ହେବ। ଜାନୁୟାରୀ ୬ରେ ଭସାଣ ଉତ୍ସବ ଅନୁଷ୍ଠିତ ହେବ। ମେଳାକୁ ଶାନ୍ତିଶୃଙ୍ଖଳାର ସହ ପାଳନ କରିବାକୁ ଏକ ଶାନ୍ତି କମିଟି ଗଠନ କରାଯିବା ଏହାର ଏକ ବୈଠକ କୁଆଖିଆ ପୋଲିସ ଓ ପୂଜା ସହ ଜଡ଼ିତ ସ୍ଥାନୀୟ ଅଞ୍ଚଳ ମୁରବୀମାନଙ୍କୁ ନେଇ ଅନୁଷ୍ଠିତ ହୋଇଯାଇଛି। ମଙ୍ଗଳବାର ସନ୍ଧ୍ୟାରେ ଅନୁଷ୍ଠିତ ବୈଠକରେ ରସୁଲପୁର ପଞ୍ଚାୟତ ସମିତି ଅଧ୍ୟକ୍ଷ ଅରୁଣ କୁମାର ରାଉତ ଅଧ୍ୟକ୍ଷତା କରିଥିଲେ। ବୈଠକରେ ପୂଜା ଅବସରରେ ବଜାରରେ ସମ୍ଭାବ୍ୟ ଟ୍ରାଫିକ ସମସ୍ୟାକୁ ଗୁରୁତ୍ୱ ଦିଆଯାଇଛି। କଳସ ଶୋଭାଯାତ୍ରା ସମୟରେ କଳସଧାରୀ ଶ୍ୱେତବସ୍ତ୍ର ପରିଧାନ କରିବା ସହ ଶୋଭାଯାତ୍ରାରେ ସକ୍ରିୟ ଭୂମିକା ଗ୍ରହଣ କରୁଥିବା ବ୍ୟକ୍ତିମାନଙ୍କ ମଧ୍ୟରେ ପୋଷାକର ସମାନତା ବଜାଇ ରଖିବାକୁ ପରାମର୍ଶ ଦିଆଯାଇଛି। ଶୋଭାଯାତ୍ରା ଓ ଭସାଣ ଉତ୍ସବ ୧୬ନଂ. ଜାତୀୟ ରାଜପଥରେ ଅନୁଷ୍ଠିତ ହେବ। କାର୍ଯ୍ୟକ୍ରମକୁ ଅଧିକ ଶୃଙ୍ଖଳିତ ଓ ଶାନ୍ତିପୂର୍ଣ୍ଣ କରିବା ପାଇଁ ଉଭୟ ପୋଲିସ ଓ ବଜାର ଅଞ୍ଚଳର ସ୍ୱେଚ୍ଛାସେବୀମାନଙ୍କ ମିଳିତ ସହାୟତା ନିଆଯିବାକୁ ନିଷ୍ପତ୍ତି ନିଆଯାଇଛି।

୨୧ଦିନ ବ୍ୟାପୀ ମେଳା ଅନୁଷ୍ଠିତ ହେବ। ମେଳା ଅବସରରେ ଲକ୍ଷ୍ମୀନାରାୟଣ ସାଂସ୍କୃତିକ ମଣ୍ଡପ ଓ କୁଆଖିଆ ମହୋତ୍ସବ ମଞ୍ଚ ଜରିଆରେ ନାନା ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯିବ। ଯାଜପୁର ଜିଲାର ଅଗ୍ରଣୀ ନାଟ୍ୟ ସଂସଦ ପକ୍ଷରୁ ଯାତ୍ରା ପରିବେଷଣ କରାଯିବାର କାର୍ଯ୍ୟକ୍ରମ ରହିଛି। ଏହି ଅବସରରେ ଶ୍ରଦ୍ଧାଳୁ ଓ କଳାପ୍ରେମୀମାନଙ୍କ ଭିଡ଼ ଜମିବାରୁ ଟ୍ରାଫିକ ସମସ୍ୟା ସୃଷ୍ଟି ହେବ। ତେଣୁ ପୂଜା ମଣ୍ଡପ ନିକଟରେ ଚାଲୁଥିବା କୁଆଖିଆବଜାରର ଦୈନିକ ପରିବାହାଟକୁ ଅନ୍ୟତ୍ର ସ୍ଥାନାନ୍ତର କରାଯିବାକୁ ନିଷ୍ପତ୍ତି ନିଆଯାଇଛି। ଆଇନଶୃଙ୍ଖଳା ବଜାଇ ରଖିବା ପାଇଁ ବଜାର ଅଞ୍ଚଳରେ ୨ ଅସ୍ଥାୟୀ ପୋଲିସ କାର୍ଯ୍ୟାଳୟ ସ୍ଥାପନ କରାଯିବ। କୁଆଖିଆ-ଯାଜପୁରକୁ ସଂଯୋଗ କରୁଥିବା ୨୦ ନମ୍ବର ଜାତୀୟ ରାଜପଥରେ ଯାତାୟାତ କରୁଥିବା ଭାରିଯାନ ଓ ଯାତ୍ରୀବାହୀ ବସ୍‌ଗୁଡ଼ିକୁ ସନ୍ଧ୍ୟା ସମୟରେ ହରିପୁର ବଜାର ଓ ୧୬ନଂ.ଜାତୀୟ ରାଜପଥର ମୂଳାପାଳ ଛକରୁ ନିୟନ୍ତ୍ରଣ କରାଯାଇ ଗାଡ଼ିର ଦିଗ ପରିବର୍ତ୍ତନ କରାଯିବା ଉପରେ ଆଲୋଚନା କରାଯାଇଛି। ପୂଜା କମିଟି ଗଠନ ହୋଇପାରୁ ନ ଥିବାରୁ ପୂଜା ଅବସରରେ ଶାନ୍ତି କମିଟିର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିବ ବୋଲି ବିଚାର କରାଯାଉଛି। ବୈଠକରେ ରସୁଲପୁର, କୁଆଖିଆ, ସାରଙ୍ଗପୁର, ଓରାଳି, ସାନଓରାଳି, ଚଣ୍ଡିପୁର, କୋଳଥଳ ଏବଂ ଗରିପୁର ଆଦି ଗ୍ରାମର ଶତାଧିକ ମୁରବୀ, ବୁଦ୍ଧିଜୀବୀ, ସ୍ୱେଚ୍ଛାସେବୀମାନେ ଯୋଗଦେଇଥିଲେ। ଥାନା ପକ୍ଷରୁ ଥାନା ଅଧିକାରୀ ଶ୍ରୀକାନ୍ତ କୁମାର ବାରିକ ଓ ଏସ୍‌ଆଇ ଅନିତା ପ୍ରଧାନ ଯୋଗଦେଇ ଶାନ୍ତି କମିଟିର କାର୍ଯ୍ୟାବଳୀ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ।

# ମାଦଳି ମୁହାଣରେ ବୋଟ୍ ସହ ଉଦ୍ଧାର ମତ୍ସ୍ୟଜୀବୀ

## ସମୁଦ୍ରରେ ମାଛଧରା ବୋଟ୍ ବୁଡ଼ିବା ଘଟଣା

**ମହାକାଳପଡ଼ା, ୫।୧୨(ପ୍ରତାପ ଚନ୍ଦ୍ର ସ୍ୱାଇଁ)**

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ଉପକୂଳ ଅଞ୍ଚଳରେ ସ୍ଥାନୀୟ ମତ୍ସ୍ୟଜୀବୀମାନେ ନଭେମ୍ବର ୨୯ ତାରିଖରେ ରାମନଗର ଅଞ୍ଚଳର ମା' ରାମଚଣ୍ଡୀ ନାମକ ଏକ ମାଛଧରା ବୋଟ ମାଛ ଧରିବାକୁ ଯାଇଥିଲା। ସୋମବାର ଗଭୀର ସମୁଦ୍ରରେ ବୁଡ଼ି ଯାଇଥିଲା। ଖରିନାସୀ ବୋଟ ସଂଘ ପକ୍ଷରୁ ୭ ଜଣ ମତ୍ସ୍ୟଜୀବୀଙ୍କୁ ଉଦ୍ଧାର କରାଯାଇଥିଲା। ପରେ ଉଦ୍ଧାର ମତ୍ସ୍ୟଜୀବୀଙ୍କୁ ନିକଟ ମାଦଳି ମୁହାଣରେ ଥିବା ସେମାନେ କହିଛନ୍ତି। ବୁଡି ଯାଇଥିବା ବୋଟକୁ ମଙ୍ଗଳବାର ଖରିନାସୀ ବୋଟ ସଂଘ ପକ୍ଷରୁ ଉଦ୍ଧାର କରାଯାଇ କୂଳକୁ ଅଣାଯାଇଛି।

ଅପରପକ୍ଷରେ ମିଗ୍‌ଜୋମ୍ ବାତ୍ୟା ଯୋଗୁ ସାମୁଦ୍ରିକ ମତ୍ସ୍ୟ ବିଭାଗ ପକ୍ଷରୁ ଉପକୂଳ ଅଞ୍ଚଳରେ ସମୁଦ୍ରକୁ ନ ଯିବା ପାଇଁ ସଚେତନ କରାଇଲେ ନାହିଁ ବୋଲି ସ୍ଥାନୀୟ ବାସିନ୍ଦା କହିଛନ୍ତି। ତେବେ ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ସମୁଦ୍ରକୁ ମତ୍ସ୍ୟଜୀବୀ ନ ଯିବା ପାଇଁ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପରେ ମଧ୍ୟ ସାମୁଦ୍ରିକ ମତ୍ସ୍ୟ ବିଭାଗ ପକ୍ଷରୁ ପଦକ୍ଷେପ ନିଆଯାଇ ନ ଥିଲା। ଫଳରେ ସ୍ଥାନୀୟ ମତ୍ସ୍ୟଜୀବୀ କୌଣସି ସୂଚନା ନ ପାଇ ମାଛ ଧରିବା ପାଇଁ ଯାଇଥିବା ସେମାନେ କହିଛନ୍ତି। ତାମିଲନାଡୁ ଓ ଆନ୍ଧ୍ରପ୍ରଦେଶରେ ବାତ୍ୟା ପରେ ବର୍ଷା ହୋଇଛି। ଏ ସଂକ୍ରାନ୍ତରେ ଖରିନାସୀ ବୋଟ ସଂଘର ଉପସଭାପତି ଭକ୍ତ ରଞ୍ଜନ ମାହାଳିଙ୍କୁ ପଚାରିବାରେ ସମୁଦ୍ରରେ ବୁଡ଼ି ଯାଇଥିବା ବୋଟକୁ ମଙ୍ଗଳବାର ପୂର୍ବାହ୍ନରେ ଅନ୍ୟ ଏକ ବୋଟ ସାହାଯ୍ୟରେ ଉଦ୍ଧାର କରାଯାଇଛି। ବୋଟରେ ଥିବା ସମସ୍ତ ମତ୍ସ୍ୟଜୀବୀମାନଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଛି। ସଂଘ ପକ୍ଷରୁ ସମସ୍ତ ପ୍ରକାର ସହାୟତା ଯୋଗାଇ ଦିଆଯିବ ବୋଲି ସେ କହିଛନ୍ତି।

**PARADIP PORT AUTHORITY**
**e-TENDER CALL NOTICE**
**No.EM/PED-42/2023**
**No.EM/PED/TECH-22/2023/580**
**Date : 01/12/2023**

Name of the work : " Management of Power Distribution System of Paradip Port Authority ". Estimated Cost : Rs.21,41,67,922/-. Last Date & time of submission of bid : dt.28/12/2023 up to 17:00 Hrs. Refer our website for details : https://eprocure.gov.in/eprocure/app.

Executive Engineer (E), PED - II
PPA/PR/67/2023-24, Dt.05/12/23

**ପୂର୍ବ ତଟ ରେଳପଥ**

(1)ST-OT-AMC-EI-ANSALDO-357, ତା.29.11.2023ରିଖ

କାର୍ଯ୍ୟର ନାମ: ତିନି ବର୍ଷ ସମୟାବଧି ନିମନ୍ତେ ପୂର୍ବ ତଟ ରେଳପଥର ଖୋର୍ଦ୍ଧା ରୋଡ଼ ମଣ୍ଡଳରେ ମେସର୍ସ ଅନସାଲ୍‌ଡୋ ଏସ୍‌ଟିଏସ୍ ଟ୍ରାନ୍ସପୋର୍ଟେସନ୍ ସିଷ୍ଟମ୍ ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍, ବାଙ୍ଗାଲୋର (ମେସର୍ସ Hitachi ରେଲ୍ ଏସ୍‌ଟିଏସ୍ ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍) ଦ୍ୱାରା ଉତ୍ପାଦିତ ଇଲେକ୍ଟ୍ରୋନିକ୍ ଇଣ୍ଟରଲକିଙ୍ଗ୍ ସିଷ୍ଟମ୍ ର ବ୍ୟାପକ ବାର୍ଷିକ ରକ୍ଷଣାବେକ୍ଷଣ ଚୁକ୍ତି ନିମନ୍ତେ ବ୍ୟବସ୍ଥା।

ଟେଣ୍ଡର ମୂଲ୍ୟ(₹): 6,87,95,706.06, EMD(₹): 4,94,000/-, ଟେଣ୍ଡର କାଗଜପତ୍ରର ମୂଲ୍ୟ(₹): 11,800/- (18% GST ଅନ୍ତର୍ଭୁକ୍ତ)।

(2)ST-OT-AMC-IPS-HBL-358, ତା.29.11.2023ରିଖ

କାର୍ଯ୍ୟର ନାମ: ତିନି ବର୍ଷ ସମୟାବଧି ନିମନ୍ତେ ଖୋର୍ଦ୍ଧା ରୋଡ଼ ମଣ୍ଡଳରେ ମେସର୍ସ HBL ପାୱାର ସିଷ୍ଟମ୍‌ସ ଲିମିଟେଡ୍ ଦ୍ୱାରା ଉତ୍ପାଦିତ SMPS ଆଧାରିତ ସମନ୍ୱିତ ବିଦ୍ୟୁତ୍ ଯୋଗାଣ ପ୍ରଣାଳୀର ବ୍ୟାପକ ବାର୍ଷିକ ରକ୍ଷଣାବେକ୍ଷଣ ଚୁକ୍ତି ନିମନ୍ତେ ବ୍ୟବସ୍ଥା।

ଟେଣ୍ଡର ମୂଲ୍ୟ(₹): 1,00,70,213.76, EMD (₹): 2,00,400/-, ଟେଣ୍ଡର କାଗଜପତ୍ରର ମୂଲ୍ୟ (₹): 5,900/- (18% GST ଅନ୍ତର୍ଭୁକ୍ତ)।

ବିଡ୍ ଆରମ୍ଭ ହେବା ତାରିଖ: ତା.07.12.2023ରିଖ (ଉଭୟ ଟେଣ୍ଡର ନିମନ୍ତେ), ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ: ତା.21.12.2023 ରିଖ 1100 ଘଟିକାରେ (ଉଭୟ ଟେଣ୍ଡର ନିମନ୍ତେ)।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର କାଗଜପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ: ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ମଣ୍ଡଳ ରେଳ ପ୍ରବନ୍ଧକ(ସଂକେତ ଏବଂ ଦୂରସଂଚାର)/ ଖୋର୍ଦ୍ଧା ରୋଡ଼
PR-849/O/23-24

**कार्यपालक अभियंता का कार्यालय**
**ग्रामीण कार्य विभाग,**
**कार्य प्रमण्डल, डालटनगंज**
Email Id-rwdpalamu@gmail.com, eerwdpalamu@gmail.com,
Phone No.-06562357595

पत्रांक.................. दिनांक......................

**प्रेस विज्ञिप्त**
**PR No.-312499**

ग्रामीण कार्य विभाग, कार्य प्रमंडल, डालटनगंज के अधीन अल्पकालीन ई0 निविदा संख्या–06 / 2023–24/EE/RWD/DALTONGANJ, दिनांक 30.11.2023 के द्वारा आमंत्रित निविदा में क्रमांक 01, पैकेज संख्या RWD/DALTONGANJ/STPKG/10/23-24 एवं क्रमांक 02, पैकेज संख्या RWD/DALTONGANJ/STPKG/11/23-24 को अपरिहार्य कारणों से रद्द किया जाता है ।

कार्यपालक अभियंता,
ग्रामीण कार्य विभाग,
कार्य प्रमंडल, डालटनगंज ।

PR.NO.312728 District(23-24):D

**OFFICE OF THE EXECUTIVE ENGINEER**
**ROAD CONSTRUCTION DEPARTMENT**
**ROAD DIVISION, KHUNTI**

**e-Procurement Notice**

**E_Tender Reference No. RCD/KHUNTI/ 1048 Date :- 05/12/2023**

| | | |
|---|---|---|
| 1. | Name of the work | Improvement of Riding Quality Pavement of Khunti – Torpa – Kolebira (SH-03) Road from Km 5.00 to KM 56.00 (Total Length- 52.00 KM) (Carriageway – 10.00M) |
| 2. | Estimated Cost (Rs.) | Rs. 56,77,79,600.00 Rs. Fifty Six Crore Seventy Seven Lakh Seventy Nine Thousand Six Hundred only. |
| 3. | Bid Security (Rs.) | Rs. 56,78,000.00 Rs. Fifty Six Lakh Seventy Eight Thousand Only. |
| 4. | Cost of Document (Rs.) | Rs. 10,000.00 Rs. Ten Thousand Only. |
| 5. | Time of Completion | 10 (Ten) Months |
| 6. | Last date / Time for receipt of bids | 02/01/2024 up to 12:00 Noon |
| 7. | Date of Publication of Tender on website | 12/12/2023 at 10:30 A.M. |
| 8. | Name & Address of office Inviting tender | Executive Engineer, Road Construction Department, Road Division, Khunti |
| 9. | Contact no. of Procurement Officer | 06528-221215 |
| 10. | Helpline number of e-Procurement Cell | 0651-2401010 |

Note :- Estimated cost of tender can be increased or decreased
Further details can be seen on website http://jharkhandtenders.gov.in

Executive Engineer,
R.C.D., Road Division, Khunti
PR 312739 Road(23-24)#D

# ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ସାଂସ୍କୃତିକ ସମାରୋହ



**ସିଂହପୁର,୫।୧୨(ଅନଙ୍ଗ ଉଦୟ ବେଉରିଆ):**

ବିଞ୍ଝାରପୁର ଥାନା ତଥା ବରୀ ବ୍ଲକ ଅଙ୍ଗାଳ ଲଛମନ ବାଲାଜୀଉ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ମୋ ଓଡ଼ିଶା, ଯୁବ ଓଡ଼ିଶା ଓ ନବୀନ ଓଡ଼ିଶା କାର୍ଯ୍ୟକ୍ରମ ସହ ସାଂସ୍କୃତିକ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଯାପନୀ ଉତ୍ସବ କଲେଜ ଅଧ୍ୟକ୍ଷ ଆଶିଷ କୁମାର ରାୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥିଭାବେ ଅବସରପ୍ରାପ୍ତ ପ୍ରଫେସର ଡ. ଦାମୋଦର ବେହେରା, ମୁଖ୍ୟବକ୍ତା ମହାବିଦ୍ୟାଳୟ ଅଧ୍ୟକ୍ଷ ଜୟଦେବ ଥାଟୋଇ, ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଆଲୋକ ସାମଲ ଯୋଗଦେଇ ପ୍ରାରମ୍ଭିକ ସୂଚନା ଦେବା ସହ ବାର୍ଷିକ ବିବରଣୀ ପାଠ କରିଥିଲେ। ଅଧ୍ୟାପକ ସୁନୀଲ ରାଉତ ଓ ଅଧ୍ୟାପକ ଆଲୋକ ସାମଲଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ସଞ୍ଚାଳନ ହୋଇଥିଲା। କଲେଜ ଅଧ୍ୟାପକ ଆଲୋକ ଚନ୍ଦ୍ର ବାରିକ, ଅବନୀ ରାୟ, ମଳୟ ମଲ୍ଲିକ ଓ ପ୍ରଶନ ବିଶ୍ୱାଳଙ୍କ ସମେତ ଅଧ୍ୟାପିକା ଅଧ୍ୟାପକ, କର୍ମଚାରୀ ଏବଂ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

**DISTRICT PROJECT OFFICE, SAMAGRA SHIKSHA, PURI**
**(ODISHA SCHOOL EDUCATION PROGRAMME AUTHORITY (OSEPA))**
**(Department of School & Mass Education, Odisha)**
Phone: 06752-229275, Fax: 06752-233095
E-mail: dpcpurissa.opepa@nic.in, prgpurissa.opepa@nic.in

Letter No. 3915 Date: 05.12.2023
File No.: III-05/Civil/23 GST No. 21AAALD1372N1DL

www.osepa.odisha.gov.in

**TENDER CALL NOTICE**

Sealed tenders are invited in prescribed proforma from the reputed authorized firms/distributors/OEMs to undertake the supply and installation of Sanitary Napkin Vending Machine and incinerators as per specification given in the tender paper. The sealed tender papers will be received at the District Project Office, Samagra Shiksha, Puri on any working day till 22.12.2023 upto 2 P.M. through Speed Post/Registered Post/Courier only. The same will be opened on 22.12.2023 at 4.00 P.M. in the Office of the District Education Officer & DPC, Samagra Shiksha, Puri in presence of the bidders/their authorized representatives & office functionaries. The office will not be held responsible for any kind of postal dealy. The undersigned reserves the right to accept or reject any or all the tenders without assigning any reason thereof. The detailed specification, proforma and term and conditions are available on the website i.e. www.puri.nic.in & www.osepa.odisha.gov.in.

By Order of Collector & Chairman, Samagra Shiksha
Sd./- District Education Officer & DPC, SS, Puri

ଭାରତ ସରକାର/GOVERNMENT OF INDIA
ମହାକାଶ ବିଭାଗ/DEPARTMENT OF SPACE
ଭାରତୀୟ ମହାକାଶ ଗବେଷଣା ସଂଗଠନ/INDIAN SPACE RESEARCH ORGANISATION
ରାଷ୍ଟ୍ରୀୟ ସୁଦୂର ସମ୍ବେଦନ କେନ୍ଦ୍ର/NATIONAL REMOTE SENSING CENTRE
ବାଲାନଗର, ହାଇଦ୍ରାବାଦ/BALANAGAR, HYDERABAD

ବିଜ୍ଞାପନ ସଂଖ୍ୟା: ଏନ୍‌ଆର୍‌ଏସ୍‌ସି/ଆର୍‌ଏମ୍‌ଟି/୩/୨୦୨୩ ତାରିଖ: ୦୬।୧୨।୨୦୨୩
ଚୁକ୍ତିଭିତ୍ତିକ କର୍ମନିଯୁକ୍ତି ପାଇଁ ଅଧିସୂଚନା

**ADVERTISEMENT NO. NRSC/RMT/3/2023 Dt.06.12.2023**
**NOTIFICATION FOR CONTRACT EMPLOYMENT**

ଏନ୍‌ଆର୍‌ଏସ୍‌ସି ଚୁକ୍ତି ଭିତ୍ତିରେ ନିମ୍ନଲିଖିତ ପଦବୀ ପାଇଁ ଦରଖାସ୍ତ ଆହ୍ୱାନ କରୁଛି:
NRSC invites applications for following post(s) on Contract basis:

| ପଦବୀ କୋଡ୍ Post Code | ପଦବୀର ନାମ Name of the Post | ପଦବୀଗୁଡ଼ିକର ସଂଖ୍ୟା No. of Positions | ପରିଲାଭ Emoluments |
|---|---|---|---|
| ୧ | ନିରନ୍ତର ଉଡ଼ାଣ-ଯୋଗ୍ୟତା ପ୍ରବନ୍ଧକ Continuous Airworthiness Manager | ୦୧ | ଏକତ୍ରୀକୃତ ବେତନ ମାସିକ ଟ.୯୬,୦୦୦/- Consolidated Pay of Rs.96,000/- per month |
| ୨ | ଗୁଣବତ୍ତା ପ୍ରବନ୍ଧକ Quality Manager | ୦୧ | |

ବିସ୍ତୃତ ବିଜ୍ଞାପନ ପାଇଁ ପ୍ରାର୍ଥୀମାନଙ୍କୁ ଏନ୍‌ଆର୍‌ଏସ୍‌ସି ୱେବ୍‌ସାଇଟ୍ www.nrsc.gov.in ଦେଖିବାକୁ ପରାମର୍ଶ ଦିଆଯାଉଛି।
For detailed advertisement candidates are advised to visit NRSC website: www.nrsc.gov.in
ମନେ ରଖିବା ପାଇଁ ମହତ୍ତ୍ୱପୂର୍ଣ୍ଣ ତାରିଖ/Important Date(s) to Remember:

| | |
|---|---|
| ଆବେଦନର ପ୍ରାରମ୍ଭିକ ତାରିଖ/Opening date for Application | ୦୬।୧୨।୨୦୨୩ |
| ଆବେଦନର ଶେଷ ତାରିଖ/Closing date for Application | ୨୬।୧୨।୨୦୨୩ |

"ସରକାର ଲିଙ୍ଗ ସନ୍ତୁଳନକୁ ଦର୍ଶାଉଥିବା ଏକ କାର୍ଯ୍ୟବଳ ଗଢ଼ିବା ପାଇଁ ପ୍ରୟାସରତ ଏବଂ ମହିଳା ପ୍ରାର୍ଥୀମାନଙ୍କୁ ଆବେଦନ କରିବା ପାଇଁ ପ୍ରୋତ୍ସାହିତ କରାଯାଉଛି।
"Government strives to have a workforce which reflects gender balance and women candidates are encouraged to apply".
CBC 49112/12/0001/2324

# ବିହନ ସଙ୍କଟରେ ଆଳୁଚାଷୀ

**କେନ୍ଦ୍ରାପଡ଼ା, ୫।୧୨ (ଜଗନ୍ନାଥ ଧଳ)**

କେନ୍ଦ୍ରାପଡ଼ା ଜିଲାର ଆଳୁଚାଷୀ ବିହନ ସଙ୍କଟରେ ପଡ଼ିଛନ୍ତି। ସରକାରୀ ବିହନ ଯୋଗାଣ ଅଦ୍ୟାବଧି ହୋଇ ନ ଥିବାରୁ ବଜାରରୁ ଅଧିକ ଦାମ ଦେଇ ବିହନ କ୍ରୟ କରୁଛନ୍ତି। ଏହି ବିହନ ଦ୍ୱାରା କେତେଦୂର ସଫଳ ହେବେ ସେନେଇ ଚାଷୀମାନେ ଆଶଙ୍କା ପ୍ରକଟ କରିଛନ୍ତି। କେନ୍ଦ୍ରାପଡ଼ା ଜିଲାରେ ପ୍ରତିଦିନ ୬୦୦ କୁଇଣ୍ଟାଲ ଆଳୁ ବ୍ୟବହାର ହେଉଛି। ପ୍ରାୟ ୭୦୦ ହେକ୍ଟର ଜମିରେ ପ୍ରତିବର୍ଷ ଆଳୁ ଚାଷ ହୋଇଥାଏ। ଚଳିତବର୍ଷ ୧ ହଜାର ହେକ୍ଟର ଜମିରେ ଆଳୁଚାଷ ହେବ ବୋଲି ଉଦ୍ୟାନ କୃଷି ବିଭାଗ ଲକ୍ଷ୍ୟ ଧାର୍ଯ୍ୟ କରିଛି। ହେକ୍ଟର ପିଛା ୧୫ କୁଇଣ୍ଟାଲ ହିସାବରେ ଚାଷୀଙ୍କୁ ୧୫ ହଜାର କୁଇଣ୍ଟାଲ ବିହନ ଆବଶ୍ୟକ। ତେବେ ଅଦ୍ୟାବଧି କେଜିଏ ସରକାରୀ ବିହନ ଚାଷୀଙ୍କ ନିକଟରେ ପହଞ୍ଚି ପାରିନାହିଁ।

ଜିଲା କୃଷକ ସଭା ସମ୍ପାଦକ ଗୟାଧର ଧଳ କହିଛନ୍ତି, ଚଳିତବର୍ଷ ଆଳୁଚାଷକୁ ଚାଷୀ ଅଧିକ ଗୁରୁତ୍ୱ ଦେଇଛନ୍ତି। ବନ୍ୟା ଓ ଗତ ଲଘୁଚାପଜନିତ ବର୍ଷା ଖରିଫ ଚାଷକୁ ଉଜାଡ଼ି ଦେଇଛି। ଆଳୁଚାଷ ପାଇଁ ସମସ୍ତ ପ୍ରସ୍ତୁତି ଶେଷ ହୋଇଥିଲେ ମଧ୍ୟ ଚାଷୀଙ୍କୁ ଉପଯୁକ୍ତ ବିହନ ମିଳିନାହିଁ। ଜିଲା ଉଦ୍ୟାନ ବିଭାଗକୁ ଏ ନେଇ ଚାଷୀ ବାରମ୍ବାର ଦୌଡ଼ୁଥିଲେ ମଧ୍ୟ ବିହନ ଆସି ନ ଥିବା ସୂଚନା ମିଳୁଛି। ଚାଷୀଙ୍କ ହାଡଭଙ୍ଗା ପରିଶ୍ରମ ବିହନ ବିହୁନେ ନଷ୍ଟ ହୋଇଯାଉଛି। ବଜାରରେ ବିହନ କେଜି ୪୫ ଟଙ୍କା ଥିବାବେଳେ ସରକାରୀ ବିହନ କେଜି ପ୍ରତି ୧୧.୨୫ ପଇସାରେ ମିଳିବ ବୋଲି ସେ ପ୍ରକାଶ କରିଛନ୍ତି। ଡେରାବିଶ ବ୍ଲକ କୁଶିଆପାଳ ଗ୍ରାମର ଚାଷୀ ସୁନାକର ରାଉତ



କହିଛନ୍ତି, ଆଳୁ ଦରରେ ଏବେ ଲଗାମ ନାହିଁ। ପ୍ରତିଦିନ ଦାମ ଅଧିକ ହେଉଛି। ଏଥିପାଇଁ ଚାଷୀ ଆଳୁ ଲଗାଇବାକୁ କ୍ଷେତ ପ୍ରସ୍ତୁତିକୁ ଶେଷ ପର୍ଯ୍ୟାୟରେ ରଖିଥିଲେ ମଧ୍ୟ ବିହନ ମିଳୁନାହିଁ। ବଜାରର ବିହନ ଉପରେ ଭରସା ନ ଥିବା କହିଥିବା ବେଳେ ୧୩ ଏକର ଜମିରେ ସେ ଆଳୁ ଚାଷ କରିବାକୁ ଲକ୍ଷ୍ୟ ରଖିଛନ୍ତି। କୃଷକ ନେତା ବିଧୁଭୂଷଣ ମହାପାତ୍ର କହିଛନ୍ତି, ୨୦୧୫ରେ ରାଜ୍ୟରେ ଆଳୁ ନ ମିଳିବା ନେଇ ଏକ ଅଭାବନୀୟ ପରିସ୍ଥିତି ସୃଷ୍ଟି ହୋଇଥିଲା। ସେହିବର୍ଷ ସରକାର ଆଳୁ ମିଶନ କାର୍ଯ୍ୟକାରୀ କରିଥିଲେ। ଇତିମଧ୍ୟରେ ମିଶନକୁ ୭ ବର୍ଷ ପୂରଣ ହେବ। ଆଳୁ ବିହନ ନ ଥିବାବେଳେ ଜିଲାରେ ଶୀତଳଭଣ୍ଡାର ଗଠନ ସମ୍ପର୍କରେ କୌଣସି ସୂଚନା ନାହିଁ। ଶୀତଳଭଣ୍ଡାର ନ ଥିଲେ ଆଳୁ ସଂରକ୍ଷଣ ଅସମ୍ଭବ। ତୁରନ୍ତ ଆଳୁ ବିହନ ଚାଷୀଙ୍କୁ ଯୋଗାଣ ସହ ଶୀତଳଭଣ୍ଡାର ଗଠନ ସମ୍ପର୍କରେ ଜିଲା ପ୍ରଶାସନ ନିଷ୍ପତ୍ତି ନେବାକୁ ସେ ଦାବି କରିଛନ୍ତି। ଏ ସମ୍ପର୍କରେ ଉଦ୍ୟାନ କୃଷି ବିଭାଗ ଉପନିର୍ଦ୍ଦେଶକ ଦେବଦାସ ଦତ୍ତଙ୍କୁ ପଚାରିବାରେ ବିହନ ପାଇଁ ଇଣ୍ଡେଣ୍ଟ ଯାଇଛି। ଜିଲାକୁ ବିହନ ଆସିନାହିଁ। ଆସନ୍ତା ସପ୍ତାହ ମଧ୍ୟରେ ବିହନ ପହଞ୍ଚିଯିବ ବୋଲି ସେ କହିଛନ୍ତି।

# ଅଙ୍ଗନୱାଡ଼ି କେନ୍ଦ୍ରରେ ଅନିୟମିତତାକୁ ନେଇ ଆମରଣ ଅନଶନ



ପଟ୍ଟାମୁଣ୍ଡାଇ ସିଡିପିଓଙ୍କ କାର୍ଯ୍ୟାଳୟ ସମ୍ମୁଖରେ ତେରୋହୀ ଦଳିତ ସାହିର ଲୋକମାନେ ଅନଶନରେ ବସିଛନ୍ତି।

**ପଟ୍ଟାମୁଣ୍ଡାଇ,୫।୧୨ (କଳ୍ପତରୁ ନାୟକ)**

## ଉପଜିଲାପାଳଙ୍କ ହସ୍ତକ୍ଷେପ ପରେ ଆନ୍ଦୋଳନ ପ୍ରତ୍ୟାହୃତ

ପଟ୍ଟାମୁଣ୍ଡାଇ ବ୍ଲକ ସମନ୍ୱିତ ମହିଳା ଓ ଶିଶୁ ବିକାଶ ଯୋଜନାରେ ବିଭିନ୍ନ ଅଙ୍ଗନୱାଡ଼ି କେନ୍ଦ୍ରକୁ ଯୋଗାଇ ଦିଆଯାଉଥିବା ସରକାରୀ ଅନୁଦାନ ଓ ସାମଗ୍ରୀଗୁଡ଼ିକର ବ୍ୟାପକ ବାଟମାରଣା ହେଉଥିବା ନେଇ ବାରମ୍ବାର ଅଭିଯୋଗ ହୋଇଆସୁଥିଲା। ସବୁଜାଣି ବିଭାଗୀୟ ଅଧିକାରୀମାନେ ଚୁପ ରହିବା ଘଟଣାର ପ୍ରତିବାଦରେ ମଙ୍ଗଳବାର ବିଲିକଣା ପଞ୍ଚାୟତ ତେରୋହୀ ଦଳିତ ସାହିର ମହିଳାପୁରୁଷମାନେ ପଟ୍ଟାମୁଣ୍ଡାଇ ବ୍ଲକ ସିଡିପିଓ କାର୍ଯ୍ୟାଳୟ ସମ୍ମୁଖରେ ଆମରଣ ଅନଶନରେ ବସି ଥିଲେ। ଅପରାହ୍ନ ସାଢେ ୨ଟାରେ କେନ୍ଦ୍ରାପଡ଼ା ଉପଜିଲାପାଳଙ୍କ ହସ୍ତକ୍ଷେପ ପରେ ଘଟଣାର ସମାଧାନ ହୋଇଛି।

ବ୍ଲକ ଅଧୀନ ତେରୋହୀରେ ଥିବା ଅଙ୍ଗନୱାଡ଼ି କେନ୍ଦ୍ର ସହ ତେରୋହୀ ଦଳିତ ସାହି ସାମିଲ ଅଛି। ଏହି କେନ୍ଦ୍ରକୁ ଆସୁଥିବା ସାମଗ୍ରୀ ଓ ସରକାରୀ ଅନୁଦାନ ବ୍ୟାପକ ଭାବେ ବାଟମାରଣା ହେଉଥିବା ବେଳେ ହିତାଧିକାରୀ ଏହାର ସୁଫଳ ପାଇ ପାରୁ ନ ଥିବା ଅଭିଯୋଗ ହୋଇଆସୁଛି। ଏହି କେନ୍ଦ୍ରରେ ପିଲାମାନଙ୍କୁ ରନ୍ଧା ଖାଦ୍ୟ ଦିଆଯାଉଥିବାବେଳେ ଅଣ୍ଡା, ଛତୁଆ ଓ ଗର୍ଭବତୀ ମହିଳାମାନଙ୍କୁ ଛତୁଆ ଏବଂ ଅନ୍ୟ ସୁଷମ ଖାଦ୍ୟ ଦିଆଯାଉ ନ ଥିବା ଅଭିଯୋଗ ହୋଇଛି। ଏପରିକି ଅଙ୍ଗନୱାଡ଼ି କର୍ମୀ ସୁଭାସିନୀ ରାଉତ ଉଚ୍ଚବର୍ଗର ହୋଇଥିବାରୁ ଦଳିତ ପିଲାମାନଙ୍କୁ ଜାତିଆଣ ଆକ୍ଷେପ କରିବା ସହ ଭେଦ ଭାବ ସୃଷ୍ଟି କରି ପାଠ ପଢ଼ା ଯାଉ ନ ଥିବାରୁ ଛୋଟପିଲାଙ୍କ ଶିକ୍ଷାରେ ଏହା ଅନ୍ତଃରାୟ ସୃଷ୍ଟି କରୁଛି ବୋଲି ସେମାନେ ଅଭିଯୋଗ ଉଠାଇଛନ୍ତି। ପୁନଶ୍ଚ ଅଙ୍ଗନୱାଡ଼ି କମିଟି ନ ଡାକି କର୍ମୀ ମନୋମୁଖି କାର୍ଯ୍ୟ କରିବା, ଗାଁ କଲ୍ୟାଣ ସମିତି ଅନୁଦାନ କାର୍ଯ୍ୟରେ ନ ଲଗାଇବା ଆଦି ଅଭିଯୋଗ ହୋଇଛି। ଏ ସମ୍ପର୍କରେ ପଟ୍ଟାମୁଣ୍ଡାଇ ସିଡିପିଓ ଓ ସୁପରଭାଇଜରଙ୍କୁ ଅବଗତ କରାଗଲେ ମଧ୍ୟ କୌଣସି ସୁଫଳ ନ ମିଳିବାରୁ ତେରୋହୀ ଦଳିତ ସାହି ପକ୍ଷରୁ କେନ୍ଦ୍ରାପଡ଼ା ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। କିନ୍ତୁ ଏହାର ତଦନ୍ତ କରା ନ ଯିବାରୁ ପୂର୍ବନିର୍ଦ୍ଧାରୀତ କାର୍ଯ୍ୟସୂଚୀ ଅନୁଯାୟୀ ତେରୋହୀ ଦଳିତସାହିର ଲୋକେ ୱାର୍ଡସଭ୍ୟ ବିଜୟ ମଲିକଙ୍କ ନେତୃତ୍ୱରେ ପଟ୍ଟାମୁଣ୍ଡାଇ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଅନଶନରେ ବସିଥିଲେ। ଅପରାହ୍ନ ୧ଟା ପର୍ଯ୍ୟନ୍ତ ଆନ୍ଦୋଳନସ୍ଥଳକୁ କୌଣସି ଅଫିସର ନ ଆସିବାରୁ ଉତ୍ତେଜନା ସୃଷ୍ଟି ହୋଇଥିଲା। ଏ ସମ୍ପର୍କରେ ଖବରପାଇ କେନ୍ଦ୍ରାପଡ଼ା ଉପଜିଲାପାଳ ରବୀନ୍ଦ୍ର ପ୍ରଧାନ ନିର୍ଦ୍ଦେଶରେ ପଟ୍ଟାମୁଣ୍ଡାଇ ତହସିଲଦାର ପଞ୍ଚାନନ ନାୟକ, ସିଡିପିଓ ମନୋରମା ସ୍ୱାଇଁ ଆନ୍ଦୋଳନ ସ୍ଥଳରେ ପହଞ୍ଚି ଅନଶନକାରୀ ତେରୋହୀ ଦଳିତ ସାହି ଲୋକମାନଙ୍କ ସହ ଆଲୋଚନା କରି ୭ ଦିନ ମଧ୍ୟରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ସହିତ ଅଙ୍ଗନୱାଡ଼ି କେନ୍ଦ୍ରକୁ ୨ ଭାଗରେ ବିଭକ୍ତ କରି ଅନ୍ୟ ଏକ ମିନି ଅଙ୍ଗନୱାଡ଼ି କେନ୍ଦ୍ର ଖୋଲାଯିବା ନେଇ ପ୍ରତିଶ୍ରୁତି ଦେବା ପରେ ଅପରାହ୍ନରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା।

# ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

ଏରସମା,୫।୧୨( ଦୀପ୍ତି ରଞ୍ଜନ ଖଣ୍ଡୁଆଳ ): ଏରସମା ବ୍ଲକ କାର୍ଯ୍ୟାଳୟ ପରିସରରେ ମଙ୍ଗଳବାର ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅସ୍ଥି ଶଲ୍ୟ ୧୧୮, ମାନସିକ ଅନଗ୍ରସର ୩୬, ଦୃଷ୍ଟିବାଧିତ ୩୯, ଶ୍ରବଣ ଶକ୍ତି ବାଧିତ ୨୦, ରକ୍ତ ଶିକୁଳି ( ଥାଲାସେମିଆ ) ବିଭାଗରେ ୨ ଜଣ ଲେଖାଏ ମୋଟ ୨୧୫ ଭିନ୍ନକ୍ଷମ ନିଜ ସାମର୍ଥ୍ୟ ପରୀକ୍ଷା କରିଥଲେ। ସେଥିରୁ ୧୦ ଜଣ ବ୍ୟକ୍ତିଙ୍କ ଶାରିରିକ ପରୀକ୍ଷା ପରେ ସେମାନେ ଭିନ୍ନକ୍ଷମ ପାଇଁ ଯୋଗ୍ୟ ବିବେଚିତ ହୋଇ ନ ଥିଲେ। ବିଡିଓ ଲମ୍ବୋଦର ଖୁଣ୍ଟିଆଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ଶିବିରରେ ଜିଲା ସାମାଜିକ ସୁରକ୍ଷା ଅଧିକାରୀ ସୁନୀଲ କୁମାର ନାୟକ, ଅତିରିକ୍ତ ବିଡିଓ ଜ୍ଞାନେନ୍ଦ୍ର ଲେଙ୍କା, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ପ୍ରୀତମ କୁମାର ନାୟକ, ବ୍ଲକ ମତ୍ସ୍ୟ ଅଧିକାରୀ ପ୍ରୀତିଶ୍ କୁମାର ନାୟକ, ନଳିନୀ ରଞ୍ଜନ ମନ୍ତ୍ରୀ, ହୃଷୀକେଶ ରାଉତରାୟ ପ୍ରମୁଖ ଉପସ୍ଥିତ ହୋଇ ଶିବିର ପରିଚାଳନା କରିଥଲେ। ସିଆରସିସି, ବିଆର୍ଟି, ଅଙ୍ଗନୱାଡ଼ି କର୍ମୀ, ସୁପରଭାଇଜର ପ୍ରମୁଖ ଏହି ଶିବିରରେ ସାମିଲ ହୋଇଥିଲେ। ଏଠାରେ ସୂଚନାଯୋଗ୍ୟ, ପ୍ରଥମାଷ୍ଟମୀରେ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଆୟୋଜିତ ହୋଇଥିବାରୁ ବହୁସଂଖ୍ୟାରେ ବ୍ୟକ୍ତି ସାମର୍ଥ୍ୟ ପରୀକ୍ଷା କରିବାକୁ ଆସି ପାରି ନ ଥିଲେ। ପୁନର୍ବାର ଏହି ଶିବିର ଆୟୋଜନ କରାଯିବା ପାଇଁ ସାଧାରଣରେ ଦାବି ହୋଇଛି।

# ସଡ଼କ ଦୁର୍ଘଟଣାଜନିତ ମୃତ୍ୟୁଶୂନ୍ୟ ସପ୍ତାହ ପାଳିତ




ଜବାହର ନବୋଦୟ ବିଦ୍ୟାଳୟ ପରିସରରେ ଦୁର୍ଘଟଣା ଜନିତ ମୃତ୍ୟୁ ଶୂନ୍ୟ ସପ୍ତାହରେ ପିଲା ଓ ଅନ୍ୟମାନେ।

**ରାହାମା,୫।୧୨(ଶ୍ରୀକାନ୍ତ ଦାସ):** ଜାତୀୟ ସ୍ୱେଚ୍ଛାସେବୀ ଅନୁଷ୍ଠାନ ମଦର ଟେରେସା ଫାଉଣ୍ଡେଶନ ଜଗତ୍‌ସିଂହପୁର ଜିଲା ଆନୁକୂଲ୍ୟରେ ଜବାହର ନବୋଦୟ ବିଦ୍ୟାଳୟ ସାଇଲୋ ରାହାମା ପରିସରରେ ସଡ଼କ ଦୁର୍ଘଟଣାଜନିତ ମୃତ୍ୟୁଶୂନ୍ୟ ସପ୍ତାହ ପାଳିତ ହୋଇଯାଇଛି। ବିଦ୍ୟାଳୟର ଅଧ୍ୟକ୍ଷ ଶ୍ରୀକୃଷ୍ଣ ମହାପାତ୍ର ସଭାପତିତ୍ୱ କରିଥିଲେ। କାର୍ଯ୍ୟକ୍ରମରେ ଜିଲା ଆଞ୍ଚଳିକ ପରିବହନ ଅଧିକାରୀ ନିର୍ମଳ ମହାନ୍ତି ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ସମ୍ମାନିତ ଅତିଥିଭାବେ ଡା.ସୁନାକର ବେହେରା ଏଥିରେ ଯୋଗଦେଇ ସଂଯୋଜନା କରିଥିଲେ। ଏହି ଅବସରରେ ବିଦ୍ୟାଳୟର ଛାତ୍ରୀଛାତ୍ର ଓ ଶିକ୍ଷୟିତ୍ରୀ ଶିକ୍ଷକ ଏକ ଶୋଭାଯାତ୍ରାରେ ରାହାମା ବଜାର ପରିକ୍ରମା କରି ଜନସାଧାରଣଙ୍କୁ ସଡ଼କ ସୁରକ୍ଷା ଦିଗରେ ସଚେତନ କରାଇଥିଲେ। ଏଥିରେ ତିର୍ତ୍ତୋଲ ପୋଲିସ ଅଧିକାରୀ ଅଭିମନ୍ୟୁ ନାୟକଙ୍କ ସହ ପୋଲିସ ବାହିନୀ ଓ ଜିଲା ପରିବହନ ବିଭାଗର ପଦାଧିକାରୀମାନେ ଉପସ୍ଥିତ ଥିଲେ। ଶୋଭାଯାତ୍ରା ଶେଷରେ ଜବାହର ନବୋଦୟ ବିଦ୍ୟାଳୟ ପରିସରରେ ସମସ୍ତ ଛାତ୍ରୀଛାତ୍ରଙ୍କୁ ନେଇ ସଡ଼କ ସୁରକ୍ଷା ଉପରେ କୁଇଜ୍ ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

# କଣ୍ଟପଡ଼ାରେ ଭାଜପା ଯୁବମୋର୍ଚ୍ଚା କାର୍ଯ୍ୟାଳୟ ଉଦ୍‌ଘାଟିତ

**ରାଜକନିକା, ୫।୧୨(ସଞ୍ଜୟ କୁମାର ଦାଶ):** ଆଳି ନିର୍ବାଚନମଣ୍ଡଳୀର ରାଜକନିକା ବ୍ଲକ କଣ୍ଟପଡ଼ା ପଞ୍ଚାୟତ କୋଠସାହିଠାରେ ମଙ୍ଗଳବାର ଭାଜପା ଯୁବମୋର୍ଚ୍ଚାର ଏକ ନୂତନ କାର୍ଯ୍ୟାଳୟ ଉଦ୍‌ଘାଟିତ ହୋଇଯାଇଛି। କେନ୍ଦ୍ରାପଡ଼ା ଜିଲା ଭାଜପା ଯୁବମୋର୍ଚ୍ଚା ସଭାପତି ବିନ୍ଦୁସାଗର ଦାସ ଯୋଗଦେଇ କାର୍ଯ୍ୟାଳୟକୁ ଉଦ୍‌ଘାଟନ କରିଥିଲେ। ଅନୁଷ୍ଠିତ ଉତ୍ସବରେ ରାଜ୍ୟ ଭାଜପା ଯୁବମୋର୍ଚ୍ଚା କାର୍ଯ୍ୟକାରିଣୀ ସଦସ୍ୟ ଶ୍ରେୟସ ଦାସ, ଜିଲା ଭାଜପା ଉପସଭାପତି କୃଷ୍ଣଚନ୍ଦ୍ର ପଣ୍ଡା, ରାଜ୍ୟ ଜିଲା ଭାଜପା ଯୁବମୋର୍ଚ୍ଚା ସାଧାରଣ ସମ୍ପାଦକ ନୀହାର ରଞ୍ଜନ ସ୍ୱାଇଁ, ୨୮ ନଂ. ଜୋନ୍ ଯୁବମୋର୍ଚ୍ଚା ସଭାପତି ପ୍ରୀତିରଞ୍ଜନ ନାୟକ, ଯୁବନେତା ଦୀପକ କୁମାର ମଲ୍ଲିକ, ଆଶାଲତା ପଟ୍ଟନାୟକ, ସଚିନ୍ ଦାସ, ନାରାୟଣ ମଲ୍ଲିକ, ଯୁବନେତ୍ରୀ ପ୍ରୀତିପ୍ରଜ୍ଞା ଜେନା, ଅଶୋକ ମଲ୍ଲିକ, ରାଜେଶ ମଲ୍ଲିକ, ଅଜୟ ମଲ୍ଲିକ ଓ ସୁଶାନ୍ତ ବିଶ୍ୱାଳଙ୍କ ସମେତ ଶତାଧିକ ଯୁବମୋର୍ଚ୍ଚା କର୍ମୀ ଓ ନେତା ଉପସ୍ଥିତ ଥିଲେ। ଏହି ପରିପ୍ରେକ୍ଷୀରେ ବ୍ଲକ ଯୁବମୋର୍ଚ୍ଚା ପକ୍ଷରୁ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଜିଲା ଭାଜପା ଯୁବମୋର୍ଚ୍ଚା ସଭାପତି ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ୨୮ ନଂ. ଜୋନ୍ ସଭାପତି ରାଜେନ୍ଦ୍ର ବେହେରା ଧନ୍ୟବାଦ ଦେଇଥିବାବେଳେ ଯୁବନେତା ଦୀପକ କୁମାର ମଲ୍ଲିକ ଓ ଦିଲୀପ କୁମାର ପରିଡ଼ା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ସ୍ୱାସ୍ଥ୍ୟକେନ୍ଦ୍ର ଆଗରେ ଅଳିଆ ଗଦା: ପୂତି ଗନ୍ଧମୟ ପରିବେଶ



**କୁଜଙ୍ଗ,୫।୧୨ (ମନୋଜ ପ୍ରଧାନ):** କୁଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ମୁଖ୍ୟ ଫାଟକ ସମ୍ମୁଖରେ ଟ୍ରିପ ଟ୍ରିପ୍ ଅଳିଆ ଗଦା ହୋଇ ରହିଛି। ଫଳରେ ପୂତି ଗନ୍ଧମୟ ପରିବେଶ ସୃଷ୍ଟି ହୋଇଛି। ଦୁର୍ଗନ୍ଧରେ ନାକ ଫାଟି ପଡୁଥିବା ବେଳେ ନିକଟରେ ଥିବା ବ୍ୟବସାୟୀମାନେ ବସି ପାରୁନାହାନ୍ତି। ଏଥିଯୋଗୁ ରୋଗୀ ଓ ସାଧାରଣ ଜନତା ମଧ୍ୟ ଅତିଷ୍ଠ ହୋଇ ପଡିଲେଣି। ଉକ୍ତ ସ୍ଥାନଟି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଫାଟକ ସମ୍ମୁଖରୁ ୧୦ ମିଟର ଦୂରତା ହୋଇଥିବା ବେଳେ ଅଦାଲତ ଓ ତହସିଲ କାର୍ଯ୍ୟାଳୟଠାରୁ ମାତ୍ର ୧୫ମିଟର ଦୂରରେ ଓ ବ୍ଲକ ପଞ୍ଚାୟତ କାର୍ଯ୍ୟାଳୟଠାରୁ ୫୦ ମିଟର ଦୂରରେ ରହିଛି। ଡାକ୍ତରଖାନା, କୋର୍ଟ, କଚେରି, ବ୍ଲକ, ଉପନିବନ୍ଧକଙ୍କ କାର୍ଯ୍ୟାଳୟ, କୋଷାଗାର ପ୍ରଭୃତିକୁ ପ୍ରତିଦିନ ବହୁ ସଂଖ୍ୟାରେ ଲୋକ ଆସୁଥିଲେ ବି ଦୁର୍ଗନ୍ଧ ଓ ମଶା, ମାଛିଙ୍କ ଯୋଗୁ ହିନସ୍ତା ହେଉଛନ୍ତି। ଏହାସତ୍ତ୍ୱେ ଅଳିଆ ସଫା କରାଯାଉ ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି।

ଏ ସମ୍ପର୍କରେ କୁଜଙ୍ଗ ସରପଞ୍ଚ ବନ୍ଦିତା ଦାସ କହିଛନ୍ତି, ପଞ୍ଚାୟତ ତରଫରୁ ୩ ଥର ଉକ୍ତ ସ୍ଥାନ ସଫା କରାଯାଇଛି। ଏହାସତ୍ତ୍ୱେ ବ୍ୟବସାୟୀମାନେ ଉକ୍ତ ସ୍ଥାନ ଖାଲି ସ୍ଥାନରେ ବିଭିନ୍ନ ଅଳିଆ ଆବର୍ଜନା ଗଦା କରୁଛନ୍ତି। ସେଠାରେ ବ୍ଲକ ପ୍ରଶାସନ ତରଫରୁ ସ୍ଥାୟୀ ବନ୍ଦୋବସ୍ତ କରାଗଲେ ଆଉ ଏଭଳି ଅବସ୍ଥା ହୁଅନ୍ତା ନାହିଁ। ଏ ସମ୍ପର୍କରେ ବିଡିଓଙ୍କ ସହିତ ଆଲୋଚନା କରି ପଦକ୍ଷପ ନିଆଯିବ ବୋଲି ଦାସ ପ୍ରକାଶ କରିଛନ୍ତି। । ଅନ୍ୟପଟେ ବିଡିଓ ଦୀପକ ପ୍ରସାଦ ସ୍ୱାଇଁଙ୍କ ଦୃଷ୍ଟି ଆକର୍ଷଣ କରିବାରେ କହିଥିଲେ, ପରିମଳ ଦାୟିତ୍ୱ ପଞ୍ଚାୟତ ହାତରେ। ଏନେଇ ସ୍ଥାନୀୟ ସରପଞ୍ଚଙ୍କ ସହ ଆଲୋଚନା କରି ସ୍ଥାୟୀ ପ୍ରତିକାର କରାଯିବ। ସୂଚନାଯୋଗ୍ୟ, ଉକ୍ତ ସ୍ଥାନଟି ବେଆଇନ ଜବରଦଖଲରେ ରହି ଏକ ଦୋକାନ ଗୃହ ହୋଇଥିଲା। ରାସ୍ତା ସମ୍ପ୍ରସାରଣ ଆଳରେ ୫ବର୍ଷତଳେ ଦୋକାନ ଗୃହକୁ ଉଚ୍ଛେଦ କରାଯାଇଥିଲା। ଏହା ପରଠୁ ଉକ୍ତ ସ୍ଥାନଟି ପଚାଶଡା ଆବର୍ଜନାର ଡଷ୍ଟବିନ ପାଲଟିଛି।

# ବିକଶିତ ଭାରତ ସଂକଳ୍ପ ଯାତ୍ରା

**ଏରସମା,୫। ୧୨ ( ଦୀପ୍ତି ରଞ୍ଜନ ଖଣ୍ଡୁଆଳ) :** ଏରସମା ବ୍ଲକ ଅନ୍ତର୍ଗତ ଜପା ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ମଙ୍ଗଳବାର ଭାଜପା ପକ୍ଷରୁ ବିକଶିତ ଭାରତ ସଂକଳ୍ପ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ବାଲିକୁଦା-ଏରସମା ନିର୍ବାଚନମଣ୍ଡଳୀର ଭାଜପା ଯୁବନେତା ସତ୍ୟ ସାରଥୀ ମହାନ୍ତିଙ୍କ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଭାଜପା ଓବିସି ମୋର୍ଚ୍ଚା ରାଜ୍ୟ ସଂଯୋଜକ ନୃସିଂହ ସାହୁ, ଜିଲା କୋଷାଧ୍ୟକ୍ଷ ନିର୍ଲିପ୍ତ ଜେନା, ଜପା ପଞ୍ଚାୟତ ସରପଞ୍ଚଙ୍କ ପ୍ରତିନିଧି ନିଶାକର ରାଉତ, ଜିଲା ଉପସଭାପତି ମୋହିତ ମହାନ୍ତି, ଓବିସି ମୋର୍ଚ୍ଚା ଜିଲା ସାଧାରଣ ସମ୍ପାଦକ ଅମରେନ୍ଦ୍ର ଦଳାଇ, ବାଲିକୁଦା ମଣ୍ଡଳ ସଭାପତି ଦିଲୀପ ରାଉତ ପ୍ରମୁଖ ଉପସ୍ଥିତ ରହି ଏହି କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ବକ୍ତବ୍ୟ ଦେଇଥିଲେ। ସ୍ଥାନୀୟ ଶିଶୁ କଳାକାରମାନେ ଦେଶାତ୍ମବୋଧକ ରେକର୍ଡ ଡ୍ୟାନ୍ସ ପ୍ରଦର୍ଶନ କରିଥଲେ। ଶେଷରେ ଦେଇକା, ବରତଳ, ଧୋବେଇ ପ୍ରଭୃତି ଗ୍ରାମରୁ ଆସିଥିବା ଶତାଧିକ ମହିଳା ଓ ପୁରୁଷ ପଞ୍ଚାୟତ ପରିକ୍ରମା କରିଥିଲେ। ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ହାତ ଆଗକୁ ବଢ଼ାଇ ବିକଶିତ ଭାରତ ଗଠନ ପାଇଁ ସଂକଳ୍ପ ନେଇଥିଲେ।

# ନିଶାମୁକ୍ତ, ହେଲ୍‌ମେଟ ପରିଧାନକୁ ଗୁରୁତ୍ୱ

## ସଡ଼କ ଦୁର୍ଘଟଣାଜନିତ ମୃତ୍ୟୁ ଶୂନ୍ୟ ସପ୍ତାହ

**ରଘୁନାଥପୁର,୫।୧୨(ରାଜେନ୍ଦ୍ର ନାରାୟଣ ସିଂହ):** ରଘୁନାଥପୁର ବ୍ଲକ ସଭାକକ୍ଷରେ ଆଞ୍ଚଳିକ ପରିବହନ ପ୍ରାଧିକରଣ ଜଗତ୍‌ସିଂହପୁର ପକ୍ଷରୁ ଜିଲାସ୍ତରୀୟ ସଡ଼କ ଦୁର୍ଘଟଣାଜନିତ ମୃତ୍ୟୁ ଶୂନ୍ୟ ସପ୍ତାହ ପାଳିତ ହୋଇଯାଇଛି। ଜାତୀୟ ମଦର ଟେରେସା ଫାଉଣ୍ଡେଶନ, ଜଗତ୍‌ସିଂହପୁର ପକ୍ଷରୁ ଆୟୋଜିତ ଏହି ସଭାରେ ବିଡିଓ ନମିତା ବାରିକ ସଭାପତିତ୍ୱ କରିଥିଲେ। ଏଥିରେ ମୁଖ୍ୟ ଅତିଥିଭାବେ ଆଞ୍ଚଳିକ ପରିବହନ ଅଧିକାରୀ ନିର୍ମଳ ମହାନ୍ତି ଯୋଗଦେଇ ସଡ଼କ ଦୁର୍ଘଟଣାଜନିତ ମୃତ୍ୟୁ ଶୂନ୍ୟ ସପ୍ତାହ ପାଳନର ଉଦ୍ଦେଶ୍ୟ ଓ ଏହାର କାର୍ଯ୍ୟକାରିତା ସମ୍ପର୍କରେ ଆଲୋକପାତ କରିଥିଲେ। ଗାଡି ଚାଳନା ସମୟରେ ନିଜ ପରିଚୟ ପତ୍ର ସହ ଗାଡିର ସମସ୍ତ କାଗଜପତ୍ର ପାଖରେ ରଖିବାକୁ ସେ ପରାମର୍ଶ ଦେଇଥିଲେ। ରଘୁନାଥପୁର ଆଇଆଇସି ସୁଶାନ୍ତ କୁମାର ସେଠୀ ସମ୍ମାନିତ ଅତିଥିଭାବେ ଯୋଗଦେଇ ସଡ଼କ ଦୁର୍ଘଟଣାରେ ଗୁରୁତର ବ୍ୟକ୍ତିଙ୍କୁ ସହାୟତାର ହାତ ବଢ଼େଇଥିଲେ। ତୁରନ୍ତ ସେମାନଙ୍କୁ ହସ୍ପିଟାଲରେ ପହଞ୍ଚାଇବା ଏବଂ ନିକଟସ୍ଥ ପୋଲିସ ଷ୍ଟେସନକୁ ଜଣାଇବା ପାଇଁ ସେ ପରାମର୍ଶ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ଏବିଡିଓ ଜ୍ଞାନଦା ନାୟକ ଓ ଓଡିଶା ମୋ ପରିବାରର ସଦସ୍ୟ ଡ.ସୁରେନ୍ଦ୍ରନାଥ ମହାପାତ୍ର ଯୋଗଦେଇଥିଲେ। ଜାତୀୟ ମଦର ଟେରେସା ଫାଉଣ୍ଡେଶନ ରାଜ୍ୟ ଅଧକ୍ଷ ଡ. ସୁନାକର ବେହେରାଙ୍କ ସଂଯୋଜନାରେ ସମସ୍ତ କାର୍ଯ୍ୟ ପରିଚାଳିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ମହିଳା ଏସଏଚ୍‌ଜି, ଅଙ୍ଗନୱାଡ଼ି କର୍ମୀ ବ୍ଲକ କର୍ମଚାରୀମାନେ ଉପସ୍ଥିତ ଥିଲେ।

PARADIP PORT AUTHORITY
e-TENDER CALL NOTICE
No.EM/PED-42/2023
No.EM/PED/TECH-22/2023/580
Date : 01/12/2023
Name of the work : "Management of Power Distribution System of Paradip Port Authority". Estimated Cost : Rs.21,41,67,922/-. Last Date & time of submission of bid : dt.28/12/2023 up to 17:00 Hrs. Refer our website for details : https://eprocure.gov.in/eprocure/app.
Executive Engineer (E), PED - II
PPA/PR/67/2023-24, Dt.05/12/23

ପୂର୍ବ ତଟ ରେଳପଥ
(1)ST-OT-AMC-EI-ANSALDO-357, ତା.29.11.2023ରିଖ
କାର୍ଯ୍ୟର ନାମ: ତିନି ବର୍ଷ ସମୟାବଧି ନିମନ୍ତେ ପୂର୍ବ ତଟ ରେଳପଥର ଖୋର୍ଦ୍ଧା ରୋଡ଼ ମଣ୍ଡଳରେ ମେସର୍ସ ଅନସାଲଡୋ ଏସ୍‌ଟିଏସ୍ ଟ୍ରାନ୍ସପୋର୍ଟେସନ୍ ସିଷ୍ଟମ୍ ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍, ବାଙ୍ଗାଲୋର (ମେସର୍ସ Hitachi ରେଲ୍ ଏସ୍‌ଟିଏସ୍ ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍) ଦ୍ୱାରା ଉତ୍ପାଦିତ ଇଲେକ୍ଟ୍ରୋନିକ୍ ଇଣ୍ଟରଲକିଂ ସିଷ୍ଟମ୍ ର ବ୍ୟାପକ ବାର୍ଷିକ ରକ୍ଷଣାବେକ୍ଷଣ ଚୁକ୍ତି ନିମନ୍ତେ ବ୍ୟବସ୍ଥା।
ଟେଣ୍ଡର ମୂଲ୍ୟ(₹): 6,87,95,706.06, EMD(₹): 4,94,000/-, ଟେଣ୍ଡର ନଥିପତ୍ରର ମୂଲ୍ୟ(₹): 11,800/- (18% GST ଅନ୍ତର୍ଭୁକ୍ତ)।
(2)ST-OT-AMC-IPS-HBL-358, ତା.29.11.2023ରିଖ
କାର୍ଯ୍ୟର ନାମ: ତିନି ବର୍ଷ ସମୟାବଧି ନିମନ୍ତେ ଖୋର୍ଦ୍ଧା ରୋଡ଼ ମଣ୍ଡଳରେ ମେସର୍ସ HBL ପାୱାର ସିଷ୍ଟମ୍‌ସ ଲିମିଟେଡ୍ ଦ୍ୱାରା ଉତ୍ପାଦିତ SMPS ଆଧାରିତ ସମନ୍ୱିତ ବିଦ୍ୟୁତ୍ ଯୋଗାଣ ପ୍ରଣାଳୀର ବ୍ୟାପକ ବାର୍ଷିକ ରକ୍ଷଣାବେକ୍ଷଣ ଚୁକ୍ତି ନିମନ୍ତେ ବ୍ୟବସ୍ଥା।
ଟେଣ୍ଡର ମୂଲ୍ୟ(₹): 1,00,70,213.76, EMD (₹): 2,00,400/-, ଟେଣ୍ଡର ନଥିପତ୍ରର ମୂଲ୍ୟ (₹): 5,900/- (18% GST ଅନ୍ତର୍ଭୁକ୍ତ)।
ବିକ୍ରି ଆରମ୍ଭ ହେବା ତାରିଖ: ତା.07.12.2023ରିଖ (ଉଭୟ ଟେଣ୍ଡର ନିମନ୍ତେ), ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ: ତା.21.12.2023 ରିଖ 1100 ଘଣ୍ଟିକାରେ (ଉଭୟ ଟେଣ୍ଡର ନିମନ୍ତେ)।
ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।
ଦ୍ରଷ୍ଟବ୍ୟ: ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।
ମଣ୍ଡଳ ରେଳ ପ୍ରବନ୍ଧକ(ସଂକେତ ଏବଂ ଦୂରସଂଚାର)/ ଖୋର୍ଦ୍ଧା ରୋଡ଼
PR-849/O/23-24

कार्यपालक अभियंता का कार्यालय
ग्रामीण कार्य विभाग,
कार्य प्रमण्डल, डालटनगंज
Email Id-rwdpalamu@gmail.com, eerwdpalamu@gmail.com,
Phone No.-06562357595
पत्रांक.................. दिनांक......................
प्रेस विज्ञप्ति
PR No.-312499
ग्रामीण कार्य विभाग, कार्य प्रमंडल, डालटनगंज के अधीन अल्पकालीन ई0 निविदा संख्या–06 / 2023–24/EE/RWD/DALTONGANJ, दिनांक 30.11.2023 के द्वारा आमंत्रित निविदा में क्रमांक 01, पैकेज संख्या RWD/DALTONGANJ/STPKG/10/23-24 एवं क्रमांक 02, पैकेज संख्या RWD/DALTONGANJ/STPKG/11/23-24 को अपरिहार्य कारणों से रद्द किया जाता है ।
कार्यपालक अभियंता,
ग्रामीण कार्य विभाग,
कार्य प्रमंडल, डालटनगंज ।
PR.NO.312728 District(23-24):D

OFFICE OF THE EXECUTIVE ENGINEER
ROAD CONSTRUCTION DEPARTMENT
ROAD DIVISION, KHUNTI
e-Procurement Notice
E_Tender Reference No. RCD/KHUNTI/ 1048 Date :- 05/12/2023

| | | |
|---|---|---|
| 1. | Name of the work | Improvement of Riding Quality Pavement of Khunti – Torpa – Kolebira (SH-03) Road from Km 5.00 to KM 56.00 (Total Length- 52.00 KM) (Carriageway – 10.00M) |
| 2. | Estimated Cost (Rs.) | Rs. 56,77,79,600.00 Rs. Fifty Six Crore Seventy Seven Lakh Seventy Nine Thousand Six Hundred only. |
| 3. | Bid Security (Rs.) | Rs. 56,78,000.00 Rs. Fifty Six Lakh Seventy Eight Thousand Only. |
| 4. | Cost of Document (Rs.) | Rs. 10,000.00 Rs. Ten Thousand Only. |
| 5. | Time of Completion | 10 (Ten) Months |
| 6. | Last date / Time for receipt of bids | 02/01/2024 up to 12:00 Noon |
| 7. | Date of Publication of Tender on website | 12/12/2023 at 10:30 A.M. |
| 8. | Name & Address of office Inviting tender | Executive Engineer, Road Construction Department, Road Division, Khunti |
| 9. | Contact no. of Procurement Officer | 06528-221215 |
| 10. | Helpline number of e-Procurement Cell | 0651-2401010 |

Note :- Estimated cost of tender can be increased or decreased
Further details can be seen on website http://jharkhandtenders.gov.in
Executive Engineer,
R.C.D., Road Division, Khunti
PR 312739 Road(23-24)#D

DISTRICT PROJECT OFFICE, SAMAGRA SHIKSHA, PURI
(ODISHA SCHOOL EDUCATION PROGRAMME AUTHORITY (OSEPA))
(Department of School & Mass Education, Odisha)
Phone: 06752-229275, Fax: 06752-233095
E-mail: dpcpurissa.opepa@nic.in, prgpurissa.opepa@nic.in
Letter No. 3915 Date: 05.12.2023
File No.: III-05/Civil/23 GST No. 21AAALD1372N1DL
www.osepa.odisha.gov.in
TENDER CALL NOTICE
Sealed tenders are invited in prescribed proforma from the reputed authorized firms/distributors/OEMs to undertake the supply and installation of Sanitary Napkin Vending Machine and incinerators as per specification given in the tender paper. The sealed tender papers will be received at the District Project Office, Samagra Shiksha, Puri on any working day till 22.12.2023 upto 2 P.M. through Speed Post/Registered Post/Courier only. The same will be opened on 22.12.2023 at 4.00 P.M. in the Office of the District Education Officer & DPC, Samagra Shkisha, Puri in presence of the bidders/their authorized representatives & office functionaries. The office will not be held responsible for any kind of postal dealy. The undersigned reserves the right to accept or reject any or all the tenders without assigning any reason thereof. The detailed specification, proforma and term and conditions are available on the website i.e. www.puri.nic.in & www.osepa.odisha.gov.in.
By Order of Collector & Chairman, Samagra Shiksha
Sd./- District Education Officer & DPC, SS, Puri

ଭାରତ ସରକାର/GOVERNMENT OF INDIA
ମହାକାଶ ବିଭାଗ/DEPARTMENT OF SPACE
ଭାରତୀୟ ମହାକାଶ ଗବେଷଣା ସଂଗଠନ/INDIAN SPACE RESEARCH ORGANISATION
ରାଷ୍ଟ୍ରୀୟ ସୁଦୂର ସମ୍ବେଦନ କେନ୍ଦ୍ର/NATIONAL REMOTE SENSING CENTRE
ବାଲାନଗର, ହାଇଦ୍ରାବାଦ/BALANAGAR, HYDERABAD
ବିଜ୍ଞାପନ ସଂଖ୍ୟା: ଏନ୍‌ଆର୍‌ଏସ୍‌ସି/ଆର୍‌ଏମ୍‌ଟି/୩/୨୦୨୩ ତାରିଖ: ୦୬।୧୨।୨୦୨୩
ଚୁକ୍ତିଭିତ୍ତିକ କର୍ମନିଯୁକ୍ତି ପାଇଁ ଅଧିସୂଚନା
ADVERTISEMENT NO. NRSC/RMT/3/2023 Dt.06.12.2023
NOTIFICATION FOR CONTRACT EMPLOYMENT
ଏନ୍‌ଆର୍‌ଏସ୍‌ସି ଚୁକ୍ତି ଭିତ୍ତିରେ ନିମ୍ନଲିଖିତ ପଦବୀ ପାଇଁ ଦରଖାସ୍ତ ଆହ୍ୱାନ କରୁଛି:
NRSC invites applications for following post(s) on Contract basis:

| ପଦବୀ କୋଡ୍ Post Code | ପଦବୀର ନାମ Name of the Post | ପଦବୀଗୁଡ଼ିକର ସଂଖ୍ୟା No. of Positions | ପରିଲାଭ Emoluments |
|---|---|---|---|
| ୧ | ନିରନ୍ତର ଉଡ୍ଡାଣ–ଯୋଗ୍ୟତା ପ୍ରବନ୍ଧକ Continuous Airworthiness Manager | ୦୧ | ଏକତ୍ରୀକୃତ ବେତନ ମାସିକ ଟ.୯୬,୦୦୦/– Consolidated Pay of Rs.96,000/- per month |
| ୨ | ଗୁଣବତ୍ତା ପ୍ରବନ୍ଧକ Quality Manager | ୦୧ | |

ବିସ୍ତୃତ ବିଜ୍ଞାପନ ପାଇଁ ପ୍ରାର୍ଥୀମାନଙ୍କୁ ଏନ୍‌ଆର୍‌ଏସ୍‌ସି ୱେବ୍‌ସାଇଟ୍ www.nrsc.gov.in ଦେଖିବାକୁ ପରାମର୍ଶ ଦିଆଯାଉଛି।
For detailed advertisement candidates are advised to visit NRSC website: www.nrsc.gov.in
ମନେ ରଖିବା ପାଇଁ ମହତ୍ତ୍ୱପୂର୍ଣ୍ଣ ତାରିଖ/Important Date(s) to Remember:

| | |
|---|---|
| ଆବେଦନର ପ୍ରାରମ୍ଭିକ ତାରିଖ/Opening date for Application | ୦୬।୧୨।୨୦୨୩ |
| ଆବେଦନର ଶେଷ ତାରିଖ/Closing date for Application | ୨୬।୧୨।୨୦୨୩ |

"ସରକାର ଲିଙ୍ଗ ସନ୍ତୁଳନକୁ ଦର୍ଶାଉଥିବା ଏକ କାର୍ଯ୍ୟବଳ ଗଢ଼ିବା ପାଇଁ ପ୍ରୟାସରତ ଏବଂ ମହିଳା ପ୍ରାର୍ଥୀମାନଙ୍କୁ ଆବେଦନ କରିବା ପାଇଁ ପ୍ରୋତ୍ସାହିତ କରାଯାଉଛି।
"Government strives to have a workforce which reflects gender balance and women candidates are encouraged to apply".
CBC 49112/12/0001/2324

## ସଂକ୍ଷେପରେ

### ଫ୍ୟାକ୍ଟ୍ରିରେ ଦୁର୍ଘଟଣା: ୭ ଦାଦନ ଶ୍ରମିକ ମୃତ

**ବିଜାପୁର,୫।୧୨:** କର୍ନାଟକର ବିଜାପୁର ଜିଲା ଅନ୍ତର୍ଗତ ବିଜୟପୁରାରେ ଥିବା ଏକ ଫ୍ୟାକ୍ଟ୍ରିରେ ସୋମବାର ସନ୍ଧ୍ୟାରେ ଦୁର୍ଘଟଣା ଘଟି ୭ ଜଣ ଦାଦନ ଶ୍ରମିକ ପ୍ରାଣ ହରାଇଛନ୍ତି। ଏହା ବ୍ୟତୀତ ଅନ୍ୟ ୬ ଜଣ ଗୁରୁତର ଆହତ ହୋଇ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି। ସମସ୍ତ ମୃତକ ବିହାର ବାସିନ୍ଦା ବୋଲି ଜଣାପଡ଼ିଛି। ସେମାନେ ଏକ ମକା ପ୍ରୋସେସିଂ ପ୍ଲାଣ୍ଟରେ ମରାମତି କରୁଥିବାବେଳେ ତାହା ଭୁଶୁଡ଼ି ପଡ଼ିଥିଲା। ନୂଆ ଶିଳ୍ପାଞ୍ଚଳର ରାଜଗୁରୁ ପରମଦା ଗୋଦାମ ପରିସରରେ ଉକ୍ତ ପ୍ଲାଣ୍ଟ ରହିଛି। ମୃତକଙ୍କ ପରିବାରକୁ ୭ ଲକ୍ଷ ଟଙ୍କା ଲେଖାଏ ଅନୁକମ୍ପାମୂଳକ ସହାୟତା ଏବଂ ଆହତମାନଙ୍କ ପାଇଁ ୫୦ ହଜାର ଟଙ୍କା ସହାୟତା କର୍ନାଟକ ଶିଳ୍ପମନ୍ତ୍ରୀ ଏମ୍.ବି. ପାଟିଲ ଘୋଷଣା କରିଛନ୍ତି। ୭ ଲକ୍ଷ କ୍ଷତିପୂରଣରୁ ଗୋଦାମ ମାଲିକ ୫ ଲକ୍ଷ ଦେବାକୁ ଥିବାବେଳେ ଅବଶିଷ୍ଟ ୨ ଲକ୍ଷ ଟଙ୍କା ରାଜ୍ୟ ସରକାର ବହନ କରିବେ।

### ଖଲିସ୍ତାନୀ ଆତଙ୍କବାଦୀ ଲଖବୀର ପାକିସ୍ତାନରେ ମୃତ

**ଚଣ୍ଡିଗଡ଼,୫।୧୨:** ବେଆଇନ ସଂଗଠନ ଇଣ୍ଟରନ୍ୟାଶନାଲ ଶିଖ୍ ୟୁଥ୍ ଫେଡେରେଶନ ଏବଂ ଖଲିସ୍ତାନ ଲିବରେଶନ ଫୋର୍ସ (କେଏଲ୍ଏଫ୍)ର ମୁଖ୍ୟ ଖଲିସ୍ତାନୀ ଆତଙ୍କବାଦୀ ଲଖବୀର ସିଂ ରୋଡେଙ୍କର ପାକିସ୍ତାନରେ ମୃତ୍ୟୁ ଘଟିଛି। ଜର୍ନେଲ ସିଂ ଭିନ୍ଦ୍ରନ୍‌ୱାଲେଙ୍କ ପୁତୁରା ଲଖବୀର ଭାରତର ମୋଷ୍ଟ ୱାଣ୍ଟେଡ୍‌ଙ୍କ ମଧ୍ୟରେ ଅନ୍ୟତମ। ସେ ଖଲିସ୍ତାନୀ ବିଚ୍ଛିନ୍ନତାବାଦୀ ଆନ୍ଦୋଳନର ମାଷ୍ଟରମାଇଣ୍ଡ। ଭିନ୍ଦ୍ରନୱାଲେଙ୍କ ମୃତ୍ୟୁ ପରେ ସେ ପାକିସ୍ତାନ ଚାଲିଯାଇ ଲାହୋରରେ ରହିଥିଲେ। ସେ ହୃଦ୍‌ଘାତରେ ପ୍ରାଣ ହରାଇଥିବା ତାଙ୍କ ଭାଇ ଯଶବୀର କହିଛନ୍ତି।



ଲଖବୀର ସିଂ ରୋଡେ

# ୨୦୧୧-୨୦ରେ ଭାରତ ଅଧିକ ଉତ୍ତପ୍ତ, ଆର୍ଦ୍ର

## ଜଳବାୟୁ ପରିବର୍ତ୍ତନର ପ୍ରଭାବ



**ଦୁବାଇ,୫।୧୨(ପି.ଟି.)**

ଜଳବାୟୁ ପରିବର୍ତ୍ତନର ପ୍ରଭାବ ଯୋଗୁ ୨୦୧୧ରୁ ୨୦୨୦ ଦଶନ୍ଧିରେ ଭାରତ ଅଧିକ ଉତ୍ତପ୍ତ ଓ ଆର୍ଦ୍ର ରହିଥିଲା ବୋଲି ବିଶ୍ୱ ପାଣିପାଗ ସଂଗଠନ (ଡବ୍ଲୁଏମ୍‌ଓ)ର ନୂଆ ରିପୋର୍ଟରେ କୁହାଯାଇଛି। ଦୁବାଇରେ ଚାଲିଥିବା ଜାତିସଂଘ ଜଳବାୟୁ ସମ୍ମିଳନୀ ଅବସରରେ ମଙ୍ଗଳବାର ଉକ୍ତ ରିପୋର୍ଟ ପ୍ରକାଶ ପାଇଛି। ଡବ୍ଲୁଏମ୍‌ଓର ଜଳବାୟୁ ସ୍ଥିତି ରିପୋର୍ଟ ପ୍ରତିବର୍ଷ ପ୍ରକାଶ ପାଇଥାଏ। ନୂଆ ରିପୋର୍ଟରେ ଗୋଟିଏ ଦଶନ୍ଧିର ପାଣିପାଗ ସ୍ଥିତି ଉଲ୍ଲେଖ ରହିଛି, ଯାହା ଆଗାମୀ ଦିନର ଜଳବାୟୁ ପରିବର୍ତ୍ତନ ସମ୍ପର୍କିତ ଏକ ଚିତ୍ର ପ୍ରଦାନ କରୁଛି ବୋଲି ଡବ୍ଲୁଏମ୍‌ଓ ଉପମହାସଚିବ ଏଲେନା ମାନାଏଙ୍କୋଭା କହିଛନ୍ତି। ଏଲ୍ ନିନୋ ଏବଂ ଲା ନିନା ଭଳି ପ୍ରଭାବ ଯୋଗୁ ପାଣିପାଗରେ ତାରତମ୍ୟ ଦେଖାଦେଇଛି। ଏଲ୍ ନିନୋ ଏବଂ ଲା ନିନା ହେଉଛି ବିଷୁବମଣ୍ଡଳୀୟ ପ୍ରଶାନ୍ତ ମହାସାଗରରେ କିଛିଦିନ ପାଇଁ ଜଳର ଅସ୍ୱାଭାବିକ ଉଷ୍ମତା ଓ ଶୀତଳତାର ପ୍ରଭାବ। ଏହି ତାପମାତ୍ରା ବିଭିନ୍ନ ଦେଶର ପାଣିପାଗକୁ ପ୍ରଭାବିତ କରିଥାଏ। ଜଳବାୟୁ ସମିଟ୍ କପ୍‌୨୮ରେ ପ୍ରକାଶ ପାଇଥିବା ୨୦୨୩ର ଅସ୍ଥାୟୀ ବାର୍ଷିକ ରିପୋର୍ଟରେ ଚଳିତ ବର୍ଷ ସବୁଠୁ ଉତ୍ତପ୍ତ ବର୍ଷ ବୋଲି କୁହାଯାଇଛି।

ଡବ୍ଲୁଏମ୍‌ଓ ରିପୋର୍ଟ ଅନୁଯାୟୀ ଉତ୍ତର-ପଶ୍ଚିମ ଭାରତ, ପାକିସ୍ତାନ, ଚାଇନା ଏବଂ ଆରବୀୟ ଉପଦ୍ୱୀପର ଦକ୍ଷିଣ ଉପକୂଳରେ ଗତ ଦଶନ୍ଧି ଅଧିକ ଆର୍ଦ୍ର ରହିଥିଲା। ଏହି ସମୟରେ ଦକ୍ଷିଣ-ପୂର୍ବ ଏସିଆ, ୟୁରୋପ, ଆଫ୍ରିକା ମହାଦେଶର ଦକ୍ଷିଣ ଭାଗ, ମେକ୍ସିକୋ ଏବଂ ପୂର୍ବ ଅଷ୍ଟ୍ରେଲିଆର କେତେକ ଅଞ୍ଚଳରେ ଅତ୍ୟଧିକ ଉତ୍ତପ୍ତ ଦିନ ସଂଖ୍ୟା ୧୯୬୧-୧୯୯୦ ସମୟର ହାରାହାରି ଉତ୍ତପ୍ତ ଦିନର ଦୁଇଗୁଣ ଥିଲା। ବିଶ୍ୱ ତାପମାତ୍ରା ବଢୁଥିବାରୁ ଏହି ସମୟରେ ଅତ୍ୟଧିକ ଶୀତ ଦିନ ସଂଖ୍ୟା ୧୯୬୧-୧୯୯୦ ସମୟ ତୁଳନାରେ ୪୦ ପ୍ରତିଶତ ହ୍ରାସ ପାଇଥିଲା। ୨୦୧୩ ଜୁନ୍‌ରେ ଭାରତରେ ବର୍ଷାଦିନେ ସବୁଠୁ ଭୟାବହ ବନ୍ୟା ହୋଇଥିଲା। ଉତ୍ତରାଖଣ୍ଡରେ ପ୍ରବଳ ବର୍ଷା ବରଫ ତରଳିବା ଏବଂ ଗ୍ଲେସିୟର ହ୍ରଦ ମାଡ଼ିଆସିବା ଯୋଗୁ ୫,୮୦୦ ଲୋକଙ୍କ ମୃତ୍ୟୁ ଘଟିଥିଲା। ୨୦୧୮ରେ କେରଳରେ ମଧ୍ୟ ପ୍ରଳୟଙ୍କରୀ ବନ୍ୟାରେ ବହୁ ଧନଜୀବନ କ୍ଷୟ ହୋଇଥିଲା। ୨୦୧୯ ଏବଂ ୨୦୨୦ ବର୍ଷ ଭାରତରେ ସବୁଠୁ ଆର୍ଦ୍ର ମୌସୁମୀ ଋତୁ ଥିଲା। ଏହି ସମୟରେ ସର୍ବାଧିକ ବନ୍ୟା ହୋଇଥିଲା।

## ଭାରତର ମୁଣ୍ଡ ପିଛା ଅଙ୍ଗାରକାମ୍ଳ ଉତ୍ସର୍ଜନ ବୈଶ୍ୱିକ ହାରାହାରିର ଅଧାରୁ କମ୍

**ଦୁବାଇ,୫।୧୨(ପି.ଟି.)**

ଭାରତର ମୁଣ୍ଡପିଛା ଅଙ୍ଗାରକାମ୍ଳ ଉତ୍ସର୍ଜନ ୨୦୨୨ରେ ୫ ପ୍ରତିଶତ ବୃଦ୍ଧି ପାଇ ୨ ଟନ୍‌ରେ ପହଞ୍ଚିଥିଲେ ମଧ୍ୟ ଏହା ବୈଶ୍ୱିକ ହାରାହାରିର ୫୦ ପ୍ରତିଶତରୁ କମ୍ ରହିଛି। ମଙ୍ଗଳବାର ପ୍ରକାଶିତ ରିପୋର୍ଟରୁ ଏହା ଜଣାପଡ଼ିଛି। ଗ୍ଲୋବାଲ କାର୍ବନ ପ୍ରୋଜେକ୍ଟ ଅନୁଯାୟୀ ମୁଣ୍ଡପିଛା ଅଙ୍ଗାରକାମ୍ଳ ଉତ୍ସର୍ଜନରେ ଆମେରିକା ଶୀର୍ଷରେ ରହିଛି। ସେଠାରେ ପ୍ରତ୍ୟେକ ବ୍ୟକ୍ତି ୧୪.୯ ଟନ୍ କାର୍ବନ ଡାଇଅକ୍ସାଇଡ୍ ଉତ୍ସର୍ଜନ କରୁଛନ୍ତି। ଏହା ପଛକୁ ରୁଷିଆ (୧୧.୪ ଟନ୍) ରହିଥିବାବେଳେ ଜାପାନ (୮.୫ ଟନ୍), ଚାଇନା (୮ ଟନ), ୟୁରୋପୀୟ ୟୁନିୟନ (୬.୨ ଟନ୍) ରହିଛି। ବୈଶ୍ୱିକ ହାରାହାରି ଅଙ୍ଗାରକାମ୍ଳ ନିର୍ଗମନ ୪.୭ ଟନ୍ ଥିବା ଉକ୍ତ ରିପୋର୍ଟରେ ପ୍ରକାଶ ପାଇଛି। ଶିଳ୍ପ ବିପ୍ଳବ ସମୟରୁ ଆମେରିକା ସର୍ବାଧିକ ଅଙ୍ଗାରକାମ୍ଳ ନିର୍ଗମନକାରୀ ଦେଶ ଭାବେ ପରିଚିତ ହୋଇଆସିଚି। ୧୮୫୦ରୁ ୨୦୨୨ ମଧ୍ୟରେ ଆମେରିକାର ମୋଟ ଅଙ୍ଗାରକାମ୍ଳ ନିର୍ଗମନ ପରିମାଣ ୧୧୫ ଗିଗାଟନ୍, ଯାହାକି ବିଶ୍ୱର ମୋଟ ନିର୍ଗମନର ୨୪ ପ୍ରତିଶତ। ୟୁରୋପୀୟ ୟୁନିୟନର ଏହି ସମୟର ଅଙ୍ଗାରକାମ୍ଳ ନିର୍ଗମନ ୮୦ ଗିଗାଟନ୍ ହୋଇଥିବାବେଳେ ଚାଇନାର ୭୦ ଗିଗାଟନ୍। ଭାରତ ୧୮୫୦ରୁ ୨୦୨୨ ମଧ୍ୟରେ ୧୫ ଗିଗାଟନ୍ କାର୍ବନ ଡାଇଅକ୍ସାଇଡ୍ ଉତ୍ସର୍ଜନ କରିଛି, ଯାହା ମୋଟ ବିଶ୍ୱରେ ହୋଇଥିବା ଉତ୍ସର୍ଜନର ମାତ୍ର ୩ ପ୍ରତିଶତ।



## ଦେଶର ପୋଲିସ ଫୋର୍ସରେ ୧୧.୭୫% ମହିଳା

**ନୂଆଦିଲ୍ଲୀ,୫।୧୨(ପି.ଟି.)**

ଦେଶର ପୋଲିସ୍ ଫୋର୍ସରେ ମହିଳା କର୍ମଚାରୀଙ୍କ ସଂଖ୍ୟା ୩୩ ପ୍ରତିଶତକୁ ବୃଦ୍ଧି କରିବା ପାଇଁ କେନ୍ଦ୍ର ସରକାରଙ୍କ କ୍ରମାଗତ ଉଦ୍ୟମ ସତ୍ତ୍ୱେ ଏବେ ମାତ୍ର ୧୧.୭୫ ପ୍ରତିଶତ ମହିଳା ପୋଲିସ ରହିଛନ୍ତି। କେନ୍ଦ୍ର ସ୍ୱରାଷ୍ଟ୍ର ରାଷ୍ଟ୍ରମନ୍ତ୍ରୀ ନିତ୍ୟାନନ୍ଦ ରାୟ ଲୋକ ସଭାରେ ମଙ୍ଗଳବାର ଏହି ସୂଚନା ଦେଇଛନ୍ତି। ମହିଳା ପୋଲିସ ସଂଖ୍ୟା ୩୩ ପ୍ରତିଶତକୁ ବଢ଼ାଇବା ନିମନ୍ତେ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ୨୦୧୪ ମେ' ୨୧, ୨୦୧୫ ମେ' ୧୨, ୨୦୨୧ ଜୁନ୍ ୨୨ ଏବଂ ୨୦୨୨ ଏପ୍ରିଲ ୧୩ରେ ସମସ୍ତ ରାଜ୍ୟ ସରକାର ଓ କେନ୍ଦ୍ରଶାସିତ ଅଞ୍ଚଳ ପ୍ରଶାସନକୁ ପତ୍ର ଲେଖିଥିଲା। ଅତିରିକ୍ତ ମହିଳ କନ୍‌ଷ୍ଟେବଲ, ସବ୍‌ଇନ୍ସପେକ୍ଟର ପଦବୀ ସୃଷ୍ଟି କରିବା ପାଇଁ ସବୁ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳକୁ କୁହାଯାଇଥିଲା। ପ୍ରତି ଥାନାରେ ଅନ୍ୟୂନ ୩ ମହିଳା ସବ୍‌ଇନ୍ସପେକ୍ଟର ଏବଂ ୧୦ ମହିଳା କନଷ୍ଟେବଲ ରହିଲେ ୨୪ ଘଣ୍ଟା ମହିଳା ହେଲ୍ପ ଡେସ୍କ ପରିଚାଳନା ହୋଇପାରିବ ବୋଲି ଲକ୍ଷ୍ୟ ରଖାଯାଇଥିଲା। ୨୦୨୦ରେ ମହିଳା ପୋଲିସ ସଂଖ୍ୟା ୧୦.୩୦% ଥିବାବେଳେ ୨୦୨୧ରେ ୧୦.୪୯%କୁ ବଢ଼ିଥିଲା। ୨୦୨୨ରେ ଏହା ୧୧.୭୫ ପ୍ରତିଶତକୁ ବଢ଼ିଥିବା ରାୟ ଏକ ଲୋକ ସଭାରେ ଏକ ପ୍ରଶ୍ନର ଲିଖିତ ଉତ୍ତରରେ କହିଛନ୍ତି।

## କୋଲକାତା ଯୁବକଙ୍କୁ ବାହାହେବାକୁ ପହଞ୍ଚିଲେ ପାକିସ୍ତାନୀ ଯୁବତୀ

**ଚଣ୍ଡିଗଡ଼,୫।୧୨**

କୋଲକାତାର ଜଣେ ଯୁବକଙ୍କୁ ବିବାହ କରିବା ପାଇଁ ପାକିସ୍ତାନର ଜଣେ ଯୁବତୀ ୱାଘା-ଅଟ୍ଟାରି ଅନ୍ତର୍ଜାତୀୟ ସୀମା ଅତିକ୍ରମ କରି ଭାରତରେ ପହଞ୍ଚିଛନ୍ତି। ଜାନୁୟାରୀରେ ସେମାନଙ୍କ ବିବାହ ହେବ। କରାଚୀ ବାସିନ୍ଦା ଜାଭେରିଆ ଖାନୁମ୍ ପଞ୍ଜାବର ଅମୃତସରରେ ପହଞ୍ଚିବା ପରେ ସେଠାରେ ତାଙ୍କ ଭାବୀ ସ୍ୱାମୀ ସମୀର ଖାନ୍ ଓ ତାଙ୍କ ପରିବାର ସଦସ୍ୟମାନେ ଢୋଲ ବଜାଇ ସ୍ୱାଗତ କରିଥିଲେ। କୋଭିଡ୍ ମହାମାରୀ ଯୋଗୁ ଉଭୟଙ୍କ ବିବାହ ଯୋଜନା ୫ ବର୍ଷ ହେଲା ଅଟକି ରହିଥିଲା। ପୂର୍ବରୁ ଜାଭେଲିଆଙ୍କ ଭିଜା ଦୁଇଥର ବାତିଲ ହେବା ପରେ ଏଥର ୪୫ ଦିନିଆ ଭିଜା ମିଳିଛି।




## ଇଣ୍ଡିଆ ବ୍ଲକ୍ ବୈଠକ ସ୍ଥଗିତ

**ନୂଆଦିଲ୍ଲୀ,୫।୧୨**

ଇଣ୍ଡିଆ ବ୍ଲକ୍‌ର କେତେଜଣ ପ୍ରମୁଖ ସଦସ୍ୟ ଶନିବାର ହେବାକୁ ଥିବା ବୈଠକରେ ଯୋଗଦେଇ ପାରିବେ ନାହିଁ ବୋଲି କହିବା ପରେ ଉକ୍ତ ବୈଠକକୁ ଡିସେମ୍ବର ତୃତୀୟ ସପ୍ତାହକୁ ସ୍ଥଗିତ ରଖାଯାଇଛି। କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ ପୂର୍ବରୁ ଇଣ୍ଡିଆ ବ୍ଲକ୍ ନେତାମାନଙ୍କ ବୈଠକ ବୁଧବାରକୁ ଡାକିଥିଲେ। ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ବୈଠକ ଡକାଯାଇଥିବା ସମ୍ପର୍କରେ ଜାଣି ନ ଥିବା କହିଥିଲେ। ସେ ବୁଧବାର ରାଜ୍ୟ କାର୍ଯ୍ୟକ୍ରମରେ ଯୋଗଦେବାକୁ ଥିବାରୁ ବୈଠକରେ ଯୋଗଦେଇ ପାରିବେ ନାହିଁ ବୋଲି ସୋମବାର ଜଣାଇଥିଲେ। ସେହିପରି ତାମିଲନାଡୁର ଅନେକ ଅଞ୍ଚଳ ବାତ୍ୟା ମିଗ୍‌ଜୋମ୍‌ରେ କ୍ଷତିଗ୍ରସ୍ତ ହୋଇଥିବାରୁ ମୁଖ୍ୟମନ୍ତ୍ରୀ ଏମ୍.କେ. ଷ୍ଟାଲିନ୍ ଦିଲ୍ଲୀ ଯାଇପାରିବେ ନାହିଁ। ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ସ୍ୱାସ୍ଥ୍ୟଗତ କାରଣ ଦର୍ଶାଇ ବୈଠକକୁ ଯିବେ ନାହିଁ ବୋଲି କହିଥିବାବେଳେ ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ୍ ମଧ୍ୟ ଉପସ୍ଥିତ ହୋଇପାରିବେ ନାହିଁ। ତେବେ ଖାର୍ଗେଙ୍କ ବାସଭବନରେ ବୁଧବାର ସନ୍ଧ୍ୟାରେ ଇଣ୍ଡିଆ ବ୍ଲକ୍‌ର ସଂସଦୀୟ ନେତାମାନଙ୍କ ସମନ୍ୱୟ ବୈଠକ ବସିବ ବୋଲି ଜଣାପଡ଼ିଛି।

## ପାଣିଘେରରେ ଫସିଲେ ଆମିର ଖାନ୍, ବିଷ୍ଣୁ ବିଶାଲ

**ଚେନ୍ନାଇ,୫।୧୨**

ବାତ୍ୟା ମିଗ୍‌ଜୋମ୍ ପ୍ରଭାବରେ ତାମିଲନାଡୁର କେତେକ ଜିଲାରେ ଲଗାଣ ବର୍ଷା ଲାଗି ରହିଥିବାବେଳେ ରାଜଧାନୀ ଚେନ୍ନାଇ ଜଳାର୍ଣ୍ଣବ ହୋଇଯାଇଛି। ଫଳରେ ଏହି ସହର ଦୁଇଦିନ ପାଇଁ ସମ୍ପୂର୍ଣ୍ଣ ଅଚଳ ହୋଇଯାଇଥିଲା। ଏହି ସମୟରେ କରପାକ୍କମ୍‌ରେ ଅଭିନେତା ବିଷ୍ଣୁ ବିଶାଲ ଓ ତାଙ୍କ ସ୍ତ୍ରୀ ତଥା ବ୍ୟାଡ୍‌ମିଣ୍ଟନ ପ୍ଲେୟାର ଜ୍ୱାଲା ଗୁଟ୍ଟା ପାଣି ଘେରରେ ଫସିଥିବାବେଳେ ତାଙ୍କୁ ଅଗ୍ନିଶମ ଓ ରେସ୍କ୍ୟୁ ଟିମ୍ ଉଦ୍ଧାର କରିଛନ୍ତି। ସେହିପରି ବଲିଉଡ୍ ସୁପରଷ୍ଟାର ଆମିର ଖାନ୍ ମଧ୍ୟ ପାଣିଘେରରେ ଫସିଯାଇଥିଲେ। ତାଙ୍କୁ ରେସ୍କ୍ୟୁ ଟିମ୍ ବୋଟ୍‌ରେ ଉଦ୍ଧାର କରୁଥିବା ବେଳର ଫଟୋକୁ ସେ ଶେୟାର କରିଛନ୍ତି। ଉଦ୍ଧାର କରିଥିବାରୁ ବିଶାଲ ଅଗ୍ନିଶମ ଓ ରେସ୍କ୍ୟୁ ବିଭାଗକୁ ସୋସିଆଲ ମିଡିଆ ଜରିଆରେ ଧନ୍ୟବାଦ ଜଣାଇଛନ୍ତି।



## କୋଲକାତା ସବୁଠୁ ନିରାପଦ ମହାନଗର: ଏନ୍‌ସିଆର୍‌ବି

### ଖୁସି ବ୍ୟକ୍ତକଲା ଟିଏମ୍‌ସି
### ଭାଜପାକୁ ସମାଲୋଚନା

**କୋଲକାତା, ୫।୧୨(ପି.ଟି.)**

କୋଲକାତା ଦେଶରେ ସବୁଠାରୁ ନିରାପଦ ନଗର ବୋଲି ନ୍ୟାଶନାଲ କ୍ରାଇମ୍ ରେକର୍ଡ଼ସ ବ୍ୟୁରୋ (ଏନ୍‌ସିଆର୍‌ବି) ତଥ୍ୟ ପ୍ରଦାନ କରିବା ପରେ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ମଙ୍ଗଳବାର ଖୁସି ବ୍ୟକ୍ତ କରିଛି। ଏଥିସହିତ ପଶ୍ଚିମବଙ୍ଗ ସରକାର ଆଇନ ଶୃଙ୍ଖଳା ପରିଚାଳନାରେ ବିଫଳ ହୋଇଥିବା ନେଇ ଭାଜପା କରିଆସିଥିବା ମିଥ୍ୟା ପ୍ରଚାର ଧରାପଡ଼ିଛି ବୋଲି ଟିଏମ୍‌ସି ପକ୍ଷରୁ କୁହାଯାଇଛି।

କ୍ରମାଗତ ତୃତୀୟ ବର୍ଷ ଲାଗି କୋଲକାତା ଭାରତର ସବୁଠାରୁ ନିରାପଦ ନଗର ରହିବା ସହ ବିଭିନ୍ନ ମେଟ୍ରୋ ମଧ୍ୟରେ ଏକ ଲକ୍ଷ ଲୋକ ସଂଖ୍ୟା ଭିତରେ ଖୁବ୍ କମ୍ ଧର୍ତ୍ତବ୍ୟ ଅପରାଧ ରେକର୍ଡ କରାଯାଇଛି ବୋଲି ଏନ୍‌ସିଆର୍‌ବି ୨୦୨୨ ଆପରାଧିକ ରିପୋର୍ଟରେ କୁହାଯାଇଛି। ଟିଏମ୍‌ସି ଏମ୍‌ପି ମହୁଆ ମୋଇତ୍ର ଏଥିଲାଗି ସୋସିଆଲ ମିଡିଆ 'ଏକ୍ସ' ଜରିଆରେ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କୁ ଧନ୍ୟବାଦ ଦେଇଛନ୍ତି। ଏନ୍‌ସିଆର୍‌ବିରିପୋର୍ଟପଢ଼ିବା ପରେ ଭାଜପା ସମର୍ଥକମାନେ ମୁହଁ ବନ୍ଦ କରିଦେବେ ବୋଲି କହି ମହୁଆ କଟାକ୍ଷ କରିଛନ୍ତି।

ସୋସିଆଲ ମିଡିଆରେ ଟିଏମ୍‌ସି ପକ୍ଷରୁ କରାଯାଇଥିବା ପୋଷ୍ଟରେ କୁହାଯାଇଛି, କୋଲକାତା ତା'ର ସମୃଦ୍ଧ ସାଂସ୍କୃତିକ ବୈଭବ ଲାଗି ଜଣାଶୁଣା। ଏଥିସହିତ ଏଠାକାର ନିରାପତ୍ତା ବ୍ୟବସ୍ଥା ଅନ୍ୟତ୍ର କ୍ୱଚିତ ଦେଖିବାକୁ ମିଳେ। ଆନନ୍ଦର ନଗର କୋଲକାତା କ୍ରମାଗତ ତୃତୀୟ ଥର ଲାଗି ଦେଶର ସବୁଠାରୁ ନିରାପଦ ସହର ହେବାର ଗୌରବ ଅର୍ଜନ କରି ମାଇଲଖୁଣ୍ଟ ସ୍ଥାପନ କରିଛି। ମମତା ବାନାର୍ଜୀଙ୍କ ଦୃଢ଼ ନେତୃତ୍ୱ, କୋଲକାତା ପୋଲିସର ସତର୍କତା ଯୋଗୁ ଆପରାଧିକ ହାର ହ୍ରାସ ପାଇଛି। କେବଳ ସଂସ୍କୃତି, ଖାଦ୍ୟ, ସଙ୍ଗୀତ ଓ କଳା ନୁହେଁ, ନିରାପତ୍ତାକୁ କୋଲକାତା ଅଗ୍ରାଧିକାର ଦେଇ ଆସିଛି ବୋଲି ଟିଏମ୍‌ସି ପକ୍ଷରୁ କୁହାଯାଇଛି।

ଅନ୍ୟପକ୍ଷରେ ଭାଜପା ଏନ୍‌ସିଆର୍‌ବି ରିପୋର୍ଟକୁ ପ୍ରତ୍ୟାଖ୍ୟାନ କରିଛି। ରାଜ୍ୟ ସରକାର ଏ ଦିଗରେ ତଥ୍ୟ ଲୁଚାଇଛନ୍ତି କିମ୍ବା ଭୁଲ୍ ସଂଖ୍ୟା ଦେଇଛନ୍ତି ବୋଲି ଭାଜପା ଅଭିଯୋଗ କରିଛି। ସମ୍ପୃକ୍ତ ରାଜ୍ୟ ସରକାରଙ୍କଠାରୁ ଗ୍ରହଣ କରାଯାଇଥିବା ତଥ୍ୟ ଆଧାରରେ ଏନ୍‌ସିଆର୍‌ବି ରିପୋର୍ଟ ପ୍ରସ୍ତୁତ କରିଥାଏ। ଟିଏମ୍‌ସି କ୍ୱଚିତ ଠିକ୍ ସଂଖ୍ୟା ପଠାଇଥାଏ। ୨୦୨୧ ବିଧାନସଭା ନିର୍ବାଚନ ଓ ଚଳିତବର୍ଷ ପଞ୍ଚାୟତ ଭୋଟ ବେଳେ ପଶ୍ଚିମବଙ୍ଗରେ ଘଟିଥିବା ହିଂସାର ଆକାରକୁ ଦେଖିଲେ ବାସ୍ତବ ସ୍ଥିତି ଜଣାପଡ଼ିଛି ବୋଲି ରାଜ୍ୟ ଭାଜପା ମୁଖପାତ୍ର ସମିକ୍ ଭଟ୍ଟାଚାର୍ଯ୍ୟ କହିଛନ୍ତି।

## ଫୁର୍‌ସତ୍



### ଭିଲେନ୍ ଭୂମିକାରେ ନଜର ଆସିବେ ଅର୍ଜୁନ

**ମୁମ୍ବାଇ**

ବି-ଟାଉନରେ ଏପରି କିଛି କଳାକାର ଅଛନ୍ତି, ଯେଉଁମାନେ ସୁପରହିଟ୍ ଫିଲ୍ମରୁ କ୍ୟାରିୟର ଆରମ୍ଭ କରିବା ପରେ ଲାଇମଲାଇଟରୁ ଦୂରେଇ ଯାଇଛନ୍ତି କିମ୍ବା ଲିଡ୍ ରୋଲ ବ୍ୟତୀତ ଅନ୍ୟ ସାଇଡ୍ ରୋଲ କରୁଥିବା ଦେଖିବାକୁ ମିଳୁଛି। ଏପରି ଜଣେ ଅଭିନେତା ହେଉଛନ୍ତି ଅର୍ଜୁନ କପୁର। ଅନେକ ବର୍ଷରୁ ଏହି ଅଭିନେତା ଜଣକ ବ୍ଲକବଷ୍ଟର ଫିଲ୍ମ କରିନାହାନ୍ତି। ୨୦୧୨ରୁ ଅର୍ଜୁନ 'ଇସ୍କଜାଦେ'ରୁ ବଲିଉଡ୍‌ରେ ତାଙ୍କ ଯାତ୍ରା ଆରମ୍ଭ କରିଥିଲେ। ଏହାପରେ 'ଟୁ ଷ୍ଟେଟ' ଏବଂ 'ହାଫ୍ ଗର୍ଲଫ୍ରେଣ୍ଡ' ଭଳି ହିଟ୍ ଫିଲ୍ମ ଦର୍ଶକଙ୍କୁ ଭେଟି ଦେଇଥିଲେ। ପରେ ସେ ଆଉ କିଛି ଫିଲ୍ମ କରିଥିଲେ ମଧ୍ୟ ସେଥିମଧ୍ୟରୁ ଗୋଟିଏ ବି ହିଟ୍ ହୋଇନି। ବର୍ତ୍ତମାନ ଅର୍ଜୁନ ଫିଲ୍ମ 'ମେରି ପତ୍ନିକା ରିମେକ୍' ଶୁଟିଂରେ ବ୍ୟସ୍ତ ଅଛନ୍ତି। ସୂଚନା ମୁତାବକ, ରୋହିତ ଶେଟ୍ଟୀଙ୍କ ବହୁ ପ୍ରତୀକ୍ଷିତ ଫିଲ୍ମ 'ସିଙ୍ଘମ୍ ରିଟର୍ନସ'ରେ ସେ ମୁଖ୍ୟ ଭିଲେନ୍ ଭୂମିକାରେ ନଜର ଆସିବେ।

## ମହେଞ୍ଜୋଦାରୋରୁ ତମ୍ବାମୁଦ୍ରା ଠାବ

**ଇସ୍‌ଲାମାବାଦ୍**

ପାକିସ୍ତାନରେ ପ୍ରତ୍ନତତ୍ତ୍ୱବିତ୍‌ମାନେ ନିକଟରେ ୨ହଜାର ବର୍ଷ ପୁରୁଣା ଏକ ଜିନିଷ ଠାବ କରିଛନ୍ତି। ପାକିସ୍ତାନ ଅନ୍ତର୍ଗତ ମହେଞ୍ଜୋଦାରୋ ଅଞ୍ଚଳରେ ଥିବା ଐତିହାସିକ ସ୍ଥଳରେ ନିର୍ମିତ ଏକ ବୌଦ୍ଧ ମନ୍ଦିରର ଅଂଶବିଶେଷରେ ପ୍ରତ୍ନତତ୍ତ୍ୱବିତ୍‌ମାନେ ତମ୍ବାମୁଦ୍ରା ପାଇଛନ୍ତି; ଯାହା କୁଷାଣ ସାମ୍ରାଜ୍ୟ ସମୟର ବୋଲି ଧରାଯାଉଛି। ସେ ସାମ୍ରାଜ୍ୟ ସମୟରେ ବୌଦ୍ଧଧର୍ମର ବେଶ୍ ଲୋକପ୍ରିୟତା ଥିଲା। ଏପରି ବୌଦ୍ଧ ତୀର୍ଥସ୍ଥଳର ଦ୍ୱିତୀୟ ନାମ ସ୍ତୂପ ଥିଲା। ରିପୋର୍ଟ ମୁତାବକ, ଯେଉଁ ବୌଦ୍ଧ ମନ୍ଦିରରୁ ଏହି ତମ୍ବା ମୁଦ୍ରା ମିଳିଛି, ତାହା ମହେଞ୍ଜୋଦାରୋରେ ଥିବା ମନ୍ଦିରର ଅଂଶବିଶେଷ ଭିତରେ ରହିଛି। ଏହି ସ୍ଥାନ ଦକ୍ଷିଣ-ପୂର୍ବ ପାକିସ୍ତାନର ପ୍ରାୟତଃ ୨୬୦୦ ବି.ସି. ପୁରୁଣା। ପ୍ରତ୍ନତତ୍ତ୍ୱବିତ୍ ଏବଂ ଗାଇଡ୍ ଶେଖ୍ ଯାୱେଦ ଅଲ୍ଲି ସିନ୍ଧୀଙ୍କ କହିବା ମୁତାବକ, ମହେଞ୍ଜୋଦାରୋର ପତନର ୧୬୦୦ ବର୍ଷ ପରେ ସେଠାରେ ଏହି ସ୍ତୂପ ତିଆରି ହୋଇଥିଲା। ସିନ୍ଧୀଙ୍କ ନେତୃତ୍ୱରେ ଏକ ଟିମ୍ ମହେଞ୍ଜୋଦାରୋର ଏକ କାନ୍ଥ ଧସିବା ପରେ ସେଠାରେ ଖୋଳାଖୋଳି କାମ ଆରମ୍ଭ କରାଗଲା। ଯେଉଁଠାରେ ପ୍ରତ୍ନତତ୍ତ୍ୱବିତ୍‌ମାନଙ୍କୁ ତମ୍ବା ମୁଦ୍ରା ଏବଂ ତାହାର ଭଣ୍ଡାର ମିଳିଛି। ସିନ୍ଧୀଙ୍କ ମୁତାବକ, ଏବେ ସେହି ତମ୍ବା ମୁଦ୍ରାକୁ ପ୍ରତ୍ନତତ୍ତ୍ୱବିତ୍‌ଙ୍କ ଲାବରେଟୋରିରେ ସଫା କରାଯିବ। ୧ ହଜାରରୁ ଦେଢ଼ ହଜାର ସଂଖ୍ୟାର ତମ୍ବାମୁଦ୍ରା ମିଳିଛି; ଯାହାର ଓଜନ ପ୍ରାୟ ୫.୫ କିଲୋ ବୋଲି ଜଣାପଡ଼ିଛି। ତେବେ ମୁଦ୍ରାରେ କିଛି ଆକୃତି ଥିବା ଦେଖିବାକୁ ମିଳିଛି, ଯାହା କୁଷାଣ ସାମ୍ରାଜ୍ୟର ବୋଲି ଅନୁମାନ କରାଯାଉଛି।



## ହାତ ନ ଥିବା ପ୍ରଥମ ଏସୀୟ ଡ୍ରାଇଭିଂ ଲାଇସେନ୍ସଧାରୀ

**ଥିରୁଭାନନ୍ତପୁରମ୍:** ସ୍ୱପ୍ନ ସାକାର କରିବାକୁ ଲୋକେ ବହୁ ପ୍ରକାରର କଷ୍ଟ କରିଥାନ୍ତି। ଚାରି ଚକିଆ ଯାନ ଚଳାଇ କାମ କରିବାକୁ ସ୍ୱପ୍ନ ରଖିଥିବା ଜଣେ ଭିନ୍ନକ୍ଷମ ୬ ବର୍ଷର ପରିଶ୍ରମ ପରେ ଏବେ ସେ ସ୍ୱପ୍ନ ସାକାର କରିବାରେ ସଫଳ ହୋଇଛନ୍ତି। କେରଳର ୩୨ ବର୍ଷୀୟା ଜୁଲିମୋଲ ମାରିଏଟ୍ ଥୋମାସ୍‌ଙ୍କ ଜନ୍ମରୁ ହାତ ନ ଥିବାବେଳେ ସେ ପ୍ରଥମ ଏସୀୟ ମହିଳା ଭାବେ ଡ୍ରାଇଭିଂ ଲାଇସେନ୍ସ ହାସଲ କରିଛନ୍ତି। କେରଳ ମୁଖ୍ୟମନ୍ତ୍ରୀ ପିନାରାଇ ଭିଜୟାନ ନିଜେ ଜୁଲିମୋଲଙ୍କୁ ବ୍ୟକ୍ତିଗତ ଭାବେ ଲାଇସେନ୍ସ ପ୍ରଦାନ କରିଛନ୍ତି। ଇଡୁକ୍କି ଜିଲାର ଜୁଲିମୋଲ କୋଚିର ଏକ ଅଗ୍ରଣୀ କଳା ପ୍ରକାଶନ ଗୃହରେ ଗ୍ରାଫିକ ଡିଜାଇନର ଭାବେ କାର୍ଯ୍ୟ କରନ୍ତି। ସେ ୬ ବର୍ଷ ଧରି ଅପେକ୍ଷା କରିବା ପରେ ତାଙ୍କ ଡ୍ରାଇଭିଂ ସ୍କୁଲ ଏବଂ ଭିନ୍ନକ୍ଷମଙ୍କ ପାଇଁ ରାଜ୍ୟ ଆୟୋଗ ଏବଂ କୋଚିରେ ଥିବା ଏକ ଘରୋଇ ସଂସ୍ଥା ସହାୟତାରେ ଲାଇସେନ୍ସପ୍ରାପ୍ତ ଡ୍ରାଇଭର ହେବାର ସ୍ୱପ୍ନ ପୂରଣ କରିପାରିଛନ୍ତି। ସୂଚନା ମୁତାବକ, ଜୁଲିମୋଲ ସର୍ବଦା ଏକ କାର୍ ଚଳାଇବାକୁ ସ୍ୱପ୍ନ ଦେଖୁଥିଲେ। ବିଶେଷ କରି ସେ ତାଙ୍କ ବାପାଙ୍କୁ ହରାଇବା ପରେ ନିଜେ ସ୍ୱାଧୀନ ହେବା ସହ ପରିବାରର ଦାୟିତ୍ୱ ମଧ୍ୟ ନେଇଥିଲେ। ସେ ଭଦୁଆଲାର ମାରିଆ ଡ୍ରାଇଭିଂ ସ୍କୁଲରେ କାର୍ ଚଳାଇବା ଶିଖିଥିଲେ। ପରେ ଲାଇସେନ୍ସ ପାଇଁ ଇଡୁକ୍କି ଜିଲାର ଥୋଡୁପୁଜ୍‌ହା ଆର୍‌ଟିଓରେ ଆବେଦନ କରିଥିଲେ। ସେଠାକାର ଆର୍‌ଟିଓରେ ଜୁଲିମୋଲଙ୍କ ଆବେଦନକୁ ପ୍ରତ୍ୟାଖ୍ୟାନ କରିଥିଲେ। ଯାହା ପରେ ସେ କେରଳ ହାଇକୋର୍ଟକୁ ଯାଇଥିଲେ। କୋର୍ଟର ହସ୍ତକ୍ଷେପ ପରେ ଜୁଲିମୋଲ ମୋଟର ଭେଇକିଲ ଡିପାର୍ଟମେଣ୍ଟ



(ଏମ୍‌ଭିଡି) ଅଫିସରଙ୍କ ସମ୍ମୁଖରେ ତାଙ୍କ କାର୍ ଚାଳନାର ଏକ ପରୀକ୍ଷା ଦେଇଥିଲେ। ତେବେ ସେତେବେଳେ ମଧ୍ୟ ଅଧିକାରୀ ତାଙ୍କୁ ଲାଇସେନ୍ସ ଦେବାକୁ ମନା କରିଦେଇଥିଲେ। ଏହାପରେ ଜୁଲିମୋଲ ଶେଷରେ ଭିନ୍ନକ୍ଷମଙ୍କ ପାଇଁ ଥିବା ରାଜ୍ୟ ଆୟୋଗଙ୍କ ନିକଟକୁ ଯାଇଥିଲେ। ତେବେ ଯାଇ ସେ ଲାଇସେନ୍ସ ପାଇବାକୁ ସକ୍ଷମ ହୋଇଥିଲେ। ଜୁଲିମୋଲ ଏବେ ଲାଇସେନ୍ସ ପାଇ ବେଶ୍ ଉତ୍ସାହିତ ଥିବା କହିଛନ୍ତି।

# ନାଲ୍‌କୋ ଆଲୁମିନା ରିଫାଇନେରିକୁ ବ୍ୟବସାୟ ଉତ୍କର୍ଷ ପୁରସ୍କାର




ବେଙ୍ଗାଲୁରୁଠାରେ ଆୟୋଜିତ ୩୧ତମ ସିଆଇଆଇ ଏକ୍ସିମ୍ ବ୍ୟାଙ୍କ ବିଜନେସ୍ ଏକ୍ସିଲେନ୍ସ ପୁରସ୍କାର ସମାରୋହରେ ସମ୍ମାନିତ ଅତିଥିଙ୍କଠାରୁ ନାଲ୍‌କୋ ଆଲୁମିନା ରିଫାଇନେରିର ସମୂହ ମହାପ୍ରବନ୍ଧକ (ଏ.ଆର) ଇଂ. ପ୍ରମୋଦ ବେହେରା ପୁରସ୍କାର ଗ୍ରହଣ କରୁଛନ୍ତି।

**ଦାମନଯୋଡି,୫।୧୨**
**(ନରସିଂହ ବ୍ରହ୍ମା)**

ନବରତ୍ନ ରାଷ୍ଟ୍ରୀୟ ଉଦ୍ୟୋଗ ନାଲ୍‌କୋର ଦାମନଯୋଡିସ୍ଥିତ ଆଲୁମିନା ରିଫାଇନାରି ପ୍ଲାଣ୍ଟ,ବ୍ୟବସାୟ ଉତ୍କର୍ଷ ଅଭ୍ୟାସ ପାଇଁ ସର୍ବୋଚ୍ଚ ସମ୍ମାନ 'ସିଆଇଆଇ ଏକ୍ସିମ୍ ବ୍ୟାଙ୍କ ବିଜ୍‌ନେସ୍ ଏକ୍ସିଲେନ୍ସ ପୁରସ୍କାର -୨୦୨୩' ହାସଲ କରିଛି। ବେଙ୍ଗାଲୁରୁରେ ଆୟୋଜିତ ୩୧ତମ ସିଆଇଆଇ ଏକ୍ସିମ୍ ବ୍ୟାଙ୍କ ଗୁଣବତ୍ତା ସମ୍ମିଳନୀରେ ନାଲ୍‌କୋକୁ ଏହି ପୁରସ୍କାର ପ୍ରଦାନ କରାଯାଇଛି। ନାଲକୋ ଆଲୁମିନା ରିଫାଇନେରିର ସମୂହ ମହାପ୍ରବନ୍ଧକ (ଏ.ଆର) ଇଂ. ପ୍ରମୋଦ ବେହେରା ଯୋଗଦେଇ ଏହି ପୁରସ୍କାର ଗ୍ରହଣ କରିଥିଲେ। ବିଜନେସ୍ ଏକ୍ସଲେନ୍ସ ପଦକ୍ଷେପ ଏବଂ ସବୁ ଦିଗରେ ଗୁଣବତ୍ତା ଉତ୍କର୍ଷ ପାଇଁ ପ୍ରୟାସ ଆଲୁମିନା ରିଫାଇନାରିକୁ ଏହି ପୁରସ୍କାରର ବିଜେତା କରିଛି। ରିଫାଇନାରି ପ୍ଲାଣ୍ଟ ଚଳିତ ବର୍ଷ ଏହି ସର୍ବୋଚ୍ଚ ସମ୍ମାନ ହାସଲ କରିବା ପୂର୍ବରୁ ପୂର୍ବବର୍ଷଗୁଡିକରେ ଗୋଲ୍ଡ ପ୍ଲସ୍ ଏବଂ ପ୍ଲାଟିନମ୍ ମାନ୍ୟତା ପାଇଥିଲା। ସୂଚନାଯୋଗ୍ୟ,ଏହି ପୁରସ୍କାର ଆନ୍ତର୍ଜାତୀୟ ମାନ୍ୟତାପ୍ରାପ୍ତ ୟୁରୋପୀୟ ଫାଉଣ୍ଡେସନ ଫର କ୍ୱାଲିଟି ମ୍ୟାନେଜମେଣ୍ଟ (ଇଏଫକ୍ୟୁଏମ)ର ଉତ୍କୃଷ୍ଟତା ମଡେଲ ଉପରେ ଆଧାରିତ। କନଫିଡିରେସନ ଅଫ ଇଣ୍ଡିଆନ ଇଣ୍ଡଷ୍ଟ୍ରି (ସିଆଇଆଇ) ଓ ଏକ୍ସପୋର୍ଟ ଇମ୍ପୋର୍ଟ ବ୍ୟାଙ୍କ ଅଫ ଇଣ୍ଡିଆ (ଏକ୍ସିମ୍ ବ୍ୟାଙ୍କ) ପକ୍ଷରୁ ଏହି ପୁରସ୍କାର ପ୍ରଦାନ କରାଯାଇଥାଏ।

# ବିଓଏମ୍‌ର ନୂତନ ଶାଖା ଉଦ୍‌ଘାଟିତ

**ଭୁବନେଶ୍ୱର,୫।୧୨**

ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର (ବିଓଏମ୍)ର ନୂତନ ଶାଖା (ଭଞ୍ଜନଗର ଶାଖା) ନିକଟରେ ଗଞ୍ଜାମ ଜିଲ୍ଲାର ଭଞ୍ଜନଗର ମେନ୍ ରୋଡ୍‌ଠାରେ ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ଭଞ୍ଜନଗର ଉପଜିଲାପାଳ ଅନିଲ କୁମାର ସେଠୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉକ୍ତ ଶାଖାର ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଓଏମ୍‌ର ଭୁବନେଶ୍ୱର ଅଞ୍ଚଳର ଅଞ୍ଚଳ ପ୍ରବନ୍ଧକ ଆଲୋକ କୁମାର ମିଶ୍ର, ବ୍ରହ୍ମପୁର ଶାଖାର ଶାଖା ପ୍ରବନ୍ଧକ ସତ୍ୟଜିତ୍ ରାଉତ, ନୟାଗଡ଼ ଶାଖାର ଶାଖା ପ୍ରବନ୍ଧକ ପୂଜାଶ୍ରୀ ସାହୁ ଏବଂ ଭଞ୍ଜନଗର ଶାଖାର ଶାଖା ପ୍ରବନ୍ଧକ ବ୍ରଜବନ୍ଧୁ ସାହୁଙ୍କ ସମେତ ବହୁ ବରିଷ୍ଠ ଅଧିକାରୀ ଓ ଅନ୍ୟମାନେ ଉପସ୍ଥିତ ଥିଲେ। ବିଶେଷକରି ଉକ୍ତ ଶାଖା ବିଓଏମ୍‌ର ସମସ୍ତ ପ୍ରକାର ବ୍ୟାଙ୍କିଙ୍ଗ୍ କାରବାର ଏବଂ ଗ୍ରାହକଙ୍କ ଆବଶ୍ୟକତା ଉପରେ କାର୍ଯ୍ୟ କରିବ ବୋଲି ବ୍ୟାଙ୍କ ପକ୍ଷରୁ କୁହାଯାଇଛି।



# ଶେୟାର ବଜାର କାରବାରରେ ଉତ୍ସାହ

**ନୂଆଦିଲ୍ଲୀ,୫।୧୨**

କ୍ରମାଗତ ୬ଷ୍ଠ ଦିନ ଲାଗି ଘରୋଇ ଶେୟାର ବଜାର କାରବାରରେ ବୃଦ୍ଧି ଘଟିଛି। ଚଳିତ ସପ୍ତାହର ୨ୟ କାର୍ଯ୍ୟଦିବସର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ବଢ଼ାଇଛନ୍ତି। ବିଶେଷକରି ମଙ୍ଗଳବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୪୩୧ (୪୩୧.୦୨) ପଏଣ୍ଟ ବଢ଼ି ୬୯,୨୯୬(୬୯,୨୯୬.୧୪) ଅଙ୍କରେ କାରବାର ବନ୍ଦ କରିଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ) ର ନିଫ୍ଟି-୫୦ରେ ମଧ୍ୟ ୧୬୮ (୧୬୮.୩୦) ପଏଣ୍ଟ ବୃଦ୍ଧି ଘଟି ୨୦,୮୫୫ (୨୦,୮୫୫.୧୦) ଅଙ୍କରେ କାରବାର ବନ୍ଦ କରିଥିଲା।

---

**ODISHA COMPUTER APPLICATION CENTRE**
**OCAC — REQUEST FOR PROPOSAL**
**Enq.No.:-OCAC-SEGP-SPD-0019-2021-23112** No.U-69

Odisha Computer Application Centre (OCAC) invites Request for Proposal (RFP) for Selection of Implementing Agency for development, implementation, and Maintenance Support of Web Based Integrated Project Management System for all seven scheme relating to Local Area Development administered by Planning & Convergence Department, Government of Odisha. For details please visit websites www.ocac.in & www.odisha.gov.in. **The bid shall be submitted in electronic mode only in the portal https://enivida.odisha.gov.in latest by 20.12.2023, 2.00 P.M.** OCAC reserves the right to accept/ reject any/ all bids without assigning any reason thereof.

**General Manager(Admin), OCAC,** Plot No.-N-1/7-D, Acharya Vihar, P.O.-RRL, Bhubaneswar-751013, Ph.-2567280/ 2567064/ 2567295

**OIPR-16003/11/0096/2324**

---

**SAMALESWARI REGIONAL CO-OP. MILK PRODUCERS' UNION LTD.**
**GOSHALA (BOUDIAPARA), PO: KALAMATI, SAMBALPUR, 768025**
**Phone: (0663) 2999015, Mob. No. 9437122477**

**TENDER NOTICE**

**No. CAD-3146:-** Sealed Techno commercial offers in sealed envelope from Manufacturers/Supplier of following items:-
**Supply of Furniture & Fixture i.e. Almirah, Table and Chair under WODC** at different Milk Producers' Co-operative Societies of SAMUL. The sealed technical & commercial bid along with EMD as mentioned in the Tender Notice (inside commercial bid).
EMD in shape of demand draft drawn on any Nationalized Bank in favour of Samaleswari Milk Union payable at Sambalpur shall be received at above address upto 4.00 P.M. on 18.12.2023 shall be opened at the above address on dt. 19.12.2023 at 11.00 A.M. For details please visit our website **www.samul.in** and **www.sambalpur.nic.in**. No bid without required EMD shall be accepted. Undersigned reserves the right to accept or reject any or all the tenders or part thereof without assigning any reason.

OIPR-15013/11/0045/2324 **General Manager**

---

**GOVERNMENT OF ODISHA** No.b-54
**OFFICE OF THE EXECUTIVE ENGINEER**
**NATIONAL HIGHWAY DIVISION, JHARSUGUDA**
At-PWD Colony, Po-Kalimandir Road, Dist-Jharsuguda, Pin-768202
E-mail-eenhjsg@gmail.com

**1st CORRIGENDUM NOTICE TO BID INVITATION NO. E.E. (NH)-1/2023-24/JHARSUGUDA**

Letter No. Dated.

The Executive Engineer, N.H.Division,Jharsuguda on behalf of the Governor of Odisha invites percentage rate bid in double cover system in ONLINE MODE from eligible contractors for construction of road works as detailed in table below:-

| | | | |
|---|---|---|---|
| 1 | Nature of the Work | : | Road Works |
| 2 | Total Nos. of the Work | : | 01 (One) No. |
| 3 | Estimated Cost | : | Rs.63.43 Lakhs (Appx.) (Excluding GST) as per work |
| 4 | Period of Completion | : | 04 (Four Months) |
| 5 | Cost of Bid document | : | Rs.10,000/- |
| 6 | Bid Security | : | As per column no.06 of IFB |
| 7 | Class of Contractor | : | "B" |
| 8 | Date & Time of availability of Bid document in the portal | : | From 11.00 hours of dt.05.12.2023 to 17.00 hours of dated 18.12.2023 |
| 9 | Last date/time for receipt of bids in the portal | : | 17.00 hours of dated 18.12.2023 |
| 10 | Opening dates of Bid | : | 11.00 hours of dated 19.12.2023 |
| 11 | Name and address of the Officer Inviting Bid | : | Executive Engineer, National Highway Division, Jharsuguda, At-PWD Colony, Po-Kalimandir Road, Dist-Jharsuguda, Pin-768202 |

Further details can be seen from the e-Procurement portal http://www.tendersodisha.gov.in. Any addendum/corrigendum/cancellation of tender can also be in the said website only.

Sd./-
Executive Engineer
N.H.Division, Jharsuguda

**OIPR-34020/11/0005/2324**

---

E-Mail - sencrwangul@yahoo.co.in
Phone-06764-236404

**GOVERNMENT OF ODISHA**
**OFFICE OF THE CHIEF CONSTRUCTION ENGINEER**
**RURAL WORKS CIRCLE, ANGUL**

No. 3055 Dated : 02.12.2023

## Cancellation of Tender for Bridge Work

No. O-1712: The tender for work "Construction of Bridge over Lingara Nallah" on Kulei Beherabhuin road in the District of Angul under BSY for the year 2021-22 invited vide this office Tender Call Notice No. 1594 dt. 24.07.2023 (Bid Identification No. Bridge Online-AGL- 10) by the Procurement Officer, Chief Construction Engineer, Rural Works Circle, Angul is hereby cancelled due to single tender.

Sd./- Chief Construction Engineer
Rural Works Circle, Angul

OIPR-25180/11/0043/2324

---

**GOVT. OF ODISHA** No.A-934:
**OFFICE OF THE ENGINEER-IN-CHIEF, WATER RESOURCES, ODISHA, BHUBANESWAR**
**e-Procurement Notice No.CEMKS 15 of 2023-24**

1. Name of the Work: **Raising & strengthening of Arakhakuda Saline Embankment within RD 2.00 Km to 11.00 Km with construction of sluices.**
2. Amount put to Tender: Rs.21,06,05,297.00
3. Bid document Cost: Rs.10,000.00 (online)
4. E.M.D. : Rs.21,06,100.00
5. Class of Contractor : "Special" Class & "Super" Class
6. Period of Completion: 18 Calendar Months
7. Other details are as follows:

| Procurement Officer | Bid Identification No. | Availability of Tender Online for bidding | | Date of Opening of Technical Bid (Cover-I) |
|---|---|---|---|---|
| | | From | To | |
| Chief Engineer & BM, Mahanadi Kathajodi system, Bhubaneswar | CEMKS PID 06 of 2023-24 | 06.12.2023 10.00 hrs. | 20.12.2023 17.00 hrs. | 21.12.2023 11.00 hrs. |

8. e-mail id: celmbbbsr@yahoo.co.in

Further details conditions can be seen from the Govt. website www.tendersodisha.gov.in.
The Corrigendum/Cancellation of Tender, if any, will be uploaded and can be seen from the above website only.

**Sd./- Chief Engineer & Basin Manager**
**Mahanadi Kathajodi system, Bhubaneswar**

OIPR-32252/11/0019/2324

---

**ODISHA MINING CORPORATION LIMITED**
OMC House, Bhubaneswar-751001,Odisha
CIN: U13100OR1956SGC000313, www.omcltd.in
OMC | ODISHA NEW OPPORTUNITIES — Mining Happiness

## ନୋଟିସ୍

ପତ୍ର ସଂଖ୍ୟା ୨୦୦୫୮/ଓଡ଼ିଶା ଖଣି ନିଗମ/କାର୍ମିକ/୨୦୨୩ ତା: ୦୪।୧୨।୨୦୨୩

ପ୍ରାପ୍ତେଷୁ,

| ବର୍ତ୍ତମାନର ଠିକଣା | ସ୍ଥାୟୀ ଠିକଣା |
|---|---|
| ଶ୍ରୀ ଛବି ବାରିକ | ଶ୍ରୀ ଛବି ବାରିକ |
| ଟ୍ରକ ହେଲପର, ଏମ୍ପ୍ଲୋଇ ନଂ. ୯୯୦୦୩୪୪୯ | ଗ୍ରାମ/ପୋଷ୍ଟ: ଗୋପୀନାଥପୁର, |
| ଆଞ୍ଚଳିକ କାର୍ଯ୍ୟାଳୟ, ଗନ୍ଧମାର୍ଦ୍ଦନ | ଥାନା: ବଡ଼ମ୍ବା |
| ଓଡ଼ିଶା ଖଣି ନିଗମ | ଜିଲ୍ଲା: କଟକ, ପିନ୍: ୭୫୪୨୦୦ |

ଏତଦ୍ୱାରା ଆପଣଙ୍କୁ ଜଣାଇ ଦିଆଯାଉଅଛି ଯେ, ଆପଣ ଓଡ଼ିଶା ଖଣି ନିଗମ, ଗନ୍ଧମାର୍ଦ୍ଦନ ଖଣିରେ ଟ୍ରକ ହେଲପର ଭାବେ କାର୍ଯ୍ୟ କରୁଥିବା ସମୟରେ ତା୦୧.୦୯.୨୦୧୨ରିଖଠାରୁ ଆଜି ପର୍ଯ୍ୟନ୍ତ ବିନା ଅନୁମତିରେ କାର୍ଯ୍ୟରୁ ଅନୁପସ୍ଥିତ ରହିଅଛନ୍ତି । ତେଣୁ ବିଭିନ୍ନ ସମୟରେ ପତ୍ର ମାଧ୍ୟମରେ ଆପଣଙ୍କୁ ତୁରନ୍ତ କାର୍ଯ୍ୟରେ ଯୋଗଦେବା ପାଇଁ ଆପଣଙ୍କ ସ୍ଥାୟୀ ଓ ବର୍ତ୍ତମାନ ଠିକଣାରେ ରେଜିଷ୍ଟ୍ରି ଡାକଯୋଗେ ଯୋଗାଯୋଗ କରାଯାଇଥିଲା । ମାତ୍ର ସମସ୍ତ ପତ୍ର ବିନା ପ୍ରାପ୍ତିରେ ଫେରି ଆସିଥିଲା। ଏଣୁ ପରବର୍ତ୍ତୀ ସମୟରେ ଆପଣଙ୍କ ଉପରୋକ୍ତ ଅନଧିକୃତ ଅନୁପସ୍ଥିତି ଓ କର୍ତ୍ତବ୍ୟରେ ଅବହେଳା ପାଇଁ ଦୈନିକ ଖବରକାଗଜ ସମାଜ ତା୨୨.୦୬.୨୦୧୩ରେ ଅଭିଯୋଗ ପତ୍ର (ଚାର୍ଜ ସିଟ୍) ପ୍ରକାଶିତ ହୋଇଥିଲା । ଆପଣ ଉପରୋକ୍ତ ଅନଧିକୃତ ଅନୁପସ୍ଥିତିର ଦୋଷୀ ସାବ୍ୟସ୍ତ ହୋଇଥିଲେ ଓ ଦଣ୍ଡ ସ୍ୱରୂପ ଆପଣଙ୍କୁ ସେବାରୁ ବାଧ୍ୟତାମୂଳକ ଅବସର ନିମନ୍ତେ ମୁଖ୍ୟ କାର୍ଯ୍ୟାଳୟ ଜ୍ଞାପନ ସଂଖ୍ୟା ୮୪୩୩ ତା୨୬.୦୫.୨୦୨୩ ମାଧ୍ୟମରେ ପ୍ରସ୍ତାବ ଦିଆଯାଇଥିଲା । ଉପରୋକ୍ତ ଜ୍ଞାପନ ଆପଣଙ୍କ ସ୍ଥାୟୀ ଓ ବର୍ତ୍ତମାନ ଠିକଣାରେ ଡାକଯୋଗେ ପ୍ରେରିତ କରାଯାଇଥିଲା । କିନ୍ତୁ ଉକ୍ତ ଜ୍ଞାପନ ପୋଷ୍ଟ ଅଫିସ ଦ୍ୱାରା ଟିପ୍ପଣୀ ସ୍ୱରୂପ "Insufficient Address" ସହିତ ଆମ୍ଭ ନିକଟକୁ ଫେରିଆସିଛି । ଉକ୍ତ ଜ୍ଞାପନର ଅବିକଳ ନକଲ ଏଠାରେ ସଂଲଗ୍ନ କରାଯାଇଅଛି ।

ଏଣୁ, ଏତଦ୍ୱାରା ଆପଣଙ୍କୁ ପୁନଶ୍ଚ ଅବଗତ କରାଯାଉଅଛି ଯେ, ଉପରୋକ୍ତ ଜ୍ଞାପନ ସମ୍ବନ୍ଧରେ ସନ୍ତୋଷଜନକ ଉତ୍ତର ଏହି ବିଜ୍ଞପ୍ତି ପ୍ରକାଶ ପାଇବାର ୧୫ (ପନ୍ଦର) ଦିନ ମଧ୍ୟରେ ଦାଖଲ କରିବାକୁ ପରାମର୍ଶ ଦିଆଯାଉଅଛି ଏବଂ ଆପଣ ଯଦି ଏଥିରେ ବିଫଳ ହୁଅନ୍ତି, ଆଗକୁ ବିନା କୌଣସି ସୂଚନାରେ ଆପଣଙ୍କ ବିରୁଦ୍ଧରେ ପ୍ରସ୍ତାବିତ ଦଣ୍ଡକୁ ସୁନିଶ୍ଚିତ କରାଯିବ ।

**ପରିଚାଳନା ନିର୍ଦ୍ଦେଶକଙ୍କ ଆଦେଶକ୍ରମେ**
**ସ୍ୱା./- ମହାପ୍ରବନ୍ଧକ (କାର୍ମିକ ଏବଂ ପ୍ରଶାସନ)**

**No. 8433/OMC/Persnl/2023** **Date: 26.05.2023**

## MEMO

Whereas, a disciplinary proceeding was initiated against Sri Chhabi Barik, Truck Helper, Emp. No-99003449, Gandhamardan Iron Ore Mines and the charge sheet was published on daily newspaper "The Samaj" dtd 22.06.2013 for gross misconduct, negligence in duty, unauthorized absence from duty from 01.09.2012 onwards and disobedience of orders of higher authorities.

And whereas, Sri Barik did not submit any written statement of defence in response to the above proceeding and remained silent.

And whereas, a departmental inquiry was conducted by appointing Inquiring Officer and Presenting Officer as per Rule 14(d) & (e) of OMCS (CC&A) Rules, 1976 to inquire into the charges framed against Sri Barik vide office order No. 10471 dtd 06.08.2013.

And whereas, an inquiry notice was issued to Sri Barik in order to attend the inquiry on 23.08.2013 at 11.00 AM at Regional Office, Gandhamardan Iron Ore Mines but Sri Barik did not attend the inquiry. However, his family members (mother, spouse, son) were present before the Inquiring Officer during the course of the inquiry.

And whereas, the Inquiring Officer conducted the inquiry based on the available records, interaction with the witnesses and found him guilty of remaining absent unauthorizedly w.e.f 01.09.2012 & for negligence in duty etc., and submitted his inquiry report on 29.08.2013.

And whereas, Sri Barik has not resumed his duty till date. Hence, considering the facts, circumstances of the case and findings of the Inquiring Officer, being the Disciplinary Authority, I am of the considered opinion that ends of justice would be met by way of imposition of major penalty of "**Compulsory Retirement**" in terms of Rule-11(b) (vii) of OMCS (CC&A) Rules,1976.

And whereas, being the Disciplinary Authority, I propose to impose the aforesaid major penalty of "**Compulsory Retirement**" **from the OMC service w.e.f the date of unauthorised absence i.e 01.09.2012.**

And Whereas, Sri Barik is called upon to explain within 15(fifteen) days of receipt of this memo as to why the above major penalty shall not be imposed on him. A copy of the Inquiry Report along with other documents are enclosed for kind reference of Sri Barik.

**Enclosed :-As above.**

**Sd./- Managing Director-cum-Disciplinary Authority**

---

**Government of Odisha** No.O-1713:
**Office of the Chief Construction Engineer, Rural Works Circle, Angul**
**E-mail:sencrwangul@yahoo.co.in, Phone:06764-236404**
**e-Procurement Notice for Road works in Odisha**

**No.3060** **Dt.2.12.23**

1. Name of the Work: Road Works, 2. Total No. of Work: 02 Nos. 3. Estimated Cost: Rs.158.28 to 811.06 Lakhs. 4. Class of Contractor: As per Annexure. 5. Period of Completion: As per Annexure. 6. Other details.

| Procurement Officer | Bid Identification No. | Availability of Tender online for bidding | | Last date & time of seeking tender clarification | Date & Time of opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Angul | Road Online- AGL-32/2023-24 | 13.12.2023 at 10.00 AM | 28.12.2023 upto 5.00 PM | 27.12.2023 upto 1.00 P.M. | 29.12.2023 at 11.00 A.M. | Will be intimated separately |

For detailed Notice Inviting Tenders, please visit to the website www.tendersorissa.gov.in.

**Sd./- Chief Construction Engineer, Rural Works Circle, Angul**
**OIPR-25180/11/0042/2324**

---

See Career Appointment on every **Wednesday & Saturday**

---

**GOVERNMENT OF ODISHA**
**OFFICE OF THE EXECUTIVE ENGINEER, UPPER INDRAVATI LIFT CANAL DIVISION**
**AT-KUSUMKHUNTI, P.O-DONGRIGUDA, DIST:KALAHANDI, ODISHA,PIN:766017**
**e-mail address:eelcdkusumkhuntiuiip@gmail.com**
**REQUEST FOR PROPOSAL NO.EE.LCD-RFP(01)/2023-24**

**No.A-922:**1. Type of Work: Preparation of detailed Architectural consultancy Services (Plan, Estimate, Design, DPR, Drawing works and supervision at stages during construction and completion) for Construction of Museum, Park Complex at Mangalpur in the District of Kalahandi (Phase-2).2. Total No. of Works: 01 No. 3. Tender Paper Cost: Rs.10,000/-. 4. Earnest Money Deposit: Rs.11,500/- 5. Period of Completion: 12 (Twelve Calendar Months). 6. Class of Contractor: Reputed consultancy firm registered under Registrar of firms or Indian Company Act 1956.

| Procurement Officer | e-Procurement Notice No. | Availability of online viewing of Tender priorto Bidding | | Pre-bid conference as well as last date for seeking clarification | Submission & Availability bid online | Date & Time of opening of Technical Bid |
|---|---|---|---|---|---|---|
| | | From | To | | | |
| 1 | 2 | 3 | 4 | 5 | 6 | 7 |
| Executive Engiener, Upper Indravati Lift Canal Division, At-Kusumkhunti, Po-Dongriguda, Dist-Kalahandi, Odisha, Pin- 766017 | EE, LCD RFP-(01)/2023-24 dt.28.11.2023 | 05.12.2023 (10.00 AM) | 10.12.2023 Upto 5.00 PM | 11.12.2023 11.30 AM in the O/o. the EE, U.I. Lift Canal Division, Kusumkhunti | 11.12.2023 (13.00 PM) to 26.12.2023 (upto 5.00 PM) | 27.12.2023 at 11.00 AM |

Date of opening of technical bid: Dt.27.12.2023 at 11.00 AM in the O/o the EE, U.I. Lift Canal Division, Kusumkhunti, Kalahandi, Odisha,Pin-766017. Date of Opening of financial bid: To be decided after finalization of Technical Bid. Further details can be seen from the Govt. website www.tendersorissa.gov.in. Authority reserves the right to reject/cancel the tender without assigning any reason at any time thereof.

**Sd./- Executive Engineer,**
**Upper Indravati Lift Canal Division, Kusumkhunti**

**OIPR-32126/11/0009/2324**

---

**OFFICE OF THE SUPERINTENDING ENGINEER**
**MINOR IRRIGATION DIVISION, BOUDH**
**GOVERNMENT OF ODISHA e-Procurement Notice**
**Bid Identification No. 13/BMID/2023-2024**
**E-mail ID: bmidbdh@gmail.com**
**Letter No. 1945/ Date 01.12.2023**

No.A-925

| | | | |
|---|---|---|---|
| 01 | Name of work | : | Construction of New Check Dams of Boudh District under (MATY) Scheme for 2023-2024 of MI Division, Boudh |
| 02 | Number of Work | : | 07 (Seven) Nos. |
| 03 | Tender Amount | : | Varies from Rs.33.30 Lakhs to Rs.49.23 Lakhs |
| 04 | Class of Contractor | : | "C" & "B" |
| 05 | Tender Paper Cost (Online) | : | Rs.6000/- |
| 06 | Period of Completion | : | 06 (Six) Calendar Months |
| 07 | Availability of Bid Document | : | From 07.12.2023 at 10.00 AM to 19.12.2023 at 05.00 PM in website (www.tendersorissa.gov.in) |
| 08 | Last date & Time of receipt of Bid | : | 19.12.2023 at 05.00 PM through online. |
| 09 | Date of opening of Bid Documents | : | 20.12.2023 at 11.00 A.M. in the office of the SE, M.I. Division, Boudh |
| 10 | Date of Lottery if required | : | 30.12.2023 |
| 11 | Digital Signature Certificate of Bidder | : | The bidder must process compatible digital signature certificate (DSC) |
| 12 | Name and address of the OIT | : | Superintending Engineer, M.I. Division, Boudh, At/PO: Malisahi, District:- Boudh, PIN-762014 |

Further details can be seen from the Government of Odisha Website: **www.tendersorissa.gov.in.**

**Sd./- Superintending Engineer, M.I. Division, Boudh**
OIPR-32279/11/0007/2324

---

**OFFICE OF THE TREASURY OFFICER, SPECIAL TREASURY NO.-1, BHUBANESWAR**
**********

**TENDER CALL NOTICE**

Bid Reference No. 2039/Try. Date: 02.12.2023

No. S-32: Bids in sealed covers are invited under two-systems (Technical & Financial) from reputed and experienced Manpower Service Providers to provide services of Total **07 (Seven)** nos. of Outsource Personnel for engagement as **i) Cleaning & Sanitation (03 nos.) and ii) Security Personals (04 nos.)** for a period of 01(one) year from the date of actual engagement in terms of Finance Department Circle No. 49134/F dated 29.11.2010, No. 28090/F dated 22.09.2017 & No.11835/F dated 31.03.2018 in o/o the Treasury Officer, Special Treasury No.-1, Bhubaneswar.

Bidders are required to submit the Technical and Financial Bids separately. The bids in Sealed Cover-I containing **"Technical Bid"** and Sealed Cover-II containing **"Financial Bid"** should be placed in a third sealed cover super-scribed **"Bid for Cleaning & Sanitation / Security Service separately as the case may be"** must reach the undersigned by **5pm on 20.12.2023** by ***Speed Post / Registered Post / Courier /*** **Drop box kept** in 3rd floor in o/o the Treasury Officer, Special Treasury No.1, Bhubaneswar. The Technical bids will be opened in the office chamber of the Treasury Officer on **dt. 21.12.2023 at 2pm.**

The bid documents containing eligibility criteria, scope of the work, terms and conditions of the tender may be obtained from o/o **the Treasury Officer, Special Treasury No.1, Bhubaneswar** on payment of non-refundable amount of Rs.500/- in form of **Demand Draft** in favour of **the Treasury Officer, Special Treasury No.1, Bhubaneswar** drawn in any scheduled bank and payable at Bhubaneswar on any working day from the date of publication of Tender Call Notice.

The Authority reserves the right to reject any or all bids and terminate the tender process without assigning any reason thereof.

Sd./- TREASURY OFFICER
Special Treasury No-1, Bhubaneswar

OIPR-05007/11/0001/2324

---

**OFFICE OF THE DHENKANAL MUNICIPAL COUNCIL, DHENKANAL**
**No.C-2003:**
**E-Procurement Notice**
**Tender Call Notice No.4734/DKLMPLTY/Date 01.12.2023**

| | | | |
|---|---|---|---|
| 1. | Name of the Work | : | Individual Civil Construction Work published the website |
| 2. | No. of Works put to tender | : | 10 Nos. individual works |
| 3. | Estimated Cost | : | Rs.2.755 lakhs upto 12.71 lakhs |
| 4. | Period of Completion | : | 30 Days |
| 5. | Date and Time of availability of bid document in the Portal | : | From 11.00 hours of Dt.05.12.2023 to 17.30 of Dt.11.12.2023 |
| 6. | Last date/time for receipt of bids | : | 17.30 hours of Dt.11.12.2023 |
| 7. | Date and Time of opening of bid | : | 11.00 hours of Dt.13.12.2023 |
| 8. | Name and address of the Officer Inviting Bid | : | Executive Officer, Dhenkanal Municipality, Dhenkanal |

Further details can be seen from the e-procurement portal **https://tenderorissa.gov.in**

**Sd./- Executive Officer**
**Dhenkanal Municipality**

**OIPR-13146/11/0032/2324**

---

**ODISHA STATE AGRICULTURAL MARKETING BOARD (OSAMB)**
**(A Statutory Organisation of Govt. of Odisha)**
Plot No. 1800(P), Baramunda, Post-Khandagiri, Near Indian Oil Petrol Pump, Bhubaneswar
Ph. No. 0674-2952410, Email : osamboard99@yahoo.com

No. 02 Dated : 02.12.2023

**EXPRESSION OF INTEREST FOR EMPANELMENT OF AGENCIES FOR DISTRICT AND STATE LEVEL BUYER SELLER MEET**

**OSAMB invites Expression of Interest (EOI) for Empanelment of Agencies for District and State Level Buyer Seller Meet**

No. CAD-3142: The EOI documents covering the details of information, eligibility criteria, selection process and other terms & conditions can be downloaded from https://osamb.odisha.gov.in from 04.12.2023. The last date for submitting the EOI documents through Regd / Speed post is 26.12.2023 by 5 P.M. The Submission of queries is by **5.00** PM of 08.12.2023. The technical bids will be opened on 28.12.2023 at 11 A.M. The Authority reserves the right to reject any / all proposals without assigning any reason thereof.

**Sd./- General Manager**
**OSAM Board, Bhubaneswar**

**OIPR-01444/11/0013/2324**

---

E-Mail - sencrwangul@yahoo.co.in
Phone-06764-236404

**GOVERNMENT OF ODISHA**
**OFFICE OF THE CHIEF CONSTRUCTION ENGINEER**
**RURAL WORKS CIRCLE, ANGUL**

No. 3070 Dated : 02.12.2023

## Cancellation of Tender for Road Work

No. O-1711: The tender for the work (1) Construction of road from Jokapani to Keonjhar District Boundary (Saruali) road under CMRL in the District of Angul and (2) Construction of Kamakhyanagar PWD road from Mahulpal Bridge to Bhagirathipur Kunduposi Canal road Kadua up to Smatangi road under TRIP invited vide this office Tender Call Notice No. 2623 dt. 18.10.2023 (Bid Identification No. Road Online -AGL-25) by the Procurement officer, Chief Construction Engineer, Rural Works Circle, Angul are hereby cancelled due to 1st time single tender and technically disqualified respectively.

Sd./- Chief Construction Engineer
Rural Works Circle, Angul

**OIPR-25180/11/0041/2324**

---

**NOTIFIED AREA COUNCIL, DIGAPAHANDI GANJAM, ODISHA,PIN-761012**
**Ph:06814-247330,06814-247331, E-mail:dgp_nac@yahoo.com**
**Letter No.3434/DIGNAC//Date 02.12.2023**
**QUOTATION CALL NOTICE**

**No.C-2005:**Sealed Quotations are invited from different manufacturers/Authorised dealers/ Suppliers (Priority will be given those firms having online GEM portal Registration/MSME certificates) for supply of items mentioned below. The rate should be quoted against the item excluding all taxes and delivery charges of the goods at NAC, Digapahandi. The quotationers/bidders must enclose their upto date GST return filling Registration certificate, PAN card, Copy of latest IT return etc. The quotationers/ bidders shall be required to produce the original copy of the required documents before the undersigned at the time of opening of Quotation Certification. The schedule is available in NAC, Digapahandi in office hours. (i.e. from 2.12.2023 to 12.02.2023. The Quotation should reach to the undersigned by hand/ by Regd. post/ Dropped in Office sealed Tender Box on or before Date 13.12.2023, Time-5.00 P.M. Same will be opened on Date 14.12.2023, Time-11.00 A.M. in presence of respective quotationers or their authorised representatives if the opening date will be holiday then the tender will be opened on next date. The authority reserves the right to reject any or all the quotations without assigning any reason thereof.

| Item description | Paper Cost | EMD Rs. |
|---|---|---|
| Sanitary goods detail in NAC, Digapahandi office schedule | Rs.200/- (Rupees Two hundred) only | Rs.5000.00 (Five thousand) only |

**OIPR-13117/11/0017/2324**

**Sd./- Executive Officer**
**N.A.C., Digapahandi**

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ବ୍ରହ୍ମପୁର, ହିଞ୍ଜିଳିରୁ ନବୀନ ନିର୍ବାଚନ ଲଢ଼ିବା ନେଇ ଚର୍ଚ୍ଚା

**ବ୍ରହ୍ମପୁର,୫।୧୨(ନରସିଂହ ସାହୁ)**

ଆଗାମୀ ୨୦୨୪ ସାଧାରଣ ନିର୍ବାଚନରେ ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବ୍ରହ୍ମପୁର ଓ ହିଞ୍ଜିଳି ବିଧାନସଭା ଆସନରୁ ଲଢ଼ିବା ନେଇ ଗଞ୍ଜାମ ଜିଲା ରାଜନୀତିରେ ଚର୍ଚ୍ଚା ଜୋର ଧରିଛି । ଦୁଇଟିଯାକ ଆସନରେ ଜିତିଲେ ଗୋଟିଏରୁ ଇସ୍ତଫା ଦେବେ ଓ ସେଠାର ଉପନିର୍ବାଚନରେ ଦଳର ଜଣେ ପ୍ରଭାବଶାଳୀ ନେତା ମଇଦାନକୁ ଓହ୍ଲାଇବେ ବୋଲି ଆଲୋଚନା ଚାଲିଲାଣି। ସୂଚନାଯୋଗ୍ୟ, ବ୍ରହ୍ମପୁର ବିଧାୟକ ବିକ୍ରମ ପଣ୍ଡାଙ୍କୁ ଗତ ଅକ୍ଟୋବର ୧୧ରୁ ପଡ଼ୋଶୀ ଗୋପାଳପୁରର ସାଙ୍ଗଠନିକ ଓ ଅନ୍ୟ ଦାୟିତ୍ୱ ଦିଆଯାଇଛି। ଆଗାମୀ ନିର୍ବାଚନରେ ତାଙ୍କୁ ବିଧାୟକ ପ୍ରାର୍ଥୀ କରାଯିବା ନେଇ ତାଙ୍କ ସମର୍ଥକଙ୍କଠାରୁ ଶୁଣିବାକୁ ମିଳୁଛି। ତେଣୁ ଗୋପାଳପୁରରେ ବିଗିଡ଼ି ଯାଇଥିବା ବିଜେଡି ସଂଗଠନକୁ ସଜାଡ଼ିବାରେ ସେ ଲାଗିଛନ୍ତି। ବିକ୍ରମଙ୍କ ଉତ୍ତରାଧିକାରୀ ହେବାକୁ ମହାନଗରର କେତେକ ଦଳୀୟ ନେତା ଓ କର୍ମୀ ସଜବାଜ ହେଉଥିବା ବେଳେ ପରିଶେଷରେ ନବୀନ ହିଁ ପ୍ରତିଦ୍ୱନ୍ଦ୍ୱିତା କରିବା ନେଇ ଏଠାରେ ଚର୍ଚ୍ଚା ଚାଲିଲାଣି।

ଗତ କିଛି ମାସ ହେବ ମହାନଗରରେ ବିକାଶ କାର୍ଯ୍ୟକ୍ରମକୁ ସରକାରୀ ସ୍ତରରେ ଗୁରୁତ୍ୱ ଦିଆଯାଇଛି। ବଡ଼ବଡ଼ିଆ ଅଧିକାରୀମାନେ ସବୁ ୱାର୍ଡ ବୁଲି ତଦାରଖ କରୁଛନ୍ତି। ଦଳର କର୍ପୋରେଟରଙ୍କୁ ସାଥିରେ ନେଇ ଲୋକଙ୍କ ସମସ୍ୟା ବୁଝୁଛନ୍ତି। ଏମ୍‌ପି, ବିଧାୟକ ଓ ମେୟର ମଧ୍ୟ ଉନ୍ନୟନ କାର୍ଯ୍ୟ ତଦାରଖ କରୁଛନ୍ତି। ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ୍ ତାଙ୍କ ବ୍ରହ୍ମପୁର ଗସ୍ତ ଅବସରରେ ବିଭିନ୍ନ କାର୍ଯ୍ୟ ନିମନ୍ତେ ଦେଇଥିବା ପ୍ରତିଶ୍ରୁତି ଅନୁସାରେ ବହୁ କୋଟି ଟଙ୍କା ସରକାରୀ ଅନୁଦାନ ମଞ୍ଜୁର ହୋଇଛି। ସେସବୁ ଠିକଣା ଭାବରେ ବିନିଯୋଗ ସାଙ୍ଗକୁ ନିର୍ଦ୍ଧାରିତ ସମୟରେ ସାରିବାକୁ ପାଣ୍ଡିଆନ ପରାମର୍ଶ ଦେଇଛନ୍ତି। ମେୟର, ଡେପୁଟି ମେୟର ଓ ବିଜେଡିରୁ ନିର୍ବାଚିତ କର୍ପୋରେଟରମାନଙ୍କୁ ଭୁବନେଶ୍ୱର ଡକାଇ ଏକାଧିକ ଥର ସମୀକ୍ଷା କରିଛନ୍ତି। ପାଣ୍ଡିଆନ୍ ବିଜେଡିରେ ମିଶିବା ଦିନ ତାରାତାରିଣୀ ଶକ୍ତିପୀଠକୁ ଆସିଥିଲେ। ବ୍ରହ୍ମପୁର ନେତା ଓ କର୍ମୀଙ୍କ ସହ ଆଲୋଚନା କରି ଦଳର ସଙ୍ଗଠନ ସୁଦୃଢ଼ ପାଇଁ ମନ୍ତ୍ର ଫୁଙ୍କିଥିଲେ।



ନବୀନ ପଟ୍ଟନାୟକ

ଉଲ୍ଲେଖଯୋଗ୍ୟ, ମହାନଗରର ୪୨ୱାର୍ଡ ମଧ୍ୟରୁ ୩୬ଟିକୁ ନେଇ ବ୍ରହ୍ମପୁର ବିଧାନସଭା ନିର୍ବାଚନମଣ୍ଡଳୀ ଗଠନ ହୋଇଛି। ଗୋଟିଏ ବି ପଞ୍ଚାୟତ ନଥିବାରୁ ଏହି ଆସନ ଅତି ସୁବିଧା ଜନକ ହୋଇଛି। ତେଣୁ ଏହି ଆସନ ନବୀନଙ୍କ ପାଇଁ ଉପଯୁକ୍ତ ହେବାର ବିଜେଡି ଲକ୍ଷ୍ୟ ରଖିଛି। ଅନ୍ୟପକ୍ଷରେ ୨୦୦୦ରୁ ୨୦୧୯ ମଧ୍ୟରେ ହୋଇଥିବା ୫ ନିର୍ବାଚନରେ ବିଜେଡି ସଭାପତି ଲଗାତର ଜିତି ୫ମ ପାଳି ମୁଖ୍ୟମନ୍ତ୍ରୀ ହୋଇଛନ୍ତି ଓ ଜାତୀୟ ରାଜନୀତିରେ ଚର୍ଚ୍ଚିତ ହୋଇଛନ୍ତି। ୨୦୨୪ ନିର୍ବାଚନରେ ଲଢ଼ି ଷଷ୍ଠଥର ମୁଖ୍ୟମନ୍ତ୍ରୀ କରାଇବାର ବିଜେଡି ରଣନୀତି ପ୍ରସ୍ତୁତ କରିଛି। କେବଳ ବ୍ରହ୍ମପୁର ଓ ହିଞ୍ଜିଳି ନୁହେଁ, ସମଗ୍ର ଜିଲାରେ ନବୀନଙ୍କ ଲୋକପ୍ରିୟତା ବଢ଼ି ଚାଲିଛି। ଏଭଳି ସ୍ଥିତିରେ ନବୀନ ତାଙ୍କ ଗଞ୍ଜାମ ଜିଲା ରାଜନୀତିରେ ପ୍ରଥମ କରି ଦୁଇ ଆସନରୁ ପ୍ରତିଦ୍ୱନ୍ଦ୍ୱିତା କରି ଚମକାଇବେ ବୋଲି ରାଜନୀତି ସମୀକ୍ଷକ ଆକଳନ କରିଛନ୍ତି। ମୁଖ୍ୟମନ୍ତ୍ରୀ ବ୍ରହ୍ମପୁର ଆସନରୁ ପ୍ରାର୍ଥୀ ହେବା ନେଇ ଜଣେ ପ୍ରଭାବଶାଳୀ ବିଧାୟକ ପରୋକ୍ଷରେ ସୂଚନା ଦେଇଛନ୍ତି।

# ରାହୁଲ ଗାନ୍ଧୀ ଭାଜପା ଗଡ଼ରୁ ନିର୍ବାଚନ ଲଢ଼ନ୍ତୁ: ଗୋବିନ୍ଦନ୍



**ନୂଆଦିଲ୍ଲୀ,୫।୧୨**

ରାଜସ୍ଥାନ, ମଧ୍ୟପ୍ରଦେଶ ଓ ଛତିଶଗଡ଼ରେ କଂଗ୍ରେସ ପରାଜିତ ହେବା ପରେ ଏବେ ଏହାର ନେତୃତ୍ୱକୁ ନେଇ ନାନା ପ୍ରଶ୍ନ ଉଠିବାରେ ଲାଗିଛି। ତେବେ ରାହୁଲ ଗାନ୍ଧୀ ୨୦୨୪ ନିର୍ବାଚନ ୱାୟନାଡ ବଦଳରେ ଭାଜପା ଗଡ଼ ଉତ୍ତର ଭାରତରୁ ଲଢନ୍ତୁ ବୋଲି ବିରୋଧୀ ମେଣ୍ଟ 'ଇଣ୍ଡିଆ'ର ସହଯୋଗୀ ସିପିଏମର ବରିଷ୍ଠ ନେତା ଏମବି ଗୋବିନ୍ଦନ୍ ପରାମର୍ଶ ଦେଇଛନ୍ତି। ଏକ ଜାତୀୟ ଗଣମାଧ୍ୟମକୁ ସାକ୍ଷାତକାର ଦେବା ଅବସରରେ କେରଳର ଏହି ସିପିଏମ୍ ନେତା କହିଛନ୍ତି, କଂଗ୍ରେସର ଏଭଳି ପରାଜୟକୁ ନେଇ ଯେକେହି ବି କହିବ ଯେ, ରାହୁଲ ଆଗାମୀ ନିର୍ବାଚନ ୱାୟନାଡରୁ ନ ଲଢନ୍ତୁ। କାରଣ କେରଳରେ ଭାଜପା ନାହିଁ। ରାହୁଲ ଭାଜପା ବିରୋଧରେ ନିର୍ବାଚନ ଲଢିବା ଆବଶ୍ୟକ। କିନ୍ତୁ ଏଲଡିଏଫ୍ ବିରୋଧରେ ନୁହେଁ। ଯଦି ରାହୁଲ ଏଲଡିଏଫ୍ ବିରୋଧରେ ନିର୍ବାଚନ ଲଢନ୍ତି ତେବେ ଏଇ ସନ୍ଦେଶ ଯିବ ଯେ ରାହୁଲ ଭାଜପା ବିରୋଧରେ ନୁହେଁ ବାମ ଦଳ ବିରୋଧରେ ଲଢୁଛନ୍ତି। ତେଣୁ ରାହୁଲଙ୍କୁ ଭାଜପା ଗଡ଼କୁ ଯାଇ ନିର୍ବାଚନ ଲଢିବା ଉଚିତ ବୋଲି ଗୋବିନ୍ଦନ କହିଛନ୍ତି।

# ସଂସ୍କୃତ ଭାଷା ଜ୍ଞାନବିଜ୍ଞାନ ପ୍ରବାହର ମାଧ୍ୟମ ଥିଲା: ଧର୍ମେନ୍ଦ୍ର



**ଭୁବନେଶ୍ୱର, ୫।୧୨(ସୁନିତ୍ ମିଶ୍ର)**

ପ୍ରାଚୀନ କାଳରେ ସଂସ୍କୃତ ଭାଷା ଜ୍ଞାନ ବିଜ୍ଞାନ ପ୍ରବାହର ମାଧ୍ୟମ ଥିଲା। ବର୍ତ୍ତମାନ ସମୟରେ ସଂସ୍କୃତ ଅଧ୍ୟୟନରେ ନୂତନ ଦୃଷ୍ଟିଭଙ୍ଗୀ ଆସିବା ଜରୁରୀ ବୋଲି ମଙ୍ଗଳବାର ନୂଆଦିଲ୍ଲୀସ୍ଥିତ ଲାଲବାହାଦୁର ଶାସ୍ତ୍ରୀ ରାଷ୍ଟ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟର ପ୍ରଥମ ସମାବର୍ତ୍ତନ ସମାରୋହରେ ଯୋଗଦେଇ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ଧର୍ମେନ୍ଦ୍ର କହିଛନ୍ତି, ବର୍ତ୍ତମାନ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦୂରଦୃଷ୍ଟି କାରଣରୁ ହିଁ ସଂସ୍କୃତ ଶିକ୍ଷା ଏବଂ ସଂସ୍କୃତର ପ୍ରଚାରପ୍ରସାରରେ ନୂଆ ଉପକ୍ରମ ଯୋଡ଼ିହେଉଛି। ୩ଟି ସଂସ୍କୃତ ବିଶ୍ୱବିଦ୍ୟାଳୟର ପୁନଃ ସଂରଚନା କରି ପ୍ରଧାନମନ୍ତ୍ରୀ ଭାରତର ମୂଳ ବିଦ୍ୟାଭଣ୍ଡାରକୁ ସଂରକ୍ଷିତ କରିବା ପାଇଁ ପ୍ରୟାସକୁ ଅଧିକ ଗତି ଦେଇଛନ୍ତି। ସଭ୍ୟତାର ସବୁଠୁ ପୁରୁଣା ଗ୍ରନ୍ଥ ବେଦ ସଂସ୍କୃତରେ ଲେଖାଯାଇଥିଲା। ବେଦ କେବଳ ଏକ ଗ୍ରନ୍ଥ ନୁହେଁ ବରଂ ସର୍ବବିଦ୍ୟାର ମହାଗ୍ରନ୍ଥ। ଏହିସବୁ ବିଷୟକୁ ସର୍ବଜନବିଦିତ କରିବାର ମାଧ୍ୟମ ହେଉଛି ସଂସ୍କୃତ। ବର୍ତ୍ତମାନ ସମୟରେ ସଂସ୍କୃତକୁ ନୂଆ ଦୃଷ୍ଟିକୋଣରେ ପଢ଼ିବା, ପଢ଼ାଇବା ଏବଂ ସଂସ୍କୃତରେ ଗବେଷଣାକୁ ପ୍ରୋତ୍ସାହିତ କରିବାର ଆବଶ୍ୟକତା ରହିଛି। ଜାତୀୟ ଶିକ୍ଷାନୀତି ଭାରତୀୟ ଭାଷାକୁ ପ୍ରାଥମିକତା ଦେଇଛି। ଏହି ଶିକ୍ଷାନୀତିରେ ଉଦ୍ଦେଶ୍ୟ ଅନୁସାରେ ଲାଲବାହାଦୁର ଶାସ୍ତ୍ରୀ ରାଷ୍ଟ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ ଭାରତୀୟ ଜ୍ଞାନ ପରମ୍ପରାକୁ ପୁନର୍ଜୀବିତ କରିବା ସହ ସଂସ୍କୃତ ସମେତ ଭାରତୀୟ ଭାଷା ଗୁଡ଼ିକୁ ସମୃଦ୍ଧ କରିବ।


**ଶୁଭ ବିବାହ ଶୁଭେଚ୍ଛା**



ପ୍ରୀତିକା ରାକେଶ

ବଡ଼ଙ୍ଗ, କୁଜଙ୍ଗ, ଜଗତ୍‌ସିଂହପୁର
ମନ୍ଦାରୀ, ବାସୁଦେବପୁର, ଭଦ୍ରକ

ଶୁଭ ସାହାନାଇ ମଙ୍ଗଳ ମହୁରୀ ବାଜୁଛି ଶଙ୍ଖ ତୁରୀ ଭେରୀ, ମା'ଶାରଳାଙ୍କ ପାଦପଦ୍ମେ ଗୁହାରି ଢାଳିଦିଅ ଆଶିଷ ବାରି।

ଶୁଭେଚ୍ଛା ସହ: କ୍ରିଷ୍ଣା, ବନ୍ଧୁ ଓ ପରିବାରବର୍ଗ ।

ଧ-୧୯୪୬


# କଂଗ୍ରେସ ମିଶ୍ରଣ ପର୍ବକୁ ନେଇ ତେଜିଲା ରାଜନୀତି

## ମୋରଡ଼ା ବିଧାୟକ-କଂଗ୍ରେସ ନେତା କଥା କଟାକଟି

**ମୋରଡ଼ା,୫।୧୨(ସ୍ୱାରକ ମାଜୀ)**

ମୟୂରଭଞ୍ଜ ଜିଲା ମୋରଡ଼ା ରାଜନୀତି ଏବେ ସରଗରମ ହେବାରେ ଲାଗିଛି। ମୋରଡ଼ା ବ୍ଲକ୍‌ର ଧଡ଼ାସାହି ପଞ୍ଚାୟତ ସମିତି ସଭ୍ୟ ସୁରାଇ ବେସ୍ରା ଓ ୬ ଜଣ ୱାର୍ଡ ସଭ୍ୟଙ୍କ ସହିତ ବିଜୁ ଜନତା ଦଳର ବହୁ ପୁରୁଖା କର୍ମୀ ରବିବାର କଂଗ୍ରେସରେ ଯୋଗ ଦେଇଥିଲେ। ତେବେ ମୋରଡ଼ା ବିଧାୟକ ରାଜକିଶୋର ଦାସ ଘଟଣାକୁ ସହଜରେ ହଜମ କରିପାରୁନାହାନ୍ତି। ମିଶ୍ରଣକୁ ନେଇ ବିଧାୟକ ଧଡ଼ାସାହି ପଞ୍ଚାୟତକୁ ଆସି କର୍ମୀଙ୍କ ସହିତ ଏକ ବୈଠକ କରି ସମିତି ସଭ୍ୟ ସୁରାଇ ବେସ୍ରାଙ୍କୁ ବୁଝାଶୁଝା କରିଥିବା ଆଲୋଚନା ହେଉଛି।

ଘଟଣା ବାବଦରେ ବିଧାୟକ କହିଛନ୍ତି, ଏମିତି ମିଶ୍ରଣ ପର୍ବ ହୁଏ ନାହିଁ। ଏଥି ସହିତ କଂଗ୍ରେସର ବିଧାୟକ ପ୍ରାର୍ଥୀ ପ୍ରଭାସକର ମହାପାତ୍ର ଆରଟିଆଇ ରିପୋର୍ଟ ମାଗିବାରେ ବ୍ୟସ୍ତ ରହିବା ସହିତ ଜନସାଧାରଣଙ୍କ କୌଣସି ସମସ୍ୟା ବୁଝନ୍ତି ନାହିଁ ବୋଲି ବିଧାୟକ କହିଥିଲେ। ଏ ସମ୍ପର୍କରେ ପ୍ରଭାସକର କହିଛନ୍ତି, ବିଧାୟକ ଛାନିଆ ହୋଇ ସମିତି ସଭ୍ୟଙ୍କ ଉପରେ କୌଣସି ମତେ ଚାପ ପକାଇଛନ୍ତି। ମୋରଡ଼ା ନିର୍ବାଚନମଣ୍ଡଳୀର ଉନ୍ନତି ପାଇଁ ଏ ପର୍ଯ୍ୟନ୍ତ ସେ ବିଧାନସଭାରେ କୌଣସି ପ୍ରଶ୍ନ କି ଦାବି ଉପସ୍ଥାପନା କରିନାହାନ୍ତି। ବିଧାୟକ ତାଙ୍କର ସହଯୋଗୀ ଓ ସମ୍ପର୍କୀୟଙ୍କ ମାଧ୍ୟମରେ ମୋରଡ଼ା ଅଞ୍ଚଳରୁ ବାଲି ଓ ମୋରମ ଚାଲାଣ କରି ରାଜସ୍ୱ ଲୁଟ୍ କରିବାରେ ବ୍ୟସ୍ତ। ତାଙ୍କ ସମୟରେ ନିର୍ବାଚନମଣ୍ଡଳୀରେ ଦୁର୍ନୀତି ଚରମ ସୀମାରେ ପହଞ୍ଚିଛି ବୋଲି ସେ କହିଥିଲେ। ଅନ୍ୟପକ୍ଷେ କଂଗ୍ରେସର ମିଶ୍ରଣ ପର୍ବ ସମ୍ପର୍କରେ ସମିତି ସଭ୍ୟ ସୁରାଇ କହିଛନ୍ତି, କିଛି ଅଣ ରାଜନୈତିକ ଲୋକ ତାଙ୍କୁ ଭୋଜି ପାଇଁ ଡାକିଥିଲେ। ସେ କିଛି ବୁଝି ନ ପାରି କଂଗ୍ରେସ ମିଶ୍ରଣରେ ସାମିଲ ହୋଇଥିଲେ। ବର୍ତ୍ତମାନ ସେ ବିଜୁ ଜନତା ଦଳରେ ଅଛନ୍ତି।


# Classified Everyday

0674-2580101, 2549949



MATRIMONIAL

**BRIDE WANTED**

Highly educated, Beautiful, fair with good permanent Govt./ Private Job, humble Christ-believer bride is required for a Bhubaneswar settled, highly qualified permanent job software engineer, handsome, fair ht. 5'11'' 30, parent well established in BBSR. Contact: 9437281290, 7077549777. D-1836

**GROOM WANTED**

Beautiful Gudia Girl 26+/ SBI Po (Caste No-Bar) 'SUHAG'. 9938199964. D-1957



REAL ESTATE

**SALE**

**Commercial plot: 3 sides road, facing to NH Nakhara to Niali road. Frontage 60 foot facing to South 10000 Sft. 8 Km. from Nakhara, 13 Km. from BBSR. 8249851363, 7809525452.** D-75072

2/3 BHK Apartments, Simplex, Duplex & Triplex with modern facilities like Swimming Pool, Club House, Landscape Garden etc. available for Sale at Haribhaina Chaka, Jatani Main Road. Contact: 7317316764. D-1919

**Twincity** ମଧ୍ୟଭାଗରେ **Grand Bazar (Nakhara NH-16)** ସମ୍ମୁଖରୁ ଅଳ୍ପ ଦୂରତାରେ ଘରବାରି **Plot** ସୁଲଭ ମୂଲ୍ୟରେ କିଣନ୍ତୁ। ଗୃହ ନିର୍ମାଣ କରନ୍ତୁ – **9658562429.** D-75276

Gharabari Boundary plot sale at- Balianta, Hanspal, Pahal, Benupur and Jaydebpitha @ 350/- 7735940233, 7657095962. D-75275

Book 3BHK, 4BHK premium flat at Saubhagya Nagar, OUAT square, Near Khimji & Narula Sweets, Handover Aug-2024. 7978584549. D-75506

ଭୁବନେଶ୍ୱର ଏୟାରପୋର୍ଟରୁ ୧୪କିମି, ଜଟଣୀ-ପିପିଲି ମେନ୍‌ରୋଡ଼ ପାଖରେ ୩୦ ଫୁଟ ରୋଡଥାଇ ଘରବାଡି ପ୍ଲଟ୍ ବର୍ଗଫୁଟକୁ- 850/-,1100/- କିଣି ଘର କରନ୍ତୁ। 9853150290. D-75274

**Fully developed residential plots at Dhauli, Balakati, Sundarpada and Rangabazar. Contact: 9438620034.** D-1937

2634sqft. stitibanghara badi plot W/ Boundary, front road for sale at Senapati Bagicha, Puri @ 75 Lakhs: negotiable. Contact No- 9437281290, 8895729136. D-1835

Email ମାଧ୍ୟମରେ କ୍ଲାସିଫାଏଡ୍‌କୁ ବିଜ୍ଞାପନ ପଠାଇବାର ଠିକଣା:– classifieddharitri@gmail.com



CONSTRUCTION

**Construct your Dream home @460/-, 850/-, 1325/- with Branded material along with 3 years AMC & 50 years structural guarantee. We provide plan approval, Boring, Bank estimate. Contact the Engineering Pvt. Ltd. 9439856856.** D-1789





**Full Body massage by experience therapist @999 only-9078484455 (Bhubaneswar).** D-1928

Newly open spa positively Heath benefits with expert therapist. 9040286886. D- 75173

**Ashirvaad Salon and SPA get good massage for your health tha best therapy. 7077181074.** D-75069

**Newly Healthcare benefited spa Experience Therapist in Bhubaneswar. Contact: 9938843929** D- 75172

**Relax, Refresh your body, Mind at Saikrupa Spa with best therapies. 8984068077.** D-1873

Asribada Panchakarma herbal SPA Kesharimall, Bhubaneswar. Contact: 8926173473. D-75066

**LOST**

I, Sri Sushil Ch. Sarkar, FN Late Kartik Sarkar, At- Jhatinuagaon Colony, PO.- Bhusandpur, Dist.- Khordha, my Registered Sale Deed No.-1849, dt.14.09.1987 has lost anywhere, its Khata No.-131/291, Plot No. is 271/607. If any person get my R.S.D. please contact me in this No.- 9777963740. D-1955

**AFFIDAVIT**

By virtue of an affidavit before Executive Magistrate, Tirtol, I SANGRAM KESHARI SAMAL, Village- Bikipur, P.O- Dagarpada, P.S- Tirtol, Dist.- Jagatsinghpur states that spelling of my name is SANGRAM. But wrongly it is recorded SANGRM by omitting 'a' in Aadhaar Card. So I submit this affidavit for correction spelling of name. D-1954

Your Classified Advertisement published in Dharitri will be listed free in Dharitri Online Edition: **dharitriepaper.in**

By virtue of an affidavit before Executive Magistrate, Bhubaneswar, Odisha on dated 15.11.2023, I Goutam Pradhan of At- Tarini Basti, Pandaba Nagar, lane No.- 1, PO.- Badagada Brit Colony, P.S.- Badagada, Bhubaneswar, Dist.- Khordha, PIN- 751018, Odisha have changed my daughter's name from Archita Pradhan to Asmita Pradhan. Henceforth, she will be known as Asmita Pradhan for all purposes.

(Goutam Pradhan)

D-1952

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**ମନେ ପଡ଼ନ୍ତି**

**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



ସ୍ୱର୍ଗତ ପ୍ରଫୁଲ୍ଲ କୁମାର ଝାଙ୍କର

ମଠସାହି, ଦେବଗଡ଼

ଆବିର୍ଭାବ: ୧୦।୧୧।୧୯୪୮
ତିରୋଧାନ: ୨୬।୧୧।୨୩

ଆପଣଙ୍କ ଅମର ଆତ୍ମା ଶାନ୍ତି, ସଦ୍‌ଗତି ଲାଭ କରୁ ଏହାହିଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମ୍ଭମାନଙ୍କର ପ୍ରାର୍ଥନା ।

ଶୋକସନ୍ତପ୍ତ: ଧର୍ମପତ୍ନୀ: ଶାନ୍ତିଶୀଳା ଝାଙ୍କର, ପୁଅ, ବୋହୂ, ନାତି, ନାତୁଣୀ, ଝିଅ, ଜ୍ୱାଇଁ, ଝିଆରୀ, ପୁତୁରା ଓ ଝାଙ୍କର ପରିବାରବର୍ଗ ।

ଧ-୧୯୪୯


# କଂଗ୍ରେସକୁ ଫେରିଲେ ଡା.ଶରତ ମିଶ୍ର



ଡା.ଶରତ ମିଶ୍ରଙ୍କୁ ସ୍ୱାଗତ କରୁଛନ୍ତି ପିସିସି ସଭାପତି ଶରତ ପଟ୍ଟନାୟକ।

**ଭୁବନେଶ୍ୱର, ୫।୧୨(ସୁନିତ୍ ମିଶ୍ର)**

ବିଶିଷ୍ଟ ଅସ୍ଥିଶଲ୍ୟ ଚିକିତ୍ସକ ଡା. ଶରତ ମିଶ୍ର ମଙ୍ଗଳବାର କଂଗ୍ରେସରେ ପୁଣି ଯୋଗ ଦେଇଛନ୍ତି। କଂଗ୍ରେସ ଭବନରେ ଆୟୋଜିତ ମିଶ୍ରଣ ପର୍ବରେ ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ଶରତ ପଟ୍ଟନାୟକ ଡା. ମିଶ୍ରଙ୍କୁ ଦଳକୁ ସ୍ୱାଗତ କରିଛନ୍ତି। ଏହି ଅବସରରେ ଶରତ କହିଛନ୍ତି, ଡାକ୍ତର ମିଶ୍ରଙ୍କ ଯୋଗଦାନ ଦଳର ସଙ୍ଗଠନକୁ ଆହୁରି ମଜଭୁତ କରିବ। ନିଜ ବକ୍ତବ୍ୟରେ ଡାକ୍ତର ମିଶ୍ର କହିଛନ୍ତି, ସେ ସର୍ବଦା କଂଗ୍ରେସର ନୀତି ଆଦର୍ଶକୁ ଭଲ ପାଆନ୍ତି। ସେଥିପାଇଁ ବିଗତ ଦିନରେ ସରକାରୀ ଚାକିରିରୁ ଅବସର ଗ୍ରହଣକରି କଂଗ୍ରେସରେ ଯୋଗଦେଇଥିଲେ। ଦଳର ବିଭିନ୍ନ ପଦପଦବୀରେ ସେ କାର୍ଯ୍ୟ କରିଛନ୍ତି। ବିଶେଷ କରି ପିସିସିର ଡାକ୍ତର ସେଲ୍‌ର ଅଧ୍ୟକ୍ଷ ଭାବେ ସେ ନିଷ୍ଠାର ସହ କାର୍ଯ୍ୟ କରିଥିଲେ। ଅବଶ୍ୟ ବିଜେଡିରେ ବି ସେ ବିଭିନ୍ନ ପଦପଦବୀରେ କାର୍ଯ୍ୟ କରିଥିଲେ। ତଥାପି କଂଗ୍ରେସ ପ୍ରତି ତାଙ୍କର ଭଲପାଇବା ଯୋଗୁ ସେ ବିଜେଡି ଛାଡ଼ି ପୁରୁଣା ଘରକୁ ଫେରିଛନ୍ତି ବୋଲି କହିଛନ୍ତି। ଏହି କାର୍ଯ୍ୟକ୍ରମରେ ବରିଷ୍ଠ କଂଗ୍ରେସ ନେତାମାନେ ମଧ୍ୟ ଉପସ୍ଥିତ ଥିଲେ।

# ରାଜ୍ୟରେ ଅପରାଧୀଙ୍କ ଭିତ୍ତିଭୂମି ଦୃଢ଼ ହେଉଛି: ଇରାଶିଷ

**ଭୁବନେଶ୍ୱର,୫।୧୨(ସୁନିତ୍ ମିଶ୍ର)**

ଶାନ୍ତିପ୍ରିୟ ଓଡ଼ିଶାରେ ଦିନକୁ ଦିନ ଅପରାଧପ୍ରବଣତା ବଢ଼ିଚାଲିଛି । ରାଜ୍ୟ ଅପରାଧୀଙ୍କ ଚରାଭୂଇଁ ପାଲଟିବା ସହ ଭିତ୍ତିଭୂମି ଦୃଢ଼ହେବାରେ ଲାଗିଛି ବୋଲି ଭାଜପା ରାଜ୍ୟ ସମ୍ପାଦକ ଇରାଶିଷ ଆଚାର୍ଯ୍ୟ କହିଛନ୍ତି। ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ମଙ୍ଗଳବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଇରାଶିଷ କହିଛନ୍ତି, ୨୩ ବର୍ଷର ନିରଙ୍କୁଶ ଶାସନ ପରେ ମଧ୍ୟ ବର୍ତ୍ତମାନ ଓଡ଼ିଶାରେ କାହିଁକି ଆଇନଶୃଙ୍ଖଳା ପରିସ୍ଥିତି ଭୁଶୁଡ଼ି ପଡ଼ିଛି। ବହୁଚର୍ଚ୍ଚିତ ବରଗଡ଼ ଜିଲା ଅମ୍ବାଭୋନା ଥାନା ଭଙ୍ଗାରୁଜା ଘଟଣାକୁ ମାସେ ବିତିଛି। ଥାନା ଭିତରେ ପଶି ଭଙ୍ଗାରୁଜା କରିବା ସହ ସରକାରୀ ସମ୍ପତ୍ତି ନଷ୍ଟ କରାଗଲା। ଏହି ଘଟଣାରେ ପୋଲିସ ନିଜେ ଅଭିଯୋଗକାରୀ, ଆକ୍ରମଣରେ ନିଜେ ଆହତ ଏବଂ ନିଜେ ମଧ୍ୟ ସାକ୍ଷୀ। ମାତ୍ର ଏହି ଘଟଣା ପୋଲିସ ପ୍ରଶାସନ ଏବଂ ଶାସକ ବିଜେଡିର ମଧୁଚନ୍ଦ୍ରିକାକୁ ସ୍ପଷ୍ଟ କରିଛି ବୋଲି ଇରାଶିଷ କହିଛନ୍ତି।

# ମହିଳା, ଶିଶୁଙ୍କ ପାଇଁ ଓଡ଼ିଶା ଅସୁରକ୍ଷିତ: ଭାଜପା

**ଭୁବନେଶ୍ୱର, ୫।୧୨(ସୁନିତ୍ ମିଶ୍ର)**

ପ୍ରକାଶିତ ଏନ୍‌ସିଆର୍‌ବି ରିପୋର୍ଟ ଦର୍ଶାଉଛି ଯେ, ମହିଳା ଓ ଶିଶୁଙ୍କ ପାଇଁ ଓଡ଼ିଶା ସମ୍ପୂର୍ଣ୍ଣ ଅସୁରକ୍ଷିତ ହୋଇପଡ଼ିଛି। ରିପୋର୍ଟ ଅନୁଯାୟୀ ଓଡ଼ିଶାରେ ୨୦୨୧ରେ ୧, ୫୫, ୪୨୦ ଆପରାଧିକ ମାମଲା ରୁଜୁ ହୋଇଥିଲା। ୨୦୨୨ରେ ଏହା ବୃଦ୍ଧି ପାଇ ୧, ୭୮, ୧୯୦ରେ ପହଞ୍ଚିଛି। ସେହିପରି ରାଜ୍ୟରେ ବାର୍ଷିକ ପ୍ରତି ଲକ୍ଷେ ଲୋକରୁ ୩ ଜଣ ହତ୍ୟାର ଶିକାର ହେଉଛନ୍ତି ଅର୍ଥାତ୍ ସାଢେ ୪ କୋଟିରେ ୧୩୫୦ ଜଣ ଲୋକ ହତ୍ୟାର ଶିକାର ହେଉଛନ୍ତି। ୨୦୨୧ ତୁଳନାରେ ରାଜ୍ୟରେ ମହିଳାଙ୍କ ପ୍ରତି ଅସଦାଚରଣରେ ଓଡ଼ିଶା ଦେଶର ୪ର୍ଥ ସ୍ଥାନରେ ଅଛି ଓ ମହିଳା ବିରୋଧୀ ଅପରାଧରେ ଦେଶରେ ୭ମ ସ୍ଥାନରେ ଅଛି ବୋଲି ଭାଜପା ରାଜ୍ୟ ମୁଖପାତ୍ର ସୋନାଲି ସାହୁ କହିଛନ୍ତି। ଭାଜପା ରାଜ୍ୟ କାର୍ଯ୍ୟାଳୟ ଠାରେ ମଙ୍ଗଳବାର ଆୟୋଜିତ ଖବରଦାତା ସମ୍ମିଳନୀରେ ସୋନାଲି କହିଛନ୍ତି, ମହିଳା ଓ ଶିଶୁମାନଙ୍କ ପ୍ରତି ଘଟୁଥିବା ହିଂସା ପାଇଁ ଗୃହ ବିଭାଗ ଦାୟୀ। ବେଶି ଦୁର୍ନୀତି ପୋଲିସ୍ ବିଭାଗରେ ହେଉଛି। ବର୍ତ୍ତମାନ ସୁଦ୍ଧା କେତେ ମହିଳା ଓ ଶିଶୁ ନିଖୋଜ ଅଛନ୍ତି, ମହିଳା ଓ ଶିଶୁ ସୁରକ୍ଷା ପାଇଁ କେଉଁ ଯୋଜନା ମାଧ୍ୟମରେ କ'ଣ ସୁଫଳ ମିଳିଛି ସେନେଇ ସରକାର ଶ୍ୱେତପତ୍ର ଜାରି କରନ୍ତୁ ବୋଲି ସେ କହିଛନ୍ତି।

# କଦଳୀ ଗଛରେ ରୋଗ ପୋକ ନିୟନ୍ତ୍ରଣ

କଦଳୀ ଗଛରେ କବକଜନିତ ଝାଉଁଳା ରୋଗ ହୋଇଥିଲେ ଏହାର ଦମନ ଲାଗି ଆକ୍ରାନ୍ତ ଗଛକୁ ଉପାଡ଼ି ପୋଡ଼ିଦିଅନ୍ତୁ। ଆଉ ମୂଳରେ ପ୍ରତି ଲିଟର ପାଣିରେ ୨ ଗ୍ରାମ୍ ହିସାବରେ କାର୍ବେଣ୍ଡାଜିମ୍ ମିଶାଇ ସିଞ୍ଚନ କରନ୍ତୁ କିମ୍ବା ପ୍ରତି ଗଛମୂଳରେ ୫ଗ୍ରାମ୍ କାର୍ବେଣ୍ଡାଜିମ୍ ପୁଡ଼ିଆ କରି ରଖି ଦିଅନ୍ତୁ। ପତ୍ରଦାଗ ରୋଗର ଦମନ ଲାଗି ପ୍ରତି ଲିଟର ପାଣିରେ ୧ ମିଲି ହିସାବରେ ପ୍ରୋପିକୋନାଜୋଲ୍ ମିଶାଇ ସିଞ୍ଚନ କରନ୍ତୁ। କଦଳୀରେ ଜଉପୋକ ଦେଖାଗଲେ ପ୍ରତି ଲିଟର ପାଣିରେ ୨ ମିଲି ହିସାବରେ ଡାଇମେଥୋଏଟ୍ ପତ୍ରକୋଣକୁ ଦେଖାଇ ସିଞ୍ଚନ କରନ୍ତୁ। ସୂତ୍ରଜୀବ ଦ୍ୱାରା ଆକ୍ରାନ୍ତ କଦଳୀଗଛ ଛୋଟ ହେବା ସହିତ ପତ୍ର ସଂଖ୍ୟା ବି କମି ଯାଇଥାଏ। ଏହାର ଦମନ ପାଇଁ ପ୍ରତି ଗଛ ମୂଳରେ ୩୦ଗ୍ରାମ କାର୍ବୋଫୁରାନ୍ କିମ୍ବା ୫୦୦ ଗ୍ରାମ୍ ନିମ୍ବ ପିଡିଆ ପ୍ରୟୋଗ କରନ୍ତୁ।



# ଗହମରେ କାଳିଗୁଣ୍ଡି ପୋକ ପରିଚାଳନା

ଗହମ ଫସଲରେ କାଳିଗୁଣ୍ଡି ରୋଗ ହୋଇଥିଲେ, ଏହାର ଦମନ ସକାଶେ ଆକ୍ରାନ୍ତ ଗଛଗୁଡ଼ିକୁ ମାଟିରେ ପୋତି ଦିଅନ୍ତୁ କିମ୍ବା ପୋଡ଼ି ଦିଅନ୍ତୁ ଏବଂ ଏକର ପ୍ରତି ୨୦୦ଗ୍ରାମ୍ କାର୍ବେଣ୍ଡାଜିମ୍ ୨୦୦ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। ସଅଳ ଲଗାଯାଇଥିବା ଫସଲରେ ଶସ୍ୟତ୍ୟାଗ ରୋଗ ଲାଗିବା ଆଶଙ୍କା ଅଛି। ଏହାର ଦମନ ପାଇଁ ଏକର ପ୍ରତି ୬୦୦ଗ୍ରାମ୍ ମାଙ୍କୋଜେବ୍ ୨୦୦ଲିଟର ପାଣିରେ ସିଞ୍ଚନ କରନ୍ତୁ। ବର୍ଷା ନ ଥିଲେ ଫସଲରେ ଜଳସେଚନର ଆବଶ୍ୟକତା ବଢ଼ିଯାଇଥାଏ, ଫୁଲ ଓ କ୍ଷୀର ଢୋକିବା ଅବସ୍ଥାରେ ଜଳସେଚନ ପ୍ରତି ଧ୍ୟାନ ଦିଅନ୍ତୁ।



# ମାଛଚାଷରେ କବାଚିଜନିତ ରୋଗ

ପ୍ରାଣିଜଗତରେ ରହୁଥିବା ସନ୍ଧିପଦ ପ୍ରାଣୀ ଅନ୍ତର୍ଭୁକ୍ତ କବାଚିମାନେ ମାଛଚାଷରେ ଅନେକ ରୋଗ ସୃଷ୍ଟି କରନ୍ତି। ଏହି କବାଚିମାନେ ମାଛ ଦେହରେ ପରଜୀବୀ ଭାବରେ ରୁହନ୍ତି ଏବଂ ରୋଗ ସୃଷ୍ଟି କରନ୍ତି। ସେହି ରୋଗ ମଧ୍ୟରୁ କେତୋଟି ପ୍ରମୁଖ ରୋଗ ବିଷୟରେ ନିମ୍ନରେ ଆଲୋଚନା କରାଯାଉଛି।

**ଲଙ୍ଗର କୀଟ ରୋଗ :** ଲେରନିଆ ନାମକ କୀଟଟି କପେପୋଡ଼ା ଶ୍ରେଣୀୟ ଏକ କବାଚ । ଏହାର ମୁଣ୍ଡଟି ଲଙ୍ଗର ପରି ଦୃଶ୍ୟମାନ ହେଉଥିବାରୁ ଏହାକୁ ଲଙ୍ଗର କୀଟ ରୋଗ କୁହାଯାଏ।

**ଲକ୍ଷଣ :** ଏହି କୀଟମାନେ ମାଛର ପକ୍ଷ ଓ ଚମଡ଼ା ଓ ଗାଲିସିକୁ ଆକ୍ରମଣ କରିଥାନ୍ତି। ଏହାଦ୍ୱାରା ମାଛମାନଙ୍କର ଶରୀରରେ ଛୋଟ ଛୋଟ କ୍ଷତ ସୃଷ୍ଟି ହୋଇଥାଏ। ପରବର୍ତ୍ତୀ ସମୟରେ ଏହା ଅନ୍ୟାନ୍ୟ ପରଜୀବୀମାନଙ୍କ ଆକ୍ରମଣ ପାଇଁ ସୁଯୋଗ ସୃଷ୍ଟିକରେ। ଲଙ୍ଗର କୀଟ ଦ୍ୱାରା ଆକ୍ରାନ୍ତ ମାଛଗୁଡିକ ପାଣିରେ ଇତସ୍ତତଃ ଭାବରେ ପହଁରନ୍ତି। ଖାଦ୍ୟ ନ ପାଇ ଦୁର୍ବଳ ଦେଖାଯାଆନ୍ତି। ଅଧିକ ଆକ୍ରାନ୍ତ ହୋଇଥିବା ମାଛଗୁଡ଼ିକ ନିଜର ପେଟକୁ ଉପରକୁ କରି ପାଣିରେ ଭାସନ୍ତି।

**ଚିକିତ୍ସା :** ମାଛମାନଙ୍କୁ ଏକ ପ୍ରତିଶତ ଟ୍ରାଇକ୍ଲୋର ଫାନ୍ ଦ୍ରବଣରେ ୨-୩ ମିନିଟ୍ ପର୍ଯ୍ୟନ୍ତ ବୁଡ଼ାଇ ରଖିବାକୁ ହୁଏ। ଏଭଳି ଚିକିତ୍ସା ପ୍ରତି ୫ଦିନ ଅନ୍ତରରେ ଅନ୍ୟୁନ ୪ ଥର ପର୍ଯ୍ୟନ୍ତ କରିବାକୁ ପଡ଼ିଥାଏ। ଏହା ବଦଳରେ ଡିପ୍‌ଟେକ୍ସ ଲୁଣ, ଫର୍ମାଲିନ୍ କିମ୍ବା ପୋଟାସିୟମ ପର୍ମାନେଓ୍ୱ ଦ୍ରବଣରେ ଭିନ୍ନ ଭିନ୍ନ ମାତ୍ରାରେ ମାଛକୁ ବୁଡାଇ ଚିକିତ୍ସା ମଧ୍ୟ କରାଯାଇପାରିବ।

**ମାଛ ଉକୁଣି ରୋଗ :** ଆରଗୁଲସ ନାମକ କୀଟଟି ବ୍ରାଙ୍କିଭରାଶ୍ରେଣୀୟ କବାଚି । ଏମାନେ ମାଛର ଚମଡ଼ାରେ ଉକୁଣି ଲାଗିଲା ପରି ଲାଖି ରହନ୍ତି। ତେଣୁ ଏହି ରୋଗକୁ ମାଛ ଉକୁଣି ରୋଗ ବୋଲି କୁହାଯାଏ। ସାଧାରଣତଃ ପ୍ରଜନନକ୍ଷମ ଅଣ୍ଡିରା ଓ ମାଇ ମାଛମାନଙ୍କଠାରେ ଏମାନେ ଅଧିକ ପରିମାଣରେ ଲାଖି ରହିଥିବାର ଦେଖାଯାଏ। ଏମାନେ ଛୋଟ ଛୋଟ ଧଳାରଙ୍ଗର ତଥା ଖାଲି ଆଖିରେ ଦେଖାଯାଉଥିବା ଉକୁଣି ପରି ।



"ଆରଗୁଲସ ନାମକ କୀଟଟି ବ୍ରାଙ୍କିଭରାଶ୍ରେଣୀୟ କବାଚି । ଏମାନେ ମାଛର ଚମଡ଼ାରେ ଉକୁଣି ଲାଗିଲା ପରି ଲାଖି ରହନ୍ତି। ତେଣୁ ଏହି ରୋଗକୁ ମାଛ ଉକୁଣି ରୋଗ ବୋଲି କୁହାଯାଏ। ସାଧାରଣତଃ ପ୍ରଜନନକ୍ଷମ ଅଣ୍ଡିରା ଓ ମାଇ ମାଛମାନଙ୍କଠାରେ ଏମାନେ ଅଧିକ ପରିମାଣରେ ଲାଖି ରହିଥିବାର ଦେଖାଯାଏ। ଏମାନେ ଛୋଟ ଛୋଟ ଧଳାରଙ୍ଗର ତଥା ଖାଲି ଆଖିରେ ଦେଖାଯାଉଥିବା ଉକୁଣି ପରି ।"

**ଲକ୍ଷଣ :** ଏହି ଉକୁଣିଗୁଡିକ ମାଛ ଚମଡ଼ାରେ ଲାଖି ରହି ମାଛ ଦେହରୁ ରକ୍ତ ଶୋଷି ନିଅନ୍ତି। ଏହା ଫଳରେ ଚମଡ଼ାରେ ଛୋଟ ଛୋଟ କ୍ଷତ ସୃଷ୍ଟି ହୋଇଥାଏ। ଏହାର ପର ମୁହୂର୍ତ୍ତରେ ଅନ୍ୟାନ୍ୟ ପରଜୀବୀମାନଙ୍କ ଆକ୍ରମଣ ପାଇଁ ସୁଯୋଗ ସୃଷ୍ଟି କରେ। ଉକୁଣି ଲାଗିଥିବା ମାଛମାନେ ପାଣିରେ ବାଡ଼େଇ ଛାଟି ହୁଅନ୍ତି। ପୋଖରୀରେ ଥିବା କୌଣସି ଶକ୍ତ ବସ୍ତୁ କିମ୍ବା ପୋଖରୀ କଡ଼ରେ ଥିବା ବସ୍ତୁ ଆଡ଼କୁ ଆସି ସେଥିରେ ଘସି ହୁଅନ୍ତି। ଫଳରେ ମାଛଙ୍କ ଶରୀରରୁ ଚମଡ଼ା ବାହାରି ଅନ୍ୟାନ୍ୟ ରୋଗ ପାଇଁ ସୁଯୋଗ ସୃଷ୍ଟି ହୋଇଥାଏ।

**ଚିକିତ୍ସା :** ଏଭଳି ରୋଗରେ ଆକ୍ରାନ୍ତ ମାଛମାନଙ୍କୁ ଲିଟର ପିଛା ୧୦ ମି.ଗ୍ରା.ର ପୋଟାସିୟମ ପରମାଙ୍ଗାନେଟ୍ ଦ୍ରବଣରେ ୩୦ ମିନିଟ୍ ପର୍ଯ୍ୟନ୍ତ ବୁଡ଼ାଇ ରଖିବାକୁ ହୁଏ। ଏହାବ୍ୟତୀତ ଲିଟର ପିଛା ୫ ମି.ଗ୍ରା.ର ଟ୍ରାଇକ୍ଲୋରୋଫାନ୍ ଦ୍ରବଣରେ ୩୦ ମିନିଟ୍ ପର୍ଯ୍ୟନ୍ତ ବୁଡ଼ାଇ ରଖିଲେ ଏହି ଉକୁଣିଗୁଡିକ ଛାଡ଼ିଯାଆନ୍ତି। ଏହାବ୍ୟତୀତ ସାଇପରମେଥ୍ରିନ, ଡେଲ୍‌ଟ୍ରାମେଥ୍ରିନ ଏବଂ ବ୍ୟୁଟେକ୍ସ ଭଳି କେତେକ ଔଷଧ ବ୍ୟବହାର କରାଯାଏ।

**ଗାଲିସି କୀଟ ରୋଗ :** ଏହି କୀଟ ମାଛର ଗାଲିସିକୁ ଆକ୍ରମଣ କରୁଥିବାରୁ ଏମାନଙ୍କୁ ଗାଲିସି କୀଟ କୁହାଯାଏ।

**ଲକ୍ଷଣ :** ଏହି କୀଟର ଆକ୍ରମଣରେ ଗାଲିସିରୁ ପ୍ରଚୁର ପରିମାଣର ଲାଳ ବାହାରେ। ଗାଲିସି ପଟଳଗୁଡିକ ପରସ୍ପର ସହ ଲାଗିଯାଆନ୍ତି। ଫଳରେ ମାଛର ନିଃଶ୍ୱାସ ପ୍ରଶ୍ୱାସ ନେବାରେ ବାଧା ସୃଷ୍ଟି ହୋଇଥାଏ। ତେଣୁ ମାଛମାନେ ପାଣି ଉପରକୁ ମୁଣ୍ଡ ବାହାର କରି ପାଟି ପାକୁ ପାକୁ କରିବାର ଦେଖାଯାଏ।

**ଚିକିତ୍ସା :** ଏହି ରୋଗରେ ଆକ୍ରାନ୍ତ ମାଛମାନଙ୍କୁ ଲିଟର ପିଛା ୫ ମି.ଗ୍ରା. ହିସାବରେ ଟ୍ରାଇକ୍ଲୋରୋଫାନ୍ ଦ୍ରବଣରେ ୧୦ ମିନିଟ୍ ପର୍ଯ୍ୟନ୍ତ ବୁଡ଼ାଇ ରଖାଯାଏ।

**ମନେରଖନ୍ତୁ**

- ପୋଖରୀ ଭିତରକୁ ଗେଣ୍ଡା, ଚଢ଼େଇ ଓ କପୋତମାନର ପ୍ରବେଶକୁ ରୋକାଯିବା ଉଚିତ। ଏହାଦ୍ୱାରା ପରଜୀବୀମାନଙ୍କ ଜୀବନଚକ୍ରକୁ ଭଙ୍ଗାଯାଇପାରିବ।
- ଯେପର୍ଯ୍ୟନ୍ତ ପରଜୀବୀମାନେ ସମ୍ପୂର୍ଣ୍ଣ ମରିନାହାନ୍ତି କିମ୍ବା ମାଛ ଦେହରୁ ବାହାରି ଯାଇନାହାନ୍ତି ସେ ପର୍ଯ୍ୟନ୍ତ ରୋଗାକ୍ରାନ୍ତ ମାଛମାନଙ୍କୁ ନିରବଚ୍ଛିନ୍ନ ଭାବରେ ତର୍ଜମା କରିବା ଉଚିତ।
- ମାଛ ପୋଖରୀରେ ଯାଆଁଳମାନଙ୍କର ସ୍ୱତନ୍ତ୍ର ଯତ୍ନ ନେବା ଆବଶ୍ୟକ।
- ମାଛଚାଷରେ ବ୍ୟବହୃତ ପାଣିକୁ ଛାଣିକରି ସେଥିରୁ ପରଜୀବୀମାନଙ୍କୁ ଦୂରେଇ ରଖାଯିବା ଉଚିତ।
- ମାଛଚାଷରେ ଦେଖାଯାଉଥିବା ବିଭିନ୍ନ ପରଜୀବୀଜନିତ ରୋଗର ଲକ୍ଷଣକୁ ଅନୁଧ୍ୟାନକରି ଉପଯୁକ୍ତ ପ୍ରତିଷେଧକ ଓ ଚିକିତ୍ସା କରିବା ଦରକାର।
- ପୋଖରୀରୁ ପରଜୀବୀମାନଙ୍କର ସଂକ୍ରମଣ ଯୋଗ୍ୟ ଅବସ୍ଥାକୁ ସମ୍ପୂର୍ଣ୍ଣ ମାରି ଦେଲେ ରୋଗ ହେବା ଆଶଙ୍କା କମିଯାଏ।

**ଦିଲୀପ କୁମାର ସାହୁ**
ବହୁବୃତ୍ତି କୃଷି ବୈଷୟିକ କେନ୍ଦ୍ର (ମତ୍ସ୍ୟ ବିଜ୍ଞାନ), ଓୟୁଏଟି, ରଙ୍ଗେଇଲୁଣ୍ଡା, ବ୍ରହ୍ମପୁର-୭

**ଡା. ମାନସ ରଞ୍ଜନ ପଟ୍ଟନାୟକ,**
ପ୍ରିନ୍ସପାଲ, ବହୁବୃତ୍ତି କୃଷି ବୈଷୟିକ କେନ୍ଦ୍ର (ମତ୍ସ୍ୟ ବିଜ୍ଞାନ), ଓୟୁଏଟି, ରଙ୍ଗେଇଲୁଣ୍ଡା, ବ୍ରହ୍ମପୁର-୭

## ଅଳ୍ପରେ...

### କପା



ବକରା ଫାଟିବାର ୪୦ଦିନ ମଧ୍ୟରେ ୪ରୁ ୫ ଥର ଅମଳ କରନ୍ତୁ । କାକର ପଡୁଥିଲେ ଦିନ ୧୦ଟା ପରେ ଅମଳ କରନ୍ତୁ । ଅମଳକରି ପ୍ରଥମ ତୋଳା, ପରବର୍ତ୍ତୀ ତୋଳା ଗୁଡ଼ିକୁ ଅଲଗା ଅଲଗା ଶୁଖାଇ ବସ୍ତାରେ ରଖନ୍ତୁ ।

### ପିଆଜ ଚାଷ



ପିଆଜ ତଳିଗୁଡ଼ିକ ୧୨-୧୫ ସେ.ମି. ଉଚ୍ଚ ହୋଇଗଲେ ସେଗୁଡ଼ିକ ଉପରବେଳା ଉପାଡ଼ି ଲଗାନ୍ତୁ । ତଳି ରୋଇବାର ୨ଦିନ ଆଗରୁ ହେକ୍ଟର ପ୍ରତି ୬୦ କି.ଗ୍ରା. ଯବକ୍ଷାରଜାନ, ୬୦ କି.ଗ୍ରା. ଫସ୍‌ଫରସ୍ ଓ ୧୦୦ କି.ଗ୍ରା. ପଟାସ୍ ମୂଳସାର ଭାବେ ପ୍ରୟୋଗକରି ପଟାଳି ପ୍ରସ୍ତୁତ କରନ୍ତୁ । ଉକୁଣି ପୋକ ଲାଗିଲେ ହେକ୍ଟର ପ୍ରତି ୧୨୫ ଗ୍ରାମ୍ ଏସିଟାମିପ୍ରିଡ୍ ୨୦ ଏସ୍‌ପି ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ।

### ଫଳଚାଷ



ଆମ୍ବବଉଳର ସୁରକ୍ଷା ପାଇଁ ବଉଳ ଆସିବାର ୭ରୁ ୧୫ଦିନ ପୂର୍ବରୁ ୦.୩ ମି.ଲି. ଇମିଡାକ୍ଲୋପ୍ରିଡ୍‌କୁ ୧ ଲିଟର ପାଣିରେ ଗୋଳାଇ ପତ୍ର ଓ ଡାଳରେ ଭଲଭାବେ ସିଞ୍ଚନ କରନ୍ତୁ। ବଉଳ ହେବାର ୭ ଦିନ ପରେ ଓ ଆମ୍ବଚଣା କଷି ଅବସ୍ଥାରେ ଏହାକୁ ୩ ଗ୍ରାମ୍ କପର ଅକ୍ସିକ୍ଲୋରାଇଡ୍ ସହ ଆଉ ଥରେ ସିଞ୍ଚନ କରନ୍ତୁ । ଅଷ୍ଟପଦୀରୁ ରକ୍ଷା ପାଇବା ପାଇଁ ୧ ମି.ଲି. ସ୍ପିରୋମେସିଫେନ୍ ୧ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ ।

### ପନିପରିବା ସମ୍ପର୍କରେ

କୋବିଜାତୀୟ ଫସଲରେ ଜଉପୋକ, ଠିକିରି ପିଠିଆ ପୋକ ଓ କାଳିମୁଣ୍ଡି ପୋକ ଆଦି ଲାଗିବା ଆଶଙ୍କା ଅଛି। ଏହାର ନିରାକରଣ ପାଇଁ ଏକର ପ୍ରତି ୬ଟି ନିର୍ଦ୍ଦିଷ୍ଟ ସଙ୍ଗ ଆକର୍ଷକ ଯନ୍ତା ବ୍ୟବହାର କରନ୍ତୁ। ନଚେତ୍ ଏକର ପ୍ରତି ୪୦୦ମିଲି ଏଣ୍ଡୋସଲଫାନ୍ କିମ୍ବା ୫୦୦ ମିଲି ମାଲାଥିଅନ୍‌କୁ ୨୦୦ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। ଅଲଟର୍‌ନାରିଆ ଜନିତ ପତ୍ରପୋଡ଼ା ରୋଗର ନିରାକରଣ ଲାଗି ପ୍ରତି ଲିଟର ପାଣିରେ ୩ ଗ୍ରାମ୍ ହିସାବରେ ମାଙ୍କୋଜେବ୍ ମିଶାଇ ସିଞ୍ଚନ କରନ୍ତୁ। ଲଙ୍କାରେ ଫଳପଚା ଓ ଅଗମରା ରୋଗର ନିୟନ୍ତ୍ରଣ ପାଇଁ ପ୍ରତି ଲିଟର ପାଣିରେ ୩ ଗ୍ରାମ୍ ହିସାବରେ ମାଙ୍କୋଜେବ୍ କିମ୍ବା ୧.୫ଗ୍ରାମ୍ ହିସାବରେ ଥାଓଫେନେଟ୍ ମିଥାଇଲ୍ ମିଶାଇ ସିଞ୍ଚନ କରନ୍ତୁ। ଛୁଇଁଜାତୀୟ ପନିପରିବାରେ ଜଉ ପୋକ ଦମନ ପାଇଁ ପାଇଁ ପ୍ରତି ଲିଟର ପାଣିରେ ୨ ମି.ଲି. ହିସାବରେ ଡାଇମେଥୋଏଟ୍ ମିଶାଇ ସିଞ୍ଚନ କରନ୍ତୁ।

# ଆଖୁରେ ଶର୍କରା ଅଂଶ ପରୀକ୍ଷା



ଆଖୁରେ ଶର୍କରା ଅଂଶ ପରୀକ୍ଷା କରିବା ଲାଗି ହାତ ବ୍ରିକ୍ସ ମିଟର ବ୍ୟବହାର କରନ୍ତୁ। ଏହି ବ୍ରିକ୍ସ ମୂଲ୍ୟାଙ୍କ ୧୮ରୁ ଅଧିକ ରହୁଥିଲେ ଆଖୁ କାଟିବାର ଉପଯୁକ୍ତ ସମୟ ହୋଇଯାଇଥାଏ। ତେଣୁ ଏହି ସମୟରେ ହିଁ ଆଖୁ କାଟିବା ଉଚିତ । ଆଖୁ ଗଛକୁ ଏକ ଧାରୁଆ କତୁରିରେ ଭୂମି ପତନ ସହ ସମାନକରି କାଟି ଦିଅନ୍ତୁ । ଏହାଦ୍ୱାରା ଆଖୁ ଅଧିକ ଅମଳ ହୁଏ ଓ ମୂଳିଆଖୁ ଫସଲ ପାଇଁ ଅଧିକ ଗଜା ବାହାରେ । ଜମିରୁ ଶୁଖିଲା ପତ୍ର ବାହାରକରି କ୍ଷେତକୁ ପରିଷ୍କାର କରନ୍ତୁ । ଆଖୁ ଖୁଣ୍ଟାକୁ କାଟି ସାରିବା ପରେ ଚାଷକରି ହୁଡ଼ା ଭାଙ୍ଗିଦିଅନ୍ତୁ । ଏହା ଫଳରେ ପୁରୁଣା ଚେର ନଷ୍ଟହୋଇ ନୂଆ ଚେର ବାହାରି ଆଖୁକୁ ବଢ଼ିବାରେ ସାହାଯ୍ୟ କରିଥାଏ । ମାଟି ଅଧିକ ଶୁଖି ଯାଇଥିଲେ ଜଳସେଚନକରି ହୁଡ଼ା ଭାଙ୍ଗନ୍ତୁ । ହୁଡ଼ା ଭାଙ୍ଗିଲା ସମୟରେ ହେକ୍ଟର ପ୍ରତି ୧୦ ଟନ୍ ଗୋବରଖତ, ୧୦୦ କି.ଗ୍ରା. ଯବକ୍ଷାରଜାନ, ୧୦୦ କି.ଗ୍ରା. ଫସ୍‌ଫରସ୍ ଓ ୩୦ କି.ଗ୍ରା. ପଟାସ୍‌ସାର ପ୍ରୟୋଗ କରନ୍ତୁ । ଧାଡ଼ିମଧ୍ୟରେ ଗଛକୁ ଗଛ ବ୍ୟବଧାନ ୪୫ ସେ.ମି.ରୁ ଅଧିକ ଥିଲେ ହୁଡ଼ା ଭାଙ୍ଗିବାର ୩୦ ଦିନ ମଧ୍ୟରେ ଖୁଞ୍ଚା ଦିଅନ୍ତୁ । ଏଥିପାଇଁ ଆଖୁ କାଟିବା ବେଳେ ଆଖୁ ଖଣ୍ଡକୁ ତଳି ପକାନ୍ତୁ କିମ୍ବା ପଲିଥିନ୍ ମୁଣିରେ ଚାରା ଉତାରନ୍ତୁ । ମୂଳି ଆଖୁକୁ ରୋଗମୁକ୍ତ କରିବା ପାଇଁ ଖୁଣ୍ଟା କାଟିବା ପରେ ହେକ୍ଟର ପ୍ରତି ୭୦୦ ଗ୍ରାମ୍ କାର୍ବେଣ୍ଡାଜିମ୍ ବା ଥାୟୋଫାନେଟ୍ ମିଥାଇଲ୍ (୭୫୦ ଗ୍ରାମ୍) ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ ।

# କାଦୁଅ ତଳିପଟି ପ୍ରସ୍ତୁତି

ଡାଲୁଅ ଧାନ ଲାଗି କାଦୁଆ ତଳି ପଟି ପ୍ରସ୍ତୁତ କରିବା ଲାଗି ନିମ୍ନଲିଖିତ ବିଷୟ ପ୍ରତି ଧ୍ୟାନ ଦିଅନ୍ତୁ। ପ୍ରଥମେ ଡାଲୁଅ ବିହନକୁ ୨୪ ଘଣ୍ଟା ପାଣିରେ ଭିଜାଇ ରଖନ୍ତୁ। ବିହନ ଗଜାକରି ଗାଲି ଫିଟିବା ପରେ କାଦୁଅ ତଳିପଟିରେ ବୁଣନ୍ତୁ । ତଳିପଟିର ଓସାର ୩-୪ ଫୁଟ ରଖନ୍ତୁ। ପ୍ରତି ପଟି ପରେ ୧ଫୁଟ ନାଳି ରଖନ୍ତୁ। ତଳିଘରା ପାଇଁ ୧୦ ଡେସିମିଲି ତଳିପଟିରେ ୪୦ ଝୁଡ଼ି ଶଢ଼ା ଗୋବରଖତ, ୧୨ କି.ଗ୍ରା. ସିଙ୍ଗିଲ ସୁପର ଫସ୍‌ଫେଟ୍ ଓ ୨ କି.ଗ୍ରା. ମ୍ୟୁରେଟ ଅଫ୍ ପଟାସ ସାର ଶେଷଓଡ଼ ଚାଷ ସମୟରେ ମାଟିରେ ମିଶାଇ ଦିଅନ୍ତୁ । ବିହନରୁ କଣ୍ଡା ଓ ଅଗାଡ଼ି ବାହାରକରିବା ପାଇଁ ଲୁଣପାଣି ଉପଚାର କରନ୍ତୁ । ଡାଲୁଅ ଧାନର ସହଳ କିସମ ମଧ୍ୟରେ ରହିଛି ପାରିଜାତ, ଖଣ୍ଡଗିରି, ଯୋଗେଶ, ସିଦ୍ଧାନ୍ତ, ମନ୍ଦାକିନୀ, ପଥରା, ଜ୍ୟୋତିର୍ମୟୀ। ମଧ୍ୟମ କିସମଗୁଡିକ ହେଲା ଲଲାଟ, ତପସ୍ୱିନୀ, ତେଜସ୍ୱିନୀ, ମନସ୍ୱିନୀ, ନବୀନ, ଏସ୍‌ଟିୟୁ-୧୦୦୧। ଏହି ମାସ ଶେଷସୁଦ୍ଧା ଡାଲୁଆ ଧାନ ପାଇଁ ତଳି ପକାଇବା କାମ ଶେଷ କରନ୍ତୁ । ତଳି ପକାଇବା ପାଇଁ ସଅଳ ଓ ମଧ୍ୟମ କିସମ ବିହନ ବ୍ୟବହାର କରନ୍ତୁ । ବିହନ ବିଶୋଧନ ପାଇଁ ୧ ଗ୍ରାମ୍ କାର୍ବେଣ୍ଡାଜିମ୍ ୧ କି.ଗ୍ରା. ବିହନ ପ୍ରତି ବ୍ୟବହାର କରନ୍ତୁ। ଅନ୍ୟପକ୍ଷରେ ଧାନ କାଟିବାର ୧ ସପ୍ତାହ ପୂର୍ବରୁ କିଆରିରୁ ଜଳ ନିଷ୍କାସନ କରିଦିଅନ୍ତୁ । ଧାନରେ କେଣ୍ଡାକଟା ପୋକ ଦେଖାଦେଲେ ଅପରାହ୍ନରେ ହେକ୍ଟର ପ୍ରତି ୧ ଲିଟର ଫିପ୍ରୋନିଲ୍ ୫% ଏସ୍.ସି. କିମ୍ବା ୧ କି.ଗ୍ରା. କାର୍ଟାପ୍ ହାଇଡ୍ରୋକ୍ଲୋରାଇଡ୍ ୫୦ ଭାଗ ସେଚଗୁଣ୍ଡ ସିଞ୍ଚନ କରନ୍ତୁ ଓ ୨୫ କି.ଗ୍ରା. କ୍ଲୋରୋପାଇରିଫସ୍ ଗୁଣ୍ଡକୁ ସନ୍ଧ୍ୟାରେ ହୁଡ଼ା ଉପରେ ସିଞ୍ଚନ କରନ୍ତୁ ।





# ପଶୁପାଳନ

ଶୀତଦିନରେ ଗାଈମାନଙ୍କଠାରେ ଭୂତାଣୁଜନିତ ଫାଟୁଆ ରୋଗ ଅଧିକ ଦେଖାଯାଇଥାଏ । ତେଣୁ ଫାଟୁଆ ରୋଗର ପ୍ରତିଷେଧକ ବ୍ୟବସ୍ଥା ପାଇଁ ଏହି ମାସରେ ନିକଟସ୍ଥ ପ୍ରାଣୀ ଚିକିତ୍ସକଙ୍କ ସହ ପରାମର୍ଶ କରି ଟିକା ଦିଅନ୍ତୁ । ଗାଈ, ଛେଳି, ମେଣ୍ଢା, କୁକୁଡ଼ା ଥିବା ଘରର ଜାଲି କିମ୍ବା ଝରକାରେ ବସ୍ତା ଝୁଲାଇଲେ ରାତିରେ ସେମାନଙ୍କୁ ଅଧିକ ଶୀତ ହେବନାହିଁ ଓ ସେମାନେ ନିମୋନିଆ ଆଦି ରୋଗରୁ ରକ୍ଷାପାଇବେ । ଛେଳି ଥିବା ଘରେ ତଳେ ଭାଡ଼ି ବା ବାଉଁଶ ଚାଞ୍ଚଡ଼ାର ବନ୍ଦୋବସ୍ତ କଲେ ଛେଳିମାନଙ୍କୁ ଥଣ୍ଡା ଓ ନିମୋନିଆରୁ ରକ୍ଷା ମିଳିପାରିବ। ଜଳସେଚନ ସୁବିଧା ଥିବା ଅଞ୍ଚଳରେ ଓ ଅଧିକ ଥଣ୍ଡା ପଡୁଥିବା ଅଞ୍ଚଳରେ ଏହି ମାସ ବରସିମ୍ ଏବଂ ଓଟ୍ ଘାସ ଚାଷ କରନ୍ତୁ ।

# ଅରାଇଜିତ୍‌ଙ୍କ ହ୍ୟାଟ୍ରିକ୍: ବିଜୟରୁ ଭାରତର ଅଭିଯାନ

## ପୁରୁଷ ଜୁନିୟର ହକି ବିଶ୍ୱକପ୍

କୁଆଲାଲମ୍ପୁର,୫।୧୨(ପି.ଟି.)

ମାଲେସିଆରେ ଆରମ୍ଭ ହୋଇଥିବା ପୁରୁଷ ଜୁନିୟର ହକି ବିଶ୍ୱକପ୍‌ରେ ବିଜୟରୁ ଅଭିଯାନ ଆରମ୍ଭ କରିଛି ଭାରତ। ଫରୱାର୍ଡ ଅରାଇଜିତ୍ ସିଂ ହୁଣ୍ଡାଲଙ୍କ ହ୍ୟାଟ୍ରିକ୍ ବଳରେ ଭାରତ ୪-୨ରେ କୋରିଆକୁ ପରାସ୍ତ କରିଛି। ଅରାଇଜିତ୍ ୧୧, ୧୬ ଓ ୪୧ ମିନିଟରେ ୩ ଗୋଲ ଦେଇଥିବା ବେଳେ ଅମନଦୀପ୍ ୩୦ ମିନିଟରେ ଅନ୍ୟ ଗୋଲଟି ଦେଇଥିଲେ। କୋରିଆ ପକ୍ଷରୁ ଡୋୟୁନ୍ ଲିମ୍(୩୮) ଓ ମିଙ୍ଗଓନ୍ କିମ୍ ୪୫ ମିନିଟରେ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ବୁକିତ୍ ଜଲିଲର ନ୍ୟାଶନାଲ ଷ୍ଟାଡିୟମରେ ଖେଳାଯାଇଥିବା ମ୍ୟାଚରେ ଭାରତ ପକ୍ଷରୁ ଅରାଇଜିତ ଚମତ୍କାର ପ୍ରଦର୍ଶନ କରିଥିଲେ। ଆରମ୍ଭରୁ ମ୍ୟାଚ୍‌ଟି ସଂଘର୍ଷପୂର୍ଣ୍ଣ ରହିଥିଲା। ଉଭୟ ଦଳ ସ୍କୋର କରିବା ପାଇଁ ଉଦ୍ୟମ କରିଥିବା ବେଳେ ୧୧ତମ ମିନିଟରେ ଅରାଇଜିତ ପ୍ରଥମ ଗୋଲ ଦେଇଥିଲେ। ପେନାଲ୍ଟି କର୍ନରରୁ ସେ ଭାରତକୁ ୧-୦ରେ ଆଗୁଆ କରିଥିଲେ। ପ୍ରଥମ କ୍ୱାର୍ଟରରେ ୧-୦ରେ ଆଗୁଆ ରହିବା ପରେ ଦ୍ୱିତୀୟ କ୍ୱାର୍ଟରର ପ୍ରଥମ ମିନିଟରେ ଅରାଇଜିତ ବ୍ୟକ୍ତିଗତ ଦ୍ୱିତୀୟ ଗୋଲ ଦେଇଥିଲେ। ବବିଙ୍କ ଆଟାକିଂ ରନ୍‌ର ଫାଇଦା ଉଠାଇ ଅରାଇଜିତ ଗୋଲ ଦେଇଥିଲେ। ଦ୍ୱିତୀୟ କ୍ୱାର୍ଟର ଶେଷ ହେବାର ଠିକ୍ ପୂର୍ବରୁ ଅମନଦୀପ୍ ଭାରତ ପାଇଁ ତୃତୀୟ ଗୋଲ ଦେଇଥିଲେ। ୨୯ ତମ ମିନିଟରେ ପେନାଲ୍ଟି କର୍ନରରୁ ଗୋଲ ରୋକିବାରେ ସମର୍ଥ ହୋଇଥିଲା କୋରିଆ। ତେବେ ଏହାର ୧ ମିନିଟ ମଧ୍ୟରେ ଅମନଦୀପ ଭାରତକୁ ୩-୦ରେ ଆଗୁଆ କରିଥିଲେ। ଭାରତ ଗୁରୁବାର ଦ୍ୱିତୀୟ ମ୍ୟାଚ୍‌ରେ ସ୍ପେନ୍‌କୁ ଭେଟିବ।

# ୬ ଦଳକୁ କ୍ୱାର୍ଟର ଫାଇନାଲ ଯୋଗ୍ୟତା

ଅହମଦାବାଦ,୫।୧୨(ପି.ଟି.)

ସର୍ବଭାରତୀୟ ବିଜୟ ହଜାରେ ଟ୍ରଫିର କ୍ୱାର୍ଟର ଫାଇନାଲ ପାଇଁ ୬ ଦଳ ସିଧାସଳଖ ଯୋଗ୍ୟତା ଅର୍ଜନ କରିଛନ୍ତି। ଦିଲ୍ଲୀ ପରି ଶକ୍ତିଶାଳୀ ଦଳ ବିଦା ହୋଇଥିବା ବେଳେ ହରିୟାଣା(୨୮ ପଏଣ୍ଟ), ରାଜସ୍ଥାନ(୨୪ ପଏଣ୍ଟ), କର୍ନାଟକ(୨୪ ପଏଣ୍ଟ), ବିଦର୍ଭ(୨୦ ପଏଣ୍ଟ), ମୁମ୍ବାଇ(୨୦ ପଏଣ୍ଟ) ଓ ତାମିଲନାଡୁ(୨୦ ପଏଣ୍ଟ) ଯୋଗ୍ୟତା ଅର୍ଜନ କରିଛନ୍ତି। ଗ୍ରୁପ୍ ସିରେ ସ୍ଥାନ ପାଇଥିବା ହରିୟାଣା ଏହାର ୭ ମ୍ୟାଚ୍‌ରୁ ୭ ବିଜୟ ହାସଲ କରିଛି। ଅନ୍ୟ ପକ୍ଷରେ ଅଧିକ ପଏଣ୍ଟ ହାସଲ କରିଥିବା ଅନ୍ୟ ୪ ଦଳ ପ୍ରି କ୍ୱାର୍ଟର ଖେଳିବେ। ବେଙ୍ଗଲ, ଗୁଜରାଟ, କେରଳ ଓ ମହାରାଷ୍ଟ୍ର ସମସ୍ତେ ୨୦ ପଏଣ୍ଟ ଲେଖାଏ ହାସଲ କରିଥିବା ବେଳେ ଏହା ମଧ୍ୟରୁ ଦୁଇଟି ଦଳ କ୍ୱାର୍ଟର ଫାଇନାଲ ଖେଳିବେ।







































# ମୁମ୍ବାଇକୁ ହରାଇଲା ଓଡ଼ିଶା

## ବିଜୟ ହଜାରେ ଟ୍ରଫି

ଭୁବନେଶ୍ୱର, ୫।୧୨(ତପନ ସ୍ୱାଇଁ)

ଚଳିତ ବିଜୟ ହଜାରେ ଟ୍ରଫି ଘରୋଇ ଦିନିକିଆ କ୍ରିକେଟ ଟୁର୍ନାମେଣ୍ଟରେ ଓଡ଼ିଶା ମଙ୍ଗଳବାର ଶକ୍ତିଶାଳୀ ମୁମ୍ବାଇକୁ ହରାଇ ବଡ଼ ସଫଳତା ପାଇଛି। କାର୍ତ୍ତିକ ବିଶ୍ୱାଳଙ୍କ ଅର୍ଦ୍ଧଶତକ, ଗୋବିନ୍ଦ ପୋଦ୍ଦାରଙ୍କ ଅଲ୍‌ରାଉଣ୍ଡ ସଫଳତା ଏବଂ ବୋଲରଙ୍କ ମିଳିତ ଅବଦାନ ବଳରେ ଓଡ଼ିଶା ୮୬ ରନରେ ମୁମ୍ବାଇକୁ ପରାସ୍ତ କରିଛି। କର୍ନାଟକର ଅଲୁର କ୍ରିକେଟ ଷ୍ଟାଡିୟମରେ ଅନୁଷ୍ଠିତ ମ୍ୟାଚରେ ଓଡ଼ିଶା ୫୦ ଓଭରରେ ୯ ଉଇକେଟ ହରାଇ ୧୯୯ ରନ କରିଥିବାବେଳେ ମୁମ୍ବାଇ ୩୨.୩ ଓଭରରେ ୧୧୩ ରନକରି ଅଲ୍‌ଆଉଟ ହୋଇଯାଇଥିଲା। ଫଳରେ ଏହି ମ୍ୟାଚରୁ ଓଡ଼ିଶାକୁ ୪ ପଏଣ୍ଟ ମିଳିଛି। ତେବେ ଏହା ସତ୍ତ୍ୱେ ଓଡ଼ିଶା ନକ୍‌ଆଉଟରେ ପ୍ରବେଶରୁ ବଞ୍ଚିତ ହୋଇଛି। ଓଡ଼ିଶା ୭ ମ୍ୟାଚରୁ ୪ ବିଜୟ ଓ ୩ ପରାଜୟ ସହ ମୋଟ ୧୬ ପଏଣ୍ଟ ପାଇ ଗ୍ରୁପ୍ 'ଏ'ରେ ୬ଷ୍ଠ ସ୍ଥାନରେ ରହି ଅଭିଯାନ ଶେଷ କରିଛି। ତ୍ରିପୁରା ବିପକ୍ଷ ମ୍ୟାଚରେ ବିଜୟୀ ହୋଇ ଅଭିଯାନ ଆରମ୍ଭ କରିଥିବା ଓଡ଼ିଶା ପରବର୍ତ୍ତୀ ୩ ମ୍ୟାଚରେ ରେଲୱେ, କେରଳ ଓ ସୌରାଷ୍ଟ୍ରଠାରୁ ହାରି ଯାଇଥିଲା। ଏବେ କ୍ରମାଗତ ୩ ମ୍ୟାଚରେ ପୁଡୁଚେରି, ସିକ୍କିମ ଓ ମୁମ୍ବାଇକୁ ପରାସ୍ତ କରିଛି। ଅନ୍ୟପକ୍ଷରେ ପରାଜୟ ସତ୍ତ୍ୱେ ମୁମ୍ବାଇ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି।

ଟସ୍ ଜିତି ଫିଲ୍ଡିଂ ନିଷ୍ପତ୍ତି ନେଇଥିଲେ ମୁମ୍ବାଇ ଅଧିନାୟକ ଅଜିଙ୍କ୍ୟ ରାହାନେ। ଓଡ଼ିଶା ମାତ୍ର ୧୬ ରନରେ ଟପ୍ ଅର୍ଡରର ୩ ଉଇକେଟ ହରାଇ ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟରେ ପଡ଼ିଥିଲା। ଓପନର ତଥା ଅଧିନାୟକ ଶାନ୍ତନୁ ମିଶ୍ର (୧)ଙ୍କଠାରୁ ଆରମ୍ଭ କରି ଇନ୍‌ଫର୍ମ ଶୁଭ୍ରାଂଶୁ ସେନାପତି (୦) ଓ ପ୍ରବୀଣ ଲୁହା (୩) ଫେଲ ମାରିବାରୁ ଦଳ ଶକ୍ତ ଝଟ୍‌କା ଖାଇଥିଲା। ଭଲ ଆରମ୍ଭ କରିଥିଲେ ମଧ୍ୟ ଅପର ପଟରେ ଉଇକେଟ ପତନ ଘଟି ଚାଲିଥିବାରୁ ସନ୍ଦୀପ ପଟ୍ଟନାୟକ ମଧ୍ୟ ଏକାଗ୍ରତା ରକ୍ଷା କରିପାରି ନ ଥିଲେ। ସେ ୩ ଚୌକା ଓ ୧ ଛକା ସହାୟତାରେ ୩୫ ରନ କରିଥିବାବେଳେ ବାମହାତୀ ସ୍ପିନର ଶାମ୍ସ ମୁଲାନୀଙ୍କ ବଲ୍‌ରେ ବୋଲ୍ଡ ହୋଇଯାଇଥିଲେ। ତେବେ ମିଡିଲ ଅର୍ଡରରେ କାର୍ତ୍ତିକ ବିଶ୍ୱାଳ, ଗୋବିନ୍ଦ ପୋଦ୍ଦାର ଓ ଅଭିଷେକ ରାଉତଙ୍କ ଦୃଢ଼ ବ୍ୟାଟିଂ ଦଳକୁ ସମ୍ମାନଜନକ ସ୍କୋର ଆଡ଼କୁ ନେଇ ଯାଇଥିଲା। କାର୍ତ୍ତିକ ବିଶ୍ୱାଳ ସତର୍କତାର ସହ ପ୍ରତିପକ୍ଷ ବୋଲରଙ୍କୁ ମୁକାବିଲା କରି ଅର୍ଦ୍ଧଶତକ ହାସଲ କରିଥିଲେ। ସେ ୬ ଚୌକା ସହାୟତାରେ ସର୍ବାଧିକ ୬୪ ରନ ସ୍କୋର କରିଥିଲେ। ପୋଦ୍ଦାର ୩୯ (୨ ଚୌକା, ୧ ଛକା) ରନକରି ଆଉଟ ହୋଇଥିବାବେଳେ ଅଭିଷେକ ୩୭ ବଲ୍‌ରୁ ୩୫ (୨ ଚୌକା, ୨ ଛକା) ରନକରି ଅପରାଜିତ ରହିଥିଲେ। ଲୋୟର ଅର୍ଡର ବ୍ୟାଟିଂ ବିଫଳତା କାରଣରୁ ଓଡ଼ିଶା ଇନିଂସ ୧୯୯ରେ ସୀମିତ ରହିଯାଇଥିଲା। ମୁମ୍ବାଇ ବୋଲରଙ୍କ ମଧ୍ୟରେ ମୋହିତ ଅବସ୍ଥି ୩ଟି, ରଷ୍ଟନ ଡିଆସ ଓ ଅଥର୍ବ ଅନ୍‌କୋଲେକର ୨ଟି ଲେଖାଏ ଏବଂ ଶିବମ୍ ଦୁବେ ଓ ଶାମ୍ସ ମୁଲାନୀ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

୨୦୦ ରନ ବିଜୟ ଲକ୍ଷ୍ୟନେଇ ପଡ଼ିଆକୁ ଓହ୍ଲାଇଥିବା ମୁମ୍ବାଇ ଆଶ୍ଚର୍ଯ୍ୟଜନକଭାବେ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ଓଡ଼ିଶାର ସମସ୍ତ ବୋଲର ଅତି ଚମତ୍କାର ବୋଲିଂ କରିଥିଲେ। ଅନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ତାରକା ବ୍ୟାଟ୍ସମ୍ୟାନ ଅଜିଙ୍କ୍ୟ ରାହାନେ (୭) ଓ ଶିବମ୍ ଦୁବେ (୮)ଙ୍କ ବିଫଳତା ଦଳକୁ ବ୍ୟାକ୍‌ଫୁଟକୁ ଠେଲି ଦେଇଥିଲା। ଓଡ଼ିଶା ବୋଲରମାନେ ଏପରି ବୋଲିଂ କରିଥିଲେ ଯେ ମୁମ୍ବାଇର ଟପ୍ ଏବଂ ମିଡିଲ ଅର୍ଡର ସମ୍ପୂର୍ଣ୍ଣ ଫେଲ୍ ମାରିଥିଲା। ୧୧ ନମ୍ବର ବ୍ୟାଟର ରଷ୍ଟନ ଡିଆସ ସର୍ବାଧିକ ୨୪ ରନକରି ଅପରାଜିତ ରହିଥିଲେ। ହାର୍ଦ୍ଦିକ ତାମୋରେ ୨୩ ରନ କରିବାକୁ ସକ୍ଷମ ହୋଇଥିଲେ। ଓଡ଼ିଶା ବୋଲରଙ୍କ ମଧ୍ୟରେ ରାଜେଶ ମହାନ୍ତି ୬ ଓଭରରେ ୨୧ ରନଦେଇ ୨ଟି, ଦେବବ୍ରତ ପ୍ରଧାନ ୬ ଓଭରରେ ଗୋଟିଏ ମେଡେନ ନେବାସହ ୨୦ ରନଦେଇ ୨ଟି, ଗୋବିନ୍ଦ ପୋଦ୍ଦାର ୭ ଓଭରରେ ଗୋଟିଏ ମେଡେନ ନେଇ ୨୬ ରନରେ ୨ଟି ଏବଂ ଅଭିଷେକ ଯାଦବ ୪.୩ ଓଭରରେ ଗୋଟିଏ ମେଡେନ ନେଇ ୨୮ ରନ ବିନିମୟରେ ୨ଟି ଉଇକେଟ ଅକ୍ତିଆର କରିଥିଲେ। ନିଜେ ଅଧିନାୟକ ଶାନ୍ତନୁ ୨ ଓଭର ବୋଲିଂ କରି ମାତ୍ର ୨ ରନ ଦେଇ ଗୋଟିଏ ଉଇକେଟ ନେଇଥିଲେ। ଅନ୍ୟତମ ବୋଲର ତାରିଣୀ ସ' ଉଇକେଟ ପାଇ ନ ଥିଲେ ମଧ୍ୟ ୬ ଓଭର ସ୍ପେଲ୍‌ରେ ଗୋଟିଏ ମେଡେନ ନେବା ସହ ମାତ୍ର ୧୨ ରନ ବ୍ୟୟ କରିଥିଲେ।



ଗୋବିନ୍ଦ ପୋଦ୍ଦାର



କାର୍ତ୍ତିକ ବିଶ୍ୱାଳ

### ସଂକ୍ଷିପ୍ତ ସ୍କୋର

ଓଡ଼ିଶା ୫୦ ଓଭରରେ ୧୯୯/୯ (କାର୍ତ୍ତିକ ବିଶ୍ୱାଳ-୬୪, ଗୋବିନ୍ଦ ପୋଦ୍ଦାର-୩୯, ଅଭିଷେକ ରାଉତ-୩୫*, ସନ୍ଦୀପ ପଟ୍ଟନାୟକ-୩୫, ମୋହିତ ଅବସ୍ଥି-୩/୩୦, ରଷ୍ଟନ ଡିଆସ-୨/୩୬, ଅଥର୍ବ ଅନ୍‌କୋଲେକର-୨/୩୪, ଶିବମ୍ ଦୁବେ-୧/୩୬, ଶାମ୍ସ ମୁଲାନୀ-୧/୫୧)। ମୁମ୍ବାଇ ୩୨.୩ ଓଭରରେ ୧୧୩/ଅଲ୍‌ଆଉଟ (ରଷ୍ଟନ ଡିଆସ-୨୪*, ହାର୍ଦ୍ଦିକ ତାମୋରେ-୨୩, ରାଜେଶ ମହାନ୍ତି-୨/୨୧, ଦେବବ୍ରତ ପ୍ରଧାନ-୨/୨୦, ଗୋବିନ୍ଦ ପୋଦ୍ଦାର-୨/୨୬, ଅଭିଷେକ ଯାଦବ-୨/୨୮, ଶାନ୍ତନୁ ମିଶ୍ର-୧/୨)।



ନେପାଳରେ ଅନୁଷ୍ଠିତ ଦକ୍ଷିଣ ଏସୀୟ କରାଟେ ପ୍ରତିଯୋଗିତାରେ ପଦକ ବିଜୟୀ ଓଡ଼ିଶା ପ୍ରତିଯୋଗୀମାନଙ୍କୁ ମଙ୍ଗଳବାର ଭୁବନେଶ୍ୱର ବିମାନ ବନ୍ଦରରେ ରାଜ୍ୟ କ୍ରୀଡ଼ା ବିଭାଗର ଅଧିକାରୀ ଓ ସାଥୀ କରାଟେକାମାନେ ସ୍ୱାଗତ କରୁଛନ୍ତି।

# ଆଜିଠୁ ଓଡ଼ିଶା ଓମେନ୍ସ ଲିଗ୍ ଫୁଟ୍‌ବଲ

## ଆର୍ଡୋର ଏକାଡେମୀ-କିଟ୍/କିସ୍ ଉଦ୍‌ଘାଟନୀ ମ୍ୟାଚ

ଭୁବନେଶ୍ୱର, ୫।୧୨(ତପନ ସ୍ୱାଇଁ)

ରାଜ୍ୟ ସରକାରଙ୍କ କ୍ରୀଡ଼ା ବିଭାଗ ସହଯୋଗରେ ଫୁଟ୍‌ବଲ ଆସୋସିଏଶନ ଅଫ୍ ଓଡ଼ିଶା (ଫାଓ) ଆନୁକୂଲ୍ୟରେ ଓଡ଼ିଶା ଓମେନ୍ସ ଲିଗ୍ ଫୁଟବଲ ପ୍ରତିଯୋଗିତା ବୁଧବାରଠାରୁ ଆରମ୍ଭ ହେବାକୁ ଯାଉଛି। କଟକ ଚୌଦ୍ୱାରସ୍ଥିତ ଓଟିଏମ୍ ଗ୍ରାଉଣ୍ଡ ଏବଂ ୟୁନିଟ-୧ ଭୁବନେଶ୍ୱର ଫୁଟ୍‌ବଲ ଏକାଡେମୀ ପଡ଼ିଆରେ ଏହା ୨୦୨୪ ଜାନୁୟାରୀ ୬ ତାରିଖ ପର୍ଯ୍ୟନ୍ତ ଚାଲିବ। ରାଜ୍ୟର ୬ଟି ଶୀର୍ଷ ସ୍ଥାନୀୟ କ୍ଲବ ଏହି ସମ୍ମାନଜନକ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ। ସେଗୁଡ଼ିକ ହେଲେ ସ୍ପୋର୍ଟ୍ସ ଓଡ଼ିଶା, ରାଇଜିଂ ଷ୍ଟୁଡେଣ୍ଟ କ୍ଲବ, ଓଜିପି କ୍ଲବ, କିଟ୍/କିସ୍, ଆର୍ଡୋର ଏକାଡେମୀ ଓ ନିତା ଫୁଟବଲ ଏକାଡେମୀ। ଓଟିଏମ୍ ଗ୍ରାଉଣ୍ଡରେ ଆର୍ଡୋର ଫୁଟବଲ ଏକାଡେମୀ ଏବଂ କିଟ୍/କିସ୍ ମଧ୍ୟରେ ଉଦ୍‌ଘାଟନୀ ମ୍ୟାଚ ଅପରାହ୍ଣ ୨ଟା ୩୦ରେ ଅନୁଷ୍ଠିତ ହେବ। ୭ ତାରିଖରେ ୟୁନିଟ-୧ ପଡ଼ିଆରେ ସ୍ପୋର୍ଟ୍ସ ଓଡ଼ିଶା ଓ ଓଜିପି କ୍ଲବ ମ୍ୟାଚ ହେବାକୁ ଥିବାବେଳେ ୮ରେ ଓଟିଏମ୍ ଗ୍ରାଉଣ୍ଡରେ ନିତା ଫୁଟବଲ ଏକାଡେମୀ ବିପକ୍ଷରେ ଖେଳି ରାଇଜିଂ ଷ୍ଟୁଡେଣ୍ଟ କ୍ଲବ ଅଭିଯାନ ଆରମ୍ଭ କରିବ।

# ପାୟଲ, ନିଶା, ଆକାଂଶାଙ୍କୁ ସ୍ୱର୍ଣ୍ଣ ପଦକ

ନୂଆଦିଲ୍ଲୀ, ୫।୧୨(ପି.ଟି.)

ଆର୍ମେନିଆର ୟେରେଭାନଠାରେ ଆଇବିଏ ଜୁନିୟର ୱାର୍ଲ୍ଡ ବକ୍ସିଂ ଚାମ୍ପିୟନଶିପ୍ ଉଦ୍‌ଯାପିତ ହୋଇଯାଇଛି। ଏଥିରେ ଭାରତ ମୋଟ ୧୭ ପଦକ ସହ ଏହାର ଅଭିଯାନ ଶେଷ କରିଛି। ଅନ୍ତିମ ଦିବସରେ ଯୁବ ବକ୍ସର ପାୟଲ, ନିଶା ଓ ଆକାଂଶା ଗୋଟିଏ ଲେଖାଏ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ଚାମ୍ପିୟନଶିପ୍‌ରେ ଭାରତୀୟ ଦଳ ୩ ସ୍ୱର୍ଣ୍ଣ, ୯ ରୌପ୍ୟ ଏବଂ ୫ ବ୍ରୋଞ୍ଜ ପଦକ ହାସଲ କରିଛି। ଇଭେଣ୍ଟରେ ଭାରତୀୟ ମହିଳା ଦଳ ମିଳିତ ଦ୍ୱିତୀୟ ସ୍ଥାନ ଅଧିକାର କରିଛି। ବାଳିକା ୪୮କେଜି ଶ୍ରେଣୀରେ ଆର୍ମେନିଆର ପେଟ୍ରୋସ୍ୟାନ୍ ହେଝିନେଙ୍କୁ ସର୍ବସମ୍ମତି ନିଷ୍ପତ୍ତିରେ ପରାସ୍ତ କରି ଭାରତ ପାଇଁ ପ୍ରଥମ ସ୍ୱର୍ଣ୍ଣ ପଦକ ଆଣି ଦେଇଥିଲେ। ପରେ ଏସିଆନ ୟୁଥ୍ ଚାମ୍ପିୟନ୍ସ ନିଶା ଓ ଆକାଂଶା ଗୋଟିଏ ଲେଖାଏ ସ୍ୱର୍ଣ୍ଣ ଜିତିବାରେ ସଫଳ ହୋଇଥିଲେ। ନିଶା (୫୨କେଜି) ଓ ଆକାଂଶା (୭୦କେଜି) ଯଥାକ୍ରମେ ତାଜିକିସ୍ତାନର ଅବ୍‌ଦୁଲା ଓଏଭା ଫାରିନୋଜ ଏବଂ ଟାଇମାଜୋଭା ଏଲିଜାଭେଟାଙ୍କୁ ସମାନ ୫-୦ ବ୍ୟବଧାନରେ ପରାସ୍ତ କରିଥିଲେ। ଅନ୍ତିମ ଦିବସରେ ଅନ୍ୟ ୩ ଭାରତୀୟ ମହିଳା ଭିନି (୫୭କେଜି), ସୃଷ୍ଟି (୬୩ କେଜି) ଓ ମେଘା (୮୦ କେଜି) ପ୍ରମୁଖ ସେମାନଙ୍କ ଫାଇନାଲ ବାଉଟ୍‌ରେ ପରାସ୍ତ ହୋଇ ଗୋଟିଏ ଲେଖାଏ ରୌପ୍ୟ ଜିତିଥିଲେ। ପୁରୁଷ ବିଭାଗରେ ସାହିଲ (୭୫କେଜି) ଓ ହେମନ୍ତ (୮୦+କେଜି) ସେମାନଙ୍କ ଫାଇନାଲ ୦-୫ରେ ପରାଜିତ ହୋଇ ରୌପ୍ୟ ପଦକମାନ ଜିତିଥିଲେ। ଏକ ରୋମାଞ୍ଚକ ବାଉଟ୍‌ରେ ଲଢୁଆ ପ୍ରଦର୍ଶନ ସତ୍ତ୍ୱେ ଯତୀନ (୫୪କେଜି) ୧-୪ରେ କାଜାଖସ୍ତାନର ଟୁଲେବେକ୍ ନୁରାସିଲଙ୍କଠାରୁ ୧-୪ରେ ହାରିଯାଇଥିଲେ। ଓଭରଅଲ ଭାରତର ୧୨ଜଣ ବକ୍ସର ଫାଇନାଲରେ ପ୍ରବେଶ କରିଥିଲେ। ଏହି ସଂସ୍କରଣରେ ଅନ୍ୟ କୌଣସି ଦେଶ ତୁଳନାରେ ଏହା ସର୍ବାଧିକ ଥିଲା।





E-BOOK TODAY AT WWW.MARUTISUZUKI.COM OR VISIT YOUR NEAREST MARUTI SUZUKI DEALERSHIP.

**NARAYANI MOTORS**
BHUBANESHWAR: RASULGARH: 9583022019,7440019592,9583022013. JAGATSINGHPUR: 9583022090. PURI: 9583022035. NIMAPARA: 7381094851. PARADEEP: 9583022034/48. PURI HIGHWAY PIPLI: 9583022013. TIRTOL: 7381000159.

**ODYSSEY MOTORS**
ANGUL: 7752076136, 9776901481, PALLAHARA: 7873565435, 9437831123.

**TUSHI MOTORS**
CUTTACK: 9078076450. PANIKOILI: 9078076450. ATHAGARH: 9078076450.

**JYOTE MOTORS**
BHUBANESWAR: LEWIS ROAD: 9798190190. NAYAPALLI: 9798190190. TAMANDO: 9798190190. KEONJHAR: 9798190190. NAYAGARH: 9798190190. BALUGAON: 9798190190. ANANDPUR: 9798190190. KENDRAPARA: 9798190190. BALASORE: 9798190190. BHADRAK: 9798190190. BARIPADA: 9798190190. UDALA: 7064499950. RAIRANGPUR: 9853446906. JALESWAR: 7064499950. BASUDEVPUR: 9798190190.

**SKY AUTOMOBILES**
BHUBANESWAR: PATIA : 7381045356. CUTTACK: 9776677771, 7381873818. DHENKANAL: 7381045357. NARSHINGPUR: 7381045357. KAMAKHYANAGAR: 7381045357. JAJPUR: 9776900777, SALEPUR: 9583544555, CHANDIKHOL: 9583544555, TANGI: 7381045356.

*Offer includes consumer offer, exchange bonus, Gold coin offer, offer institutional or rural offer (wherever applicable) on selected models/ variants. Above mentioned savings amount is the value of maximum savings on selected models. *Gold coin offer is applicable on select models/variants only on bookings of vehicle on or before 15th December 2023. ^Up to 100% on road funding is provided by select financiers only. ^Finance scheme details mentioned in the advertisement are at the sole discretion of the financier and terms and conditions as specified by the financier shall apply. Credit at the sole discretion of the Bank. Terms and conditions apply. Terms and conditions are subject to change without any prior notice. For more details, please contact your nearest ARENA dealership. **Accessories and features shown in the pictures may not be a part of standard equipment and may vary according to the variant. ##As certified by Test agency under Rule 115(G) of CMVR 1989. ^^1.0 L VXI AGS petrol variants. Black Glass Shade on the vehicle is due to the lighting effect. Images used are for illustration purposes only. Car color may vary due to printing on paper. Offers vary across variants. Maruti Suzuki India Limited reserves the right to discontinue offers without notice. Above offers are valid till 31st December, 2023.



1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ